ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଜାନୁୟାରୀ ୩/୨୦୨୩ (୧୬ ପୃଷ୍ଠା) Bhubaneswar, Tuesday, January 3/2023 Page 16 ₹ 7.00
୪୯ଶ ଭାଗ ୪୧ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 41 ମୂଲ୍ୟ ₹୭/-

# ୪ ଜଣଙ୍କ ସମର୍ଥନ, ଜଣେ କହିଲେ ବେଆଇନ

ନୂଆଦିଲ୍ଲୀ,୨।୧

## ବିମୁଦ୍ରୀକରଣ ରାୟ





ଜଷ୍ଟିସ୍ ବି.ଭି. ନାଗରତ୍ନା

୨୦୧୬ ନଭେମ୍ବର ୮ରେ କେନ୍ଦ୍ର ସରକାରଙ୍କ ବିମୁଦ୍ରୀକରଣ ନିଷ୍ପତ୍ତିକୁ ଚାଲେଞ୍ଜ କରି ସୁପ୍ରିମକୋର୍ଟରେ ହୋଇଥିବା ୫୮ଟି ପିଟିଶନର ରାୟ ସୋମବାର ପ୍ରକାଶ ପାଇଛି। ଜଷ୍ଟିସ୍ ଏସ୍.ଏ. ନାଜିରଙ୍କ ଅଧ୍ୟକ୍ଷତାରେ ବି.ଆର୍. ଗଭାଇ, ଏ.ଏସ୍. ବୋପନ୍ନା, ଭି. ରାମସୁବ୍ରମଣ୍ୟନ୍ ଏବଂ ବି.ଭି. ନାଗରତ୍ନାଙ୍କୁ ନେଇ ଗଠିତ ୫ଜଣିଆ ସାମ୍ବିଧାନିକ ପୀଠ ୪-୧ରେ ରାୟ ଶୁଣାଇଛନ୍ତି। ୪ଜଣ ବିଚାରପତି ନୋଟ୍‌ବନ୍ଦୀର ନିଷ୍ପତ୍ତିକୁ ବୈଧ ବୋଲି କହିଥିବାବେଳେ ବିଚାରପତି ନାଗରତ୍ନା ଏଥିରେ ଅସହମତି ପ୍ରକାଶ କରିଛନ୍ତି। ବିମୁଦ୍ରୀକରଣ ନିଷ୍ପତ୍ତିକୁ ସେ ବେଆଇନ ବୋଲି କହିଛନ୍ତି। ପୁରୁଣା ୫୦୦ ଓ ୧,୦୦୦ ଟଙ୍କିଆ ନୋଟ୍‌ର ସମ୍ପୂର୍ଣ୍ଣ ସିରିଜ୍‌କୁ ରଦ୍ଦ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ପାର୍ଲାମେଣ୍ଟକୁ ବାଦ୍ ଦିଆଯାଇପାରିବ ନାହିଁ ବୋଲି ନାଗରତ୍ନା କହିଛନ୍ତି। କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ସିରିଜ୍ ବ୍ୟାଙ୍କ ନୋଟ୍‌କୁ ରଦ୍ଦ କରିଦେବା ଅତ୍ୟନ୍ତ ଗମ୍ଭୀର ପ୍ରସଙ୍ଗ। ଏହା ଦେଶର ଅର୍ଥନୀତି ଏବଂ ଦେଶବାସୀଙ୍କ ଉପରେ ଗୁରୁତର ପ୍ରଭାବ ପକାଇଥିଲା। ଏହି ନିଷ୍ପତ୍ତି ପଛରେ କେବଳ ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ମୁଣ୍ଡ ଖେଳାଇଥିବା ଜଣାପଡୁ ନାହିଁ। ସମ୍ପୂର୍ଣ୍ଣ ପଦକ୍ଷେପ ୨୪ ଘଣ୍ଟା ମଧ୍ୟରେ ନିଆଯାଇଥିବା ସାମ୍ବିଧାନିକ ପୀଠର ସର୍ବକନିଷ୍ଠ ବିଚାରପତି ନାଗରତ୍ନା କହିଛନ୍ତି। ତାଙ୍କ ମତରେ କେବଳ ଗେଜେଟ୍ ବିଜ୍ଞପ୍ତି ଜାରି କରି ବୃହତ ନିଷ୍ପତ୍ତି ନେବା ଅପେକ୍ଷା ପାର୍ଲାମେଣ୍ଟରେ ଆଲୋଚନା ମାଧ୍ୟମରେ ନେବାର ପର୍ଯ୍ୟାପ୍ତ କ୍ଷମତା କେନ୍ଦ୍ର ପାଖରେ ରହିଛି। କାରଣ ପାର୍ଲାମେଣ୍ଟ ଦେଶବାସୀଙ୍କ ପ୍ରତିନିଧିତ୍ୱ କରୁଛି। ବିମୁଦ୍ରୀକରଣ ପ୍ରସ୍ତାବ କେନ୍ଦ୍ର ସରକାରଙ୍କର। ଏହା ଉପରେ ଆର୍‌ବିଆଇର ମତାମତ ଲୋଡ଼ାଯାଇଥିଲା। ତେଣୁ ଆର୍‌ବିଆଇ ଆଇନର ଧାରା ୨୬(୨) ଅନୁଯାୟୀ ଏହାକୁ କେନ୍ଦ୍ରୀୟ ବ୍ୟାଙ୍କର ସୁପାରିସ୍ ବିବେଚନା କରାଯାଇପାରିବ ନାହିଁ ବୋଲି ଜଷ୍ଟିସ୍ ନାଗରତ୍ନା କହିଛନ୍ତି। ପାର୍ଲାମେଣ୍ଟକୁ ବାଦ୍ ଦେଇ ଗଣତନ୍ତ୍ର ତିଷ୍ଠି ପାରିବ ନାହିଁ। ତେଣୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ପାର୍ଲାମେଣ୍ଟକୁ ବାଦ୍ ଦିଆଯାଇପାରିବ ନାହିଁ ବୋଲି ନାଗରତ୍ନା କହିଛନ୍ତି। ସୂଚନାଯୋଗ୍ୟ, ଦେଶରେ ପ୍ରଚଳିତ ସମସ୍ତ ୫୦୦ ଓ ୧,୦୦୦ ☞ ପୃଷ୍ଠା-୪

# ନିୟମ ଅନୁପାଳନ ହୋଇନାହିଁ

ନୂଆଦିଲ୍ଲୀ,୨।୧ (ସ୍ୱ.ପ୍ର.)

## ରୁଷୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟଣା

ଓଡ଼ିଶାକୁ ପରିଭ୍ରମଣରେ ଆସିଥିବା ୨ ରୁଷୀୟ ପର୍ଯ୍ୟଟକ ତଥା ସେଠାକାର ଏମ୍‌ପି ଆଣ୍ଟୋଭ ପାଭେଲ (୬୫) ଏବଂ ତାଙ୍କ ବନ୍ଧୁ ଭ୍ଲାଡିମିର ବିଦାନୋଭ(୬୧)ଙ୍କ ମୃତ୍ୟୁକୁ ନେଇ ନାନା ସନ୍ଦେହ ସୃଷ୍ଟି ହେଉଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ୟୁକ୍ରେନ୍ ଆକ୍ରମଣକୁ ପାଭେଲ ସମାଲୋଚନା କରି ଚର୍ଚ୍ଚାକୁ ଆସିଥିଲେ। ରାୟଗଡ଼ାର ସାଇ ଇଣ୍ଟରନ୍ୟାଶନାଲ ହୋଟେଲରେ ରହଣୀ ସମୟରେ ଗତ ଡିସେମ୍ବର ୨୨ରେ ବିଦାନୋଭଙ୍କ ମୃତ୍ୟୁ ଘଟିଥିବାବେଳେ ୨୪ ତାରିଖରେ ହୋଟେଲର ତୃତୀୟ ମହଲାରୁ ପଡ଼ି ପାଭେଲଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ପାଭେଲଙ୍କ ଭଳି ଅନ୍ୟ କେତେଜଣ ପୁଟିନ୍ ବିରୋଧୀ ରୁଷୀୟ ନାଗରିକଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ତେଣୁ ପାଭେଲଙ୍କ ମୃତ୍ୟୁକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ହଇଚଇ ସୃଷ୍ଟି ହୋଇଛି। ଏଭଳି ସ୍ଥଳେ ଏହି ଘଟଣାକୁ ପରିଚାଳନା କରିବାରେ ଓଡ଼ିଶା ପୋଲିସର ଭୂମିକାକୁ ନେଇ ସମାଲୋଚନା କରାଯାଉଛି। ବିସ୍ମୟର କଥା, ପାଭେଲଙ୍କ ମୃତ୍ୟୁ ପରେ ପୋଲିସ ଏସ୍‌ଓପି (ସାଧାରଣରେ ଯେଉଁ ସବୁ ନିୟମ ଅନୁପାଳନ କରିବା କଥା) ପାଳନ କରିନାହିଁ।

ଜଣେ ବିଦେଶୀ ନାଗରିକଙ୍କ ମୃତ୍ୟୁ ଘଟଣାରେ ପୋଲିସ କ'ଣ କରିବା ଉଚିତ ସେନେଇ କେନ୍ଦ୍ର ସରକାରଙ୍କ ଏସ୍‌ଓପି ରହିଛି। ତଦନୁଯାୟୀ ପୋଲିସ ଜଣେ ବିଦେଶୀ ନାଗରିକଙ୍କ ମୃତଦେହ ପାଇବା ପରେ ଯୋଗାଯୋଗର ଶୀଘ୍ର ମାଧ୍ୟମକୁ ବ୍ୟବହାର କରି ସ୍ୱରାଷ୍ଟ୍ର ଏବଂ ବହିର୍ବ୍ୟାପାର ମନ୍ତ୍ରଣାଳୟକୁ ସୂଚନା ଦେବା ଜରୁରୀ। ଉକ୍ତ ସୂଚନାରେ ମୃତ ବିଦେଶୀଙ୍କ ସମସ୍ତ ତଥ୍ୟ, ଯେପରି କି ସେ କେଉଁ ଦେଶର ନାଗରିକ, ଜନ୍ମ ତାରିଖ, ମାତାପିତା, ଆବାସିକ ଠିକଣା, ପାସ୍‌ପୋର୍ଟ ନମ୍ବର ଓ ତାହା କେଉଁ ତାରିଖ, ସ୍ଥାନରୁ ଜାରି ହୋଇଛି ଏବଂ ମୃତ୍ୟୁର ଠିକ୍ ତାରିଖ, ସମୟ ଓ କାରଣ ଉଲ୍ଲେଖ ରହିବା ଆବଶ୍ୟକ। ☞ ପୃଷ୍ଠା-୪

# ଓସିଏସ୍ ପରୀକ୍ଷା ଆଶାୟୀଙ୍କୁ ପୁଣି ସୁଯୋଗ

ଭୁବନେଶ୍ୱର,୨।୧(ବ୍ୟୁରୋ)

ଓଡ଼ିଶା ସିଭିଲ ସର୍ଭିସ(ଓସିଏସ୍), କମ୍ବାଇଣ୍ଡ ରିକ୍ରୁଟମେଣ୍ଟ ଏକ୍‌ଜାମିନେଶନ ଆଶାୟୀ ପରୀକ୍ଷାର୍ଥୀଙ୍କୁ ଆଉ ଏକ ସୁଯୋଗ ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ତିନୋଟି ସୁଯୋଗ ଶେଷ ହୋଇଥିଲେ ମଧ୍ୟ ପରୀକ୍ଷା ପାଇଁ ଆଉ ଏକ ସୁଯୋଗ ମିଳିବ। ୨୦୧୯, ୨୦୨୦ ଓ ୨୦୨୧ରେ ଦେଇଥିବା ପରୀକ୍ଷାର୍ଥୀମାନଙ୍କୁ ଏହି ସୁଯୋଗ ମିଳିପାରିବ। ୨୦୨୨ରେ ପରୀକ୍ଷା ଦେଇପାରି ନ ଥିବା ଆଶାୟୀଙ୍କୁ ମଧ୍ୟ ସୁଯୋଗ ମିଳିବ। ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ବିମୁଦ୍ରୀକରଣ: ବିରୋଧୀ ଦାୟୀ**









## ଟ୍ରକ୍ ଓଲଟି ୪ ମୃତ

ପଶ୍ଚିମବଙ୍ଗ ବାଙ୍କୁରା ଜିଲାରେ ରବିବାର ବିଳମ୍ବିତ ରାତିରେ ଟ୍ରକ୍ ଓଲଟି ୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨ ଜଣ ଆହତ ହୋଇଛନ୍ତି। ଚାଉଳ ବୋଝେଇ ଟ୍ରକ୍‌ଟି ତଲଡଙ୍ଗରାରୁ ରେନା ଅଭିମୁଖେ ଯାଉଥିଲା। ଟ୍ରକ୍ ଉପରୁ ଡ୍ରାଇଭରଙ୍କ ନିୟନ୍ତ୍ରଣ ହଟିବା ଯୋଗୁ ଦୁର୍ଘଟଣା ଘଟିଥିବାବେଳେ ସେ ସମୟରେ ଗାଡ଼ିରେ ୬ ଜଣ ଲୋକ ଉପସ୍ଥିତ ଥିବା ପୋଲିସ କହିଛି।

## ସଂକ୍ଷେପରେ

### ମାନ୍‌ଙ୍କ ଘର ନିକଟରେ ବୋମା

**ଚଣ୍ଡିଗଡ଼,୨।୧:** ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନଙ୍କ ଚଣ୍ଡିଗଡ଼ସ୍ଥିତ ବାସଭବନ ନିକଟରୁ ସୋମବାର ବମ୍ବ ନିଷ୍କ୍ରିୟ ଦଳ ଏକ ବୋମା ଜବତ କରିଛି। ସନ୍ଧ୍ୟା ୪ଟାରୁ ସାଢ଼େ ୪ଟା ମଧ୍ୟରେ ବାସଭବନ ପରିସରରେ ଥିବା ହେଲିପ୍ୟାଡ୍ ନିକଟରେ ବୋମା ପଡ଼ିଥିବାର ଜଣେ ଟ୍ୟୁବ୍‌ୱେଲ ଅପରେଟର ଦେଖିଥିଲେ। ତେବେ ଏହା ଏକ ବୋମା ନୁହେଁ ବରଂ ମିସ୍‌ଫାୟାର୍ଡ ଶେଲ୍ ହୋଇଥିବା ମାନ୍‌ଙ୍କ ସିକ୍ୟୁରିଟି ମୁଖ୍ୟ ଏ.କେ. ପାଣ୍ଡେ କହିଛନ୍ତି।

### ୧୦ରେ ଆସ୍ଥାଭୋଟ ଲୋଡ଼ିବେ ପ୍ରଚଣ୍ଡ



**କାଠମାଣ୍ଡୁ,୨।୧(ପି.ଟି.):** ନେପାଳର ନବନିଯୁକ୍ତ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ'ଆସନ୍ତା ୧୦ ତାରିଖରେ ପାର୍ଲାମେଣ୍ଟରେ ଆସ୍ଥା ଭୋଟ ଲୋଡ଼ିବେ ବୋଲି ସୋମବାର କହିଛନ୍ତି। ଗତ ମାସ ୨୬ ତାରିଖରେ ସିପିଏନ୍-ମାଇଇଷ୍ଟ ସେଣ୍ଟର ନେତା ପ୍ରଚଣ୍ଡ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ। ନେପାଳୀ କଂଗ୍ରେସ ନେତୃତ୍ୱ ପାକ୍ ନିର୍ବାଚନୀ ମେଣ୍ଟରୁ ପ୍ରଚଣ୍ଡ ବାହାରିଯାଇ ବିରୋଧୀ ନେତା କେ.ପି. ଶର୍ମା ଓଲିଙ୍କ ସହ ହାତ ମିଳାଇଥିଲେ। ଏବେ ମେଣ୍ଟ ଦଳ ସମର୍ଥନରେ ସରକାର ଗଢ଼ିଥିବାରୁ ତାଙ୍କୁ ଗୃହରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାକୁ ହେବ।

### ଦୁଇ ହେଲିକପ୍ଟର ମଧ୍ୟରେ ଧକ୍କା: ୪ ମୃତ

**ସିଡ୍‌ନୀ,୨।୧:** ଅଷ୍ଟ୍ରେଲିଆର ଗୋଲ୍ଡ କୋଷ୍ଟ ପର୍ଯ୍ୟଟନ ସ୍ଥଳୀ ଉପରେ ସୋମବାର ଦୁଇଟି ହେଲିକପ୍ଟର ମଧ୍ୟରେ ଧକ୍କା ଲାଗି ୪ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଗୋଟିଏ ହେଲିକପ୍ଟର ସମୁଦ୍ରକୂଳଠାରୁ କିଛି ଫୁଟ୍ ଦୂରରେ ପଡ଼ିଥିବାବେଳେ ଏହାର ରୋଟର ଅନ୍ୟତ୍ର ପଡ଼ିଥିବା ଦେଖାଯାଇଛି। ଉପକୂଳରେ ଉଦ୍ଧାରକାରୀ ବୋଟ ଏବଂ ପୋଲିସ ପହଞ୍ଚି ଅନ୍ୟ ହେଲିକପ୍ଟରର ଭଗ୍ନାବଶେଷକୁ ଖୋଜୁଛନ୍ତି। ଅଷ୍ଟ୍ରେଲିଆ ପରିବହନ ସୁରକ୍ଷା ବ୍ୟୁରୋ ଦୁର୍ଘଟଣାର କାରଣ ସମ୍ପର୍କରେ ତଦନ୍ତ କରୁଛି।

### ଛତିଶଗଡ଼ରେ ଚର୍ଚ୍ଚ ଭଙ୍ଗାରୁଜା

**ରାୟପୁର,୨।୧:** ଛତିଶଗଡ଼ର ନାରାୟଣପୁର ସହରରେ ସୋମବାର ଅପରାହ୍ନରେ ଉତ୍ତ୍ୟକ୍ତ ଲୋକେ ଏକ ଚର୍ଚ୍ଚରେ ଭଙ୍ଗାରୁଜା କରିଛନ୍ତି। ପୋଲିସ ମାମଲା ରୁଜୁ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରିବ ବୋଲି କହିଛି। ଭଙ୍ଗାରୁଜା ପରେ ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଛି। ନାରାୟଣପୁର ଏସ୍‌ପି ସଦାନନ୍ଦ କୁମାର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ଉତ୍ତେଜନା ହ୍ରାସ ଲାଗି ଉଦ୍ୟମ କରିଥିଲେ। ଉତ୍ତେଜନା ବେଳେ ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ମୁଣ୍ଡ ଫାଟିଥିବାବେଳେ ଅନ୍ୟମାନେ ସାମାନ୍ୟ ଆହତ ହୋଇଛନ୍ତି। ଚର୍ଚ୍ଚ ବିରୋଧରେ କେତେଜଣ ଲୋକ ଏକାଠି ହୋଇ ବିକ୍ଷୋଭ କରିଥିଲେ। ପ୍ରତିବାଦର କାରଣ ଜଣାପଡ଼ିନାହିଁ।

# 'ମୋ ଝିଅକୁ ନ୍ୟାୟ ଦିଅ'

## ମା'ଙ୍କ ଆକୁଳ ନିବେଦନ

**ସ୍କୁଟି ସହିତ ଯୁବତୀଙ୍କୁ ଘୋଷାଡ଼ିନେବା ଘଟଣା**
- ଉପରାଜ୍ୟପାଳଙ୍କ ଘର ସମ୍ମୁଖରେ ଏପିପିର ବିକ୍ଷୋଭ
- କାର୍ ଚକାରୁ ମିଳିଲା ରକ୍ତ
- ଦେଢ଼ଘଣ୍ଟା କାର୍‌ରେ ଘୋଷଡ଼ା ହୋଇଥିଲେ: ପ୍ରତ୍ୟକ୍ଷଦର୍ଶୀ
- ତଦନ୍ତ ନିର୍ଦ୍ଦେଶ ଦେଲେ ଶାହା

ନୂଆଦିଲ୍ଲୀ,୨।୧

ଶ୍ରଦ୍ଧା ୱାଲ୍‌କର ହତ୍ୟାକାଣ୍ଡ ପରେ ଦିଲ୍ଲୀରେ ଆଉ ଜଣେ ଯୁବତୀଙ୍କ ମୃତ୍ୟୁ ରାଜଧାନୀରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଉତ୍ତର-ପୂର୍ବ ଦିଲ୍ଲୀର ସୁଲତାନପୁରି ଅଞ୍ଚଳରୁ କାର୍‌ରେ ଘୋଷାଡ଼ି ହୋଇ ପ୍ରାଣ ହରାଇଥିବା ଯୁବତୀଙ୍କ ମା' ଝିଅ ପାଇଁ ନ୍ୟାୟ ଦାବି କରିଛନ୍ତି। ମୋ ଝିଅକୁ ନ୍ୟାୟ ଦିଅ ବୋଲି ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି। ଅନ୍ୟପକ୍ଷେ ଯୁବତୀଙ୍କ ମୃତ୍ୟୁ ନେଇ ଦିଲ୍ଲୀ ରାଜନୈତିକ ମାହୋଲ ମଧ୍ୟ ସରଗରମ। ସୋମବାର ଏଏପିର ୨୦୦ ନେତା ଓ କର୍ମୀ ଉପରାଜ୍ୟପାଳ ଭି.କେ. ସକ୍ସେନାଙ୍କ ବାସଭବନ ରାଜ ନିବାସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଅନ୍ୟପକ୍ଷେ ଘଟଣାର ତଦନ୍ତ ରିପୋର୍ଟ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ଦାଖଲ ପାଇଁ କେନ୍ଦ୍ରମନ୍ତ୍ରୀ ଅମିତ ଶାହା ନିର୍ଦ୍ଦେଶ ଦେଇଛନ୍ତି।

ରାଜନୈତିକ ଦଳଗୁଡ଼ିକର ଆରୋପ ପ୍ରତ୍ୟାରୋପ ଭିତରେ ଘଟଣାର ପ୍ରତ୍ୟକ୍ଷଦର୍ଶୀଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିଛି। ଯୁବତୀଙ୍କୁ ଦେଢ଼ ଘଣ୍ଟା କାଳ ୧୮ରୁ ୨୦ କି.ମି. ଦୂର କାର୍‌ରେ ଘୋଷଡ଼ାଯାଇଥିବା କାଞ୍ଝୱାଲା



ଦିଲ୍ଲୀ ଉପରାଜ୍ୟପାଳଙ୍କ ବାସଭବନ ଆଗରେ ଏଏପିର ବିକ୍ଷୋଭ।

ରୋଡ୍‌ରେ ଚକୋଲେଟ୍ ଦୋକାନ କରିଥିବା ପ୍ରତ୍ୟକ୍ଷଦର୍ଶୀ ଦୀପକ ଦହିୟା କହିଛନ୍ତି। ଭୋର ୩ଟା ୨୦ ମିନିଟରେ ଦୀପକ ତାଙ୍କ ଦୋକାନ ବାହାରେ ଛିଡ଼ା ରହିଥିଲେ। ସେହି ସମୟରେ ଗୋଟିଏ କାର୍‌ରେ ଯୁବତୀଙ୍କ ଶରୀର ଘୋଷଡ଼ା ହୋଇ ଯାଉଥିବା ଦେଖିଥିଲେ। ଏହାର ସୂଚନା ସେ ପୋଲିସକୁ ଦେଇଥିଲେ। ପରବର୍ତ୍ତୀ ସମୟରେ ରାସ୍ତାରେ ଯୁବତୀଙ୍କ ମୃତଦେହକୁ ରଖି ୫ ଜଣଯାକ କାର୍‌ରେ ଫେରାର ହୋଇଯାଇଥିଲେ। ଅନ୍ୟପକ୍ଷେ ଯୁବତୀଙ୍କ ହତ୍ୟା ନେଇ ନିଜ ପ୍ରତିକ୍ରିୟାରେ ଦିଲ୍ଲୀ ପୋଲିସ କମିଶନର ସଞ୍ଜୟ ଅରୋରା କହିଛନ୍ତି, ଘଟଣାରେ ସମ୍ପୃକ୍ତ ଥିବା ୫ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ବିଭାଗୀୟ ଟିମ୍ ଘଟଣାର ତଦନ୍ତ ଚଳାଇଛି। ଯୁବତୀଙ୍କ ପରିବାର ସହ ପୋଲିସର ଯୋଗାଯୋଗ ରହିଥିବାବେଳେ ସେମାନଙ୍କୁ ଆବଶ୍ୟକ ସହଯୋଗ ଦିଆଯିବ। ଯୁବତୀଙ୍କୁ ନ୍ୟାୟ ଦାବିରେ ସୋମବାର ଅନେକେ ଲୋକ ସୁଲତାନପୁରି ଥାନା ଘେରାଉ କରିଥିଲେ। ଅନ୍ୟପକ୍ଷେ ଦିଲ୍ଲୀ କୋର୍ଟ ସୋମବାର ଗିରଫ ଅଭିଯୁକ୍ତଙ୍କୁ ୩ ଦିନିଆ ରିମାଣ୍ଡରେ



ପଠାଇଛନ୍ତି। ଜବତ ହୋଇଥିବା କାର୍ ଭିତରୁ କିମ୍ବା ସିଟ୍‌ରୁ ଫୋରେନ୍ସିକ୍ ସାଇନ୍ସ ଲାବୋରେଟୋରି (ଏଫ୍‌ଏସ୍‌ଏଲ୍)କୁ ରକ୍ତ ନମୁନା ମିଳିନାହିଁ। ଏଫ୍‌ଏସ୍‌ଏଲ୍ ଗାଡ଼ି ଚକା ଏବଂ ଘଟଣାସ୍ଥଳରୁ ରକ୍ତ ସଂଗ୍ରହ କରିଛି।

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ କହିଛନ୍ତି, ଏ ପ୍ରକାର ଜଘନ୍ୟ ଅପରାଧ ପାଇଁ ଦୋଷୀଙ୍କ ଲାଗି ଫାଶୀ ଦଣ୍ଡ ପ୍ରଯୁଜ୍ୟ। ଉପରାଜ୍ୟପାଳ ଭି.କେ. ସକ୍ସେନାଙ୍କ ସହ ଏ ସମ୍ପର୍କରେ ସେ ଆଲୋଚନା ମଧ୍ୟ କରିଛନ୍ତି। ଯୁବତୀଙ୍କ ମୃତ୍ୟୁ ନେଇ ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ଭାଜପା ଦଳର। ଏହି କାରଣରୁ ଉଚ୍ଚ ପୋଲିସ ଅଧିକାରୀ ଏବଂ ଉପରାଜ୍ୟପାଳ ଘଟଣାକୁ ଚପାଇ ଦେବାକୁ ଚେଷ୍ଟା କରୁଥିବା ଏଏପି ମୁଖପାତ୍ର ସୌରଭ ଭରଦ୍ୱାଜ ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଏହାର ଜବାବରେ ଭାଜପା ଦଳ ଗଣମାଧ୍ୟମ ଶାଖା ମୁଖ୍ୟ ହରିଶ ଖୁରାନା ପ୍ରକାଶ କରିଛନ୍ତି, ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଦୋଷୀଙ୍କ କଠୋର ଦଣ୍ଡ ଦିଆଯିବ।

## ବ୍ରାଜିଲ ରାଷ୍ଟ୍ରପତି ଭାବେ ଶପଥ ନେଲେ ଲୁଲା



ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭା

ବ୍ରାସିଲିଆ,୨।୧

ତୃତୀୟ ଥର ପାଇଁ ବ୍ରାଜିଲ ରାଷ୍ଟ୍ରପତି ଭାବେ ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭା ରବିବାର ଶପଥ ଗ୍ରହଣ କରିଛନ୍ତି। ସେ ଦେଶରୁ ଗରିବୀ ହଟାଇବା ଏବଂ ପରିବେଶ ପାଇଁ ଲଢ଼େଇ ଜାରି ରଖିବା ସହ ଦେଶର ପୁନଃନିର୍ମାଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ୭୭ ବର୍ଷୀୟ ବାମପନ୍ଥୀ ନେତା ଲୁଲା ୨୦୦୩ରୁ ୨୦୧୦ ବ୍ରାଜିଲ ରାଷ୍ଟ୍ରପତି ଥିଲେ। ଧାତବ କାରିଗରରୁ ରାଷ୍ଟ୍ରପତି ହୋଇଥିବା ଲୁଲାଙ୍କୁ ଦୁର୍ନୀତି ଅଭିଯୋଗରେ ଜେଲ ଯିବାକୁ ପଡ଼ିଥିଲା ଓ ପରେ ତାଙ୍କ ବିରୋଧରେ ଅଭିଯୋଗ ଖାରଜ ହୋଇଥିଲା। ୫ ବର୍ଷରୁ କମ୍ ସମୟ ପରେ ସେ ପୁଣିଥରେ କ୍ଷମତାକୁ ଫେରିଛନ୍ତି। ସେ ବିଦାୟୀ ରାଷ୍ଟ୍ରପତି ଜୈର ବୋଲ୍‌ସୋନାରୋଙ୍କୁ ମାତ୍ର ୨ ପ୍ରତିଶତ ଭୋଟ ବ୍ୟବଧାନରେ ହରାଇଥିଲେ। ୩ ଦଶନ୍ଧି ମଧ୍ୟରେ ଏହା ସବୁଠୁ କମ୍ ଭୋଟ ବ୍ୟବଧାନ। ନିର୍ବାଚନ ଫଳାଫଳକୁ ବୋଲ୍‌ସୋନାରୋଙ୍କର ଗୋଟିଏ ଗୋଷ୍ଠୀ ସମର୍ଥକ ଗ୍ରହଣ କରି ନ ଥିଲେ।

# ଆତଙ୍କବାଦୀ ଆକ୍ରମଣ: ୨ ଶିଶୁ ମୃତ




ଆତଙ୍କବାଦୀଙ୍କ ଆକ୍ରମଣରେ ସାଧାରଣ ଲୋକଙ୍କ ମୃତ୍ୟୁ ପ୍ରତିବାଦରେ ପାକିସ୍ତାନ ପତାକା ପୋଡୁଛନ୍ତି ଶିବସେନା ଡୋଗ୍ରା ଫ୍ରଣ୍ଟ ସଦସ୍ୟ।

ରାଜୌରୀ/ଜମ୍ମୁ,୨।୧(ପି.ଟି.)

**୧୪ ଘଣ୍ଟାରେ ଗଲାଣି ୬ ନିରୀହଙ୍କ ଜୀବନ**

ଜମ୍ମୁ-କଶ୍ମୀରର ରାଜୌରୀ ଜିଲା ଅନ୍ତର୍ଗତ ଡାଙ୍ଗ୍ରୀ ଗ୍ରାମରେ ଆତଙ୍କବାଦୀମାନେ ୧୪ ଘଣ୍ଟା ମଧ୍ୟରେ ଦ୍ୱିତୀୟ ଆକ୍ରମଣ କରିଛନ୍ତି। ଏଥିରେ ଦୁଇ ନାବାଳକ ଭାଇଭଉଣୀ ପ୍ରାଣ ହରାଇବା ସହ ୬ ଜଣ ଆହତ ହୋଇଛନ୍ତି। ଦୁଇଟି ଆକ୍ରମଣରେ ମୋଟ ୬ ଜଣଙ୍କ ମୃତ୍ୟୁ ଘଟିଲାଣି। ରବିବାର ସନ୍ଧ୍ୟାରେ ଆତଙ୍କବାଦୀଙ୍କ ଗୁଳିରେ ୪ ଜଣ ନିହତ ହେବା ସହ ଅନ୍ୟ ୬ ଜଣ ଆହତ ହୋଇଥିଲେ। ସୋମବାର ସକାଳ ସାଢ଼େ ୯ଟା ବେଳେ ଡାଙ୍ଗ୍ରୀ ଗ୍ରାମରେ ଆତଙ୍କବାଦୀ ବିସ୍ଫୋରଣ ଘଟାଇବାରୁ ସାନ୍‌ଭି ଶର୍ମା(୭) ଏବଂ ବିହାନ କୁମାର ଶର୍ମା (୪)ଙ୍କର ଜୀବନ ଯାଇଛି। ଆକ୍ରମଣ ପ୍ରତିବାଦରେ ରାଜୌରୀ ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆତଙ୍କବାଦୀମାନେ ବରିଷ୍ଠ ଅଫିସରଙ୍କୁ ଟାର୍ଗେଟ କରିବା ଉଦ୍ଦେଶ୍ୟରେ ଆଇଇଡି ବିସ୍ଫୋରଣ ଘଟାଇଥିଲେ ବୋଲି ଜମ୍ମୁ-କଶ୍ମୀର ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଦିଲ୍‌ବାଗ ସିଂ କହିଛନ୍ତି। ଗ୍ରାମ ପ୍ରତିରକ୍ଷା କମିଟି (ଭିଡିସି)କୁ ପୁନର୍ଗଠନ କରାଯାଇ ସେମାନଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇ ଦିଆଯିବ ବୋଲି ଦିଲ୍‌ବାଗ ଘୋଷଣା କରିଛନ୍ତି। ପୂର୍ବରୁ ଭିଡିସିରୁ ୬୦ ପ୍ରତିଶତ ବନ୍ଧୁକ ଫେରାଇ ନିଆଯାଇଥିବା ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ଏମ୍‌ଏଲ୍‌ସି ବିବୋଧ ଗୁପ୍ତା କହିଛନ୍ତି। ଡିଜିପି ବିକ୍ଷୋଭକାରୀଙ୍କୁ ଭେଟି ବୁଝାଶୁଝା କରିଥିଲେ।

## ତୃତୀୟ ମହଲାରୁ ଶିଶୁ କନ୍ୟାକୁ ଫିଙ୍ଗିଦେଲେ ମା'

ଅହମଦାବାଦ,୨।୧

ଗୁଜରାଟର ଆନନ୍ଦ ଜିଲା ଅନ୍ତର୍ଗତ ପେଟ୍‌ଲାଡ୍‌ରେ ଜଣେ ୩୦ ବର୍ଷୀୟ ମହିଳା ତାଙ୍କର ୨ ମାସର ଶିଶୁକନ୍ୟାକୁ ଅସରୱାସ୍ଥିତ ସିଭିଲ୍ ହସ୍ପିଟାଲ ୩ୟ ମହଲାରୁ ଫିଙ୍ଗି ହତ୍ୟା କରିଛନ୍ତି। ରବିବାର ଭୋର ସମୟରେ ମହିଳା ଜଣକ ଶିଶୁଟିକୁ ଫିଙ୍ଗିଦେବା ପରେ ହଜିଯାଇଥିବା କହି ଦୋଷ ଘୋଡ଼ାଇବାକୁ ଉଦ୍ୟମ କରିଥିଲେ। ପୋଲିସ ହସ୍ପିଟାଲରେ ଲାଗିଥିବା ସିସିଟିଭିର ଫୁଟେଜ୍ ଯାଞ୍ଚ କରିବା ପରେ ମହିଳା ଜଣକ ଅପରାଧ ସ୍ୱୀକାର କରିଥିଲେ। ଫର୍ଜନା ନାମ୍ନୀ ଅଭିଯୁକ୍ତଙ୍କ କହିବା ଅନୁଯାୟୀ ତାଙ୍କ ଅସୁସ୍ଥ ଝିଅ ଅମ୍ରିନ୍ ଜନ୍ତ୍ରଣାରେ ଛଟପଟ ହେଉଥିବାରୁ ଏହା ତାଙ୍କ ପାଇଁ ଅସହ୍ୟ ହୋଇଥିଲା। ତେଣୁ ସେ ଝିଅର ଯନ୍ତ୍ରଣା ସବୁଦିନ ପାଇଁ ଶେଷ କରିଦେବା ଲାଗି ତାକୁ ମାରିଦେବାକୁ ନିଷ୍ପତ୍ତି ନେଇଥିଲେ ବୋଲି କହିଛନ୍ତି। ଫର୍ଜନାଙ୍କ ସ୍ୱାମୀ ଅସିଫ୍ ମାଲେକ୍ ଥାନାରେ ଏତଲା ଦେବା ପରେ ହତ୍ୟା ମାମଲା ରୁଜୁ ହୋଇଛି।

## ଫେବୃୟାରୀ ୨୪ରୁ ରାୟପୁରରେ କଂଗ୍ରେସର ଅଧିବେଶନ

ନୂଆଦିଲ୍ଲୀ,୨।୧(ଆଇଏଏନ୍‌ଏସ୍)

ଆସନ୍ତା ଫେବୃୟାରୀ ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ରାୟପୁରରେ କଂଗ୍ରେସର ୮୫ତମ ପୂର୍ଣ୍ଣାଙ୍ଗ ଅଧିବେଶନ ଅନୁଷ୍ଠିତ ହେବ। ସୋମବାର ଏଆଇସିସି ମୁଖ୍ୟାଳୟଠାରେ ସଂଗଠନ ଦାୟିତ୍ୱରେ ଥିବା କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଏହି ଘୋଷଣା କରିଛନ୍ତି। ୩ ଦିନିଆ ଅଧିବେଶନରେ ରାଜନୀତି, ଅର୍ଥନୀତି, ଅନ୍ତର୍ଜାତୀୟ ବ୍ୟାପାର, କୃଷି, ସାମାଜିକ ନ୍ୟାୟ ଏବଂ ନିଯୁକ୍ତି ପ୍ରସଙ୍ଗ ଆଲୋଚନା ହେବ। ଏହି ଅଧିବେଶନରେ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ନିର୍ବାଚନ ଅନୁଷ୍ଠିତ ହେବ। ସିଡବ୍ଲ୍ୟୁସିରେ ଅଧ୍ୟକ୍ଷ ସମେତ ୨୫ ସଦସ୍ୟ ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୨ ଜଣଙ୍କୁ ଦଳ ଅଧ୍ୟକ୍ଷ ମନୋନୀତ କରୁଥିବାବେଳେ ଅନ୍ୟ ୧୨ ଜଣଙ୍କୁ ଏଆଇସିସି ସଦସ୍ୟମାନେ ନିର୍ବାଚିତ କରିଥାନ୍ତି। ଗତ ଅକ୍ଟୋବରରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସିଡବ୍ଲ୍ୟୁସି ସ୍ଥାନରେ ୪୭ ଜଣିଆ ଷ୍ଟିୟରିଂ କମିଟି ଗଠନ କରିଥିଲେ। ଏଥିରେ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ପ୍ରମୁଖ ରହିଛନ୍ତି।

## ୬୩୩ ଭାରତୀୟ ବନ୍ଦୀଙ୍କୁ ମୁକ୍ତ କର

**ପାକିସ୍ତାନକୁ କହିଲା ଭାରତ**

ନୂଆଦିଲ୍ଲୀ,୨।୧

ଦଣ୍ଡ ଅବଧି ପୂରଣ କରିବା ସତ୍ତ୍ୱେ ୬୩୧ ଜଣ ଭାରତୀୟ ମତ୍ସ୍ୟଜୀବୀ ଏବଂ ଅନ୍ୟ ୨ ଜଣ ସାଧାରଣ ପାକିସ୍ତାନ ଜେଲରେ ଅଟକି ରହିଛନ୍ତି। ସେମାନଙ୍କୁ ତୁରନ୍ତ ମୁକ୍ତ କରିଦେବା ଲାଗି ଭାରତ ସରକାରଙ୍କ ପକ୍ଷରୁ ଇସ୍‌ଲାମାବାଦକୁ କୁହାଯାଇଛି। ଏଥିସହିତ ସେଠାରେ ବନ୍ଦୀ ଥିବା ୩୦ ଜଣ ଭାରତୀୟ ମତ୍ସ୍ୟଜୀବୀ ଏବଂ ୨୨ ସାଧାରଣ ବନ୍ଦୀଙ୍କୁ ଦୂତାବାସ ଜରିଆରେ ଆଇନଗତ ସହାୟତା ଯୋଗାଇଦେବାକୁ ପାକ୍ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ନୂଆବର୍ଷ ଅବସରରେ ଉଭୟ ଦେଶ ବନ୍ଦୀ ତାଲିକା ଅଦଳବଦଳ କଲାବେଳେ ନୂଆଦିଲ୍ଲୀ ଉପରୋକ୍ତ ଅନୁରୋଧ କରିଛି। ୨୦୦୮ ଚୁକ୍ତି ଅନୁଯାୟୀ ପ୍ରତିବର୍ଷ ଜାନୁୟାରୀ ୧ ଏବଂ ଜୁଲାଇ ୧ରେ ଦୁଇ ଦେଶ ପରସ୍ପର ମଧ୍ୟରେ ବନ୍ଦୀ ତାଲିକା ବିନିମୟ କରିଥାନ୍ତି।

## ଇଞ୍ଜିନିୟରିଂ ଛାତ୍ରୀଙ୍କୁ ହତ୍ୟା କଲେ ବିଫଳ ପ୍ରେମିକ

ବେଙ୍ଗାଲୁରୁ,୨।୧(ଆଇଏଏନ୍‌ଏସ୍)

ବେଙ୍ଗାଲୁରୁର ଏକ କଲେଜ ପରିସରରେ ଜଣେ ଇଞ୍ଜିନିୟରିଂ ଛାତ୍ରୀଙ୍କୁ ସୋମବାର ହତ୍ୟା କରାଯାଇଛି। ପ୍ରେମ ପ୍ରସ୍ତାବକୁ ଛାତ୍ରୀ ଜଣକ ପ୍ରତ୍ୟାଖ୍ୟାନ କରିଦେବାରୁ ବିଫଳ ପ୍ରେମିକ ପ୍ରତିଶୋଧ ପରାୟଣ ହୋଇ ତାଙ୍କୁ ହତ୍ୟା କରିଥିଲେ। ରାଜାନୁକୁଣ୍ଟେ ନିକଟ ଇଟ୍‌ଗାଲୁରଠାରେ ଥିବା ପ୍ରେସିଡେନ୍ସି ୟୁନିଭର୍ସିଟି କଲେଜରେ ଏହି ହତ୍ୟାକାଣ୍ଡ ଘଟିଛି। ମୃତା ଲୟସ୍ମିତା (୧୯) ବିଟେକ୍ ପ୍ରଥମ ବର୍ଷ ଛାତ୍ରୀ ଥିଲେ। ଅଭିଯୁକ୍ତ ପବନ କଲ୍ୟାଣ (୨୧) ନୃପତୁଙ୍ଗା ୟୁନିଭର୍ସିଟିର ବିସିଏ ଛାତ୍ର। ଛାତ୍ରୀଙ୍କୁ ହତ୍ୟା କରିବା ପରେ ସେ ନିଜକୁ ଛୁରି ଭୁସିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ସୂର୍ଯ୍ୟନଗରୀ ଏକ୍ସପ୍ରେସ୍‌ର ୧୧ ବଗି ଲାଇନଚ୍ୟୁତ

ନୂଆଦିଲ୍ଲୀ,୨।୧(ପି.ଟି.)



ମୁମ୍ବାଇ-ଯୋଧପୁର ମଧ୍ୟରେ ଚଳାଚଳ କରୁଥିବା ସୂର୍ଯ୍ୟନଗରୀ ଏକ୍ସପ୍ରେସ୍‌ର ୧୧ଟି ବଗି ଲାଇନଚ୍ୟୁତ ହୋଇଛି। ସୋମବାର ଭୋର ସମୟରେ ଯୋଧପୁର ଡିଭିଜନ୍‌ର ରାଜକିଆୱାସ-ବୋମଦ୍ରା ସେକ୍ସନ ମଧ୍ୟରେ ଏହି ଦୁର୍ଘଟଣା ଘଟିଛି। ଏଥିରେ ୨୦ ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଥିଲେ। ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ିଦିଆଯାଇଛି। ଦୁର୍ଘଟଣା ଯୋଗୁ ଉକ୍ତ ଲାଇନରେ ଟ୍ରେନ୍ ଚଳାଚଳ ପ୍ରଭାବିତ ହୋଇଥିଲା। ୨ଟି ଟ୍ରେନ୍ ବାତିଲ ହୋଇଥିବାବେଳେ ୧୨ଟି ଟ୍ରେନ୍‌କୁ ଅନ୍ୟ ରୁଟ୍‌ରେ ଛଡ଼ାଯାଇଥିଲା। ଅଟକି ରହିଥିବା ସ୍ଥଳରେ ପହଞ୍ଚାଇବା ଲାଗି ଯାତ୍ରୀଙ୍କୁ ସେମାନଙ୍କ ଗନ୍ତବ୍ୟ ବସ୍ ବ୍ୟବସ୍ଥା କରାଯାଇଥିଲା।

## ନୋଟ୍‌ବନ୍ଦୀ ନିଷ୍ପତ୍ତି କାଏମ ରହିଛି କହିବା ଠିକ୍ ନୁହେଁ: କଂଗ୍ରେସ

ନୂଆଦିଲ୍ଲୀ,୨।୧(ପି.ଟି.)

ବିମୁଦ୍ରୀକରଣ ନିଷ୍ପତ୍ତିକୁ ସୁପ୍ରିମକୋର୍ଟ କାଏମ ରଖିଛନ୍ତି କହିବା ବିଭ୍ରାନ୍ତିକର ଓ ଭୁଲ୍ ବୋଲି କଂଗ୍ରେସ କହିଛି। ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାର ସୀମିତ ପ୍ରସଙ୍ଗ ଉପରେ ସୁପ୍ରିମକୋର୍ଟଙ୍କ ସଂଖ୍ୟାଗରିଷ୍ଠ ରାୟ ପ୍ରକାଶ ପାଇଥିବା ବିରୋଧୀ ଦଳ ମତ ଦେଇଛି। ବିମୁଦ୍ରୀକରଣ ଲକ୍ଷ୍ୟ ହାସଲ ହୋଇଛି କି ନାହିଁ ତାହା ରାୟରେ କୁହାଯାଇ ନ ଥିବା ଏଆଇସିସି ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ବିମୁଦ୍ରୀକରଣ ପ୍ରକ୍ରିୟା ଉପରେ ସୁପ୍ରିମକୋର୍ଟ ରାୟ ଦେଇଛନ୍ତି, ଏହାର ପରିଣାମକୁ ନେଇ ନୁହେଁ। ଏଥିପାଇଁ ଯଦି କାହାକୁ କ୍ଷମା ମାଗିବାକୁ ଥାଏ, ସେ ହେଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। କାରଣ ୨୦୧୬ ନଭେମ୍ବର ୮ରେ ତାଙ୍କର ତୋଗଲକି ନିଷ୍ପତ୍ତି ଲକ୍ଷ ଲକ୍ଷ ଏମ୍‌ଏସ୍‌ଏମ୍‌ଇ, ଅଣଆନୁଷ୍ଠାନିକ କ୍ଷେତ୍ରକୁ ଧ୍ୱଂସ କରିଦେଲା, ଲକ୍ଷ ଲକ୍ଷ ଲୋକଙ୍କ ଜୀବିକା ପ୍ରଭାବିତ ହେଲା। ଆମ ଅର୍ଥନୀତି ଉପରେ ଏହାର ପ୍ରତିକୂଳ ପ୍ରଭାବ ଏବେ ମଧ୍ୟ ଜାରି ରହିଛି ବୋଲି ରମେଶ କହିଛନ୍ତି।



ଜୟରାମ ରମେଶ

ସୁପ୍ରିମକୋର୍ଟଙ୍କ ରାୟ ଅତ୍ୟନ୍ତ ଦୁଃଖଦାୟକ ବୋଲି କଂଗ୍ରେସ ନେତା ରଣଦୀପ୍ ସୁର୍ଜେୱାଲା କହିଛନ୍ତି। ବିମୁଦ୍ରୀକରଣ ସରକାରଙ୍କ ବେପରୁଆ ନିଷ୍ପତ୍ତି ଥିଲା। ଏଥିଲାଗି ଅଦାଲତ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ଦୋଷୀସାବ୍ୟସ୍ତ କରିବାରେ ବିଫଳ ହୋଇଥିବା ସୁର୍ଜେୱାଲା କହିଛନ୍ତି। ସୁପ୍ରିମକୋର୍ଟ ବିଚାରପତି ବି.ଭି. ନାଗରତ୍ନାଙ୍କ ଭିନ୍ନ ରାୟ ସରକାରଙ୍କ ଅଣ୍ଟାରେ ଚାପୁଡ଼ା ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍ କହିଛନ୍ତି। ବିମୁଦ୍ରୀକରଣ ନିଷ୍ପତ୍ତିର ଅବୈଧତା ଓ ଅନିୟମିତତାକୁ ଜଷ୍ଟିସ୍ ନାଗରତ୍ନା ପଦାରେ ପକାଇଛନ୍ତି।

**ସୁପ୍ରିମକୋର୍ଟଙ୍କ ରାୟକୁ ଐତିହାସିକ କହିଲା ଭାଜପା**

ନୋଟ୍‌ବନ୍ଦୀ ଉପରେ ସୁପ୍ରିମକୋର୍ଟଙ୍କ ରାୟକୁ ଭାଜପା ଐତିହାସିକ କହି ପ୍ରଶଂସା କରିଛି। ସର୍ବୋଚ୍ଚ ଅଦାଲତଙ୍କ ରାୟ ପରେ ବିମୁଦ୍ରୀକରଣ ବିରୋଧରେ ପ୍ରଚାର ଚଳାଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ କ୍ଷମା ମାଗିବେ କି ବୋଲି ଭାଜପା ପ୍ରଶ୍ନ କରିଛି। ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ, ଆୟକର ଫାଙ୍କି ରୋକିବା ଏବଂ ଅର୍ଥନୀତିରେ ସ୍ୱଚ୍ଛତା ଆଣିବାରେ ବିମୁଦ୍ରୀକରଣ ପ୍ରମାଣିତ ହୋଇଥିବା ପୂର୍ବତନ ଆଇନମନ୍ତ୍ରୀ ତଥା ଭାଜପା ନେତା ରବିଶଙ୍କର ପ୍ରସାଦ ଦାବି କରିଛନ୍ତି। ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନୋଟ୍‌ବନ୍ଦୀ ନିଷ୍ପତ୍ତି ନିଆଯାଇଥିଲା। ଚିଦାମ୍ବରମ୍ ସଂଖ୍ୟାଲଘୁ ରାୟକୁ ପ୍ରଶଂସା କରୁଥିବାରୁ ପ୍ରସାଦ ଏହାର ସମାଲୋଚନା କରିଛନ୍ତି। ନୋଟ୍‌ବନ୍ଦୀ ବିରୋଧରେ ରାୟ ଦେଇଥିବା ଜଷ୍ଟିସ ନାଗରତ୍ନା ମଧ୍ୟ ଭଲ ଉଦ୍ଦେଶ୍ୟରେ ସରକାର ନିଷ୍ପତ୍ତି ନେଇଥିବା କହିଛନ୍ତି। ଭାରତ ଡିଜିଟାଲ ପେମେଣ୍ଟରେ ବିଶ୍ୱର ନେତୃତ୍ୱ ନେଉଛି। ବିମୁଦ୍ରୀକରଣ ପରେ ଦେଶରେ ଡିଜିଟାଲ ପେମେଣ୍ଟ ବଢ଼ିଥିବା ପ୍ରସାଦ କହିଛନ୍ତି।

ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୩ ଜାନୁୟାରୀ, ୨୦୨୩



## ସଂକ୍ଷେପରେ

### ବାଲେଶ୍ୱର ଏମ୍‌ପି ଅସୁସ୍ଥ



**ବାଲେଶ୍ୱର ଅଫିସ,୨।୧:** ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଅସୁସ୍ଥ ହୋଇ ପଡ଼ିଛନ୍ତି। ସୋମବାର ସନ୍ଧ୍ୟାରେ ଚିକିତ୍ସା ପାଇଁ ତାଙ୍କୁ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ଗତ ୩ଦିନ ଧରି ତାଙ୍କୁ ଥଣ୍ଡା ଓ ଜ୍ୱର ଲାଗି ରହିଥିଲା। ଜ୍ୱର ଛାଡ଼ି ଯାଇଥିବା ବେଳେ କାଶ ଲାଗି ରହିଛି। ଏନେଇ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ କୋଭିଡ୍‌ର ଆଣ୍ଟିଜେନ୍ ଟେଷ୍ଟ କରିଥିଲେ। ରିପୋର୍ଟ ନେଗେଟିଭ୍ ଆସିଛି। ଆର୍‌ଟି-ପିସିଆର୍ ଟେଷ୍ଟ ପାଇଁ ଦିଆଯାଇଛି। ଆରୋଗ୍ୟ ପାଇଁ ତାଙ୍କୁ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇ ଚିକିତ୍ସା ଜାରି ରହିଥିବା ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ସୂଚନା ଦେଇଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ଓଏସ୍‌ଡି ହେଲେ ମନୋଜ ମିଶ୍ର

**ଭୁବନେଶ୍ୱର,୨।୧(ବ୍ୟୁରୋ):** ୧୯୯୮ ବ୍ୟାଚ୍ ଆଇଆର୍‌ଏସ୍ ଅଧିକାରୀ ମନୋଜ ମିଶ୍ର ସରକାରୀ ଚାକିରିରୁ ଇସ୍ତଫା ଦେବା ପରେ ରାଜ୍ୟ ସରକାର ତାଙ୍କୁ ନୂଆ ନିଯୁକ୍ତି ଦେଇଛନ୍ତି। ସେ ପୂର୍ବଭଳି ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ପ୍ରମୁଖ ସଚିବ ଭାବେ ଠିକା ଭିତ୍ତିରେ ନିଯୁକ୍ତି ପାଇଛନ୍ତି। ସେହିପରି ଏବେ ସେ ମୁଖ୍ୟମନ୍ତ୍ରୀଙ୍କ ଓଏସ୍‌ଡି(ଅଫିସର୍ ଇନ୍ ସ୍ପେଶାଲ ଡ୍ୟୁଟି)ରେ ମଧ ରହିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହାସହ ସେ ବାଣିଜ୍ୟ ଓ ପରିବହନ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ପ୍ରମୁଖ ସଚିବ ପାହ୍ୟାର ଅଧିକାରୀମାନଙ୍କ ପାଇଁ ଯେଉଁ ଦରମା ଓ ସୁବିଧା ଉପଲବ୍ଧ ହେଉଛି ତାହା ମଧ ମନୋଜ ମିଶ୍ର ପାଇବେ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା।

# କୋର୍ଟ କାର୍ଯ୍ୟରେ ଯୋଗଦେବେ ଓକିଲ

**ଜେଲରେ ଓକିଲଙ୍କୁ ଭେଟିଲେ ସିଏସି ସଦସ୍ୟ**
- ଜାରିରହିଛି ୧୪୪ ଧାରା, ସ୍ଥିତି ସ୍ୱାଭାବିକ ନେଇ ପ୍ରଶ୍ନ
- ଗାଡ଼ି ପୋଡ଼ି ଘଟଣାରେ ୭ ଓକିଲଙ୍କୁ ରିମାଣ୍ଡ

**ସମ୍ବଲପୁର,୨।୧(ବ୍ୟୁରୋ)**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଆନ୍ଦୋଳନ ସମୟରେ କୋର୍ଟ ଭଙ୍ଗାରୁଜା ଓ ବିଚାରପତିଙ୍କୁ ବାହାର କରିଦେବା ଭଳି ଘଟଣା ପରେ ପୋଲିସ ୩୦ ଓକିଲଙ୍କ ସମେତ ମୋଟ ୩୯ ଜଣଙ୍କୁ ଗିରଫ କରିଥିଲା। ସେହିଦିନଠାରୁ ଜିଲା ଓକିଲ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ କରାଯାଇଛି। ଫଳରେ ପ୍ରାୟ ୨୦ଦିନ ହେଲା କୋର୍ଟ କାର୍ଯ୍ୟରେ ଅଚଳାବସ୍ଥା ଲାଗିରହିଛି। ଏପରିସ୍ଥଳେ ସୋମବାର ପଶ୍ଚିମ ଓଡ଼ିଶା ଓକିଲସମୂହ କ୍ରିୟାନୁଷ୍ଠାନ କମିଟି (ସିଏସି) ସଦସ୍ୟମାନେ ଜେଲ ଭିତରେ ଗିରଫ ଓକିଲମାନଙ୍କୁ ଭେଟିବା ପରେ କୋର୍ଟ କାର୍ଯ୍ୟ ସ୍ୱାଭାବିକ ହେବାର ବାଟ ଫିଟିଛି। ଏ ନେଇ ଅନୁଷ୍ଠିତ ବୈଠକରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରି ସିଏସି ସହମତିରେ ଜିଲା ଓକିଲ ସଂଘ କୋର୍ଟ କାର୍ଯ୍ୟରେ ଯୋଗଦେବାକୁ ସ୍ଥିର କରିଛି। ଫଳରେ ମଙ୍ଗଳବାରଠାରୁ କୋର୍ଟ କାର୍ଯ୍ୟ ସ୍ୱାଭାବିକ ହେବା ନେଇ ଆଶା କରାଯାଉଛି। ଅନ୍ୟପକ୍ଷେ କୋର୍ଟ ବାହାରେ ଲାଗିଥିବା ୧୪୪ ଧାରାକୁ ପ୍ରଶାସନ ଉଠାଇ ନାହାନ୍ତି। ତେଣୁ କୋର୍ଟ କାର୍ଯ୍ୟ କିଭଳି ହେବ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରାୟ ୩ବର୍ଷ ପୂର୍ବେ ଏକ ଦୁର୍ଘଟଣାରେ ଆଇନଜୀବୀ ଉମେଶ ପଧାନଙ୍କ ମୃତ୍ୟୁ ଘଟଣାରେ ଏକ ଟ୍ରକ୍‌କୁ ପୋଡି ଦିଆଯାଇଥିଲା। ଏହି ଘଟଣାରେ ଧନୁପାଲି ପୋଲିସ ଜିଲା ଜଜ୍‌କୋର୍ଟରେ ୭ଜଣ ଓକିଲଙ୍କୁ ରିମାଣ୍ଡ ଦେଇଛି। ଅନ୍ୟପଟେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନୁସାରେ କୋର୍ଟ କାର୍ଯ୍ୟ ସ୍ୱାଭାବିକ କରାଯାଉଛି ବୋଲି ଜଣେ ଓକିଲ କହିଛନ୍ତି।

ଜେଲ ଭିତରେ ଜିଲା ଓକିଲ ସଂଘ ସଭାପତି ସୁରେଶ୍ୱର ମିଶ୍ର, ପ୍ରଦୀପ ବହିଦାରଙ୍କୁ ସିଏସି ଆବାହକ ଅଶୋକ ଦାସଙ୍କ ସହ ଏକ ଟିମ୍ ଭେଟି ଆଲୋଚନା କରିଥିଲେ। ପଶ୍ଚିମ ଓଡ଼ିଶା ହାଇକୋର୍ଟ ସ୍ଥାୟୀ ବେଞ୍ଚ ଆନ୍ଦୋଳନରୁ ଓକିଲମାନେ ଓହରିଯିବାକୁ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିବାକୁ ମାନସିକ ପ୍ରସ୍ତୁତି କରିଥିବା ଆବାହକ ଦାସ କହିଛନ୍ତି। ପୂର୍ବରୁ ସିଏସିକୁ ମଧ ଆନ୍ଦୋଳନରୁ ଓହରିଯିବାକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟ ନିର୍ଦ୍ଦେଶକୁ ସିଏସି ପାଳନ କରିବ। ସିଏସି ପକ୍ଷରୁ ଆସନ୍ତା ୫ ତାରିଖ ପରେ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିବାକୁ ସର୍ବସମ୍ମତିକ୍ରମେ ମତପ୍ରକାଶ ପାଇଛି। ଡିସେମ୍ବର ୧୨ରେ ସମ୍ବଲପୁର ସମେତ ରାଜ୍ୟର ବିଭିନ୍ନ ଓକିଲ ସଂଘ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏଥିରେ କ୍ଷୋଭ ପ୍ରକାଶ କରି ଆନ୍ଦୋଳନ କରିଥିବା ରାଜ୍ୟର ବିଭିନ୍ନ ଜିଲାର ୨୭ ବାର୍‌କୁ ମଧ ସୁପ୍ରିମକୋର୍ଟ ରିପୋର୍ଟ ତଲବ କରିଛନ୍ତି। ଏ ସମ୍ପର୍କରେ ସିଏସି ଆବାହକ ଦାସ କହିଛନ୍ତି, ସୁପ୍ରିମକୋର୍ଟ ସର୍ବୋଚ୍ଚ। ଆଇନଜୀବୀଙ୍କ ସମେତ ଭାରତୀୟ ନାଗରିକ ତାଙ୍କ ନିର୍ଦ୍ଦେଶ ପାଳନ କରନ୍ତି। ତେଣୁ ହାଇକୋର୍ଟ ବେଞ୍ଚ ଆନ୍ଦୋଳନ ଉପରେ ଦେଇଥିବା ନିର୍ଦ୍ଦେଶ ପାଳନ କରିବୁ। ଏହାକୁ ନେଇ ଆମ ପକ୍ଷ ସୁପ୍ରିମକୋର୍ଟରେ ରଖାଯିବ। ସୂଚନାଯୋଗ୍ୟ, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ନଭେମ୍ବର ୩୦ରେ ପୋଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପରେ ଡିସେମ୍ବର ୧୨ରେ ପୁଣି ଆନ୍ଦୋଳନ ସମୟରେ ଅଭାବନୀୟ ଘଟଣା ଘଟିଥିଲା। ଏହି ଘଟଣାରେ ପୋଲିସ ୩୦ ଓକିଲଙ୍କ ସମେତ ୮ କିନ୍ନର ଓ ଜଣେ ବାର୍ କର୍ମଚାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଆଇଏଏସ୍ ଅଫିସର ମଞ୍ଜୁଳା ସୁବ୍ରମଣ୍ୟମ୍‌ଙ୍କ ପରଲୋକ



**ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଶୋକ**

**ଭୁବନେଶ୍ୱର, ୨।୧(ବ୍ୟୁରୋ)**

୧୯୭୨ ବ୍ୟାଚ୍ ଗୁଜରାଟ କ୍ୟାଡରର ଆଇଏଏସ୍ ଅଫିସର ଡ. ମଞ୍ଜୁଳା ସୁବ୍ରମଣ୍ୟମଙ୍କ ରବିବାର ପରଲୋକ ଘଟିଛି। ଜଟିଳ ସ୍ୱାସ୍ଥ୍ୟଗତ ସମସ୍ୟାରୁ ଭଦୋଦରାସ୍ଥିତ ଏକ ହସ୍ପିଟାଲରେ ସେ ଆଖି ବୁଜିଛନ୍ତି। ଗୁଜରାଟର ସେ ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ ଭାବେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧୀନରେ କାର୍ଯ୍ୟ କରିଥିଲେ। ଲୋକସେବା ଓ ପ୍ରଶାସନିକ କ୍ଷେତ୍ରରେ ଦକ୍ଷତାର ସହ କାର୍ଯ୍ୟ କରି ସେ ଅନେକ ସୁନାମ ଅର୍ଜନ କରିଥିଲେ। ମଞ୍ଜୁଳାଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପି.କେ. ମିଶ୍ର ଶୋକ ପ୍ରକାଶ କରି କହିଛନ୍ତି, ସେ ନିଜର ସହପାଠୀ ତଥା ଘନିଷ୍ଠ ବନ୍ଧୁଙ୍କୁ ହରାଇଛନ୍ତି। ମଞ୍ଜୁଳାଙ୍କ ମୃତ୍ୟୁ ତାଙ୍କ ପାଇଁ ଏକ ଅପୂରଣୀୟ କ୍ଷତି। ସେ ଜଣେ ଉଜ୍ଜ୍ୱଳ, ଉତ୍ସର୍ଗୀକୃତ ଅଫିସର ଥିଲେ। ଗୁଜରାଟ ସରକାରରେ ସେ ଜାମନଗରର ଡିଡିଓ, ଅମ୍ରେଲି ଏବଂ ଜୁନାଗଡ଼ର ଜିଲାପାଳ, ବିଭିନ୍ନ ବିଭାଗରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ମୁଖ୍ୟ ଶାସନ ସଚିବ ଥିଲେ। ଏଥିସହିତ ସେ ବାଣିଜ୍ୟ ମନ୍ତ୍ରଣାଳୟ ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ମଧ କାର୍ଯ୍ୟ କରିଛନ୍ତି। କାର୍ଯ୍ୟକ୍ଷେତ୍ରରେ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ଛାଡ଼ି ଯାଇଛନ୍ତି। ତାଙ୍କର କର୍ତ୍ତବ୍ୟନିଷ୍ଠା ଓ କାର୍ଯ୍ୟଧାରା ଅନେକ ଦିନ ପର୍ଯ୍ୟନ୍ତ ସ୍ମରଣୀୟ ହୋଇ ରହିବ ବୋଲି ଡ. ମିଶ୍ର କହିଛନ୍ତି।



ହକି ବିଶ୍ୱକପ୍ ପାଇଁ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ସ୍ଥାପନ ହେବାକୁ ଥିବା କଳାକୃତିକୁ କଳାଭୂମିଠାରେ ଛାତ୍ରୀଛାତ୍ର ବୁଲି ଦେଖୁଛନ୍ତି। (ଫଟୋ–ବିକାଶ ନାୟକ)

# ଆସନ୍ତା ୩୦ରୁ ୪୦ ଦିନ ସତର୍କ ରହିବାକୁ ପଡ଼ିବ

**ଓମିକ୍ରନ୍ ବିଏଫ୍-୭ ଚିନ୍ତା**

**ଭୁବନେଶ୍ୱର, ୨।୧(ବ୍ୟୁରୋ):** ଦେଶରେ ଏବେ ଦେଖାଯାଇଥିବା କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ୍ ବିଏଫ୍-୭ ଯୋଗୁ ଜନସାଧାରଣଙ୍କ ମଧ୍ୟରେ ଚିନ୍ତା ବଢ଼ିଯାଇଥିବାବେଳେ ଏହାକୁ ନେଇ ଭୟଭୀତ ନ ହେବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଉଛି। ଏହି ନୂଆ ଭାରିଆଣ୍ଟର ଲକ୍ଷଣ ଓ ଭୟାବହତା କେତେ ହେବ ତାହା ଜଣାପଡିନାହିଁ। ଏ ନେଇ ପରୀକ୍ଷା ନିରୀକ୍ଷା ଚାଲିଛି। ତେବେ ଆସନ୍ତା ୩୦ରୁ ୪୦ ଦିନ ଯାଏ ଆମକୁ ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି। ଅପରପକ୍ଷେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ନଭେମ୍ବର ୧୧ରୁ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ୧୨ତଳେ ରହୁଛି। ବର୍ତ୍ତମାନ ରାଜ୍ୟରେ ମାତ୍ର ୫୦ଜଣ ରୋଗୀ ରହିଛନ୍ତି। ଆଗକୁ ସଂକ୍ରମଣ ବଢ଼ିପାରେ। କିନ୍ତୁ ଏହା କେତେ କ୍ଷତି ପହଞ୍ଚାଇବ, ଲକ୍ଷଣ କେତେ ଭୟଙ୍କର ହେବ, ତାହାର ତଥ୍ୟ ଆସିନାହିଁ। ତେବେ ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି। ସମସ୍ତ ମେଡିକାଲ କଲେଜରେ ୨୦ଟି ଲେଖାଏ ବେଡ୍ ମହଜୁଦ ରହିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମଧ ବେଡ୍ ପ୍ରସ୍ତୁତ ରହିଛି। ଆବଶ୍ୟକ ପଡ଼ିଲେ ବେଡ୍ ସଂଖ୍ୟା ବଢ଼ାଯିବ। ହକିପାଇଁ କଟକ, ଭୁବନେଶ୍ୱର ଓ ରାଉରକେଲାର ସମସ୍ତ ଅର୍ବାନ ପିଏଚ୍‌ସି ଓ ସିଏଚ୍‌ସିରେ ଟେଷ୍ଟିଂ ବ୍ୟବସ୍ଥା କରାଯାଉଛି। ଏହାସହ ହକି ଷ୍ଟାଡିୟମ ଭିତରେ ମଧ ଟେଷ୍ଟ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।




# ଜେଲରେ ଜେରା ହେବେ ଅର୍ଚ୍ଚନା, ଖଗେଶ୍ୱର

**ବେଆଇନ ଅର୍ଥ କାରବାର ମାମଲା**
- ଡିଜିଟାଲ ପ୍ରମାଣପତ୍ର ସଂକ୍ରାନ୍ତରେ ହେବ ପଚରାଉଚରା
- ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଅର୍ଚ୍ଚନା

**ଭୁବନେଶ୍ୱର, ୨।୧ (ବ୍ୟୁରୋ)**

ବେଆଇନ ଅର୍ଥ କାରବାର ମାମଲାରେ ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ ଓ ତାଙ୍କ ବ୍ୟବସାୟିକ ସହଯୋଗୀ ଖଗେଶ୍ୱର ପାତ୍ରଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଝାରପଡ଼ା ଜେଲରେ ଜେରା କରିବ। ଏଥିପାଇଁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ଅନୁମତି ଦେଇଛନ୍ତି। ତାରିଖ ଅନୁଯାୟୀ ଅର୍ଚ୍ଚନା ଓ ଜଗବନ୍ଧୁ ସୋମବାର କୋର୍ଟରେ ଭର୍ଚୁଆଲରେ ହାଜର ହୋଇଥିଲେ। ଷ୍ଟେଟ୍ ଫରେନ୍‌ସିକ୍ ଲ୍ୟାବ୍ (ଏସ୍‌ଏଫ୍‌ଏସ୍‌ଏଲ୍)ରୁ ମିଳିଥିବା ଡିଜିଟାଲ ପ୍ରମାଣପାତ୍ର ସଂକ୍ରାନ୍ତରେ ଅର୍ଚ୍ଚନାଙ୍କୁ ବୁଧବାର ଓ ଖଗେଶ୍ୱରଙ୍କୁ ଗୁରୁବାର ଜେରା କରିବାକୁ ଇଡି ଅନୁମତି ମାଗିଥିଲା। କୋର୍ଟ ଏହି ଆବେଦନକୁ ଗ୍ରହଣ କରି ଅନୁମତି ଦେବା ସହ ଜେରାବେଳେ ଅଭିଯୁକ୍ତଙ୍କ ଓକିଲ ଉପସ୍ଥିତ ରହିବେ ବୋଲି କହିଛନ୍ତି। ଏହାପରେ ଅର୍ଚ୍ଚନା ଓ ଖଗେଶ୍ୱରଙ୍କୁ ପଚରାଉଚରା କରିବାକୁ ଇଡି ପ୍ରସ୍ତୁତ ହେଉଛି। ଡିଜିଟାଲ ପ୍ରମାଣପତ୍ରରୁ ମିଳିଥିବା ଗୁପ୍ତ ତଥ୍ୟ ବିଷୟରେ ଅର୍ଚ୍ଚନାଙ୍କ ମୁହଁରୁ ସତ ହାସଲ କରିବାକୁ ଇଡି ଯୋଜନା କରିଛି। ତେବେ ଜେଲରେ ଥିବା ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କୁ ଜେରା କରିବାକୁ ଇଡି ଆବେଦନ କରିନାହିଁ।

ଅନ୍ୟପକ୍ଷରେ ସିନେ ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ବ୍ଲାକ୍‌ମେଲ ମାମଲାରେ ନୟାପଲ୍ଲୀ ଥାନାରେ ହୋଇଥିବା ମାମଲାରେ ଜାମିନ ପାଇଁ ସୋମବାର ଅର୍ଚ୍ଚନା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପୂର୍ବରୁ ତଳ କୋର୍ଟରେ ତାଙ୍କର ଜାମିନ ଆବେଦନ ଖାରଜ ହୋଇଯାଇଥିଲା। ତେବେ ଅର୍ଚ୍ଚନାଙ୍କ ପକ୍ଷରୁ ଓକିଲ ପ୍ରଭୁପ୍ରସନ୍ନ ବେହେରା, ବିଶ୍ୱଚନ୍ଦନ ମହାନ୍ତି, ଠାକୁର ସଂଗ୍ରାମ ସିଂ ହାଇକୋର୍ଟରେ ବେଲ ପିଟିସନ୍ (ନଂ.୩/୨୩) ଦାଖଲ କରିଛନ୍ତି। ଏହି ମାମଲା (ନଂ.୬୪୬/୨୦୨୨)ରେ ପୋଲିସ ଗତ ଡିସେମ୍ବର ୨୩ରୁ ଭୁବନେଶ୍ୱର ଜେଏମ୍‌ଏଫ୍‌ସି–୩ କୋର୍ଟରେ ୫୦୧ ପୃଷ୍ଠା ସମ୍ବଳିତ ଏକ ଚାର୍ଜସିଟ୍ ଦାଖଲ କରିଛି। ହେଲେ ଅଧିକ ପ୍ରମାଣ ଯୋଗାଡ଼ ପାଇଁ ତଦନ୍ତକୁ ଖୋଲା ରଖାଯାଇଥିବାବେଳେ ପରେ ଆଉଏକ ସପ୍ଲିମେଣ୍ଟାରୀ ଚାର୍ଜସିଟ୍ ଦାଖଲ କରିବାକୁ ପୋଲିସକୁ ଅନୁମତି ମିଳିଛି।

# ଗୁରୁଚାପ ପ୍ରଭାବ: ୭ରୁ ଆହୁରି କମିବ ଶୀତ

**୪ରେ ହାଲୁକା ବର୍ଷା ସମ୍ଭାବନା**

**ଭୁବନେଶ୍ୱର,୨।୧(ବ୍ୟୁରୋ):** ଓଡ଼ିଶା ଉପକୂଳ ବଙ୍ଗୋପସାଗରରେ ଏକ ଗୁରୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏଥିସହିତ ଦକ୍ଷିଣ ପଶ୍ଚିମ ଆରବସାଗର ପଟୁ ଜଳୀୟ ବାଷ୍ପ ରାଜ୍ୟ ଭିତରକୁ ପ୍ରବେଶ କରୁଛି। ଏଥିଯୋଗୁ ଆକାଶ ମେଘାଚ୍ଛନ୍ନ ରହିବା ସହ ପ୍ରବଳ କୁହୁଡ଼ି ହେଉଛି। ଫଳରେ ରାଜ୍ୟରୁ ଶୀତ ଉଭେଇ ଯାଇଛି। ଆସନ୍ତା ୪ କିମ୍ବା ୫ ତାରିଖରେ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ହାଲୁକା ବର୍ଷା ହେବା ସହିତ କେତେକ ଜିଲାରେ ପ୍ରବଳ କୁହୁଡ଼ି ହେବାର ସମ୍ଭାବନା ରହିଛି। ଆସନ୍ତା ୭ ତାରିଖରୁ ଶୀତ ଆହୁରି କମିବ। ପାରଦ ପୁଣି ଉପରମୁହାଁ ହେବ। ୧୦ ତାରିଖରୁ ଶୀତ ପୁଣି ବଢ଼ିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କନ୍ଧମାଳ, କଳାହାଣ୍ଡି, ଅନୁଗୋଳ, ବୌଦ୍ଧ, ଢେଙ୍କାନାଳ, ଯାଜପୁର, କଟକ, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଖୋର୍ଦ୍ଧା, ପୁରୀ ଏବଂ ଗଞ୍ଜାମ ଜିଲାରେ କୁହୁଡି ହେବାର ସମ୍ଭାବନା ରହିଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଶୀତ ହ୍ରାସ ପାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ କେବଳ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୯.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ କୋରାପୁଟ ୧୧, ଦାରିଙ୍ଗବାଡ଼ିରେ ୧୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି।

# ରହସ୍ୟ ଘେରରେ ମହିଳା ଡାକ୍ତରଙ୍କ ମୃତ୍ୟୁ

- ପ୍ରେମ ପ୍ରତାରଣା ନେଇ ଥାନାରେ ଅଭିଯୋଗ କରିଥିଲେ
- ପୋଲିସ ତଦନ୍ତକୁ ନେଇ ପ୍ରଶ୍ନବାଚୀ
- କଲ୍ ରେକର୍ଡରୁ ମିଳିପାରେ ତଥ୍ୟ

**ଯୋଡ଼ା,୨।୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଅର୍ବାନ ଡାକ୍ତରଖାନାର ମହିଳା ଡାକ୍ତର ଶୁଭଶ୍ରୀ କରଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା ଜିଲା ତଥା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ସେ ମୃତ୍ୟୁ ପୂର୍ବରୁ ଯୋଡ଼ା ଥାନାରେ ଦେଇଥିବା ଲିଖିତ ଅଭିଯୋଗ ପତ୍ରଟି ଲୋକ ଲୋଚନକୁ ଆସିବା ପରେ ମୃତ୍ୟୁକୁ ନେଇ ରହସ୍ୟ ଘନୀଭୂତ ହୋଇଛି। ପ୍ରେମ ପ୍ରତାରଣା ନେଇ ଜଣେ ଡାକ୍ତରଙ୍କ ନାମରେ ଅଭିଯୋଗ କରିଥିଲେ ହେଁ ଯୋଡ଼ା ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ତେଣୁ ପୋଲିସର ତଦନ୍ତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏ ନେଇ ମହିଳାଙ୍କ ଡାକ୍ତରଙ୍କ ପରିବାର ପକ୍ଷରୁ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

ଯୋଡ଼ା ଥାନାରେ ୨୦୨୨ ଡିସେମ୍ବର ୨୦ରେ ହୋଇଥିବା ଅଭିଯୋଗ ଅନୁଯାୟୀ, ମହିଳା ଡାକ୍ତରଙ୍କ ଏକ ଘରୋଇ ଖଣି କମ୍ପାନୀରେ କାର୍ଯ୍ୟ କରୁଥିବା ଜଣେ ଡାକ୍ତରଙ୍କ ସହ ସମ୍ପର୍କ ଗଢ଼ି ଉଠିଥିଲା। ସେ ବିବାହ ପ୍ରତିଶ୍ରୁତି ଦେଇ ଗତ ୧୮ ସେପ୍ଟେମ୍ବର ୨୦୨୨ ଓ ୧୦ ଅକ୍ଟୋବର ୨୦୨୨ରେ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ପରେ ଏ ନେଇ ଶୁଭଶ୍ରୀ ବିବାହ କରିବାକୁ ଜିଦ୍ ଧରିବାରୁ ସେ ମନା କରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଥାନାରେ ଅଭିଯୋଗ ପରେ ବଡ଼ବିଲ ଜେଏମ୍‌ଏଫ୍‌ସି କୋର୍ଟରେ ଶୁଭଶ୍ରୀଙ୍କର ୧୬୪ ବୟାନ ରେକର୍ଡ ମଧ ହୋଇଥିଲା।



ଶୁଭଶ୍ରୀ କର



ମୃତ୍ୟୁ ପୂର୍ବରୁ ଦେଇଥିବା ଅଭିଯୋଗପତ୍ର।

ଘଟଣାକୁ ନେଇ ଶୁଭଶ୍ରୀଙ୍କ ପରିବାର ଲୋକେ ମୁହଁ ଖୋଲୁ ନ ଥିବା ବେଳେ ମୃତ୍ୟୁ ପଛର ରହସ୍ୟ ଘନେଇବାରେ ଲାଗିଛି। ଘଟଣା ଦିନ ରାତିରେ ସେ କାହା ସହ କଥା ହୋଇଛନ୍ତି। ଅଭିଯୋଗପରେ ସମ୍ପୃକ୍ତ ଡାକ୍ତରଙ୍କ ସହ ଶୁଭଶ୍ରୀ କଥା ହୋଇ ଥିଲେ କି ନାହିଁ। ମୋବାଇଲ କଲ ରେକର୍ଡ ଯାଞ୍ଚ କଲେ ଘଟଣା ଉପରୁ ପରଦା ହଟିପାରିବ ବୋଲି ଆଲୋଚନା ହେଉଛି।

ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀଙ୍କ କହିବା ଅନୁଯାୟୀ, ୩୧ ତାରିଖ ମଧରାତିରେ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଡାକ୍ତରଙ୍କ ସମେତ ୭ ଜଣ ଏକାଠି ମିଶି ଜିରୋ ନାଇଟ୍ ସେଲିବ୍ରେସନ୍ କରିଥିଲେ। ଏଥିପାଇଁ ଶୁଭଶ୍ରୀ ସବୁ ଆୟୋଜନ କରିଥିଲେ। ନିଜେ ରୋଷେଇ କରିବା ସହ ନୃତ୍ୟ ଗୀତରେ ଝୁମିଥିଲେ। ରାତି ୧.୩୦ ପର୍ଯ୍ୟନ୍ତ ସେଲିବ୍ରେସନ କରିବା ପରେ ଉପର ମହଲାରେ ଥିବା ନିଜ ରୁମ୍‌କୁ ଚାଲିଯାଇଥିଲେ। ରବିବାର ସକାଳୁ ୭ ଟାରେ ସହାୟିକା କବାଟ ବାଡ଼େଇ ଥିଲେ ବି କବାଟ ଫିଟାଇ ନ ଥିଲେ। ଏ ନେଇ ପୋଲିସକୁ ସେ ଖବର ଦେଇଥିଲେ। ସନ୍ଧ୍ୟା ସମୟରେ ପୋଲିସ କବାଟ ଭାଙ୍ଗି ଖଟ ଉପରେ ପଡ଼ିଥିବା ଅବସ୍ଥାରେ ମୃତଦେହ ଜବତ କରିଥିଲା। ପୋଲିସ ସୋମବାର କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଶୁଭଶ୍ରୀ ରହୁଥିବା ଘରକୁ ଯାଇ ସେଠାରୁ ତାଙ୍କର ମୋବାଇଲ, ମେଡ଼ିସିନ ବୋତଲ ସହିତ କିଛି କାଗଜପତ୍ର ଜବତ କରି ଅନୁସନ୍ଧାନ ଜାରି ରଖିଛି। କଲ୍ ରେକର୍ଡ ଯାଞ୍ଚ କରିବା ସହ ସ୍ୱାସ୍ଥ୍ୟ କେନ୍ଦ୍ରର ଅନ୍ୟ କର୍ମଚାରୀଙ୍କୁ ପଚରାଉଚୁରା କରୁଛି। ମହିଳା ଡାକ୍ତରଙ୍କ ସହଯୋଗୀ ମନୋଜ ପରିଡ଼ା କହିଛନ୍ତି, ପୋଲିସ ଷ୍ଟାଫ୍‌ମାନଙ୍କଠାରୁ ସମସ୍ତ ତଥ୍ୟ ନେଇଛି। ଘଟଣାର ଉପଯୁକ୍ତ ତଦନ୍ତ କରିବାକୁ ସେ ନିବେଦନ କରିଛନ୍ତି।

ଜନୈକ ଆଇନଜୀବୀ ନାମ ଗୋପନ ରଖି କହିଛନ୍ତି, ବଳାତ୍କାର ଅଭିଯୋଗ ହେଲେ ଅବିଳମ୍ବେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ପୀଡ଼ିତା ଓ ଅଭିଯୁକ୍ତଙ୍କର ଡାକ୍ତରୀ ମଇନା କରିବା କଥା। ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥାଏ। ଏ କ୍ଷେତ୍ରରେ କାହିଁକି ବିଳମ୍ବ ହେଲା ତାହା ସନ୍ଦେହ ଘେରରେ ରହିଛି ବୋଲି ସେ କହିଛନ୍ତି। ପ୍ରକାଶଯୋଗ୍ୟ, କଟକ ଜିଲା ବୟାଳିସ ମୌଜା ଅଞ୍ଚଳର ମହିଳା ଡାକ୍ତର ଶୁଭଶ୍ରୀ କର କେନ୍ଦୁଝର ଜିଲା ଯୋଡ଼ା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ ଥିଲେ। ଶୁଭଶ୍ରୀଙ୍କ ମୃତଦେହ ରବିବାର ଭଡ଼ାଘରୁ ପୋଲିସ ସନ୍ଦେହଜନକ ଭାବେ କବାଟ ଭାଙ୍ଗି ଜବତ କରିଥିଲା।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତି ବଡ଼ ହୁଅନି**
**ଝଡ଼ ନବ ଉଡ଼େଇ**
**ଅତି ନ୍ୟୂନ ହୁଅନି**
**ଛେଳି ଦବ ଖାଇ ।**

ବଡ଼ ବଡ଼ ଗଛ ଝଡ଼ ତୋଫାନରେ ଭାଙ୍ଗି ଯାଉଥିବାର ଦେଖିବାକୁ ମିଳିଥାଏ । ଛୋଟ ଛୋଟ ଚାରା ଗଛକୁ ଛେଳି ଖାଇଦେଇଥାଏ । ସଂସାରରେ ତିଷ୍ଠିବାକୁ ହେଲେ ନିଜ ବୁଦ୍ଧି ଓ ବିଚାରକୁ ପାଥେୟ କରି ଜୀବିକା ନିର୍ବାହ କରିବା ଶ୍ରେୟସ୍କର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଅଦିନେ ଖାଇଛି ଦହି**
**ଗାଁ ଯାକ ଗଲି କହି ।**

କେଉଁଠି କେମିତି ଭଲ ସୁସ୍ୱାଦ ଖାଇବା ଟିକକ ମିଳିଗଲେ ତାହା ଅନେକ ଦିନ ଧରି ମନରେ ସ୍ମୃତି ହୋଇ ରହିଯାଇଥାଏ । କଦବା କ୍ୱଚିତ୍ ଦୁର୍ଲଭ ପଦାର୍ଥ ଖାଇବାକୁ ପାଇଲେ ବହୁ ଲୋକ ଫୁଲାଫାଙ୍କିଆ ହୋଇ ଚାରିଆଡ଼େ କହିବୁଲୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ପୂର୍ବତନ ମୁଖ୍ୟଶାସନ ସଚିବ ପ୍ରଦୀପ ମହାନ୍ତିଙ୍କ ପରଲୋକ

**ଭୁବନେଶ୍ୱର, ୨।୧(ବ୍ୟୁରୋ):** ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ଓଡ଼ିଶା ଲୋକ ସେବା ଆୟୋଗର ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ କୁମାର ମହାନ୍ତି(୭୮)ଙ୍କ ରବିବାର ସକାଳେ ପରଲୋକ ଘଟିଛି । ୧୯୬୭



ବ୍ୟାଚ୍ ଆଇଏଏସ୍ ଅଧିକାରୀ ପ୍ରଦୀପ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ସଚିବ ଭାବେ କାର୍ଯ୍ୟ କରିଥିଲେ । ୨୦୦୨ରୁ ୨୦୦୪ ପର୍ଯ୍ୟନ୍ତ ମୁଖ୍ୟଶାସନ ସଚିବ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ସେ ଶହୀଦନଗରଠାରେ ରହୁଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ପଦ୍ମାଳୟା, ପୁତ୍ର ତଥା ସିଆଇଏସ୍ଏଫ୍ ଆଇଜି ପ୍ରତୀକ ମହାନ୍ତି, ପୁତ୍ରବଧୂ ମୈତ୍ରୀ, ଝିଅ ନୋନିକା, ଜ୍ୱାଇଁ ଆଇଏଏସ୍ ଅଫିସର ସୁରେଶ କୁମାର, ନାତୁଣୀନାତି ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଦୀପଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ । ସୋମବାର ସତ୍ୟନଗର ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି ।

ପ୍ରଥମ ପୃଷ୍ଠାରୁ...

## ୪ ଜଣଙ୍କ ସମର୍ଥନ...

ଟଙ୍କିଆ ନୋଟ୍ ରଦ୍ଦ ହେଲା ବୋଲି ୨୦୧୬ ନଭେମ୍ବର ୮ତାରିଖ ରାତି ୮ଟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଥିଲେ । ଏହାର ୬ ବର୍ଷରୁ ଊର୍ଦ୍ଧ୍ୱ ସମୟ ପରେ ସର୍ବୋଚ୍ଚ ଅଦାଲତ ସରକାରଙ୍କ ନିଷ୍ପତ୍ତିକୁ କାଏମ ରଖିଛନ୍ତି । ରାୟ ଘୋଷଣା କରି ଜଷ୍ଟିସ୍ ଗଭାଇ କହିଛନ୍ତି, କେବଳ କେନ୍ଦ୍ର ସରକାର ନୋଟ୍‌ବନ୍ଦୀ ପ୍ରସ୍ତାବ ଆଣିଥିବା ଦର୍ଶାଇ ନିଷ୍ପତ୍ତି ଗ୍ରହଣକାରୀ ପ୍ରକ୍ରିୟାକୁ ଦୋଷ ଦିଆଯାଇପାରିବ ନାହିଁ । ଏଭଳି ପଦକ୍ଷେପ ନେବା ପଛରେ ଯଥେଷ୍ଟ କାରଣ ରହିଥିଲା । ସମାନୁପାତିକ ସିଦ୍ଧାନ୍ତ ବିମୁଦ୍ରୀକରଣ ନିଷ୍ପତ୍ତିକୁ ପ୍ରଭାବିତ କରି ନ ଥିବା ଅଦାଲତ କହିଛନ୍ତି । ଏହି ନିଷ୍ପତ୍ତିପାଇଁ କେନ୍ଦ୍ର ସରକାର ଏବଂ ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ମଧ୍ୟରେ ୬ ମାସ ଧରି ବିଚାରବିମର୍ଶ ଚାଲିଥିଲା । ତେଣୁ ନୋଟ୍‌ବନ୍ଦୀ ବିଜ୍ଞପ୍ତି ଜାରି ତାରିଖ ୨୦୧୬ ନଭେମ୍ବର ୮କୁ ଅକାରଣ ଦର୍ଶାଇ ନିଷ୍ପତ୍ତି ପ୍ରକ୍ରିୟା ଆଧାରରେ ଏହାକୁ ବଦଳାଯାଇ ପାରିବ ନାହିଁ ବୋଲି ସାମ୍ବିଧାନିକ ପୀଠ ତାଙ୍କ ରାୟରେ କହିଛନ୍ତି ।

ଅଦାଲତ କହିଛନ୍ତି, ଅଚଳ ନୋଟ୍ ବଦଳାଇବା ପାଇଁ ୫୨ ଦିନ ସମୟ ଦିଆଯାଇଥିଲା । ସମୟସୀମାକୁ ଆଉ ବଢ଼ାଯାଇପାରିବ ନାହିଁ । ୧୯୭୮ ବିମୁଦ୍ରୀକରଣବେଳେ ପୁରୁଣା ନୋଟ୍ ବଦଳାଇବା ଲାଗି ମାତ୍ର ୩ ଦିନ ସମୟ ଦିଆଯାଇଥିବାବେଳେ ପରେ ଏହାକୁ ଆଉ ୫ ଦିନ ବଢ଼ାଯାଇଥିଲା ବୋଲି ସାମ୍ବିଧାନିକ ପୀଠ କହିଛନ୍ତି । ଆର୍‌ବିଆଇ-୧୯୩୪ ଆଇନର ଧାରା ୨୬(୨)ରେ କେତେକ ସିରିଜ୍ ନୋଟ୍‌କୁ ରଦ୍ଦ କରିବା କ୍ଷମତା କେନ୍ଦ୍ର ସରକାରଙ୍କୁ ମିଳିଛି । ତେଣୁ ଏହି କ୍ଷମତାକୁ ସଂକୁଚିତ କରାଯାଇପାରିବ ନାହିଁ । ପୂର୍ବରୁ ଦୁଇଥର ନୋଟ୍‌ବନ୍ଦୀ ନିଷ୍ପତ୍ତି ପାର୍ଲାମେଣ୍ଟରେ ଆଲୋଚନା ପରେ ନିଆଯାଇଥିବାରୁ ଉପରୋକ୍ତ କ୍ଷମତା କେନ୍ଦ୍ର ସରକାରଙ୍କ ପାଖରେ ନ ଥିବା କୁହାଯାଇପାରିବ ନାହିଁ ବୋଲି ଜଷ୍ଟିସ୍ ଗଭାଇ କହିଛନ୍ତି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ, କ୍ୟାଶଲେସ୍ ଟ୍ରାଞ୍ଜାକ୍ସନକୁ ଗୁରୁତ୍ୱ ଏବଂ କଳାଧନକୁ ରୋକିବା ଲକ୍ଷ୍ୟରେ କେନ୍ଦ୍ର ନେଇଥିବା ବିମୁଦ୍ରୀକରଣ ନିଷ୍ପତ୍ତି କେତେକାଂଶରେ ସଫଳ ହୋଇପାରି ନାହିଁ । ଆର୍‌ବିଆଇର ରିପୋର୍ଟ ଅନୁସାରେ ୨୦୧୬ ପରଠାରୁ ନଗଦ କାରବାର ଦ୍ୱିଗୁଣ ହୋଇଛି ।

## ନିୟମ ଅନୁପାଳନ...

ସେହିପରି ମୃତଦେହର ବ୍ୟବଚ୍ଛେଦ ହୋଇଛି କି ନାହିଁ । ଯଦି ହୋଇଛି, ତାହାର ରିପୋର୍ଟକୁ ପୋଲିସ ପଠାଇବା ସାଙ୍ଗକୁ ଇଣ୍ଟରପୋଲ ଡ୍ରିଙ୍ଗ୍‌ର ହସ୍ତକ୍ଷେପ ଆବଶ୍ୟକ କରୁଛି କି ନାହିଁ ତାହା ଜଣାଇବାକୁ ପଡ଼ିଥାଏ । ଏହାଛଡ଼ା ମୃତଦେହର ସତ୍କାର ହୋଇଛି କି ନାହିଁ କିମ୍ବା ତାହାର ସ୍ଥିତି ଏବଂ ଶରୀରରେ ଦୃଶ୍ୟମାନ ହେଉଥିବା କୌଣସି ଚିହ୍ନ ଓ ପୋଷାକ ସମ୍ପର୍କରେ ସବିଶେଷ ତଥ୍ୟ ମଧ୍ୟ ଦେବାକୁ ପଡ଼ିଥାଏ । ଅସ୍ୱାଭାବିକ ମୃତ୍ୟୁ କ୍ଷେତ୍ରରେ ପୋଲିସ ବିଦେଶୀ ନାଗରିକଙ୍କୁ ଚିହ୍ନଟ ପାଇଁ ତାଙ୍କର ଫିଙ୍ଗରପ୍ରିଣ୍ଟ ଏବଂ ଫଟୋ ସଂଗ୍ରହ କରିବାକୁ ଏସ୍‌ଓପିରେ ଉଲ୍ଲେଖ ରହିଛି । ସମସ୍ତ ତଥ୍ୟ ପୋଲିସ ଦେବା ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଦେଶୀ ନାଗରିକଙ୍କ ମୃତ୍ୟୁ ସମ୍ପର୍କରେ ସମ୍ପୃକ୍ତ ଦୂତାବାସକୁ ସୂଚିତ କରାଯାଇଥାଏ ।

ସୂଚନାଥାଉ କି, ପାଭେଲ ଖ୍ରୀଷ୍ଟଧର୍ମାବଲମ୍ବୀ ହୋଇଥିବାବେଳେ ତାଙ୍କ ମୃତଦେହକୁ ସମାଧି ଦିଆଯିବା ପରିବର୍ତ୍ତେ ପୋଡ଼ିଦିଆଯାଇଥିଲା । ଏଭଳି ତରବରିଆ ପଦକ୍ଷେପକୁ ନେଇ ସନ୍ଦେହ ସୃଷ୍ଟି ହେଉଛି । ଏହାଛଡ଼ା ମୃତଦେହ ସତ୍କାର ପୂର୍ବରୁ ପାଭେଲଙ୍କ ପରିବାର ଏବଂ ରୁଷିଆ ଦୂତାବାସର ସହମତି ପାଇଛି କି ନାହିଁ ତାହା ପୋଲିସ ସ୍ପଷ୍ଟ କରୁନାହିଁ ।

## ଓସିଏସ୍ ପରୀକ୍ଷା...

ଏ ନେଇ ସର୍ବୋଚ୍ଚ ବୟସସୀମା ଅତିକ୍ରମ କରିଥିଲେ ମଧ୍ୟ ଆଶାୟୀ ପରୀକ୍ଷାର୍ଥୀ ପୁଣିଥରେ ପରୀକ୍ଷା ଦେଇପାରିବେ । ତେବେ ଭବିଷ୍ୟତରେ ଆଉ ଏଭଳି ସୁଯୋଗ ମିଳିବ ନାହିଁ । ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ରିଜୋଲ୍ୟୁଶନ ଜାରି କରାଯାଇଛି ।

ଏଠାରେ ସୂଚନାଯୋଗ୍ୟ, ପୂର୍ବରୁ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା ପ୍ରତ୍ୟେକ ବର୍ଷ ହେଉ ନ ଥିଲା । ଏହାଛଡ଼ା ୨୦୧୧ରୁ ୨୦୧୪ ମଧ୍ୟରେ ଓସିଏସ୍ ପରୀକ୍ଷା ବିଳମ୍ବ ହୋଇଥିଲା । ଏହା ପରେ ରାଜ୍ୟ ସରକାର ୟୁନିୟନ ପବ୍ଲିକ ସର୍ଭିସ କମିଶନ(ୟୁପିଏସ୍‌ସି) ପରୀକ୍ଷା ପଦ୍ଧତି ଭଳି ଓଡ଼ିଶାରେ ଓସିଏସ୍ ପରୀକ୍ଷା କରିବାକୁ ନିଷ୍ପତ୍ତି ନେଇଥିଲେ । ପରୀକ୍ଷା ବିଳମ୍ବ ହୋଇଥିବାରୁ ସରକାର ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା ୨୦୧୬, ୨୦୧୭, ୨୦୧୮, ୨୦୧୯ ଏବଂ ୨୦୨୦ ପାଇଁ ସବୁ ବର୍ଗ ପ୍ରାର୍ଥୀଙ୍କ ସକାଶେ ସର୍ବାଧିକ ବୟସ ସୀମା ବୃଦ୍ଧି କରିଥିଲେ । ବୟସକୁ ନ ଦେଖି ଓସିଏସ୍ ପରୀକ୍ଷା-୨୦୨୨ ପାଇଁ ଆଉ ଏକ ସୁଯୋଗ ଦେବାକୁ ଆଶାୟୀମାନେ ସରକାରଙ୍କ ନିକଟରେ ଦାବି କରି ଆସୁଥିଲେ । ବହୁ ସଂଖ୍ୟାରେ ଆବେଦନ ମିଳିବା ପରେ ରାଜ୍ୟ ସରକାର ଆଶାୟୀଙ୍କୁ ଏଭଳି ସୁଯୋଗ ଦେଇଛନ୍ତି । ନିକଟରେ ଓଡ଼ିଆରେ ସିଭିଲ୍ ସର୍ଭିସ ପରୀକ୍ଷା ପାଇଁ ଅନୁମତି ପ୍ରଦାନ କରାଯାଇଛି ।

ଆଉ ଏକ ସୁଯୋଗ ପାଇବା ପରେ ଆଶାୟୀମାନେ ଖୁସି ହେବା ସହିତ ପଢ଼ାପଢ଼ି ପାଇଁ ନିଜକୁ ପ୍ରସ୍ତୁତ କଲେଣି । ସମସ୍ତ ୩ଟି ସୁଯୋଗ ପରେ ଓଏଏସ୍ ପାଇବାରୁ ବଞ୍ଚିତ ହୋଇଥିବା ଆଶାୟୀ ପ୍ରାର୍ଥୀ ସୁଦର୍ଶନ ପ୍ରଧାନ କହିଛନ୍ତି, ସରକାରଙ୍କ ଏହି ନିଷ୍ପତ୍ତି ସ୍ୱାଗତଯୋଗ୍ୟ । ୟୁପିଏସ୍‌ସି ଭଳି ପ୍ରତ୍ୟେକ ବର୍ଷ ଓସିଏସ୍ ପରୀକ୍ଷା କରାଯାଉ ନ ଥିଲା । ଯଦ୍ୱାରା ମୋ ଭଳି ଅନେକ ଆଶାୟୀ କ୍ଷତି ସହିଛନ୍ତି । ଶେଷ ସୁଯୋଗ ମିଳିଥିବାରୁ ମୁଁ ବହୁତ ଖୁସି । ଏଥିପାଇଁ ଅଧିକ ପରିଶ୍ରମ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି ।



ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଡ. ହରେକୃଷ୍ଣ ମହତାବଙ୍କ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ସୋମବାର ଭୁବନେଶ୍ୱରସ୍ଥିତ ରାଜ୍ୟ ଗ୍ରନ୍ଥାଗାର ପରିସରରେ ଥିବା ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଷ୍ପଗୁଚ୍ଛ ପ୍ରଦାନ ସହ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି ।

# ୪ର୍ଥ ଦିନରେ ଆମ୍ବୁଲାନ୍ସ, ହୋଟେଲ କର୍ମଚାରୀଙ୍କୁ ଜେରା

**୨ ରୁଷୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟଣା**

- **ରାୟଗଡ଼ା ଆସିପାରେ ଆଉ ଏକ ତଦନ୍ତକାରୀ ଟିମ୍**
- **ଫର୍ମ-ସି ନିୟମ ପାଳନ କରିଥିଲା କି ହୋଟେଲ**

ରାୟଗଡ଼ା,୨।୧(ସ୍ୱ.ପ୍ର.)

ରାୟଗଡ଼ାଠାରେ ରୁଷୀୟ ପର୍ଯ୍ୟଟକ ତଥା ସେଠାକାର ଏମ୍‌ପି ପାଭେଲ ଆଣ୍ଟୋଭ ଏବଂ ତାଙ୍କ ବନ୍ଧୁ ଭ୍ଲାଡିମିର ବିଦାନୋଭଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ ଜାରି ରଖିଛି । ଚତୁର୍ଥ ଦିନ ସୋମବାର ଡିଏସ୍‌ପି ସରୋଜକାନ୍ତ ମହାନ୍ତଙ୍କ ନେତୃତ୍ୱରେ ୪ ଅଧିକାରୀ ପୁଣି ହୋଟେଲ ସାଇ ଇଣ୍ଟରନ୍ୟାଶନାଲକୁ ଯାଇ କର୍ମଚାରୀଙ୍କୁ ଜେରା କରିଥିଲେ । ଏହାର କିଛି ସମୟ ପରେ ଫରେନସିକ୍ ଏବଂ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ହୋଟେଲରେ ପହଞ୍ଚିଥିଲେ । ପରେ ବିଦାନୋଭ ଏବଂ ପାଭେଲଙ୍କୁ ମେଡିକାଲ ନେଇଥିବା ଆମ୍ବୁଲାନ୍ସ କର୍ମଚାରୀ ଏବଂ ଜଣେ ପୋଲିସ ଅଧିକାରୀଙ୍କୁ ମଧ୍ୟ କ୍ରାଇମ ବ୍ରାଞ୍ଚ ପକ୍ଷରୁ ଜେରା କରାଯାଇଛି । ବିଦାନୋଭ ଏବଂ ପାଭେଲଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନା ନେବା ସମୟରେ ସେମାନଙ୍କ ସ୍ଥିତି କ'ଣ ଥିଲା ସେ ନେଇ ଅଧିକାରୀମାନେ ପଚରାଉଚରା କରିଥିଲେ । ବିଶେଷକରି ଘଟଣା ଦିନ ବିଦାନୋଭ ଏବଂ ପାଭେଲଙ୍କ ସାଙ୍ଗରେ ଆସିଥିବା ମିଖାଇଲ ଏବଂ ନାତାଲିଆଙ୍କ ହାବଭାବ ତଥା ବଡି ଲାଙ୍ଗୁଏଜ୍ କିପରି ଥିଲା ସେ ବିଷୟରେ ପଚରାଯାଇଥିବା ଅନୁମାନ କରାଯାଉଛି ।

ଏହା ବ୍ୟତୀତ ଅନ୍ୟ ବିଭିନ୍ନ ଦିଗକୁ ନେଇ ହୋଟେଲ କର୍ମଚାରୀଙ୍କୁ ମଧ୍ୟ ପ୍ରଶ୍ନ କରାଯାଇଥିବା ଜଣାପଡ଼ିଛି । ପୋଷ୍ଟମର୍ଟମ ରିପୋର୍ଟରୁ ବିଦାନୋଭଙ୍କ ଶରୀରରେ ଗଞ୍ଜେଇ କିମ୍ବା ଅଫିମର ଦୁର୍ଗନ୍ଧ ବାହାରିଥିବା ଉଲ୍ଲେଖ ଥିବାରୁ ବିଦେଶୀ ନାଗରିକଙ୍କୁ ଗଞ୍ଜେଇ କେଉଁଠାରୁ ମିଳିଲା ସେ ନେଇ ପ୍ରଶ୍ନ କରାଯାଇ ଥାଇପାରେ ବୋଲି ମଧ୍ୟ ଅନୁମାନ କରାଯାଉଛି । ହେଲେ କ୍ରାଇମ ବ୍ରାଞ୍ଚ ପକ୍ଷରୁ ଜେରାରେ କ'ଣ ପ୍ରଶ୍ନ କରାଯାଇଥିଲା ସେ ବିଷୟରେ ସୂଚନା ଦିଆଯାଇ ନାହିଁ । ସୂଚନାଯୋଗ୍ୟ, ଉକ୍ତ ୪ ରୁଷୀୟ ପର୍ଯ୍ୟଟକ ହୋଟେଲରେ ରହିବାକୁ ଆସିଥିବା ବେଳେ ସେମାନଙ୍କ ନିକଟକୁ ଗଞ୍ଜେଇ କେମିତି ଆସିଲା, ପୂର୍ବରୁ ସେମାନେ ଗଞ୍ଜେଇ ସାଙ୍ଗରେ ନେଇ ଆସିଥିଲେ ନା ହୋଟେଲକୁ ଆସିବା ପରେ ସେମାନଙ୍କୁ କେହି ଗଞ୍ଜେଇ ଯୋଗାଇଛନ୍ତି ତାହାକୁ ନେଇ ସହରବାସୀଙ୍କ ମନରେ ପ୍ରଶ୍ନ ଉଠିଛି । ନିୟମ ଅନୁଯାୟୀ, ହୋଟେଲରେ ରହିବାକୁ ଆସୁଥିବା ବିଦେଶୀ ପର୍ଯ୍ୟଟକଙ୍କ ତଥ୍ୟ ଫର୍ମ-ସିରେ ପୂରଣ କରି ପୋଲିସକୁ ଉକ୍ତ ଫର୍ମ ସହ ଅବଗତ କରାଇବା ନେଇ ନିୟମ ରହିଛି । ହେଲେ ହୋଟେଲ ସାଇ ଇଣ୍ଟରନ୍ୟାଶନାଲ ପକ୍ଷରୁ ଏହା କରାଯାଇଥିଲା କି ନାହିଁ ତାହାର ତଦନ୍ତ ଆବଶ୍ୟକ ବୋଲି ମତପ୍ରକାଶ ପାଉଛି । ହୋଟେଲ ପକ୍ଷରୁ ବିଦେଶୀ ନାଗରିକଙ୍କ ସମସ୍ତ ତଥ୍ୟ ପ୍ରଦାନ କରିବା ଦ୍ୱାରା ପୋଲିସକୁ ସେମାନଙ୍କ ସମସ୍ତ ସୂଚନା ମିଳିଥାଏ । ଏହାଦ୍ୱାରା ପୋଲିସ ସେମାନଙ୍କ ଗତିବିଧି ଉପରେ ନଜର ରଖିବା ସହଜ ହୋଇଥାଏ । ସେହିପରି ଘଟଣାର ଅଧିକ ତଦନ୍ତ ପାଇଁ ଆଉ ଏକ ତଦନ୍ତକାରୀ ଦଳ ରାୟଗଡ଼ାରେ ପହଞ୍ଚି ତଦନ୍ତ କରିପାରେ ବୋଲି ମଧ୍ୟ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି ।

# ୪ରୁ ଭିତରକନିକାରେ ହେବ କୁମ୍ଭୀର ଗଣନା

**୧୦ ଦିନ ପର୍ଯ୍ୟଟକଙ୍କ ପାଇଁ ରହିବ ବନ୍ଦ**

ରାଜନଗର, ୨।୧(ଡି.ଏନ୍.ଏ.)

ଭିତରକନିକାରେ ବିରଳ ବଉଳା କୁମ୍ଭୀରଙ୍କ ଗଣନା କରାଯିବ । ଭିତରକନିକା ଜାତୀୟ ଉଦ୍ୟାନ ଓ ଏହାର ବାହାରେ ଥିବା ନଦୀ ନାଳଗୁଡିକରେ କୁମ୍ଭୀରମାନଙ୍କର ଗଣନା କରାଯିବ । କୁମ୍ଭୀର ଗଣନା ସମୟରେ ଭିତରକନିକା ଜାତୀୟ ଉଦ୍ୟାନ ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ । ଜାନୁୟାରୀ ୪ରୁ ୧୪ ତାରିଖ ଯାଏ ୧୦ ଦିନ ଧରି କୁମ୍ଭୀରମାନଙ୍କର ଗଣନା କରାଯିବ । ଜାନୁୟାରୀ ୧୫ରେ ଭିତରକନିକା ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଖୋଲିବ । ଭିତରକନିକାରେ ଜାନୁୟାରୀ ୨୦୨୨ରେ ହୋଇଥିବା ଗଣନା ଅନୁସାରେ ୧୭୮୪ ବଉଳା କୁମ୍ଭୀର ଅଛନ୍ତି । ସୂଚନାଯୋଗ୍ୟ, ୧୯୭୦ ମଧ୍ୟଭାଗରେ କରାଯାଇଥିବା ଏକ ସର୍ଭେରେ ଭାରତ ବର୍ଷରେ କୁମ୍ଭୀରମାନଙ୍କ ସଂଖ୍ୟା ନଗଣ୍ୟ ବୋଲି ଜଣାପଡିଥିଲା । ପରେ କୁମ୍ଭୀରମାନଙ୍କର ବଂଶବୃଦ୍ଧି ଓ ବାସସ୍ଥଳୀର ସ୍ଥିତି ବଜାୟ ରଖିବା ପାଇଁ କେନ୍ଦ୍ର ସରକାର ମିଳିତ ଜାତିସଂଘର କୃଷି ଓ ଖାଦ୍ୟ ସଂସ୍ଥା ସହାୟତାରେ ଏକ ଯୋଜନା ପ୍ରସ୍ତୁତ କରାଯାଇଥିଲା । ଏହି ଯୋଜନା ଅନୁଯାୟୀ ସାମୁଦ୍ରିକ ପ୍ରାଣୀ ବିଶେଷଜ୍ଞ ଡ. ଏଚ୍.ଆର୍. ବଷ୍ଟାର୍ଡ ଓଡ଼ିଶା ସମୁଦ୍ର ଉପକୂଳ ପରିଦର୍ଶନ କରି ଭିତରକନିକା କୁମ୍ଭୀର ବଂଶ ବୃଦ୍ଧି ପାଇଁ ଅନୁକୂଳ ପରିବେଶ ବୋଲି ଚିହ୍ନଟ କରିଥିଲେ । ୧୯୭୫ରେ ୧୧୫ ବର୍ଗ କି.ମି. ଅଞ୍ଚଳରେ ୫୦ ଲକ୍ଷ ବ୍ୟୟରେ ଦେଶର ପ୍ରଥମ ବଉଳା କୁମ୍ଭୀର ଗବେଷଣା ଓ ସଂରକ୍ଷଣ କେନ୍ଦ୍ର ଗଢ଼ି ଉଠିଥିଲା । ପ୍ରଥମେ ୩୪ଟି ପରିପକ୍ୱ କୁମ୍ଭୀରଙ୍କ ସହ ୯୬ଟି କୁମ୍ଭୀରଙ୍କୁ ନେଇ ଏହି ଯୋଜନା ଆରମ୍ଭ ହୋଇଥିଲା ।

# ଗ୍ଲାଗୋଲେଭଙ୍କୁ ପୁରୀ ଭଡ଼ାଘରେ ଛାଡ଼ିଲା ଜିଆର୍‌ପି

ପୁରୀ ଅଫିସ, ୨।୧

ଭୁବନେଶ୍ୱର ରେଳଷ୍ଟେଶନରୁ ଉଦ୍ଧାର ହୋଇଥିବା ରୁଷୀୟ ପର୍ଯ୍ୟଟକ ଗ୍ଲାଗୋଲେଭ ଆଣ୍ଡ୍ରିୟୁ (୬୫)ଙ୍କୁ ସୋମବାର ଜିଆର୍‌ପି ନେଇ ପୁରୀର ଗଙ୍ଗାରାମ ନୂଆସାହି ଅଞ୍ଚଳରେ ସେ ରହୁଥିବା ତାଙ୍କ ଭଡ଼ା ଘରେ ଛାଡ଼ିଛି । ଗ୍ଲାଗୋଲେଭଙ୍କ ଉପରେ ନଜର ରଖିବା ସହ ତାଙ୍କ ସମ୍ପର୍କରେ ଜିଲା ପ୍ରଶାସନକୁ ଆବଶ୍ୟକ ତଥ୍ୟ ଦେବା ଲାଗି ସମ୍ପୃକ୍ତ ଘରମାଲିକ ଓ ସ୍ଥାନୀୟ ପୋଲିସକୁ କୁହାଯାଇଥିବା ସୂଚନା ମିଳିଛି । ଅନ୍ୟପକ୍ଷରେ ଏପର୍ଯ୍ୟନ୍ତ ଗ୍ଲାଗୋଲେଭଙ୍କ ସମ୍ପର୍କରେ ପୁରୀ ପୋଲିସ ନିକଟରେ କୌଣସି ତଥ୍ୟ ନ ଥିବା ଜଣାପଡ଼ିଛି । ସେହିପରି ଏସମ୍ପର୍କରେ ତାଙ୍କ ନିକଟରେ କୌଣସି ସୂଚନା ନ ଥିବା ଅତିରିକ୍ତ ଏସ୍‌ପି ମିହିର ପଣ୍ଡା କହିଛନ୍ତି ।

ସୂଚନାଯୋଗ୍ୟ, ଗତ ୨୯ ତାରିଖରେ ଭୁବନେଶ୍ୱର ରେଳଷ୍ଟେଶନରେ ଗ୍ଲାଗୋଲେଭ ଏକ ପ୍ଲାକାର୍ଡ ଧରି ଛିଡ଼ା ହୋଇଥିବା ନଜରକୁ ଆସିଥିଲେ । ଯେଉଁଥିରେ ସେ 'ମୁଁ ଜଣେ ରୁଷୀୟ ଶରଣାର୍ଥୀ । ଯୁଦ୍ଧକୁ ବିରୋଧ କରେ । ଏଥିସହ ମୁଁ ରାଷ୍ଟ୍ରପତି ପୁଟିନଙ୍କ ବିରୋଧୀ । ମୋର ଘରଦ୍ୱାର ନାହିଁ । ଦୟାକରି ମୋତେ ସାହାଯ୍ୟ କର' ବୋଲି ପ୍ଲାକାର୍ଡରେ ଲେଖି ବୁଲୁଥିଲେ । କିନ୍ତୁ ତା'ପରଦିନ ଷ୍ଟେଶନରୁ କୁଆଡ଼େ ଚାଲିଯାଇଥିଲେ । ଏହାର ଦିନକ ପରେ ୩୧ ତାରିଖରେ ତାଙ୍କୁ ଭୁବନେଶ୍ୱର ରେଳଷ୍ଟେଶନରୁ ବୁଲୁଥିବା ଅବସ୍ଥାରେ ଜିଆର୍‌ପି ଉଦ୍ଧାର କରିଥିଲା । ଉଲ୍ଲେଖ ଥାଉ କି, ଗ୍ଲାଗୋଲେଭ ମସ୍କୋର ବାସିନ୍ଦା । ସେ ୨୦୧୬ ମାର୍ଚ୍ଚ ୨୭ରେ ୬ମାସ ପାଇଁ ଟୁରିଷ୍ଟ ଭିସା ନେଇ ଭାରତ ଆସିଥିଲେ ।



ଗ୍ଲାଗୋଲେଭ ଆଣ୍ଡ୍ରିୟୁ

ସେ ପ୍ରଥମେ ଉତ୍ତରପ୍ରଦେଶର ବୃନ୍ଦାବନରେ ରହୁଥିଲେ । ୫ବର୍ଷ ତଳେ ପ୍ରଥମ ଥର ପାଇଁ ସେ ପୁରୀ ଆସିଥିଲେ । ଏଠାରେ ୩ମାସ ରହିବା ପରେ ସେ ବୃନ୍ଦାବନ ଫେରିଯାଇଥିଲେ । ଗତ ୩ମାସ ତଳେ ପୁଣି ପୁରୀ ଆସି ଏକ ଆଶ୍ରୟ ଗୃହରେ ରହୁଥିଲେ । ପରେ ଗତ କିଛି ଦିନ ହେବ ପୁରୀ ଗଙ୍ଗାରାମ ନୂଆସାହିର ଦେବାଶିଷ ଖୁଣ୍ଟିଆଙ୍କ ଘରେ ଭଡ଼ା ରହୁଥିବା ଜଣାପଡ଼ିଛି । ଗ୍ଲାଗୋଲେଭ ନୂଆଦିଲ୍ଲୀସ୍ଥିତ ୟୁନାଇଟେଡ ନେଶନ ଫର୍ ହାଇ କମିଶନର ଫର ରିଫ୍ୟୁଜି (ୟୁଏନ୍‌ଏଚ୍‌ଆର୍‌ସିଆର)କୁ ଶରଣାର୍ଥୀ ମାନ୍ୟତା ପାଇଁ ଆବେଦନ କରିଥିଲେ, ଯାହାକି ବିଚାରାଧୀନ ରହିଛି । କିଛିଦିନ ତଳେ ରାୟଗଡ଼ା ବୁଲିବାକୁ ଆସିଥିବା ୨ରୁଷୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟଣାକୁ ନେଇ ଚର୍ଚ୍ଚା ଥମି ନ ଥିବାବେଳେ ଗ୍ଲାଗୋଲେଭଙ୍କ ପ୍ରସଙ୍ଗ ପୁଣି ଚର୍ଚ୍ଚାକୁ ଆସିଛି ।

# ୧ରେ ଆସିପାରେ କେନ୍ଦ୍ର ବଜେଟ

ନୂଆଦିଲ୍ଲୀ, ୨।୧

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଆସନ୍ତା ୩୧ ତାରିଖରେ ଆରମ୍ଭ ହୋଇପାରେ, ଯାହା ଦୁଇଟି ପର୍ଯ୍ୟାୟରେ ସମ୍ପନ୍ନ ହେବ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଫେବୃୟାରୀ ୧ରେ କେନ୍ଦ୍ର ବଜେଟ୍ ଉପସ୍ଥାପନ କରିବା ଯୋଜନା ଥିବା ଏକ ସୂତ୍ରରୁ ଜଣାପଡ଼ିଛି । ସୂଚନାନୁଯାୟୀ, ଅଧିବେଶନର ପ୍ରଥମ ଦିନ ହିଁ ପାର୍ଲାମେଣ୍ଟର ଉଭୟ ଗୃହରେ ଅର୍ଥନୈତିକ ସର୍ଭେ ଉପସ୍ଥାପନ କରାଯିବ । ହେଲେ ଅଧିବେଶନ ଆରମ୍ଭରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲ୍‌ରେ ଲୋକ ସଭା ଏବଂ ରାଜ୍ୟ ସଭାର ଯୁଗ୍ମ ଅଧିବେଶନକୁ ଉଦ୍‌ବୋଧନ ଦେବେ । ରାଷ୍ଟ୍ରପତି ପଦ ଅଳଙ୍କୃତ କରିବା ପରେ ପାର୍ଲାମେଣ୍ଟରେ ଏହା ହେବ ତାଙ୍କର ପ୍ରଥମ ଉଦ୍‌ବୋଧନ । ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଫେବୃୟାରୀ ୧୦ ଶେଷ ହେବା ନେଇ ଯୋଜନା ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୬ରୁ ଆରମ୍ଭ ହୋଇ ଏପ୍ରିଲ ୬ରେ ଶେଷ ହେବା ସମ୍ଭାବନା ରହିଛି । ପ୍ରଥମ ପର୍ଯ୍ୟାୟ ଅଧିବେଶନ ସମୟରେ ଉଭୟ ଗୃହରେ ରାଷ୍ଟ୍ରପତିଙ୍କ ଉଦ୍‌ବୋଧନକୁ ନେଇ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ହେବ । ଏହାପରେ କେନ୍ଦ୍ର ବଜେଟ ଉପରେ ସବିଶେଷ ଆଲୋଚନା ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଧନ୍ୟବାଦ ପ୍ରସ୍ତାବ ସମ୍ପର୍କିତ ଆଲୋଚନାର ଉତ୍ତର ଦେବେ । ଅର୍ଥମନ୍ତ୍ରୀ ବଜେଟ୍ ଆଲୋଚନାର ଉତ୍ତର ରଖିବେ । ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ସମୟରେ ବିଭିନ୍ନ ମନ୍ତ୍ରଣାଳୟର ଅନୁଦାନ ଦାବି ଉପରେ ଆଲୋଚନା ହେବ । କେନ୍ଦ୍ର ବଜେଟ ଏବଂ ଏକ ଅର୍ଥ ବିଲ୍ ପାରିତ ହେବ ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ରବିଙ୍କ ନକ୍ଷତ୍ରରେ ଚନ୍ଦ୍ର ଅର୍ଥ ଓ ବୈଷୟିକ ସୁଖ ସମୃଦ୍ଧି ଦିଗରେ ନୂତନ ପଦକ୍ଷେପ ନେଇପାରନ୍ତି । ପ୍ରଶାସନ, ପ୍ରକାଶନ, ଅଧ୍ୟୟନ ଓ ଅଧ୍ୟାପନା, ସାହିତ୍ୟ ଚର୍ଚ୍ଚା କ୍ଷେତ୍ରରୁ ଶୁଭଫଳ ମିଳିବ । ବ୍ୟବସାୟ ଓ ପରିବହନରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି । ପରିବାରର ଅଭିଳଷିତ ଜିନିଷଟି ଆଜି ବିଳମ୍ବିତ ସମୟରେ ପାଇବେ ।

**ବୃଷ**
ଆଜିର ଚନ୍ଦ୍ରମଙ୍ଗଳ ଯୋଗ ପ୍ରଭାବରେ ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ସରଳ ସୁନ୍ଦର ବ୍ୟବହାରରେ ଅନ୍ୟମାନଙ୍କୁ ଆପ୍ୟାୟିତ କରିବେ । ଅତୀତର କୌଣସି ବିବାଦୀୟ ଘଟଣା ସମାଧାନ ଦିଗକୁ ମୁହାଁଇବ, କିନ୍ତୁ ପାରିବାରିକ ସ୍ଥିତି ଭଲ ରହି ନ ପାରେ । ବ୍ୟବସାୟ ଓ ପରିବହନ କ୍ଷେତ୍ରରୁ ଲାଭବାନ ହେବେ । କିନ୍ତୁ ସଂଘର୍ଷମୟ ସ୍ଥିତି ଲାଗି ରହିବ ।

**ମିଥୁନ**
ଅଷ୍ଟମସ୍ଥ ଶନି ଓ ଶୁକ୍ରଜନିତ ଅର୍ଥ ସମ୍ବନ୍ଧୀୟ ବିବାଦର ସମ୍ମୁଖୀନ ହୋଇପାରନ୍ତି । ନିଜ ଲୋକମାନେ ଦୂରେଇ ରହିବା ହେତୁ ମନ ଅସ୍ଥିର ରହିବ । ସଭାସମିତିରେ ଅପ୍ରିୟ ସତ୍ୟ କହି ସମସ୍ୟାକୁ ଡାକି ଆଣିଲା ଭଳି କାମ କରିପାରନ୍ତି । କ୍ରୀଡ଼ା, କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ଉଚ୍ଚ ସମ୍ମାନ ପାଇବା ଆଶା ରହିଛି ।

**କର୍କଟ**
କର୍ମକ୍ଷେତ୍ର ପୂର୍ଣ୍ଣ ସନ୍ତୋଷଜନକ ନ ହେଲେ ମଧ୍ୟ ଧୈର୍ଯ୍ୟଧାରଣପୂର୍ବକ ମାନସିକସ୍ଥିତି ବେଶ୍ ଭଲ ରହିବ । ଚନ୍ଦ୍ରଙ୍କ ଏକାଦଶ ସ୍ଥିତି ସ୍ୱାସ୍ଥ୍ୟୋନ୍ନତି, ଅର୍ଥଲାଭ, ନୂତନ ବନ୍ଧୁ ସମ୍ପର୍କ, ଫଳପ୍ରଦ ଆଲୋଚନା, ବୈଷୟିକ ସୁଖ, ସମୃଦ୍ଧି ପ୍ରଦାନ କରିବ । କିନ୍ତୁ ପାରିବାରିକ ସମସ୍ୟା ହେତୁ ଅନ୍ତର୍ଦ୍ୱନ୍ଦ୍ୱ କାରଣରୁ ଅନ୍ୟମନସ୍କ ରହିପାରନ୍ତି ।

**ସିଂହ**
ରବି ଧର୍ମକର୍ମାଧିପଙ୍କ ସହ ଅବସ୍ଥାନ କରୁଥିବାରୁ ଲକ୍ଷ୍ୟ ହାସଲରେ ସଫଳ ହେବେ । ଉଚ୍ଚପଦସ୍ଥ ସରକାରୀ କର୍ମଚାରୀଙ୍କ ସହ ସାକ୍ଷାତକଲେ ଉପକୃତ ହେବେ । ଆତ୍ମୀୟଙ୍କୁ ସହମତି କରାଇବା ସକାଶେ କିଛିଟା ତ୍ୟାଗ ସ୍ୱୀକାର କରିବାକୁ ପଡ଼ିପାରେ । ଆନୁଷ୍ଠାନିକ, ବ୍ୟବସାୟିକ, ସାଂଗଠନିକ କାର୍ଯ୍ୟରେ ସନ୍ତୋଷଜନକ ଫଳ ମିଳିପାରିବ ।

**କନ୍ୟା**
ଅନୁକୂଳ ଗ୍ରହ ସ୍ଥିତିରୁ ଆଜି ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ନିଶ୍ଚିତ । ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା ଓ ମତାନ୍ତରକୁ କୌଶଳପୂର୍ଣ୍ଣ କଥା କହି ନିୟନ୍ତ୍ରଣ କରିପାରିବେ । ଆର୍ଥିକ କ୍ଷେତ୍ର ଭଲ ନ ଥିବାରୁ କୌଣସି ଜିନିଷ କିଣିପାରିବେ ନାହିଁ । ସାଧାରଣ ଭୁଲ୍‌ଜନିତ ଅଫିସ୍‌ରେ ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହୋଇପାରେ ।

**ତୁଳା**
ଅଷ୍ଟମସ୍ଥ ଚନ୍ଦ୍ର ଓ ରାଶିରେ କେତୁ ଥିବାରୁ ମାନସିକ ସ୍ଥିତି ଭଲ ରହିବ ନାହିଁ । ନିଜର ଅସଫଳତା ପଛରେ କୌଣସି ବନ୍ଧୁଙ୍କ ହାତରହିଥିବା ସନ୍ଦେହକରି ଅସନ୍ତୁଷ୍ଟ ରହିପାରନ୍ତି । କର୍ମକ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୂରେଇ ନେବାର ମନୋବଳ ବଳବତ୍ତର ରହିବ । ବ୍ୟବସାୟ, ପରିବହନ, ରାଜନୀତି, କଳା, ସାହିତ୍ୟ କ୍ଷେତ୍ରରେ ସମ୍ମାନ ପାଇବେ ।

**ବିଛା**
ଏକାଧିକଗ୍ରହଙ୍କ ଶୁଭତ୍ୱ କାରଣରୁ କାର୍ଯ୍ୟସିଦ୍ଧି, ଶୁଭଖବର, ଅର୍ଥ ଓ ସମ୍ମାନ ଲାଭ କରିପାରିବେ । ଆପଣଙ୍କ ଯୁକ୍ତିଯୁକ୍ତ ବିଚାରଧାରାକୁ କର୍ମକ୍ଷେତ୍ରରେ ସହମତି ମିଳିବାରେ କୌଣସି ଅସୁବିଧା ରହିବ ନାହିଁ । ସ୍ତ୍ରୀଙ୍କୁ, ବ୍ୟବସାୟରେ ଅଂଶୀଦାରଙ୍କୁ, କଚେରି ମାମଲାରେ ମହକିଲଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ ।

**ଧନୁ**
ରାହୁ ପଞ୍ଚମଭାବରେ ରହିଥିବାରୁ ଆପଣଙ୍କ ଭୁଲ୍ ନିଷ୍ପତ୍ତି ଅଶାନ୍ତିକର ପରିସ୍ଥିତି ସୃଷ୍ଟି କରିବ । କିନ୍ତୁ ପରିବାରରେ, ଲୋକସମ୍ପର୍କ କ୍ଷେତ୍ରରେ, ସାଂଗଠନିକ ସ୍ତରରେ ଲକ୍ଷ୍ୟ ହାସଲ କରିବେ । ଅତୀତ ଘଟଣାକୁ ନେଇ ଅନିଷ୍ଟକର ବାତାବରଣ ସୃଷ୍ଟି କରିପାରନ୍ତି । କୌଣସି ଜିନିଷ ହରାଇ ତିରସ୍କାର ଶୁଣିବାକୁ ପଡ଼ିପାରେ ।

**ମକର**
ଶନିଙ୍କ ଦୃଷ୍ଟିରେ ବୃହସ୍ପତି ଥିବାରୁ ସହକର୍ମୀ, ପଡ଼ୋଶୀ କିମ୍ବା ନିକଟରେ ରହୁଥିବା ବ୍ୟକ୍ତି ଦ୍ୱାରା କୌଣସି ସମସ୍ୟା ଆସିପାରେ । କାର୍ଯ୍ୟହାନିରୁ ଅସନ୍ତୋଷ, ମତାନ୍ତରରୁ ବନ୍ଧୁ ବିରୋଧ, ପ୍ରତିରୋଧଜନିତ କଳହର ସମ୍ମୁଖୀନ ହେବାକୁ ପଡ଼ିବ । ଖର୍ଚ୍ଚଭାର ବୃଦ୍ଧି ସହ ସ୍ତ୍ରୀଙ୍କ ସହ ମତାନ୍ତର ସୃଷ୍ଟି ହେବା ଆଶଙ୍କା ମଧ୍ୟ ରହିଛି ।

**କୁମ୍ଭ**
ବକ୍ରୀ ମଙ୍ଗଳ ସହ କର୍ମାଧିପ ଚନ୍ଦ୍ରଙ୍କ ସଂଯୋଗରୁ କର୍ମକ୍ଷେତ୍ରରେ ସୁନାମ ଅର୍ଜନ କରିବେ । କିନ୍ତୁ ସାମୟିକ ଭାବରେ କୌଣସି ବ୍ୟକ୍ତିଙ୍କ ସହ କଳହ ଲାଗିପାରେ । ଶୁକ୍ର ଓ ଶନିଙ୍କ ସମ୍ପର୍କରୁ ପାରିବାରିକ କ୍ଷେତ୍ରରେ ସବୁ ଜାଣିଶୁଣି ନୀରବତା ଅବଲମ୍ବନ କରିବେ । ଅନ୍ୟମନସ୍କ ରହିବା ଦ୍ୱାରା କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ ।

**ମୀନ**
ଭାଗ୍ୟସ୍ଥାନକୁ ଭାଗ୍ୟ ଓ ପଞ୍ଚମାଧିପଙ୍କ ଦୃଷ୍ଟି ସୌଭାଗ୍ୟର ସ୍ୱରୂପ ପ୍ରତ୍ୟେକ ପ୍ରକାର ଶୁଭଫଳ ପ୍ରାପ୍ତ ହେବେ । ଘରେ ବାହାରେ ସବୁଠି ସମ୍ମାନ ଓ ସଦିଚ୍ଛା ଊଣା ହେବ ନାହିଁ । ଆନୁଷ୍ଠାନିକ କାମରୁ ସମ୍ମାନ ଲାଭ ହେବ । ପରୋକ୍ଷ ଶତ୍ରୁତାକୁ ଭୁଲିଗଲେ ଚଳିବ ନାହିଁ । ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ଜମିଜମା କାରବାରରେ ଲାଭବାନ୍ ହେବେ ।

ଆଜି ପୌଷ ଶୁକ୍ଳ ଦ୍ୱାଦଶୀ ମଙ୍ଗଳବାର, ବୈଷ୍ଣବସମ୍ମତ ଜୟନ୍ତୀ ଏକାଦଶୀ ଉପବାସ, ଜାନୁୟାରୀ ୩ ତାରିଖ । ରାଶିନକ୍ଷତ୍ର-କୃତ୍ତିକା/ବୃଷ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ । ପ୍ରାତଃ ଘ.୦୬।୨୫ ଗତେ, ଘ.୦୭।୦୯ ମଧ୍ୟେ, ଘ.୦୯।୦୮ ଗତେ, ଘ.୧୧।୨୯ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୦୨।୩୩ ଗତେ, ଘ.୦୩।୫୪ ମଧ୍ୟେ ରାହୁକାଳ । ଯୋଗିନୀ ନୈଋତେ ।



ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ୍‌ଙ୍କୁ ଜର୍ସି ଦେଇ ନିମନ୍ତ୍ରଣ କରୁଛନ୍ତି ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ।


ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ନିମନ୍ତ୍ରଣପତ୍ର ଦେଉଛନ୍ତି ମନ୍ତ୍ରୀ ନିରଞ୍ଜନ ପୂଜାରୀ।


ଅରୁଣାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁଙ୍କୁ ନିମନ୍ତ୍ରଣପତ୍ର ଦେଉଛନ୍ତି ମନ୍ତ୍ରୀ ଟୁକୁନି ସାହୁ।



ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅନୁପସ୍ଥିତିରେ ପଶ୍ଚିମବଙ୍ଗ ଅର୍ଥ ରାଷ୍ଟ୍ରମନ୍ତ୍ରୀ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟଙ୍କୁ ଜର୍ସି ଦେଇ ନିମନ୍ତ୍ରଣ କରୁଛନ୍ତି ମନ୍ତ୍ରୀ ଶ୍ରୀକାନ୍ତ ସାହୁ।

# ହକି ବିଶ୍ୱକପ୍ ପାଇଁ ୪ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ

**ଭୁବନେଶ୍ୱର,୨୧(ବ୍ୟୁରୋ)**

ଆସନ୍ତା ୧୩ ତାରିଖରୁ ଭୁବନେଶ୍ୱର ଓ ରାଉରକେଲାରେ ପୁରୁଷ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ଏହି ବିଶ୍ୱ କ୍ରୀଡ଼ା ଦେଖିବାକୁ ଓଡ଼ିଶା ଆମନ୍ତ୍ରଣ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ରାଜ୍ୟର ମନ୍ତ୍ରୀମାନେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ନିମନ୍ତ୍ରଣ କରୁଛନ୍ତି। ଇତିମଧ୍ୟରେ ୧୭ ଜଣ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଥିବା ବେଳେ ସୋମବାର ଆଉ ୪ ଜଣ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଚଣ୍ଡିଗଡ଼ଠାରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ୍‌ଙ୍କୁ ସାକ୍ଷାତ କରି ହକି ବିଶ୍ୱକପ୍ ପାଇଁ ନିମନ୍ତ୍ରଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ତରଫରୁ ସେ ମାନ୍‌ଙ୍କୁ ନିମନ୍ତ୍ରଣପତ୍ର, ଜର୍ସି ଓ ରୁପାର ଅଶୋକଚକ୍ର ପ୍ରଦାନ କରିଛନ୍ତି।

ସେହିପରି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ କୋଲକାତାଠାରେ ଅରୁଣାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ହକି ବିଶ୍ୱକପ୍‌କୁ ଆସିବା ପାଇଁ ନିମନ୍ତ୍ରଣପତ୍ର ଓ ଜର୍ସି ପ୍ରଦାନ କରିଛନ୍ତି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ନୂଆଦିଲ୍ଲୀଠାରେ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ହକି ବିଶ୍ୱକପ୍ ପାଇଁ ନିମନ୍ତ୍ରଣପତ୍ର, ଜର୍ସି ସହିତ ରୁପାର ଏକ ଅଶୋକଚକ୍ର ପ୍ରଦାନ କରି ନିମନ୍ତ୍ରଣ କରିଛନ୍ତି। ଶ୍ରମ ଓ କର୍ମଚାରୀ ବୀମା ମନ୍ତ୍ରୀ ଶ୍ରୀକାନ୍ତ ସାହୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଓଡ଼ିଶାରେ ହେବାକୁ ଥିବା ହକି ବିଶ୍ୱକପ୍ ଦେଖିବା ପାଇଁ ନିମନ୍ତ୍ରଣ କରିଛନ୍ତି। ମମତା ଜରୁରୀ କାମ ଯୋଗୁ ଆସି ନ ପାରିବାରୁ ତାଙ୍କ ବଦଳରେ ପଶ୍ଚିମବଙ୍ଗ ଅର୍ଥ ରାଷ୍ଟ୍ରମନ୍ତ୍ରୀ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଥିବା ନିମନ୍ତ୍ରଣପତ୍ର, ଜର୍ସି ଓ ରୁପାର ଅଶୋକଚକ୍ର ପ୍ରଦାନ କରିଛନ୍ତି।

# ୫ବର୍ଷରେ ୭ ରାଜ୍ୟକୁ ଯାଇଛି ୫ଲକ୍ଷ ବହି

**ଭୁବନେଶ୍ୱର, ୨୧(ବ୍ୟୁରୋ):** ଗତ ୫ବର୍ଷ ମଧ୍ୟରେ ଓଡ଼ିଶାରୁ ୭ ରାଜ୍ୟକୁ ୫ଲକ୍ଷ ନ୍ୟାଶନାଲାଇଜ୍‌ଡ ଟେକ୍ସଟ(ଏନ୍‌ଟି) ପୁସ୍ତକ ଯୋଗାଣ ହୋଇଛି। ଏ ନେଇ ଭୁବନେଶ୍ୱର ଟେକ୍ସଟ ବୁକ୍ ପ୍ରଡକ୍ସନ ଆଣ୍ଡ ମାର୍କେଟିଂ ନିର୍ଦ୍ଦେଶକ ରଘୁରାମ ଆର୍. ଆୟର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବଙ୍କୁ ଚିଠି ଲେଖି ଜଣାଇଛନ୍ତି। ଉକ୍ତ ଚିଠିରେ ଦର୍ଶାଯାଇଛି, ଗୁଜରାଟ, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ, ତାମିଲନାଡ୍ରୁ ଓ ପଶ୍ଚିମବଙ୍ଗକୁ ଗତ ୫ବର୍ଷ ମଧ୍ୟରେ ମୋଟ ୪,୭୦,୪୭୦ ପୁସ୍ତକ ପଠାଯାଇଛି। ପୂର୍ବରୁ ମହାରାଷ୍ଟ୍ରକୁ ଯୋଗାଣ ହେଉଥିଲେ ମଧ୍ୟ ଏହି ୫ବର୍ଷ ମଧ୍ୟରେ କୌଣସି ପୁସ୍ତକ ପଠାଯାଇ ନାହିଁ। ତେବେ ଗୁଜରାଟକୁ ସର୍ବାଧିକ ୧,୬୨,୮୨୩ ପୁସ୍ତକ ଓ ଉତ୍ତରପ୍ରଦେଶକୁ ସର୍ବନିମ୍ନ ୨୬୪ଟି ପୁସ୍ତକ ପଠାଯାଇଛି। ସେହିଭଳି ପଶ୍ଚିମବଙ୍ଗକୁ ୧,୫୩,୬୭୦, ଝାଡ଼ଖଣ୍ଡକୁ ୫୮,୮୭୭, ଆନ୍ଧ୍ରପ୍ରଦେଶକୁ ୫୫,୨୬୦, ଛତିଶଗଡ଼କୁ ୩୪,୯୧୬ ଏବଂ ତାମିଲନାଡ୍ରୁ ୪,୬୬୦ଟି ପୁସ୍ତକ ଓଡ଼ିଶାରୁ ଯୋଗାଣ କରାଯାଇଛି। ଏସବୁ ରାଜ୍ୟକୁ ୨୦୧୮-୧୯ରେ ୮୦,୬୫୪ଟି ପୁସ୍ତକ ଓଡ଼ିଶାରୁ ଯାଇଥିବାବେଳେ ୨୦୧୯-୨୦ରେ ୧,୧୨,୦୬୬, ୨୦୨୦-୨୧ରେ ୬୭,୦୬୭, ୨୦୨୧-୨୨ରେ ୮୭,୧୨୨ ଏବଂ ୨୦୨୨-୨୩ରେ ୧,୨୩,୫୬୪ଟି ପୁସ୍ତକ ପଠାଯାଇଛି।

# ପରଲୋକରେ ଜୟପୁର ରାଜବଂଶର ଶେଷ ରାଣୀ

**ଜୟପୁର, ୨୧ (ନି.ପ୍ର.)**

■ ୯୨ ବର୍ଷ ବୟସରେ ରମା କୁମାରୀ ଦେବୀଙ୍କ ବିୟୋଗ

■ ରାଣୀ ଆନ୍ଧ୍ରପ୍ରଦେଶ ମଡଗୁଲରେ ବିଧାୟିକା ଥିଲେ


ରମା କୁମାରୀ ଦେବୀ

ଜୟପୁର ରାଜ ପରିବାରର ଶେଷରାଣୀ ରମା କୁମାରୀ ଦେବୀଙ୍କ ୯୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ଅସୁସ୍ଥତାରେ ଦୀର୍ଘ ଦିନ ଧରି ପୀଡ଼ିତ ଥିଲେ। ଶେଷରେ ଜୟପୁରସ୍ଥିତ ମୋତି ମହଲରେ ରବିବାର ବିଳମ୍ବିତ ରାତିରେ ରାଣୀଙ୍କର ମୃତ୍ୟୁ ହୋଇଯାଇଛି। ମୃତ୍ୟୁ ସମୟରେ ରାଣୀଙ୍କ ପାଖରେ ସାନବୋହୂ ସାରିକା ଦେବୀ ଓ ନାତି ଚନ୍ଦ୍ରଚୂଡ଼ ଦେବ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ଶୁଣି ବଡ଼ ବୋହୂ ମାୟାଙ୍କ ଦେବୀ ରାଜପ୍ରାସାଦରେ ପହଞ୍ଚିଥିଲେ। ଉପଜିଲାପାଳ ବେଦବର ପ୍ରଧାନ, କଂଗ୍ରେସ ଜିଲା ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ତହସିଲଦାର ପ୍ରଧାନ ଟୁଲ୍ଲି ଆମ୍ମା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ, ସିଦ୍ଧାର୍ଥ ପଟ୍ଟନାୟକ, ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା, ଟାଉନ ଥାନାଧିକାରୀ ସମ୍ବିତ ବେହେରା, ପୌର ଉପାଧ୍ୟକ୍ଷ ବି. ସୁନିତା ପ୍ରମୁଖ ରାଜପ୍ରାସାଦକୁ ଆସିଥିଲେ। ମୋତି ପ୍ୟାଲେସରୁ ରାଣୀଙ୍କ ମୃତଦେହକୁ ଏକ ବିରାଟ ଶୋଭାଯାତ୍ରାରେ ସହରର ଚନ୍ଦନବାଡ଼ିସ୍ଥିତ ରାଜ ଶ୍ମଶାନକୁ ନିଆଯାଇଥିଲା। ସେଠାରେ ରାଜାଙ୍କ ପୌଷ୍ୟ ନାତି ବିନାୟକ ସୁଆର ମୁଖାଗ୍ନି ଦେଇଥିଲେ। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ମୀନାକ୍ଷୀ ବାହିନୀପତି ରାଣୀଙ୍କ ମୃତ୍ୟୁ ଖବର ପାଇ ଶୋକବ୍ୟକ୍ତ କରିଛନ୍ତି।

ରମା କୁମାରୀ ଦେବୀ ହେଉଛନ୍ତି ଜୟପୁର ରାଜପ୍ରାସାଦର ଶେଷ ରାଜା ରାମକୃଷ୍ଣ ଦେଓଙ୍କ ସ୍ତ୍ରୀ। ଜୟପୁର ମହାରାଜା ବିକ୍ରମ ଦେବ ବର୍ମାଙ୍କ କୌଣସି ପୁତ୍ର ସନ୍ତାନ ନ ଥିବାରୁ ସେ ରାମକୃଷ୍ଣ ଦେଓଙ୍କୁ ପୋଷ୍ୟ ସନ୍ତାନଭାବେ ଗ୍ରହଣ କରିଥିଲେ। ରାମକୃଷ୍ଣ ଦେଓ ମାତ୍ର ୨ ଦିନ ପାଇଁ ଜୟପୁର ରାଜାଭାବେ ରାଜଗାଦିରେ ବସିଥିଲେ। ରାଣୀ ରମା କୁମାରୀ ଦେବୀ ଆନ୍ଧ୍ରପ୍ରଦେଶ ମଡଗୁଲର ବିଧାୟିକା ଥିଲେ।

# ଶିକାର ହେଲେ ଶିକାରୀ, ବିଲରୁ ମିଳିଲା ମୃତଦେହ

**କବିସୂର୍ଯ୍ୟନଗର,୨୧(ଡି.ଏନ.ଏ.):** ସାଙ୍ଗମାନଙ୍କ ସହ ବାରହା ଶିକାର କରିବାକୁ ଯାଇଥିବା ଜଣେ ଯୁବକ ନିଜେ ଶିକାର ହୋଇଯାଇଛନ୍ତି। ଧାନବିଲରୁ ତାଙ୍କ ମୃତଦେହ ମିଳିଛି। ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅଞ୍ଚଳରେ ଏପରି ଘଟଣା ଘଟିଛି। ମୃତକ ହେଲେ ବାଲିଛାଇ ଫାଣ୍ଡି ପାଇକ ଯମୁନା ଗ୍ରାମର ରତନ ବିଷୋୟୀ (୪୩)। ସୋମବାର ନିମୁଣ୍ଡିଆ-ବଡଚଡିଆପଡା ରାସ୍ତାପାର୍ଶ୍ୱ ଧାନବିଲରୁ ପୋଲିସ ତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ରତନଙ୍କର କିପରି ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ଏହି ଘଟଣାରେ ପୋଲିସ ୫ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ରବିବାର ରାତି ପ୍ରାୟ ସାଢ଼େ ୮ଟାରେ ରତନଙ୍କର କେତେଜଣ ସାଙ୍ଗ ଘରକୁ ଆସି ଡାକିବାରୁ ସେ ବାହାରକୁ ଯାଇଥିଲେ। ବିଳମ୍ବିତ ରାତି ଯାଏ ନ ଫେରିବାରୁ ତାଙ୍କୁ ଘରୁ ଡାକି ନେଇଥିବା ଲୋକଙ୍କୁ ପରିବାର ଲୋକେ ପଚାରିଥିଲେ। ରତନ ସାଙ୍ଗରେ ଯାଇ ନ ଥିବା ସେମାନେ କହିବାରୁ ପରିବାର ଲୋକେ ଚାରିଆଡ଼େ ଖୋଜାଖୋଜି କରିଥିଲେ। ରତନ ବିଲରେ ପଡ଼ିଥିବା କେହି ଜଣେ ସୂଚନା ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳକୁ ଯିବାରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ପାଖରେ ଏକ ଚପଲ ଓ କିଛି ମଦ ବୋତଲ ପଡ଼ିଥିବା ଦେଖାଯାଇଥିଲା। ଏ ନେଇ ରତନଙ୍କ ପୁଅ ବିକାଶ ବିଷୋୟୀ ଥାନାରେ ଏତଲା ଦେଇଛନ୍ତି। ମୃତ୍ୟୁର କାରଣ ବାରହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ନା ଯୋଜନାବଦ୍ଧ ହତ୍ୟା ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡ଼ିବ ବୋଲି ପୋଲିସ କହିଛି।

**LOISINGHA COLLEGE, LOISINGHA**

**CORRIGENDUM**

No. 10/Dt. 02.01.2023

The interview for the post of Laboratory Attendant in Chemistry scheduled to be held on dt. 04.01.2023 is hereby cancelled due to unavoidable circumstances.

**Principal, Loisingha College, Loisingha**

# ଶେଷ ବର୍ଷ କାମ କରିଥିବା ବିଭାଗ ଦେବ ଏନ୍‌ଡିସି

**ଭୁବନେଶ୍ୱର,୨୧(ବ୍ୟୁରୋ)**

ଭୁବନେଶ୍ୱର,୨୧(ବ୍ୟୁରୋ): ଅବସର ପରେ ସରକାରୀ କର୍ମଚାରୀଙ୍କୁ ଚୂଡ଼ାନ୍ତ ପେନ୍‌ସନ ମଞ୍ଜୁରି ବ୍ୟବସ୍ଥା ସହଜ ହେବ। ଅବସର ନେଇଥିବା କର୍ମଚାରୀ କମ୍ ଦିନରେ ପେନ୍‌ସନ ପାଇବେ। ଯେଉଁ ବିଭାଗରୁ କର୍ମଚାରୀ ଅବସର ନେଇଥିବେ, ପେନ୍‌ସନ ମଞ୍ଜୁରି ପାଇଁ କେବଳ ସେହି ବିଭାଗ ଅବସରପ୍ରାପ୍ତ କର୍ମଚାରୀଙ୍କ ବର୍ଷକର ନୋ ଡିମାଣ୍ଡ ସାର୍ଟିଫିକେଟ୍ (ଏନ୍‌ଡିସି) ପ୍ରଦାନ କରିବ। ଏ ନେଇ ସୋମବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସମସ୍ତ ବିଭାଗକୁ ଚିଠି ଲେଖିଛନ୍ତି। ଯଦି ଜଣେ କର୍ମଚାରୀ କିମ୍ବା ଅଧିକାରୀ ଅବସର ନେଇଥିବା ବିଭାଗରେ ୬ ମାସ କାମ କରିଥିବେ, ତା'ହେଲେ ବାକି ୬ ମାସର ଏନ୍‌ଡିସି କର୍ମଚାରୀ ଥିବା ପୂର୍ବ ବିଭାଗରୁ ଅଣାଯିବ। କର୍ମଚାରୀଙ୍କ ଚାକିରିକାଳ ଭିତରେ କାମ କରିଥିବା ସବୁ ବିଭାଗରୁ ଏନ୍‌ଡିସି ଆଣିବାକୁ ପଡ଼ିବ ନାହିଁ। ଏହା ଫଳରେ ଅତି କମ୍ ଦିନରେ ଅବସରପ୍ରାପ୍ତ କର୍ମଚାରୀଙ୍କ ଚୂଡ଼ାନ୍ତ ପେନ୍‌ସନ ପେପର ମହାଲେଖାକାରଙ୍କୁ ପ୍ରଦାନ କରାଗଲେ ସମ୍ପୃକ୍ତ କର୍ମଚାରୀଙ୍କ ପେନ୍‌ସନ ତୁରନ୍ତ ମଞ୍ଜୁର ହେବ। ଏ ନେଇ ୨୦୧୧ ଜୁଲାଇରୁ ଅର୍ଥ ବିଭାଗ ପେନ୍‌ସନ ଅଧିନିୟମ ୧୯୯୨ର ସଂଶୋଧନ କରିଥିଲେ ବି ଅଧିକାଂଶ ବିଭାଗ ଏହି ନିୟମକୁ ଅଣଦେଖା କରୁଥିଲେ। ଅବସର ନେଇଥିବା କର୍ମଚାରୀ ଚାକିରିକାଳ ଭିତରେ ଯେତେ ବିଭାଗରେ କାମ କରୁଥିଲେ ସବୁ ବିଭାଗରୁ ଏନ୍‌ଡିସି ମଗାଯାଉଥିବାରୁ କର୍ମଚାରୀଙ୍କୁ ପେନ୍‌ସନ ମିଳିବା ପାଇଁ ବହୁ ଦିନ ଲାଗୁଥିଲା। ଏହି ନିର୍ଦ୍ଦେଶନାମାକୁ କଡ଼ାକଡ଼ି ଅନୁପାଳନ କରିବାକୁ ମୁଖ୍ୟ ଶାସନ ସଚିବ ସମସ୍ତ ବିଭାଗକୁ ତାଗିଦ୍ କରିଛନ୍ତି।

# ହାତୀ ଆକ୍ରମଣରେ ବୃଦ୍ଧ ମୃତ

**ଅନୁଗୋଳ ଅଫିସ, ୨୧:** ହାତୀ ଆକ୍ରମଣରେ ସୋମବାର ଅନୁଗୋଳ ଜିଲା ବନ୍ତଳା ଥାନା ହମାମିରା ଗ୍ରାମର ନିତ୍ୟା ଗୋଛାୟତ(୭୫)ଙ୍କ ମୃତ୍ୟୁ ଘଟିଛି। ପୋଲିସ ଓ ବନ କର୍ମଚାରୀ ପହଞ୍ଚି ତଦନ୍ତ ଚଳାଇଛନ୍ତି। ନିତ୍ୟା ରବିବାର ଅପରାହ୍ନରେ କୌଣସି କାର୍ଯ୍ୟରେ ଯାଇ ଘରକୁ ଫେରି ନ ଥିଲେ। ପରିବାର ସଦସ୍ୟ ବହୁ ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କର ସନ୍ଧାନ ମିଳି ନ ଥିଲା। ସୋମବାର ସକାଳେ ଦୁଦୁରାନାଳ ନିକଟରୁ ତାଙ୍କ ମୃତଦେହ ଠାବ କରାଯାଇଥିଲା। ହାତୀ ଆକ୍ରମଣରେ ତାଙ୍କର ମୃତ୍ୟୁ ଘଟିଥିବା ବନ ବିଭାଗର ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି।

ଅନୁଗୋଳ ସହରର ଉପକଣ୍ଠ, ମହୀଧରପୁର, ବନ୍ତଳା ଓ ବଆଁରପାଳ ଅଞ୍ଚଳରେ କିଛି ମାସ ହେଲା ଏକ ହାତୀପଲ ଉପଦ୍ରବ ଚଳାଇଛନ୍ତି। ଉକ୍ତ ହାତୀପଲ ତାଳଚେର ରେଞ୍ଜ୍‌ରୁ ଅନୁଗୋଳ ମୁହାଁ ହୋଇ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ନିତ୍ୟା ରବିବାର ରାତିରେ ଉକ୍ତ ରାସ୍ତାଦେଇ ଘରକୁ ଫେରୁଥିବାବେଳେ ପାଟ୍ରୋଲିଂ କରୁଥିବା ବନ କର୍ମଚାରୀ ବାରଣ କରିଥିଲେ। କିନ୍ତୁ ନିତ୍ୟା ଏହାକୁ ମାନି ନ ଥିଲେ। ତେଣୁ ହାତୀ ଆକ୍ରମଣରେ ତାଙ୍କର ମୃତ୍ୟୁ ଘଟିଛି।

**ADVERTISEMENT**

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BARGARH DISTRICT HEALTH SOCIETY, BARGARH**

**No. 12908/NHM/2022-23** No. E-784 **Date: 31.12.2022**

**WALK-IN-INTERVIEW FOR ENGAGEMENT OF MEDICAL OFFICER (FULL TIME)**

| Position | Vacancy | Remuneration | Date of Registration/ Interview |
|---|---|---|---|
| Medical Officer (Full Time) (UHWC under XV-FC) | 3 Nos | Rs.61,261/- Per Month + PI | Walk-in-Interview Dt.09.01.2023 10.30 A.M. to 12.00 Noon |

Walk-in-Interview will be condcuted for engagement of Medical Officers for UHWCs under XV-FC on contractual basis in Bargarh District on purely temporary basis. The interested eligible candidates may attend the **Walk-in-Interview at the Office of the CDM & PHO, Bargarh on Dt.09.01.2023 at 10.30 A.M.**. The details of eligibility criteria, remuneration & application form can be downloaded from **www.bargarh.nic.in**.
The vacancies and requirements may vary during the time of actual engagement. The undersigned reserves the right to cancel any or all applications without assigning any reason thereof. No personal query shall be entertained.

**Sd./- Chief District Medical & Public Health Officer, Bargarh**
OIPR-10124/11/0022/2223

**ODISHA STATE HOUSING BOARD**
SACHIVALAYA MARG, UNIT-III, BHUBANESWAR – 751001
Phones EPABX: (0674) 2393524, 2390141, 2391542, 2393277, FAX: (0674) 2393952
Visit us at: http://www.oshb.org

**Expression of Interest (EoI)**

**File - CE/18/2011** **No.01/EMP/CE/OSHB/2022-23** **Dt. 31/12/2022**

**EMPANELMENT OF ARCHITECTS FOR PROVIDING COMPREHENSIVE ARCHITECTURAL SERVICES TO ODISHA STATE HOUSING BOARD**

No. CAD-4339:- The Chief Engineer, Odisha State Housing Board (OSHB), Bhubaneswar invites Expression of Interest (EoI) for Empanelment of Architects for providing comprehensive Architectural Services as detailed in the table below.

| S. No. | Name of Work | Non-Refundable Bid Processing Fee | Period of Availability of EOI document | Eligibility Criteria | Period of Empanelment |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Empanelment of Architects for providing comprehensive Architectural Services to OSHB | Rs.11,800 (Rs.10,000 + GST 18%) (Eleven Thousand Eight Hundred) Only | 05.01.2023 to 30.01.2023 | As detailed in this EOI | THREE YEARS |

**1.** The EOI document consisting of set of terms and conditions for empanelment and other necessary documents can be seen and downloaded from OSHB website: **https://oshb.org/tender-advertisements/.** **2.** The OSHB reserves the right to cancel any or all bids without assigning any reason thereof. **3.** The addendum/ corrigendum if any will be hosted in the OSHB website only i.e.,**https://oshb.org**.

**OIPR-13030/11/0506/2223** Sd./- (Dt.28.12.2022) **CE, OSHB**

**GOVERNMENT OF ODISHA** No.O-1561
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, KENDRAPARA-JAJPUR**
**AT/PO- Nayabazar, Cuttack-753004, Tel No. 0671-2444488, Email-serw_kpd@yahoo.com**
**No. Tender Online RCK-41/22** **Letter No.3441** **Date:- 31.12.2022**

**e-Procurement NOTICE**

1. **Name of the work** : Improvement of Ghosaramal Chhack to Netua School via Nurkhapatna road under Improvement of Existing RD road for the year 2022-23 in the district of Kendrapara & Construction and maitenance of PWD Road Kumbhei to Upula via Mulijhar, Solar Road (Balance Work) under MMSY for the year 2018-19 in the district of Jajpur.
2. Class of Contractor : As specified in the **Column-5 of the Annexure.**
3. Time for Completion : As specified in the **Column-6 of the Annexure.**
4. Detail Projects : **As per Annexure attached**
5. Other Details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-41/22 | 05.01.2023 at 11.30 A.M. | 20.01.2023 to 5.00 P.M. | 20.01.2023 upto 02.00 PM | 21.01.2023 at 11.30 A.M. | To be intimated later |

Further details can be seen from the website **www.tendersorissa.gov.in**
OIPR-25129/11/0049/2223 **Sd./- Chief Construction Engineer, Rural Works Circle, Kendrapara-Jajpur**

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office : Janpath, Bhubaneswar,
CORPORATE IDENTITY NUMBER (CIN) **U40102OR2004SGC007553**
**Tele Fax : (0674) 2542120, Email id: rtc@optcl.co.in** No.CAD-4343
OPTCL
Lifeline of Odisha

**SALIENT FEATURES OF THE PERFORMANCE OF TRANSMISSION SYSTEM OF OPTCL DURING THE YEAR 2021-22**

**1. State Maximum and Minimum Demand**

| Year | State Maximum Demand (MW) | State Minimum Demand (MW) |
|---|---|---|
| 2019-20 | 5151 | 2574 |
| 2020-21 | 5048 | 2808 |
| 2021-22 | 5645 | 2965 |

**2. Asset as on FY 2021-22**

| | |
|---|---|
| GRID SUB-STATION | 177 |
| CKT. KMS | 15707.454 |
| TRANSFORMATION CAPACITY | 24403.50 |

**3. Transmission / Wheeling of Energy (2021-22)**

| Entity | Energy (MU) |
|---|---|
| TPWODL | 9018 |
| TPNODL | 5329 |
| TPSODL | 3907 |
| TPCODL | 8835 |
| NALCO | 73 |
| IMFA | 332 |
| BEL | 8 |
| **TOTAL** | **27502** |

**4. Capacity Augmentation of Grid S/S (2021-22)**

| Zone | Capacity Augmented at | Capacity Addition (MVA) |
|---|---|---|
| CENTRAL | 0 Nos. S/S | 0 |
| NORTH | 1 Nos. S/S | 60 |
| SOUTH | 1 Nos. S/S | 20 |
| WEST | 1 Nos. S/S | 7.5 |
| **TOTAL** | **3 Nos. S/S** | **87.5** |

**5. Transmission Loss**

| Year | Actual (%) |
|---|---|
| 2019-20 | 3.25 |
| 2020-21 | 3.22 |
| 2021-22 | 3.18 |

**6. Transmission System Availability**

| Year | % Availability |
|---|---|
| 2019-20 | 99.98 |
| 2020-21 | 99.98 |
| 2021-22 | 99.98 |

**7. Manpower per MVA Capacity**

| Beginning of | Manpower / MVA capacity |
|---|---|
| FY 2019-20 | 0.158 |
| FY 2020-21 | 0.135 |
| FY 2021-22 | 0.117 |

**8. Average Turnover per Employee**

| Year | Turnover (Rs.Crore) / Employee |
|---|---|
| 2019-20 | 0.278 |
| 2020-21 | 0.333 |
| 2021-22 | 0.463 |

**9. Voltage profile of Major Grid Sub-Stations**

**Allowable Voltage Range at 220kV level (245-198 kV)**

| Sl. No. | Name of the 220/132 kV Grid Sub-Station | Maximum Voltage in kV | Minimum Voltage in kV |
|---|---|---|---|
| 1 | Atri | 238 | 213 |
| 2 | Balasore | 237 | 211 |
| 3 | Bhadrak | 241 | 207 |
| 4 | Bhanjanagar | 245 | 217 |
| 5 | Bidanasi | 240 | 204 |
| 6 | Budhipadar | 232 | 203 |
| 7 | Chandaka | 235 | 202 |
| 8 | Duburi | 236 | 215 |
| 9 | Jaynagar | 249 | 214 |
| 10 | Joda | 231 | 214 |
| 11 | Katapalli | 231 | 213 |
| 12 | Lapanga | 231 | 204 |
| 13 | Laxmipur | 243 | 220 |
| 14 | Mendhasal | 240 | 214 |
| 15 | Meramundali | 235 | 220 |
| 16 | Narendrapur | 252 | 203 |
| 17 | Nayagarh | 240 | 214 |
| 18 | Paradeep | 239 | 201 |
| 19 | Sadeipali | 235 | 207 |
| 20 | Tarkera | 231 | 200 |
| 21 | Theruvali | 243 | 215 |

**Allowable Voltage Range at 400kV level (380-420 kV)**

| Sl. No. | Name of the 400 kV Grid Sub-Station | Maximum Voltage in kV | Minimum Voltage in kV |
|---|---|---|---|
| 1 | Duburi (N) | 426 | 396 |
| 2 | Lapanga | 421 | 401 |
| 3 | Mendhasal | 425 | 390 |
| 4 | Meramundali | 433 | 395 |

**Allowable Voltage Range at 132kV level (145-122 kV)**

| Sl. No. | Name of the 132/33 kV Grid Sub-Station | Maximum Voltage in kV | Minimum Voltage in kV |
|---|---|---|---|
| 1 | Cuttack | 142 | 120 |
| 2 | Berhampur | 151 | 116 |
| 3 | Puri | 138 | 112 |
| 4 | Khurda | 139 | 112 |

**Note:** Maximum and Minimum voltage readings shown in these tables are derived from hourly instantaneous readings recorded manually at grid sub-stations. Readings recorded beyond allowable range may be due to contingency conditions prevailing at the time of taking readings.

**10. System Interruptions due to Major Incident :**

**INTERRUPTION DUE TO MAJOR INCIDENT**

| Nature of Incident | Duration of Interruption (Hrs : Min : Sec) | No. of Interruption | Remarks |
|---|---|---|---|
| Snapping of Jumper / Conductor / Earth wire | 18:26:00 | 53 | The duration of interruption in transmission line(s), substation(s) / sub-station equipment is the sum total of interruptions occurred in different areas during the year. However no total blackout was experienced by the State during the year 2021-22 |
| Insulator Failure | 12:49:00 | 25 | |
| Bursting of CT / PT | 15:40:00 | 12 | |
| Breaker Problem | 0:02:00 | 3 | |
| Major System Disturbance | 2:21:00 | 6 | |
| Failure of LA | 7:48:00 | 18 | |
| Others | 194:19:00 | 490 | |

**Note** : Detailed report on Performance of Transmission System of OPTCL is available in SLDC website **www.sldcorissa.org.in**

**HIPR-40/2022-23** ***Issued in the Public Interest by OPTCL***
OIPR-04011/11/0150/2223

ଆଧୁନିକ ମନୁଷ୍ୟର ସବୁକିଛି ସମସ୍ୟା ଓ ସଙ୍କଟର ପ୍ରତୀକ ପ୍ରତିନିଧି ହେଉଛି ଭାରତ। ଏହି ଭାରତରେ ହିଁ ଘଟିବ ଏକ ଅଭିନବ ଅଭ୍ୟୁଦୟ। ଏହି ଅଭ୍ୟୁଦୟ ହେବ ଏକ ଉଚ୍ଚତର ଓ ସତ୍ୟରେ ଜୀବନ ଆଡକୁ। –ଶ୍ରୀମା



# ବିମୁଦ୍ରୀକରଣ: ବିରୋଧୀ ଦାୟୀ

ଭାରତରେ ୮ ନଭେମ୍ବର ୨୦୧୬ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଆଯାଇଥିବା ବିମୁଦ୍ରୀକରଣ ନିଷ୍ପତ୍ତି ପ୍ରକ୍ରିୟାରେ କୌଣସି ତ୍ରୁଟି ନ ଥିଲା ବୋଲି ୨ ଜାନୁୟାରୀ ୨୦୨୩ରେ ସୁପ୍ରିମକୋର୍ଟ ରାୟ ଶୁଣାଇଛନ୍ତି। ସେତେବେଳେ ନରେନ୍ଦ୍ର ମୋଦିଙ୍କ ସରକାର ୧୦୦୦ ଏବଂ ୫୦୦ ଟଙ୍କିଆ ଦୁଇଟି କାଗଜଟଙ୍କାକୁ ଅଚଳ କରିଦେଇଥିଲେ। ଏଥିଲାଗି ଦେଶର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣ ସଂସ୍ଥା ପାର୍ଲାମେଣ୍ଟକୁ ଜଣାଇ ଦିଆଯାଇ ନ ଥିଲା। ହଠାତ୍ ଏକ ଗେଜେଟ୍ ବିଜ୍ଞପ୍ତି ଜରିଆରେ ବୈଧ ନୋଟ୍‌କୁ ଅକାମୀ କରିଦିଆଯିବା ପରେ ସେତେବେଳେ ଦେଶବ୍ୟାପୀ ଚହଳ ପଡ଼ିଯାଇଥିଲା। ଟଙ୍କା ବଦଳାଇବାକୁ ଯାଇ ଅନେକ ଲୋକଙ୍କ ମୃତ୍ୟୁ ଘଟିଥିଲା। ଛୋଟବଡ଼ ବ୍ୟବସାୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା, ଯାହାକି ଆଜି ପର୍ଯ୍ୟନ୍ତ ଶଟର ଖୋଲିପାରୁ ନାହାନ୍ତି। ଦେଶୀ ଓ ବିଦେଶୀ ପର୍ଯ୍ୟଟକମାନେ ବିନା ଦୋଷରେ ପ୍ରବଳ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣ ସେମାନଙ୍କ ଟଙ୍କା ବଦଳାଇପାରି ନ ଥିବାରୁ ବିଭାଘର, ବ୍ରତଘର ଭଳି ସାମାଜିକ କାର୍ଯ୍ୟରେ ଘୋର ବାଧା ସୃଷ୍ଟି ହୋଇଥିଲା। ସର୍ବୋଚ୍ଚରେ ପଡ଼ୋଶୀ ନେପାଳ, ଥାଇଲାଣ୍ଡ, ଶ୍ରୀଲଙ୍କା ଭଳି ଦେଶରେ ସେହି ୫୦୦ ଓ ୧୦୦୦ ଟଙ୍କିଆ ଭାରତୀୟ କାଗଜ ନୋଟ୍‌କୁ ସ୍ୱୀକାର କରିବା ବନ୍ଦ ହୋଇଗଲା, ଯାହାକି ଆଜି ପର୍ଯ୍ୟନ୍ତ ପୁନଃଆରମ୍ଭ ହୋଇପାରି ନାହିଁ। ମୋଟାମୋଟି ଭାରତୀୟ କାଗଜ ଟଙ୍କା ତା'ର ଦୀର୍ଘଦିନର ବିଶ୍ୱସନୀୟତା ହରାଇବସିଲା। ତେବେ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରାଯାଇ ସୁପ୍ରିମକୋର୍ଟରେ ୫୮ଟି ପିଟିଶନ ଦାଏର କରାଯାଇଥିଲା। ଏବେ ସେହି ସଂକ୍ରାନ୍ତ ରାୟ ପ୍ରକାଶ ପାଇଥିବାରୁ ବିମୁଦ୍ରୀକରଣ ଓ ତା' ପରବର୍ତ୍ତୀ ସ୍ଥିତିକୁ ଅବଲୋକନ କରିବାର ଅବକାଶ ସୃଷ୍ଟି ହୋଇଛି।

ସର୍ବୋଚ୍ଚ ଅଦାଲତର ୫ ଜଣିଆ ପୀଠରେ ଜଷ୍ଟିସ୍ ଏସ୍. ଅବଦୁଲ ନାଜିର, ବି.ଆର୍. ଗଭାଇ, ଏ.ଏସ୍. ବୋପାନ୍ନା, ଭି. ରାମସୁବ୍ରମଣ୍ୟନ୍ ବିମୁଦ୍ରୀକରଣ ସପକ୍ଷରେ ରାୟ ଦେଇଥିବା ବେଳେ ଏକମାତ୍ର ମହିଳା ଜଜ୍ ବି.ଭି. ନାଗରତ୍ନା ସରକାରଙ୍କ ତ୍ରୁଟି ବିଷୟ ଦର୍ଶାଇ ମତ ରଖିଛନ୍ତି। ନାଗରତ୍ନା ଯୁକ୍ତି ଦର୍ଶାଇଛନ୍ତି ଯେ, ବିମୁଦ୍ରୀକରଣ ଲାଗି ସଂସଦର ସମ୍ମତି ନ ଥିଲା ବେଳେ ଗେଜେଟ ବିଜ୍ଞପ୍ତି ବଳରେ ସରକାର ଯେଉଁ ତରବରିଆ ନିଷ୍ପତ୍ତି ନେଇଥିଲେ ତାହା ବେଆଇନ ଥିଲା। ୫ ଜଣିଆ ପୀଠରେ ତାଙ୍କ ମତକୁ ସଂଖ୍ୟାଲଘୁ ଆଖ୍ୟା ଦିଆଯାଇପାରେ। କିନ୍ତୁ ଅନ୍ୟ ୪ ବିଚାରପତିଙ୍କ ସଂଖ୍ୟାଗରିଷ୍ଠ ମତ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଗ୍ରହଣଯୋଗ୍ୟ ହେଉଥିଲେ ମଧ୍ୟ ଦେଶ ହିତ ବିରୋଧୀ ବୋଲି ଅନେକେ କହିବା ଆରମ୍ଭ କଲେଣି। କାରଣ ବିମୁଦ୍ରୀକରଣ ବେଳର ଯନ୍ତ୍ରଣା ଅନୁଭବ କରିଥିବା ଦେଶବାସୀ କଦାପି ସେହି ସମୟକୁ ଭୁଲିପାରିବେ ନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅନ୍ୟ କୌଣସି ଦେଶରେ ଜଣେ ବ୍ୟକ୍ତି, ଯେତେ ଶକ୍ତିଶାଳୀ ହୁଅନ୍ତୁ ପଛେ, ଏକାକୀ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ନିଷ୍ପତ୍ତି ନିଅନ୍ତି ନାହିଁ। କିନ୍ତୁ ସେତେବେଳେ ଏହାକୁ ଧନୀ ବିରୋଧୀ ଏବଂ ଗରିବ ସପକ୍ଷବାଦୀ ଧ୍ୱନି ଦେଇ ଦେଶବାସୀଙ୍କୁ ଭାଲୁ ଧରାଇ ଦିଆଗଲା। ନିଃସନ୍ଦେହରେ କହିହେବ ଯେ, ଭାଜପା ଏହି ଗୋଟିଏ ପଦକ୍ଷେପ ଯୋଗୁ ଉତ୍ତରପ୍ରଦେଶ ନିର୍ବାଚନ ଜିଣିପାରିଥିଲା।

ଭାରତୀୟ ଅର୍ଥନୀତି ନଗଦ ଉପରେ ପର୍ଯ୍ୟବସିତ ହୋଇଥିବାରୁ ଛୋଟିଆ ବେପାରୀଙ୍କଠାରୁ ଆରମ୍ଭକରି ମଧ୍ୟମଧରଣର ଶିଳ୍ପ ସଂସ୍ଥା ଦୈନନ୍ଦିନ ଖର୍ଚ୍ଚ ମେଣ୍ଟାଇବା ଲାଗି ୧୦୦୦ ଓ ୫୦୦ ଟଙ୍କିଆ ବଡ଼ ନୋଟ୍‌କୁ ନିଜ ପାଖରେ ସାଇତି ରଖିଥିଲେ। କେନ୍ଦ୍ର ସରକାରଙ୍କ ଅଚାନକ ନିଷ୍ପତ୍ତି ଯୋଗୁ ନିର୍ଦ୍ଧାରିତ ସମୟରେ ସେମାନେ ସବୁତକ ଟଙ୍କାକୁ ବଦଳାଇବାରେ ସକ୍ଷମ ନ ହେବାରୁ ବଡ଼ କ୍ଷତିର ସମ୍ମୁଖୀନ ହୋଇଥିଲେ। ଏହା ଜଣାଶୁଣା ଯେ, ଦେଶର ନିଯୁକ୍ତି ବଜାର ଚାହିଦାକୁ ସରକାରୀ ସଂସ୍ଥା ଓ ବୃହତ୍ କର୍ପୋରେଟ୍ ହାଉସ୍ ମେଣ୍ଟାଇପାରି ନ ଥାନ୍ତି। ତେଣୁ କ୍ଷୁଦ୍ର ଓ ମଧ୍ୟମ ଧରଣର ବ୍ୟବସାୟିକ ପ୍ରତିଷ୍ଠାନରେ ବହୁ ଲୋକ ନିଯୁକ୍ତି ପାଇ ନିଜ ପରିବାର ସହ ଦେଶର ଅର୍ଥନୀତିକୁ ସମୃଦ୍ଧ କରିଥାଆନ୍ତି। ବିମୁଦ୍ରୀକରଣ ମାଡ଼ ଏହିସବୁ ସଂସ୍ଥା ଉପରେ ପଡ଼ିବାରୁ ସେମାନେ ଉଠେଇ ପାରୁନାହାନ୍ତି। ଆଜି ମଧ୍ୟ ତାହାର କୁପ୍ରଭାବ ନିଯୁକ୍ତି ସୁଯୋଗ ଅଭାବରେ ପ୍ରତିଫଳିତ ହେଉଛି। ଯାହା ହେଉଛି ତାହା ହୋଇଚାଲୁ। କାରଣ ସୁପ୍ରିମକୋର୍ଟଙ୍କ ଅବାଞ୍ଛିତ ରାୟକୁ କୌଣସି ଭାବେ ସମାଲୋଚନା କଲେ ତାହା ନ୍ୟାୟ ବ୍ୟବସ୍ଥାର ମାନ ହ୍ରାସ କରିଦେବାର ଆଶଙ୍କା ରହିଛି। ଦେଶବାସୀ କେବଳ ସରକାରଙ୍କୁ ଡରୁନାହାନ୍ତି, ନ୍ୟାୟାଳୟର କଣ୍ଟେମ୍ପଟ୍‌କୁ ଯଥେଷ୍ଟ ପରିମାଣରେ ଭୟ କରୁଛନ୍ତି।

କଳାଧନ ନିୟନ୍ତ୍ରଣ, ନକଲି ମୁଦ୍ରା ପ୍ରସାରଣ ଉପରେ ରୋକେ ଲାଗିବା ଏବଂ ଆତଙ୍କବାଦୀଙ୍କୁ ବେଆଇନ ଭାବେ ହେଉଥିବା ପାଣ୍ଠି ଯୋଗାଣ ବନ୍ଦ ହୋଇଯିବା ଲକ୍ଷ୍ୟ ରଖି ସରକାର ବିମୁଦ୍ରୀକରଣ ଆଣିଲେ ବୋଲି କହିଥିଲେ। ହେଲେ ଏହାର ୬ ବର୍ଷ ପରେ ମଧ୍ୟ ଉପରଲିଖିତ ଘଟଣାରେ ପରିବର୍ତ୍ତନ ଆସିପାରି ନାହିଁ। ୨ ଜାନୁୟାରୀରେ ଜମ୍ମୁ ଓ କଶ୍ମୀରରେ ଉଗ୍ରପନ୍ଥୀଙ୍କ ଦ୍ୱାରା ବୋମା ଫୁଟାଯାଇ ପ୍ରାୟ ୪ ସାଧାରଣ ନାଗରିକଙ୍କୁ ହତ୍ୟା କରାଯାଇଥିବା ବେଳେ ୬ ଜଣ ଆହତ ହୋଇଛନ୍ତି। ଏବେ ଆଉ ଏକ ବିଷୟ ଜନସାଧାରଣ ଅନୁଭବ କରିପାରୁଥିବେ। ୧୦୦୦ ଟଙ୍କିଆ ଓ ୫୦୦ ଟଙ୍କିଆ ପୁରୁଣା ନୋଟ୍ ବଦଳରେ ସେତେବେଳେ ୨,୦୦୦ ଓ ୫୦୦ ଟଙ୍କିଆ ନୂଆ କାଗଜ ଟଙ୍କା ବଜାରକୁ ଆସିଥିଲା। ହେଲେ ଲୋକେ ବଜାରରେ ଏବେ ଗୋଲାପି ରଙ୍ଗର ସେହି ୨,୦୦୦ ଟଙ୍କିଆ ନୋଟ୍ ଦେଖିବାରୁ ବଞ୍ଚିତ ହେଉଛନ୍ତି। ଗ୍ରାହକ ବ୍ୟାଙ୍କରେ ସେହି ଟଙ୍କା ଖୋଜୁଥିଲା ବେଳେ ଉତ୍ତର ମିଳୁଛି ଯୋଗାଣ ବନ୍ଦ ହୋଇଛି। ତେବେ ସେତେବେଳେ ଯେତେ ପରିମାଣରେ ୨,୦୦୦ ଟଙ୍କିଆ ଆସିଥିଲା ତାହା କେଉଁଠି ଛପି ରହିଛି ସରକାରଙ୍କୁ ଭଲ ଭାବେ ଜଣାଥିବ। ଗୋଟେ ପଟେ କଳାଧନ ସୃଷ୍ଟି କରିବା ଲାଗି ସରକାର ସୁଯୋଗ ଦେଉଥିବା ବେଳେ ଅନ୍ୟପଟେ ସ୍ୱଚ୍ଛ ଅର୍ଥନୈତିକ ବ୍ୟବସ୍ଥା ବିଷୟରେ ବଡ଼ ଭାଷଣ ଦିଆଯାଉଛି। ସରକାରଙ୍କ ଉଦ୍ୟମକୁ କେହି ଖୁଣିଲେ ସିବିଆଇ, ଇଡି, ଆୟକର ଭଳି କେନ୍ଦ୍ରୀୟ ଯାଞ୍ଚ ସଂସ୍ଥା ହାତଧୋଇ ପଛରେ ପଡ଼ିଯିବେ। ସେଥିପାଇଁ ଏଠାରେ ଆମେ ସରକାର ବିରୋଧରେ କହୁନାହୁଁ। ସମସ୍ତେ ହୃଦ୍‌ବୋଧ କରୁଛନ୍ତି ଯେ, ବିମୁଦ୍ରୀକରଣ ଦ୍ୱାରା ଘଟିଥିବା ଅପୂରଣୀୟ କ୍ଷତି ଯୋଗୁ ଆଜି ଦେଶ ଯେଭଳି ଭାବେ ପଛରେ ପଡ଼ିଯାଇଛି, ସେଥିପାଇଁ ପାକିସ୍ତାନ ସରକାର ଓ ଭାରତରେ ଅଣଭାଜପା ଦଳଗୁଡ଼ିକ କେବଳମାତ୍ର ଦାୟୀ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | | 1 | | 7 | | |
| | 2 | | | | | | | 8 |
| 8 | | | | | | | 6 | 9 |
| | | | 3 | | 5 | | | |
| | 5 | | | 4 | | | | |
| 4 | | 6 | | | | 3 | 7 | |
| | | | | | 9 | | | |
| | | | 7 | | | 5 | | |
| 3 | | | 2 | | 6 | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 1 | 3 | 9 | 2 | 4 | 7 | 5 | 6 |
| 9 | 7 | 2 | 1 | 6 | 5 | 8 | 4 | 3 |
| 6 | 5 | 4 | 3 | 8 | 7 | 1 | 2 | 9 |
| 5 | 8 | 6 | 2 | 9 | 3 | 4 | 1 | 7 |
| 3 | 9 | 1 | 7 | 4 | 8 | 5 | 6 | 2 |
| 4 | 2 | 7 | 6 | 5 | 1 | 9 | 3 | 8 |
| 1 | 3 | 9 | 4 | 7 | 6 | 2 | 8 | 5 |
| 7 | 4 | 5 | 8 | 3 | 2 | 6 | 9 | 1 |
| 2 | 6 | 8 | 5 | 1 | 9 | 3 | 7 | 4 |

ଗତକାଲିର ଉତ୍ତର



# ଭୋରା ସାଗରର ମା'

ଶୈଳେନ୍ଦ୍ର ଦ୍ୱିବେଦୀ

ପାଠକେ, ୨୪ ମାର୍ଚ୍ଚ ୨୦୨୦ ରାତି ୮ ଟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୂରଦର୍ଶନରେ ଘୋଷଣା କରିଥିଲେ, କରୋନା ସଂକ୍ରମଣକୁ ରୋକିବା ଉଦ୍ଦେଶ୍ୟରେ ମଧ୍ୟରାତ୍ରିଠାରୁ (ମାର୍ଚ୍ଚ ୨୪) ସାରା ଦେଶରେ ଲକ୍‌ଡାଉନ ଜାରି ହେବ। ଦୋକାନ ବଜାର ଓ ଗାଡ଼ିମୋଟର ଚଳାଚଳ ବନ୍ଦ ରହିବ, ଜରୁରୀ ସେବାକୁ ବାଦ୍ ଦେଇ। ମୋଦି କହିଥିଲେ, କେବଳ ପ୍ରଧାନମନ୍ତ୍ରୀ ଭାବରେ ନୁହେଁ, ୧.୩୮ ବିଲିୟନ ଦେଶବାସୀଙ୍କ ପରିବାରର ଜଣେ ବରିଷ୍ଠ ସଦସ୍ୟ ହିସାବରେ ସେ ଏଇ ନିଷ୍ପତ୍ତି ନେଇଛନ୍ତି। ଭାରତରେ ଏଇ ଘୋଷଣାର ୨୪ ଘଣ୍ଟା ନ ପୂରୁଣୁ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ମୁଣ୍ଡରେ ଗଣ୍ଠିଲି ବୋହି, କାଖରେ ଛୋଟ ପିଲାଙ୍କୁ କାଖେଇ ଲକ୍ଷ ଲକ୍ଷ ଦାଦନ ଶ୍ରମିକ ନିଜ ଘରମୁହାଁ ହେଲେ। ଖ୍ୟାତନାମା ଔପନ୍ୟାସିକା ଏବଂ ସାମାଜିକ କର୍ମୀ ଅରୁନ୍ଧତୀ ରାୟ ସେତେବେଳେ ଲେଖିଥିଲେ, ରାସ୍ତାରେ ଲକ୍ଷ ଲକ୍ଷ ବୁଭୁକ୍ଷୁଙ୍କ ପଟୁଆର ଆମକୁ ମନେପକାଇ ଦେଉଥିଲା ଭାରତ ପାକିସ୍ତାନ ବିଭାଜନ ସମୟର ଦୃଶ୍ୟ। ସାରା ବିଶ୍ୱ ନୁହେଁ, ଖୋଦ୍ ଆମ ସରକାର ଆଶ୍ଚର୍ଯ୍ୟ ହେଲେ ଯେ ଏକବିଂଶ ଶତାବ୍ଦୀର ଏକ ଅଗ୍ରଣୀ ଅର୍ଥନୀତିରେ ପ୍ରକୃତ ସ୍ଥିତି ଏମିତି ହୃଦୟ ବିଦାରକ ହୋଇପାରେ ! ନା ସ୍ଥିରତା ଏଠି ନିଯୁକ୍ତିର, ନା ରୋଜଗାରର, ନା ଦୁଇବେଳା ଦାନାର। ସ୍ଥିରତା ଥିଲା ତ କେବଳ ଅନିଶ୍ଚିତତାର।

କେଇଦିନ ତଳେ ପଦ୍ମପୁର ଉପନିର୍ବାଚନ ବେଳେ ହଠାତ୍ ମନେହେଇଥିଲା ଅର୍ଥନୀତି, ରାଜନୀତି ଓ ସମାଜ ନୀତିର ସବୁ ପରୀକ୍ଷା ନିରୀକ୍ଷା ପଦ୍ମପୁର ମୁହାଁ ହୋଇଛି। ଆଉ ସେତିକିବେଳେ ଗଣମାଧ୍ୟମ ସୌଜନ୍ୟରୁ ପଦ୍ମପୁର ଦାଦନ ସମସ୍ୟା ଉପରେ କିଛି ସମୟ ପାଇଁ ଆଲୋଚନା ଉଷ୍ମ ହୋଇଥିଲା। ଜଣେ ସାମ୍ବାଦିକ ପାଇକମାଳଠୁ କିଛି ଦୂରରେ ଗୋଟିଏ ଗାଁରେ ଆବିଷ୍କାର କରିଥିଲେ ଏକ ଝାଟିମାଟି ଘରର ବାରଣ୍ଡାରେ ବସିଥିବା ଜଣେ ବୃଦ୍ଧାଙ୍କୁ। ଭୋରା ସାଗରର ମା'। ବୃଦ୍ଧା କହିଲେ, ସ୍ୱାମୀ କେଇବର୍ଷ ହେବ ଆଖି ବୁଜିଦେଇଛନ୍ତି। ପୁଅ ବୋହୂ ଦାଦନ ଖଟିବାକୁ ବାହାରକୁ ଯାଇଛନ୍ତି। ସେମାନଙ୍କ ସାଙ୍ଗରେ ବର୍ଷକର ନାତି। ୨/୩ ମାସରେ ୪୦୦/୫୦୦ ଟଙ୍କା ପଠାନ୍ତି। ଏଣେ ନିର୍ବାଚନ ପ୍ରଚାରରେ ମସ୍‌ଗୁଲ ତୁଙ୍ଗନେତାମାନେ ଦାଦନ ସମସ୍ୟାକୁ ନେଇ ପରସ୍ପର ଉପରେ କାଦୁଅ ଫିଙ୍ଗିବାରେ ବ୍ୟସ୍ତ ଥିଲେ। ପରିସ୍ଥିତିକୁ ସାମାନ୍ୟ ସମ୍ବେଦନଶୀଳ କରି ବରତୁଣ୍ଡା ଗ୍ରାମପଞ୍ଚାୟତର ଜଣେ ମହିଳା ସେଇ ସମୟରେ କହିଲେ ଯେ ୧୦ ବର୍ଷ ହେବ ସେ ବିବାହ ତ କରିଛନ୍ତି, କିନ୍ତୁ ତାଙ୍କ ସ୍ୱାମୀ ରାଜମୋହନ ଅଧିକାଂଶ ସମୟ ଦାଦନ ଖଟିବା ପାଇଁ ରାଜ୍ୟ ବାହାରେ। ଆଉ ଦାମ୍ପତ୍ୟ ଜୀବନ କ'ଣ! ରାଜ୍ୟରେ ଅନ୍ତତଃ ୧୧ଟି ଜିଲା ଦାଦନ ପ୍ରବଣ : ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, ସୋନପୁର, ବରଗଡ଼, କୋରାପୁଟ, ଗଜପତି, ମାଲକାନଗିରି, ଗଞ୍ଜାମ, ରାୟଗଡ଼ା ଓ ନବରଙ୍ଗପୁର। କିଛି ଜିଲା ପାଇଁ ସରକାର ପାଇଲଟ ପ୍ରୋଜେକ୍ଟ ହାତକୁ ନେଇଛନ୍ତି। ଏମ୍‌ଜିଏନ୍‌ଆର୍‌ଜିଏ ସମେତ ଅନ୍ୟାନ୍ୟ ଯୋଜନାରେ ଜୀବିକା ପାଇଁ ବ୍ୟବସ୍ଥା ହୋଇଛି। ତଥାପି ସମସ୍ୟାର ସମାଧାନ ନାହିଁ। ଏକ ସର୍ଭେ ଅନୁସାରେ ଜିଲାଗୁଡ଼ିକରୁ ୧୮ରୁ ୩୧ ପ୍ରତିଶତ ପରିବାରରୁ ଅନ୍ତତଃ ଜଣେ ଦାଦନ ଖଟିବାକୁ ବାହାରକୁ ଯାଆନ୍ତି। ଏହା ସାମୟିକ ନିଯୁକ୍ତି, ତେବେ ଇଟାଭାଟି ହେଉ ବା ନିର୍ମାଣ କାର୍ଯ୍ୟ, ପ୍ରବାସରେ ଖଟିବା ୬ ମାସରୁ କମ୍ ନୁହେଁ।



ଆମ ରାଜ୍ୟରେ ଅବିକଳ ଦାଦନ ଶ୍ରମିକଙ୍କ ସଂଖ୍ୟା କେତେ ସେଇ ତଥ୍ୟ ସରକାରଙ୍କ ପାଖରେ ନାହିଁ। ପ୍ରବାସୀ ଶ୍ରମିକଙ୍କ ସୁରକ୍ଷା ନେଇ ସରକାର ଅନ୍ୟ ରାଜ୍ୟଗୁଡ଼ିକ ସହିତ ରାଜିନାମା କରିଛନ୍ତି, ତେବେ ଏହା ସମସ୍ୟାର ସମାଧାନ ନୁହେଁ। ଏକାଧିକ ଅଧ୍ୟୟନ ସୂଚେଇ ସାରିଛି ଯେ ଓଡ଼ିଶା ବାଦ୍ ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗରେ ଦାଦନ ସମସ୍ୟା ଗମ୍ଭୀର। ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ଝାଡ଼ଖଣ୍ଡରୁ ପ୍ରବାସକୁ ଯାଉଥିବା ଶ୍ରମିକଙ୍କ ସଂଖ୍ୟା ମଧ୍ୟ କମ୍ ନୁହେଁ। ବିଭିନ୍ନ ରାଜ୍ୟରେ କରୋନା ସମୟରେ ଦାଦନ ଶ୍ରମିକମାନଙ୍କୁ ବିକଳ୍ପ ଜୀବିକା ଯୋଗାଇଦେବା ପାଇଁ ଉଦ୍ୟମ ତ ହୋଇଥିଲା, ତେବେ ପରିଣତି ଉତ୍ସାହଜନକ ନ ଥିଲା।

ଯେତେବେଳେ ଭାରତ ସରକାରଙ୍କ ନିଦ ଭାଙ୍ଗିଲା ଯେ, ଅସଂଗଠିତ / ଅନିୟମିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନଙ୍କ ତଥ୍ୟ କୌଣସି ବିଭାଗରେ ନାହିଁ, ସ୍ଥିର ହେଲା ଯେ ଦାଦନ ଶ୍ରମିକଙ୍କର ସର୍ବଭାରତୀୟ ସର୍ଭେ କରାଯିବ। ଦାୟିତ୍ୱ ଅର୍ପଣ ହେଲା ଲେବର ବ୍ୟୁରୋକୁ। ପ୍ରବନ୍ଧ ଲେଖିଲା ବେଳକୁ ଯାହା ଖବର, ସର୍ଭେ ସରିନାହିଁ। କିନ୍ତୁ କେନ୍ଦ୍ର ସରକାର ପ୍ରେସ୍ ବିଜ୍ଞପ୍ତିରେ ଦର୍ଶାଇଛନ୍ତି, କରୋନା ପ୍ରକରଣରେ ୪୩୭୮.୪୪ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରବାସୀ ଶ୍ରମିକମାନଙ୍କୁ ଦିଆଯାଇଛି, ସେମାନଙ୍କ ଇପିଏଫ୍ ଆକାଉଣ୍ଟ ମାଧ୍ୟମରେ। ଏହାବାଦ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଏବଂ ଅନ୍ୟାନ୍ୟ ଯୋଜନାରେ ସେମାନଙ୍କୁ ସହାୟତା ମିଳିଛି। ପାଠକେ, ପଶ୍ଚିମ ଓଡ଼ିଶାର ୭ଟି ଜିଲା (ବରଗଡ଼, ସମ୍ବଲପୁର, ବଲାଙ୍ଗୀର, ଝାରସୁଗୁଡ଼ା, ସୁନ୍ଦରଗଡ଼, ସୋନପୁର ଏବଂ ଦେବଗଡ଼) ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ତରଫରୁ କରାଯାଇଥିବା ଏକ ଅଧ୍ୟୟନ ଗତବର୍ଷ ଇଙ୍ଗିତ କରିଛି ଯେ ସର୍ଭେଭୁକ୍ତ ୧୯.୮ ପ୍ରତିଶତ ପ୍ରବାସୀ ପରିବାରଙ୍କ ମାସିକ ଆୟ ୧୦,୦୦୦ ଟଙ୍କା ହୋଇଥିବା ବେଳେ ୫୮.୬ ପ୍ରତିଶତ ପ୍ରବାସୀ ରୋଜଗାର କରନ୍ତି ମାସକୁ ୧୦,୦୦୦ ରୁ ୧୫,୦୦୦ ଟଙ୍କା। ୪୧ ପ୍ରତିଶତ ସର୍ଭେଭୁକ୍ତ ପରିବାରଙ୍କ ମତ, ସେମାନଙ୍କ ସ୍ଥିତିରେ ଖାସ୍ କିଛି ଉନ୍ନତି ନାହିଁ। 'ମାଇଗ୍ରେସନ ଇନ୍ ଇଣ୍ଡିଆ ୨୦୨୦-୨୧' ରିପୋର୍ଟ ମୁତାବକ ୫୧.୬ ପ୍ରତିଶତ ଗ୍ରାମାଞ୍ଚଳ ବାସିନ୍ଦା ରୋଜଗାର ପାଇଁ ଗାଁ ଛାଡ଼ିଥିଲେ। ୨୦୧୧ ଜନଗଣନା ତଥ୍ୟ ଅନୁସାରେ ପ୍ରାୟ ୪୫.୬ କୋଟି ଥିଲେ ଦାଦନ / ପ୍ରବାସୀ ଶ୍ରମିକ। ତେବେ ଏହା ନିର୍ଭରଯୋଗ୍ୟ ବିଶ୍ଳେଷଣ ନୁହେଁ, କାରଣ ୪୫.୬ କୋଟି ଶ୍ରମିକ ଜୀବିକା ପାଇଁ ଗ୍ରାମାଞ୍ଚଳରୁ ବାହାରକୁ ତ ଆସୁଥିଲେ, ତେବେ ସେମାନେ ରାଜ୍ୟ ବାହାରକୁ ଯାଉଥିଲେ ନା ନାହିଁ, ଦେଶ ବାହାରକୁ କେତେ ଯାଇଥିଲେ ସେ ବାବଦରେ ତଥ୍ୟ ନାହିଁ। ଅନ୍ୟାନ୍ୟ ସୂତ୍ର ମୁତାବକ ଭାରତରେ ଦାଦନ ଶ୍ରମିକ ସଂଖ୍ୟା ୭୦ ରୁ ୧୯୫ ନିୟୁତ। ତଥ୍ୟ ଅନୁସାରେ (ସରକାରୀ ନୁହେଁ) ଓଡ଼ିଶାରେ ପ୍ରବାସୀ ଶ୍ରମିକଙ୍କ ସଂଖ୍ୟା ୨.୫ ନିୟୁତରୁ କମ୍ ନୁହେଁ। ୨୦୨୦ ରେ 'ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମି'(CMIE) ବିଶ୍ଳେଷଣ ଅନୁସାରେ ଓଡ଼ିଶାରେ ବେରୋଜଗାରୀ ହାର ଥିଲା ୨୩.୮ ପ୍ରତିଶତ। ଭୋରା ସାଗରର ମା' ପୁଅ ବୋହୂଙ୍କ ଅପେକ୍ଷାରେ ଅଛି। ଆଖିରେ ଉଦ୍ଦୀପନା ନାହିଁ। ଆଶା ନାହିଁ। ସବୁ ଦେହସୁହା ହୋଇଗଲାଣି। ଆଖି ବୁଜିବା ଯାହା ବାକି ଅଛି !

ମୋ:୯୪୩୭୧୩୭୦୬୦
sailendradwivedi@gmail.com



# ମଣିଷ କ'ଣ ବାରମାସୀ ଚଢ଼େଇ

ଇଂ. ମୁରଲୀଧର ହୋତା

ଆମେ ସାଧାରଣତଃ ପୁତ୍ରକୁ ପିତାଙ୍କର ପ୍ରତିଛବି ଭାବରେ ମାନି ନେଇଥାଉ। ଏହାର କାରଣ ହେଲା ପିତା-ମାତାଙ୍କର ଗୁଣସୂତ୍ରର ପ୍ରଭାବରୁ ପୁତ୍ରର ଜନ୍ମ। ତେଣୁ ପୁତ୍ରର ରୂପକୁ ଆମେ କହିଥାଉ ପିତୃମାତୃ ପ୍ରଦତ୍ତ ଏବଂ ଈଶ୍ୱର ପ୍ରଦତ୍ତ ମଧ୍ୟ। କନ୍ୟାମାନଙ୍କ କ୍ଷେତ୍ରରେ ସେହିଭଳି। ଜନ୍ମଲାଭ ପରଠାରୁ ହେତୁ ପାଇବା ପର୍ଯ୍ୟନ୍ତ ଜନ୍ମଦାତ୍ରୀ ମା' ହିଁ ଆମ ଶରୀରର ଯତ୍ନ ନେଇଥାନ୍ତି। ତା'ପରେ କ୍ରମେ ଆମେ ନିଜେ ନିଜ ଶରୀରର ଯତ୍ନ ନେଇଥାଉ। କାରଣ 'ଶରୀର ଆଦ୍ୟଂ ଖଳୁଧର୍ମ ସାଧନମ୍'। ଅର୍ଥାତ୍ ଶରୀର ହେଉଛି ଆଦ୍ୟ ମୂଳାଧାର। ଶରୀର ସୁସ୍ଥ, ସବଳ, ନୀରୋଗ ରହିଲେ ଆମେ ତାହାରି ମାଧ୍ୟମରେ ସ୍ୱଧର୍ମ, ସ୍ୱକର୍ମ ଏପରିକି ମୋକ୍ଷପ୍ରାପ୍ତି ମଧ୍ୟ ହାସଲ କରିପାରିଥାଉ।

କିନ୍ତୁ ମଣିଷର ରୂପ ଏବଂ ସ୍ୱରୂପ, ଦୁଇଟି ଏକା କଥା ନୁହେଁ। ମଣିଷ ବାହ୍ୟରୂପକୁ ସଜେଇହୁଏ ମୁଖ୍ୟତଃ ଅନ୍ୟମାନଙ୍କ ଦୃଷ୍ଟିପଥାରୂଢ଼ ହୋଇ ନିଜର ଆତ୍ମପ୍ରଚାର କରିବା ପାଇଁ ଯଥା- ସେ ଜଣେ ସଭ୍ୟ, ଶିକ୍ଷିତ, ଉଚ୍ଚକୁଳସମ୍ଭୂତ, ଧନାଢ୍ୟ, ଆଧ୍ୟାତ୍ମବାଦୀ, ସାମ୍ୟବାଦୀ ଏବଂ ସବ୍‌ଜାନ୍ତା ଆଦ୍‌ମୀ। ଭିତରେ କିନ୍ତୁ ସ୍ୱରୂପ ସେମିତି ନ ଥାଏ। କିଛି ଲୋକ ଅଛନ୍ତି ରୂପରେ ସଜେଇ ନ ହୋଇ ମଧ୍ୟ ସେମାନଙ୍କର ସ୍ୱରୂପ ଖୁବ୍ ଉଚ୍ଚକୋଟୀର। ରୂପ ଅପେକ୍ଷା ସ୍ୱରୂପର ଗୁରୁତ୍ୱ ସବୁବେଳେ ଅଧିକ। ରୂପ ସଜେଇବାକୁ ଦାମୀ ପୋଷାକପତ୍ର, ବିଭିନ୍ନ ଆଭୂଷଣ ତଥା ପ୍ରସାଧନ ସାମଗ୍ରୀର ଆବଶ୍ୟକ ପଡ଼େ। କିନ୍ତୁ ସ୍ୱରୂପ ସଜେଇହୁଏ ସତ୍ୟ, ଶାନ୍ତି, ଦୟା, କ୍ଷମା, କରୁଣା, ପ୍ରେମ, ପରୋପକାର, ମୈତ୍ରୀଭାବ ଏବଂ କୃତଜ୍ଞତା ଭଳି ଅନ୍ତର୍ନିହିତ ସଦ୍‌ଗୁଣରେ। ପରିବେଶ, ପରିସ୍ଥିତିକୁ ଦେଖି ଜଣେ ରୂପ ବଦଳାଇପାରେ। ମାତ୍ର ଜଣଙ୍କର ସ୍ୱରୂପ ପ୍ରାୟତଃ ସ୍ଥିର ଥାଏ। କିନ୍ତୁ ଆଜିକାଲିର ଧୂର୍ତ୍ତ ଲୋକମାନେ ବାରମାସୀ ଚଢ଼େଇ ଭଳି ପରିସ୍ଥିତିକୁ ଦେଖି ନିଜର ସ୍ୱାର୍ଥ ସାଧନ ପାଇଁ ରୂପ ବଦଳାଇବା ସହିତ ସ୍ୱରୂପକୁ ମଧ୍ୟ ବଦଳାଇ ପାରୁଛନ୍ତି। ଏହାକୁ ଆମେ ବିପରୀତ ଆଚରଣ ମଧ୍ୟ କହିପାରିବା। ଏହି ବିପରୀତ ଆଚରଣ ଯୋଗୁ ଆମ ସମାଜ ଜୀବନ ଆଜି ବିପନ୍ନ। ଏହି ବିପରୀତ ଆଚରଣ ସମ୍ପର୍କରେ ଏଠାରେ କିଛି ଆଲୋଚନା କରିବା।

ଜୀବଜଗତର ସର୍ବଶ୍ରେଷ୍ଠ ପ୍ରାଣୀ ମନୁଷ୍ୟ। ତା'ର ବୁଦ୍ଧି, ବିବେକ ଏବଂ ଜାଗ୍ରତ ଚେତନା ତାକୁ ଆଣି ଆଜିର ଉନ୍ନତସ୍ତରରେ ପହଞ୍ଚାଇଛି। ତା' ବୁଦ୍ଧିର ଚମତ୍କାରିତା ବଳରେ ସେ ଆଜି ବିଭିନ୍ନ ଗ୍ରହ, ଉପଗ୍ରହରେ ପାଦ ଥାପିବା ସମ୍ଭବ ହୋଇପାରିଛି। ମାତ୍ର କେତେଫୁଟ ଦୂରରେ ଥିବା ତା'ର ପଡ଼ୋଶୀମାନଙ୍କ ସହ ତାଙ୍କର କିଛି ସମ୍ପର୍କ ନ ଥାଏ। ଅର୍ଥାତ୍ ସେ ପରସ୍ପର ପାଇଁ ଅଜଣା। ବାସଗୃହ ନିର୍ମାଣ ମଣିଷର ଏକ ମୌଳିକ ଆବଶ୍ୟକତା। ଆମ ପିଲାମାନେ ସହରରେ ଏକ ସୁଉଚ୍ଚ, ସୁଦୃଶ୍ୟ ତଥା ସୁସଜ୍ଜିତ ବାସଗୃହଟିଏ ନିର୍ମାଣ କରିବା ଆମ ପାଇଁ ବଡ଼ ଆନନ୍ଦର କଥା। ବାସଗୃହ ସିନା ବଡ଼, ସେଥିରେ ବାସ କରନ୍ତି ଏକ ମିନି ପରିବାର। କାରଣ ଆମେ ଆମର ଯୌଥ ପରିବାର ବ୍ୟବସ୍ଥାଟିକୁ ନିଜ ହାତରେ ଭାଙ୍ଗିଦେଇଛୁ। ଆଉ କିଛି ଆମଭଳି ବୟସାଧିକ ବାପମାଆଙ୍କ ପାଇଁ ସେ ଘରେ ସ୍ଥାନ ମିଳେନାହିଁ। ବୃଦ୍ଧାଶ୍ରମ ହିଁ ସେମାନଙ୍କର ଅନ୍ତିମ ଠିକଣା। ବାପମା'ଙ୍କୁ ଚଳନ୍ତି ଦେବତା କୁହାଯାଏ। ମାତ୍ର ଚଳନ୍ତି ଦେବତା ତଥା ଦେବଦେବୀଙ୍କ ପ୍ରତିମା ପୂଜା ପାଇଁ ସେ ଘରେ ସ୍ଥାନ ନ ଥାଏ।



ଆଜିର ସ୍ୱାସ୍ଥ୍ୟ ସଚେତନ ଶିକ୍ଷିତ ବ୍ୟକ୍ତିଟି କାର୍ ନେଇ ଜିମ୍‌କୁ ଯାଏ। ମାତ୍ର ସେଠାରେ ଅଙ୍ଗପ୍ରତ୍ୟଙ୍ଗର କସରତ ପାଇଁ ସାଇକେଲ ଚଳାଏ। ଆଜିର ବାବୁମାନେ ପ୍ରାୟତଃ ଶ୍ରମକାତର ଏବଂ ଆଳସ୍ୟପରାୟଣ। କାରଣ ପାଖରେ ସମସ୍ତ ଆରାମଦାୟକ ତଥା ଉପଭୋଗ୍ୟ ପଦାର୍ଥ ଉପଲବ୍ଧ। ତେଣୁ ଡାଇବେଟିକ୍ସରେ ପୀଡ଼ିତ। ଡାକ୍ତରବାବୁ ଓ ଔଷଧ ଦୋକାନୀକୁ ପଇସା ଗଣିବାରେ ବ୍ୟସ୍ତ। କୁହାଯାଏ, ପୃଥିବୀ ଆଜି ଏକ ବୈଶ୍ୱିକ ଗ୍ରାମରେ ପରିଣତ ହୋଇଛି। ମୋବାଇଲ, ଭିଡିଓ କଲ୍ ମାଧ୍ୟମରେ ମିନିଟ୍‌କ ଭିତରେ ଆମେ ପୃଥିବୀର ଯେକୌଣସି ପ୍ରାନ୍ତରେ ଥିବା ଲୋକଙ୍କୁ ଦେଖିପାରୁଛୁ ଏବଂ ତାଙ୍କ ସହ କଥା ହୋଇପାରୁଛୁ। ଦ୍ରୁତଗାମୀ ଉଡ଼ାଜାହାଜରେ ବସି ଆମେ ମାତ୍ର କେତେ ଘଣ୍ଟା ମଧ୍ୟରେ ସୁଦୂର ସ୍ଥାନରେ ଯାଇ ପହଞ୍ଚିପାରୁଛୁ। ଅର୍ଥାତ୍ ଆମେ ଦୂରତାକୁ ଜୟ କରିପାରିଛୁ। ମାତ୍ର ଗୋଟିଏ ବାସସ୍ଥଳୀର ଗୋଟିଏ କୋଠରିରେ ଥିବା ବାପାଙ୍କ ସହ ଅନ୍ୟ କୋଠରିରେ ଥିବା ପୁଅ ମୋବାଇଲ୍‌ରେ କଥା ହେଉଛି। ଅର୍ଥାତ୍ ଆମେ ମୁହଁକୁ ମୁହଁ କଥାବାର୍ତ୍ତା ହୋଇପାରୁନୁ, ଆମ ଭିତରେ ଦୂରତା ବଢ଼ିଛି। ମା'ଟିଏ ଦଶମାସ ଧରି ତା' ପିଲାଟିକୁ ତା'ର କ୍ଷୁଦ୍ର ଜରାୟୁରେ ସ୍ଥାନ ଦିଏ। ମାତ୍ର ପୁଅର ବିଶାଳ ପ୍ରାସାଦରେ ମା' ପାଇଁ ଗୋଟିଏ କୋଠରି ମିଳେନାହିଁ। ସାମାଜିକ ଗଣମାଧ୍ୟମରେ ଆମର ଶହ ଶହ ବନ୍ଧୁ ଅଛନ୍ତି। ମାତ୍ର ବିପଦଆପଦ ବେଳେ ସେମାନଙ୍କ ଭିତରୁ ଜଣଙ୍କର ବି ଦେଖା ମିଳେନାହିଁ। ଦୁର୍ଘଟଣାଗ୍ରସ୍ତ ମଣିଷଟି ପାଣି ମୁନ୍ଦାଏ ପାଇଁ ଆର୍ତ୍ତ ଚିତ୍କାର କରୁଥିବାବେଳେ ଆମେ ପାଣି ମୁନ୍ଦିଏ ଦେବାକୁ ଅନିଚ୍ଛୁକ। ମାତ୍ର ତା'ର ଅସହାୟତାର ଫଟୋ ଆମେ ମୋବାଇଲ୍‌ରେ ଉଠାଇ ଭାଇରାଲ୍ କରିବାକୁ ଆଗଭର। 'ବସୁଧୈବ କୁଟୁମ୍ବକମ୍'ର ଏହା ଆଧୁନିକ ନିର୍ଯ୍ୟାସ। ସଭାସମିତିରେ ବଡ଼ପଣ୍ଡା ସାଜି ଯୌତୁକ ବିରୋଧରେ ଗଳା ଫଟାଇ ଚିତ୍କାର କରୁଥିବା ବ୍ୟକ୍ତିଟି ଘରେ ବଧୂ ନିର୍ଯାତନାର ମହାନାୟକ ସାଜି ବୋହୂକୁ ଆଉ ଅଧିକ ଯୌତୁକ ଆଣିବାକୁ ବାଧ୍ୟ କରିଥାଏ। ସଭାରେ ବିଶିଷ୍ଟ ସମାଜବାଦୀ ବୋଲାଉଥିବା ଲୋକଟି ଘରେ ସାମନ୍ତବାଦର ବିଶିଷ୍ଟ ପୁରୋଧା। ଏହିଭଳି ଅନେକ ବିପରୀତ ଆଚରଣରେ ଆମ ସମାଜ ଆଜି କଳୁଷିତ। ସଭ୍ୟ, ଶିକ୍ଷିତ ଓ ଜ୍ଞାନୀ ମଣିଷ ସାମାଜିକ ଭାରସାମ୍ୟ ନଷ୍ଟ କରିବାରେ ବ୍ୟସ୍ତ।

ପିତାମାତା ବୃଦ୍ଧାଶ୍ରମକୁ ବିସ୍ଥାପିତ ନ ହୁଅନ୍ତୁ, ସାମାଜିକ ଗଣମାଧ୍ୟମରେ ଅସଂଖ୍ୟ ବନ୍ଧୁ ରୁହନ୍ତୁ କିନ୍ତୁ ଅସଲ ବନ୍ଧୁଙ୍କୁ କେବେ ବି ପାଖଛଡ଼ା କରା ନ ଯାଉ, ମାନବିକତାକୁ ଜଳାଞ୍ଜଳି ନ ଦେଇ ଦୁର୍ଘଟଣାଗ୍ରସ୍ତ ଅସହାୟ ମଣିଷର ମୋବାଇଲ୍ ଫଟୋ ଭାଇରାଲ୍ କରାଯାଉ କିନ୍ତୁ ତାକୁ ପାଣି ମୁନ୍ଦିଏ ମଧ୍ୟ ଦିଆଯାଉ। ଅର୍ଥାତ୍ ଭାରତୀୟ ସଂସ୍କୃତିକୁ ବିକୃତ ହେବାକୁ ଦିଆ ନ ଯାଉ। କାରଣ ଜାତି (ନେଶନ) ସ୍ୱାଧୀନ ହେଉ ଅଥବା ପରାଧୀନ ହେଉ ସଂସ୍କୃତି ବଞ୍ଚିଥିବା ପର୍ଯ୍ୟନ୍ତ ଜାତିର ମୃତ୍ୟୁ ହୁଏନାହିଁ। ଅର୍ଥାତ୍ ଜାତିର ସ୍ୱତନ୍ତ୍ରତା ନଷ୍ଟ ହୋଇଗଲେ ସେ ଜାତିର ପରିଚିତି ମଧ୍ୟ ବିଶ୍ୱ ଦରବାରରୁ ନିଷ୍କ୍ରାନ୍ତ ହୋଇଯାଏ ବା ସବୁଦିନ ପାଇଁ ହଜିଯାଏ। ତେଣୁ ଆମ ପାଇଁ କ'ଣ କରଣୀୟ ତାହା ପାଠକମାନଙ୍କ ବିଚାର ଲାଗି ଛାଡ଼ିଦେଉଛି।

ମହାନଦୀ ବିହାର, କଟକ
ମୋ-୯୮୬୧୧୪୦୧୬୯

## ଏଇ ଭାରତରେ

ଜାଳେଣି କାଠର ବିକଳ୍ପ ସ୍ୱଚ୍ଛ ଇନ୍ଧନ ଆବିଷ୍କାର କରି ବାୟୁ ପ୍ରଦୂଷଣ ରୋକିବାରେ ସକ୍ରିୟ ଭୂମିକା ନେଉଛନ୍ତି ମହାରାଷ୍ଟ୍ରର ଡ. ପ୍ରିୟଦର୍ଶିନୀ କାର୍ଭେ। ସେ ରହୁଛନ୍ତି ପୁଣେଠାରୁ ପାଖାପାଖି ୧୦୦ କି.ମି. ଦୂର ଫାଲଟନ ସହରରେ। କାର୍ଭେ କୃଷିଜାତ ବର୍ଜ୍ୟରୁ ଜୈବଇନ୍ଧନ ପ୍ରସ୍ତୁତ କରୁଛନ୍ତି। ନୂତନ ଟେକ୍‌ନୋଲୋଜିରେ ସେ କୃଷି ବର୍ଜ୍ୟରୁ ଜୈବଅଙ୍ଗାର ଇନ୍ଧନ (ବାୟୋଚାର୍ ଫୁଏଲ) ତିଆରି କରୁଛନ୍ତି। ଏହି ପ୍ରକାର ସ୍ୱଚ୍ଛ ଇନ୍ଧନରେ କମ୍ ସମୟରେ ରୋଷେଇ ପାଇଁ ସେ ମଧ୍ୟ ଏକ ଷ୍ଟୋଭ ନିର୍ମାଣ କରିଛନ୍ତି। ଏହାର ନାମ ରଖିଛନ୍ତି 'କାର୍ଭେ ଷ୍ଟିମ୍ କୁକିଂ ଷ୍ଟୋଭ୍'। ଏଥିରେ ମାତ୍ର ୧୦୦ ଗ୍ରାମ ଜୈବଅଙ୍ଗାର ଜାଳେଣି ଓ ଏକ ଗ୍ଲାସ ପାଣି ବ୍ୟବହାର ହେଉଛି। ଏହି ପରିମାଣ ଜାଳେଣି ୩୦ ମିନିଟ ଧରି ଜଳିବା ପରେ ଷ୍ଟିମ୍‌ରେ ୪ ଜଣଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ ହୋଇପାରୁଛି। ସ୍କୁଲରେ ପଢିବା ସମୟରେ ସେ ଆଖୁବର୍ଜ୍ୟ ପୋଡ଼ି ଜନିତ ପ୍ରଦୂଷଣକୁ ଲକ୍ଷ୍ୟ କରିଥିଲେ ଓ ସେବେଠାରୁ ଏହାର ବିକଳ୍ପ ଚିନ୍ତା କରୁଥିଲେ। କାର୍ଭେ ଉଚ୍ଚଶିକ୍ଷା ଲାଭ କରି ଦୀର୍ଘ ୨୦ ବର୍ଷ ହେଲା ଗବେଷଣା କରିବା ପରେ ଏହି ସଫଳତା ପାଇଛନ୍ତି। ଏଭଳି ଆବିଷ୍କାର ଯୋଗୁ ଜାଳେଣି କାଠ ଇନ୍ଧନ ବ୍ୟବହାର କମ୍ ହେବା ସହ ବାୟୁ ପ୍ରଦୂଷଣ ହ୍ରାସ ଲାଗି ଉପଯୋଗୀ ହୋଇପାରିଛି। ତାଙ୍କ କମ୍ପାନୀ ଏବେ ୬୦,୦୦୦ ଷ୍ଟୋଭ ବିକ୍ରି କରିସାରିଲାଣି।

## ୨୫ ବର୍ଷ ତଳର ଧରିତ୍ରୀ

୩ ଜାନୁୟାରୀ ୧୯୯୮

- ଦେଶରେ ଆର୍ଥିକ ସଙ୍କଟ ଦେଖା ଦେଇଥିବାରୁ ମାଲେସିଆ ସରକାର ପକ୍ଷରୁ ସରକାରୀ କର୍ମଚାରୀଙ୍କ ବିଦେଶ ଭ୍ରମଣ ଉପରେ କଟକଣା ଜାରି।
- ଟେନିସ୍ ଜଗତର ବର୍ଷୀୟାନ ମହିଳା ଟେନିସ ଖେଳାଳି ହେଲେନ ୱିଲ୍ସ ମୁଡିଙ୍କ ୯୨ ବର୍ଷ ବୟସରେ ପରଲୋକ।
- ବିମଳ ମିତ୍ରଙ୍କ ବଙ୍ଗଳା ପୁସ୍ତକ 'ଆସାମୀ ହାଜିର' ଅନୁବାଦ ପାଇଁ ରାଜ୍ୟର ବିଶିଷ୍ଟ ଅନୁବାଦକ ତଥା ସାହିତ୍ୟିକ ଯୁଗଳ କିଶୋର ଦତ୍ତଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ।

## ପାଠକ ଶ୍ରେଷ୍ଠ ବିଚାରକ

### ସମୃଦ୍ଧି ଓ ଅଭିବୃଦ୍ଧିରେ ବାଧକ

ମହାଶୟ,

ଚାଇନା ତା' ସୀମା ମଧ୍ୟରେ ବିଭିନ୍ନ ସ୍ଥାନରେ ପାହାଡ଼ କାଟିବା ଏବଂ ଟନେଲ ଖୋଳି ରୋଡ୍ ଓ ରେଳଲାଇନ ବିଛାଇ ପ୍ରମୁଖ ସହର ମଧ୍ୟରେ ସଂଯୋଗୀକରଣ କରିଛି। କିନ୍ତୁ ଭାରତକୁ ସେପରି ବିକାଶ କାର୍ଯ୍ୟ କରିବାକୁ କିଏ ବାରଣ କରିଛି ? ଭାରତରେ ସବୁ କିଛି ଥାଇ ତା'ର ବ୍ୟବହାର ନ କରି ଅନ୍ୟ ଦେଶ ଉପରେ ନିର୍ଭରଶୀଳ ହୋଇ ରହିଛି। ଲୁହା ଖଣି ଅଛି, କିନ୍ତୁ ଅଧିକ କାରଖାନା ନାହିଁ। ଅଛି କପାଚାଷ, କିନ୍ତୁ ସୂତା ଓ ଲୁଗାକଳ ବନ୍ଦ, ଅଛି ବାଉଁଶ କିନ୍ତୁ କାଗଜକଳ ନାହିଁ। କାଗଜ, ଖାଇବାତେଲ ଓ ଗହମ ପାଇଁ ୟୁକ୍ରେନ୍ ଓ ରୁଷିଆ ଉପରେ ନିର୍ଭର। ଆଖୁଚାଷରେ ଆଖୁ ଆମଦାନୀ ପ୍ରଚୁର, କିନ୍ତୁ ଚିନିକଳ ବନ୍ଦ। ଚିରସ୍ରୋତା ନଦୀନାଳ, ଝରଣା ଓ ଜଳପ୍ରପାତ ରହିଥିବା ସତ୍ତ୍ୱେ ଠିକ୍‌ରୂପେ ଜଳସେଚନ ପ୍ରକଳ୍ପ କରାଯାଇ ପାରିନାହିଁ। ଆମ ଦେଶର ଗଣତନ୍ତ୍ର ରକ୍ଷକମାନେ ସ୍ୱାର୍ଥନିହିତ କାର୍ଯ୍ୟରୁ ନିବୃତ୍ତ ରହିଲେ ଦେଶର ବିକାଶ ନିଶ୍ଚିତ। ଲୋକାଭିମୁଖୀ ନିର୍ମଳ ଶାସନ ହିଁ ରାଜନୀତିକୁ ନିଷ୍କଳଙ୍କ ଓ ସ୍ୱଚ୍ଛ କରାଇପାରିବ। ଦେଶ ଉନ୍ନତି ପଥର ଶାସନ ପଦ୍ଧତିରେ ଦୁର୍ନୀତି ଓ ଭ୍ରଷ୍ଟାଚାର ହଟିବା ଦରକାର।

– ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ୍ ଗଳି, ପୁରୀ

## ଚିରନ୍ତନୀ

ବିରହୀ ଚକୋର ଦମ୍ପତି
ତାଙ୍କୁ, ଦେବି ମୁଁ ମିଳନ-ସମ୍ପତ୍ତି,
ଭୁବନ ଚାହିଁଛି କାତରେ, ତାକୁ ମୁଁ
ବିରଚିବି ଶୋଭା ସଦନ
ହାହାକାରେ ପୂରେ ଗଗନ !
–(ବିଶ୍ୱର ଆହ୍ୱାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୫୦ ବର୍ଷିଆ ପୁରୁଣା ଗାଡ଼ି ପାଇଁ ହେବ ସ୍ୱତନ୍ତ୍ର ନମ୍ବର ପ୍ଲେଟ୍

## ୧୦ ବର୍ଷ ପାଇଁ ୨୦ ହଜାର ପଞ୍ଜୀକରଣ ଖର୍ଚ୍ଚ

ଭୁବନେଶ୍ୱର,୨।୧(ବ୍ୟୁରୋ)

ବହୁ ପୁରୁଣା ଯାନ(ଭିଣ୍ଟେଜ୍) ସଂଗ୍ରହକାରୀଙ୍କ ପାଇଁ ଖୁସି ଖବର। ୨୦୨୩ ଜାନୁୟାରୀ ପହିଲାରୁ ୫୦ ବର୍ଷରୁ ଅଧିକ ସମୟର କ୍ଲାସିକ୍ ଯାନଗୁଡ଼ିକ ପାଇଁ ସ୍ୱତନ୍ତ୍ର ନମ୍ବର ପ୍ଲେଟ୍ ହେବ। ଏହି ଯାନର ମାଲିକମାନେ ଏଥିପାଇଁ ଆବେଦନ କରିପାରିବେ। ନୂଆ ନିୟମ ଅନୁଯାୟୀ, ନୂତନ ପଞ୍ଜୀକରଣ ସାର୍ଟିଫିକେଟ୍ ପାଇଁ ଯାନବାହନ ମାଲିକଙ୍କୁ ୨୦,୦୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଏହା ୧୦ ବର୍ଷ ପାଇଁ ବୈଧ ହେବ। ପରବର୍ତ୍ତୀ ସମୟରେ, ଉକ୍ତ ପଞ୍ଜୀକରଣର ନବୀକରଣ ପାଇଁ ଅତିରିକ୍ତ ୫୦୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଏହାର ବୈଧତା ୫ ବର୍ଷ ଯାଏ ରହିବ। ପୁରୁଣା ମୋଟର ଯାନଗୁଡ଼ିକ ନିୟମିତ କିମ୍ବା ବାଣିଜ୍ୟିକ ଉଦ୍ଦେଶ୍ୟରେ ରାସ୍ତାରେ ଚାଲିପାରିବ ନାହିଁ। ଏହା କେବଳ ପ୍ରଦର୍ଶନୀ, ରାଲି କିମ୍ବା ସେହିଭଳି ଉଦ୍ଦେଶ୍ୟରେ ଚାଲିପାରିବ।

ଫର୍ମ ୨୩ (ଏ )ର ସର୍ତ୍ତ ଅନୁଯାୟୀ ଯାନର ଯାଞ୍ଚ ପରେ ଯାନର ଫିଟ୍‌ନେସ ଏବଂ ବୈଧ ପିୟୁସି ଥିଲେ ରାଜ୍ୟ ପଞ୍ଜୀକରଣ ପ୍ରାଧିକରଣ ଦ୍ୱାରା ପଞ୍ଜୀକରଣର ଏକ ପ୍ରମାଣପତ୍ର ପ୍ରଦାନ କରାଯିବ। ଭିଣ୍ଟେଜ୍‌ଯୋଗ୍ୟ ଯାନକୁ XX VA YY ଭାବରେ ଏକ ନୂତନ ପଞ୍ଜୀକରଣ ଚିହ୍ନ ଦିଆଯିବ। ଯେଉଁଠାରେ VA ଭିଣ୍ଟେଜ୍ ପାଇଁ, XX ଷ୍ଟେଟ୍ କୋଡ୍ ପାଇଁ, YY ଦୁଇଟି ଅକ୍ଷର ରହିବ। ନୂତନ ନମ୍ବର ଦିଆଯିବା ପରେ ଭିଣ୍ଟେଜ୍ ମୋଟର ଯାନର ମାଲିକ ମଧ୍ୟ ଉକ୍ତ ଯାନର ମାଲିକାନା ହସ୍ତାନ୍ତର ପାଇଁ ଆବେଦନ କରିପାରିବେ ଓ ଭିଣ୍ଟେଜ୍ ଗାଡ଼ିକୁ ବିକ୍ରି କରିପାରିବେ। ମୋଟର ଯାନ ଅଧିନିୟମ, ୧୯୮୮ ଅନୁଯାୟୀ ଦିଆଯାଇଥିବା ପଦ୍ଧତିରେ ଆବେଦନ କରି ଠିକଣା ମଧ୍ୟ ପରିବର୍ତ୍ତନ କରିପାରିବେ। ସେହି ଯାନଗୁଡ଼ିକ ଓଡ଼ିଶା ସ୍କ୍ରାପେଜ ପଲିସିରୁ ମୁକ୍ତି ପାଇପାରିବେ। ଭିଣ୍ଟେଜ୍ ଯାନଗୁଡ଼ିକର ଐତିହ୍ୟକୁ ସଂରକ୍ଷଣ ତଥା ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଭିଣ୍ଟେଜ୍ ମୋଟର ଯାନଗୁଡ଼ିକର ପଞ୍ଜୀକରଣ ପ୍ରକ୍ରିୟା ପାଇଁ କେନ୍ଦ୍ରୀୟ ମୋଟର ଯାନ ନିୟମ-୧୯୮୯ ଅନୁଯାୟୀ ବ୍ୟବସ୍ଥା କରିଛି। ଯେଉଁମାନେ ଏହିପରି ଯାନ ରଖିବାକୁ ଇଚ୍ଛା କରୁଛନ୍ତି ସେମାନଙ୍କ ପାଇଁ ଏହା ଏକ ବଡ଼ ସୁଯୋଗ। ଐତିହ୍ୟ ଓ ସଂସ୍କୃତି ବଜାୟ ରଖିବା ପାଇଁ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବାରେ ଓଡ଼ିଶା ପ୍ରଥମ ରାଜ୍ୟ ହୋଇଛି।

**ମିଳିବ ସ୍ୱତନ୍ତ୍ର ପଞ୍ଜୀକରଣ ମାର୍କ**




ପରିବହନ ଯୁଗ୍ମ କମିଶନର ଦୀପ୍ତିରଞ୍ଜନ ପାତ୍ର (ଟେକ୍ନିକାଲ) କହିଛନ୍ତି, ସ୍କ୍ରାପ୍ ନୀତି ପ୍ରଣୟନ କରି ପୁରୁଣା ଗାଡ଼ିର ବ୍ୟବହାରକୁ ନିରୁତ୍ସାହିତ କରିବା ପାଇଁ ମନ୍ତ୍ରଣାଳୟ ଏଭଳି ପଦକ୍ଷେପ ନେଇଛି। ଭାରତରେ ଥିବା ପୁରୁଣା ଯାନଗୁଡ଼ିକର ଐତିହ୍ୟକୁ ସଂରକ୍ଷଣ ଏବଂ ପ୍ରୋତ୍ସାହିତ କରିବା ଦିଗରେ ଭିଣ୍ଟେଜ୍ ମୋଟର ଯାନଗୁଡ଼ିକର ପଞ୍ଜୀକରଣ ପ୍ରକ୍ରିୟାକୁ ସରକାର ଆନୁଷ୍ଠାନିକ ଭାବରେ ଅନୁମତି ଦେଇଛନ୍ତି। ନୂତନ ନିୟମଗୁଡ଼ିକ ଏକ ବିଶେଷ ଭିଣ୍ଟେଜ୍ ପଞ୍ଜୀକରଣ ମାର୍କ ଭିଏ ସିରିଜ୍ (ୟୁନିକ୍ ରେଜିଷ୍ଟ୍ରେଶନ୍ ମାର୍କ) ସହିତ ପୁରୁଣା ପଞ୍ଜୀକୃତ ଯାନଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିବ। ନିୟମ ଅନୁଯାୟୀ, ଦୁଇଚକିଆ ଯାନ ଏବଂ ଚାରିଚକିଆ ଯାନ (ବ୍ୟକ୍ତିଗତ ବ୍ୟବହାର) ଯାହା ସେମାନଙ୍କର ପ୍ରଥମ ପଞ୍ଜୀକରଣ ତାରିଖଠାରୁ ୫୦ ବର୍ଷରୁ ଅଧିକ ପୁରୁଣା ହୋଇଥିବ (ଆମଦାନୀ ହୋଇଥିବା ଯାନ ମଧ୍ୟ ଅନ୍ତର୍ଭୁକ୍ତ) ସେଗୁଡ଼ିକୁ ଭିଣ୍ଟେଜ୍ ମୋଟର ଯାନ ଭାବରେ ଗ୍ରହଣ କରାଯିବ। ଯେଉଁ ଯାନବାହନର ଚେସିସ୍ କିମ୍ବା ବଡି ସେଲ୍‌ରେ ପରିବର୍ତ୍ତନ ଏବଂ ଇଞ୍ଜିନରେ କୌଣସି ପ୍ରମୁଖ ମରାମତି ହୋଇ ନ ଥିବ ତାହାକୁ ଭିଣ୍ଟେଜ୍ ମୋଟର ଯାନ ଭାବରେ ଗ୍ରହଣ କରାଯିବ। ଫର୍ମ ୨୦ ଅନୁଯାୟୀ ପଞ୍ଜୀକରଣ/ପୁନଃ ପଞ୍ଜୀକରଣ ପାଇଁ ଆବେଦନ କରାଯିବ। ଆମଦାନୀ ହୋଇଥିବା ଯାନ କ୍ଷେତ୍ରରେ ବୀମା ପଲିସି, ଫି, ପ୍ରବେଶ ବିଲ୍ ଏବଂ ପୁରୁଣା ଆର୍‌ସି ରହିବା ଦରକାର। ଭାରତରେ ପୂର୍ବରୁ ପଞ୍ଜୀକୃତ ହୋଇଥିବା ଯାନ ଥରେ ଭିଣ୍ଟେଜ୍ ମୋଟର ଯାନ ଭାବରେ ପଞ୍ଜୀକୃତ ହେବା ପରେ ସେହି ଯାନର ପୁରୁଣା ପଞ୍ଜୀକରଣର ପ୍ରମାଣପତ୍ରକୁ ବାତିଲ କରାଯିବ। ମାଲିକ କେବଳ ଐତିହାସିକ ଉଦ୍ଦେଶ୍ୟରେ ଏହିପରି ବାତିଲ ହୋଇଥିବା ପଞ୍ଜୀକରଣ ପ୍ରମାଣପତ୍ରକୁ ରଖିପାରିବେ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ରାଜ୍ୟ ସରକାର ୧୫ ବର୍ଷରୁ ଉର୍ଦ୍ଧ୍ୱ ପୁରୁଣା ଗାଡ଼ିକୁ ହଟାଇବାକୁ ସ୍କ୍ରାପେଜ ପଲିସି ଆଣିଛନ୍ତି। ୧୫ ବର୍ଷରୁ ଅଧିକ ପୁରୁଣା ଗାଡ଼ି ଆଉ ରାସ୍ତାରେ ଚାଲିପାରିବ ନାହିଁ। ସେଥିପାଇଁ ସରକାରୀ ପ୍ରୋତ୍ସାହନ ବ୍ୟବସ୍ଥା କରାଯାଇଛି।



ପୁରୀ ବେଳାଭୂମିରେ ସୋମବାର ଏକ ମୃତ ଅଲିଭ୍ ରିଡ୍‌ଲେ କଇଁଛକୁ କୁଆମାନେ ଖାଉଛନ୍ତି।

# ନମିତା ଗୋଖ୍‌ଲେଙ୍କୁ 'ନୀଳିମାରାଣୀ ସାହିତ୍ୟ ସମ୍ମାନ'



**କାଦମ୍ବିନୀ ସାହିତ୍ୟ ମହୋତ୍ସବ ଓ ତ୍ରୟୋଦଶ ପତ୍ରିକା ହାଟ**

- **ଫକୀର ମୋହନ ହେଉଛନ୍ତି ଭାରତୀୟ ସାହିତ୍ୟର ସେନାପତି: ମାଧବ କୌଶିକ**
- **ସୁସ୍ମିତା ବାଗ୍‌ଚୀଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ମାନ'**
- **୩ଜଣଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ବର୍ଦ୍ଧନା'**

ଭୁବନେଶ୍ୱର,୨।୧(ବ୍ୟୁରୋ)

ଭାରତୀୟ ସାହିତ୍ୟକୁ ଅନ୍ୟ କେତେକ ଭାଷାର ବହୁ ଅବଦାନ ରହିଛି। ତେବେ ଏ କ୍ଷେତ୍ରରେ ଓଡ଼ିଆ ଭାଷାର ସର୍ବୋଚ୍ଚ ଯୋଗଦାନ ରହିଛି। ଫକୀର ମୋହନ ସେନାପତି ହେଉଛନ୍ତି ଆମ ସାହିତ୍ୟର ସେନାପତି। ସୋମବାର ଅଷ୍ଟାଦଶ କାଦମ୍ବିନୀ ସାହିତ୍ୟ ମହୋତ୍ସବ ଓ ତ୍ରୟୋଦଶ ପତ୍ରିକା ହାଟକୁ ଉଦ୍‌ଘାଟନ କରି ବିଶିଷ୍ଟ ଲେଖକ ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ଉପସଭାପତି ମାଧବ କୌଶିକ ଏହା କହିଛନ୍ତି। ଲେଖିକା, କବି ତଥା ଜୟପୁର ଜାତୀୟ ସାହିତ୍ୟ ମହୋତ୍ସବର ସହ-ପ୍ରତିଷ୍ଠାତା ନମିତା ଗୋଖଲେ କହିଲେ, ସମସ୍ତଙ୍କ ଜୀବନରେ ମାତୃଭାଷାର ଗୁରୁତ୍ୱ ରହିଛି। ତେବେ ଅନ୍ୟସବୁ ଭାଷାର ଆଦର ରହିବା ଉଚିତ। ଅନ୍ୟତମ ଅତିଥି ବିଶିଷ୍ଟ ଅଭିନେତା ସଚିନ୍ ପିଲଗାଁଓକର୍ କହିଲେ, ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଜାଣିବାକୁ ହେଲେ ସମସ୍ତେ ଓଡ଼ିଶା ଆସିବା ଉଚିତ। ମରାଠୀ ଓ ହିନ୍ଦୀ ଚଳଚ୍ଚିତ୍ର ଅଭିନେତ୍ରୀ ସୁପ୍ରିୟା ପିଲଗାଁଓକର୍ କହିଲେ, ସାହିତ୍ୟ ଓ ସଂସ୍କୃତି ମାଧ୍ୟମରେ ସମ୍ଭାବନା ସୃଷ୍ଟି ହୋଇଥାଏ। ମରାଠୀ ସାହିତ୍ୟିକା ଓ ସମାଜସେବୀ ଦୀପା ଦେଶମୁଖ କହିଲେ, ବିଜ୍ଞାନ ଆମକୁ ଦୃଷ୍ଟି ଓ ଦୃଷ୍ଟିକୋଣ ଦେଇଥାଏ। କଳା ଓ ସାହିତ୍ୟ ଆମର ଭାବାବେଗକୁ ପରିପ୍ରକାଶ କରିଥାଏ। କାଦମ୍ବିନୀର ପ୍ରତିଷ୍ଠାତା ତଥା କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣରେ କହିଲେ, ପତ୍ରିକାଟିଏ କରିବା ଓ ବଞ୍ଚାଇ ରଖିବା କଷ୍ଟକର ବ୍ୟାପାର। ପୁଣି ଏକ ଫିଚର ପତ୍ରିକା ପ୍ରକାଶ କରିବା ଆହୁରି କଷ୍ଟକର। ବିଭିନ୍ନ କାରଣରୁ ବିଶେଷକରି ଆର୍ଥିକ ଅସୁବିଧାରୁ ଅନେକ ଓଡ଼ିଆ ପତ୍ରିକା ବନ୍ଦ ହୋଇଯାଉଛି। କାଦମ୍ବିନୀ ପ୍ରକାଶନୀ ମାଧ୍ୟମରେ ଏଭଳି ୨୦ରୁ ୨୫ଟି ଦୁସ୍ଥ ପତ୍ରିକାକୁ ପ୍ରୋତ୍ସାହନ ଯୋଗାଇ ଦିଆଯିବ ବୋଲି ସେ ଘୋଷଣା କରିଥିଲେ। ଏହି ଅବସରରେ କାଦମ୍ବିନୀ ସାହିତ୍ୟ ଏକାଡ଼େମୀ ପକ୍ଷରୁ ନମିତା ଗୋଖଲେଙ୍କୁ ଜାତୀୟସ୍ତରୀୟ 'ନୀଳିମାରାଣୀ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ୫ଲକ୍ଷ ଟଙ୍କାର ଅର୍ଥରାଶି, ରୌପ୍ୟ ପଦକ, ସନନ୍ଦ ପତ୍ର ଓ ଉପଢୌକନ ଦିଆଯାଇଛି। ସେହିପରି ଔପନାସିକା ତଥା ଲେଖିକା ସୁସ୍ମିତା ବାଗ୍‌ଚୀଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ମାନ' ପ୍ରଦାନ କରାଯାଇଥିବାବେଳେ ପୁରସ୍କାର ସ୍ୱରୂପ ୧ଲକ୍ଷ ଟଙ୍କାର ଅର୍ଥରାଶି ଦିଆଯାଇଥିଲା। 'ପକ୍ଷୀଘର'ର ସମ୍ପାଦକ ବନୋଜ ତ୍ରିପାଠୀଙ୍କୁ 'କାଦମ୍ବିନୀ ସମ୍ପାଦକ ସମ୍ମାନ', ବରିଷ୍ଠ ସାହିତ୍ୟିକ ଗଣେଶରାମ ନାହାକ, ରବୀନ୍ଦ୍ରନାଥ ମିଶ୍ର ଓ କେଶବ ଚନ୍ଦ୍ର ରାଉତରାୟଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ବର୍ଦ୍ଧନା' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ଅତିଥିଙ୍କ ଦ୍ୱାରା କାଦମ୍ବିନୀ ଓ କୁନିକଥା ଜାନୁୟାରୀ ସଂଖ୍ୟା (ମରାଠୀ ଅନୁବାଦ ବିଶେଷାଙ୍କ) ଓ ଡ. ଇତି ସାମନ୍ତଙ୍କ ଉପନ୍ୟାସ 'ଶକୁନ୍ତଳାର ଝିଅ'ର ହିନ୍ଦୀ ଅନୁବାଦ 'ଶକୁନ୍ତଳା କି ବେଟୀ' ଉନ୍ମୋଚିତ ହୋଇଥିଲା। ଭାଷାବିତ୍ ଦେବାଶିଷ ମହାପାତ୍ର, 'ଶକୁନ୍ତଳା କି ବେଟୀ'ର ପ୍ରକାଶକ ଦିଲ୍ଲୀ ମେଧାବୁକ୍ସର ଅଧିକାରୀ ଅଜୟ କୁମାର ଏବଂ ଅନୁବାଦକ ଶଙ୍କରଲାଲ୍ ପୁରୋହିତ ଉପସ୍ଥିତ ଥିଲେ।

# ବାର୍ଡ ଫ୍ଲୁ ପାଇଁ ୧୬୪ ପକ୍ଷୀଙ୍କ ରକ୍ତ, ମଳ ସଂଗ୍ରହ

- **ଜାତୀୟ ଉଦ୍ୟାନରେ ବହିରାଗତ ପକ୍ଷୀଙ୍କ ସମାଗମ**
- **କୁଆ, ବତକ, କୁକୁଡ଼ା, ପାରା ଆଦି ରୋଗର ବାହକ**
- **ଲକ୍ଷଣ ଦେଖିଲେ ଡାକ୍ତରଙ୍କ ପରାମର୍ଶ ଜରୁରୀ**

କେନ୍ଦ୍ରାପଡ଼ା ଅଫିସ, ୨।୧

କେନ୍ଦ୍ରାପଡ଼ା ଜିଲା ରାଜନଗରସ୍ଥିତ ଜାତୀୟ ଉଦ୍ୟାନ ଭିତରକନିକାରେ ବହିରାଗତ ପକ୍ଷୀଙ୍କ ସମାଗମ ହୋଇଥିବାରୁ ରାଜନଗର ବନ ବିଭାଗ ଓ ଜିଲା ପ୍ରାଣୀଧନ ବିଭାଗ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଛି। ଭିତରକନିକା ଅଞ୍ଚଳରୁ ୬୪ ଓ ଜିଲାର ଅନ୍ୟ ଅଞ୍ଚଳର କୁକୁଡ଼ା ଫାର୍ମ, ଘରେ ଥିବା ୧୦୦ ପକ୍ଷୀଙ୍କ ମଳ ଓ ରକ୍ତ ନମୁନା ସଂଗ୍ରହ ହୋଇଛି। ସେହିପରି ପ୍ରାଣୀଧନ ବିଭାଗ ପକ୍ଷରୁ ଜିଲାର ୯ ବ୍ଲକ ଅଞ୍ଚଳରେ ରାପିଡ ରେସ୍‌ପନ୍ସ ଟିମ୍ ସହ ୪୦ଟି କୁକୁଡା ଫାର୍ମ ମାଲିକଙ୍କୁ ଅସୁସ୍ଥ ଚିଆଁ ସମ୍ପର୍କରେ ଜାଣିବା ପାଇଁ ତାଲିମ ପ୍ରଦାନ କରାଯାଇଛି। କୁଆ, ବତକ, ବିଦେଶାଗତ ପାରା, କୁକୁଡ଼ା ଆଦି ପକ୍ଷୀ ବାର୍ଡ ଫ୍ଲୁର ବାହକ ହୋଇଥିବା ବେଳେ ଲକ୍ଷଣ ଦେଖିଲେ ୪୮ ଘଣ୍ଟା ମଧ୍ୟରେ ଡାକ୍ତରଙ୍କ ସହ ପରାମର୍ଶ ଜରୁରୀ ବୋଲି ସିଡିଭିଓ ଡା. ଦୀପ୍ତି ମହାପାତ୍ର ଓ ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ର କହିଛନ୍ତି।

ଏ ସମ୍ପର୍କରେ ଏଡିଏମ୍‌ଓ ଡା. ମିଶ୍ର କହିଛନ୍ତି, ବାର୍ଡ ଫ୍ଲୁ ପାଇଁ ଏଚ ୫ ଏନ୍ ୧ ଭୂତାଣୁ ଦାୟୀ। ଏହି ରୋଗ ସଂକ୍ରମିତ ହେଲେ ବହୁ ପକ୍ଷୀଙ୍କ ମୃତ୍ୟୁ ହୋଇଥାଏ। ପକ୍ଷୀଙ୍କ ସହିତ ମିଳାମିଶା କରୁଥିବା ଲୋକ ଏଥିରେ ସଂକ୍ରମିତ ହେବା ବହୁବାର ଦେଖିବାକୁ ମିଳିଛି। ସଂକ୍ରମିତ ରୋଗ ପାଇଁ କୁକୁଡ଼ା ଚାଷୀ ବିଶେଷ କ୍ଷତିଗ୍ରସ୍ତ ହୋଇଥାନ୍ତି। ସେହିପରି କଞ୍ଚା ଓ ଦରସିଝା ଅଣ୍ଡା ଏହି ସମୟରେ ଆଦୌ ବ୍ୟବହାର କରିବା ଉଚିତ ନୁହେଁ। ବାର୍ଡ ଫ୍ଲୁରେ ସଂକ୍ରମିତ ପ୍ରଥମ ମଣିଷ ୧୯୯୭ରେ ହଂକଂରେ ଚିହ୍ନଟ ହୋଇଥିଲା। ସେହିବର୍ଷ ପ୍ରାୟ ୬୦ ପ୍ରତିଶତ ଗୃହପାଳିତ ପକ୍ଷୀଙ୍କ ମୃତ୍ୟୁ ହୋଇଥିଲା। ସଂକ୍ରମିତ ପକ୍ଷୀଙ୍କ ମଳ, ଲାଳ, ଆଖିରୁ ନିଗୁଡୁଥିବା ପାଣି ଏହି ଭୂତାଣୁର ବାହକ ହୋଇଥାନ୍ତି। ବିଶେଷକରି ବିଦେଶାଗତ ପକ୍ଷୀଙ୍କ ଦ୍ୱାରା ଏହି ରୋଗ ବ୍ୟାପିଥାଏ। କଫ, ଡାଇରିଆ, ଜ୍ୱର, ଶ୍ୱାସ ନେବାରେ କଷ୍ଟ, ମୁଣ୍ଡବିନ୍ଧା, ମାଂସପେଶୀ ଯନ୍ତ୍ରଣା, ଗଳା ଖସଖସ ହେବା, ନାକରୁ ଅନବରତ ପାଣି ଗଡ଼ିବା ଆଦି ଏହି ରୋଗର ପ୍ରାଥମିକ ଲକ୍ଷଣ। ଲକ୍ଷଣ ଦେଖା ଦେବାର ୪୮ ଘଣ୍ଟା ମଧ୍ୟରେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ ବୋଲି ଏଡିଏମ୍‌ଓ ଡା. ମିଶ୍ର ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ସିଡିଭିଓ ଡା. ମହାପାତ୍ର କହିଛନ୍ତି, ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ୪୦ଟି ରାପିଡ୍ ରେସ୍‌ପନ୍ସ ଟିମ୍ ଗଠନ କରାଯାଇଛି। ଏଥିରେ ଜଣେ ଭିଏଏସ୍, ଜଣେ ଏଲ୍‌ଆଇ, ସ୍ଥାନୀୟ ଜିଲା ପରିଷଦ ସଭ୍ୟ ଓ ସାମାଜିକ କର୍ମୀଙ୍କୁ ସାମିଲ କରାଯାଇଛି। ଇତିମଧ୍ୟରେ ଏହି ଟିମ୍ ୪୦ଟି କୁକୁଡ଼ା ଫାର୍ମ ମାଲିକଙ୍କୁ ସଚେତନ କରିବା ସହ ତାଲିମ ପ୍ରଦାନ କରିଛନ୍ତି। ଏଥିସହ ଭିତରକନିକା ସମେତ ଜିଲାର ଅନ୍ୟ ସ୍ଥାନରେ ପକ୍ଷୀଙ୍କ ମଳ ଓ ରକ୍ତର ନମୁନା ସଂଗ୍ରହ କରାଯାଇ କଟକ ଜିଲା ଫୁଲନଖରାଠାରେ ଥିବା ଏଡିଆର୍‌ଆଇ (ଆନିମାଲ ଡିଜିଜ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍)କୁ ପଠାଯାଇଛି। ସେହିପରି ଅସୁସ୍ଥ ପକ୍ଷୀଙ୍କୁ ଚିହ୍ନଟ କରିବାକୁ ଟିମ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ଅଦ୍ୟାବଧି କୌଣସି ପକ୍ଷୀ ଏହି ରୋଗର ଶିକାର ହୋଇଥିବା ଚିହ୍ନଟ ହୋଇନାହାନ୍ତି।

# ରାଧାକୃଷ୍ଣଙ୍କ ନାବକେଳି, କଂସଙ୍କ ଧନୁଯାତ୍ରା ଆୟୋଜନ

**ବରଗଡ଼ ଧନୁଯାତ୍ରା**

ମଥୁରାନଗରୀ,୨।୧

ବରଗଡ଼ ଧନୁଯାତ୍ରାର ସୋମବାର ସପ୍ତମ ଦିବସରେ ମଥୁରାଧିପତି କଂସ ମହାରାଜଙ୍କ ପରାକ୍ରମ, ଧନୁଯାତ୍ରା ଆୟୋଜନ ଏବଂ ରାଧାକୃଷ୍ଣଙ୍କ ନାବକେଳି ଦୃଶ୍ୟାଭିନୟ ଦେଖିବାକୁ ମିଳିଥିଲା। ରାଧାକୃଷ୍ଣଙ୍କୁ ନେଇ ଗୋପବାସୀ ଶୋଭାଯାତ୍ରାରେ ମନାବନ୍ଧ ଅଭିମୁଖେ ବାହାରିଥିଲେ। ବାଟରେ ପ୍ରତିଘର ସମ୍ମୁଖରେ ପୂର୍ଣ୍ଣକଳସ ରଖି ରାଧାକୃଷ୍ଣଙ୍କୁ ସ୍ୱାଗତ କରାଯାଇଥିଲା। ମନାବନ୍ଧ (ଜଳାଶୟ)ରେ ନାବକେଳି ଦୃଶ୍ୟାଭିନୟ ବେଶ୍ ମନୋରମ ହୋଇଥିଲା। ସୁସଜ୍ଜିତ ଡଙ୍ଗାରେ ରାଧାକୃଷ୍ଣ ବସିଥିବାବେଳେ ନାଉରିଆ ଡଙ୍ଗାକୁ ଜଳାଶୟ ଚାରିପାଖ ବୁଲାଇଥିଲେ। ଏହି ଦୃଶ୍ୟାଭିନୟ ଚାଲିଥିବା ସମୟରେ ମନାବନ୍ଧର ଚତୁଃପାର୍ଶ୍ୱ ଲୋକାରଣ୍ୟ



ହୋଇପଡ଼ିଥିଲା। ଉପସ୍ଥିତ ମହିଳାଙ୍କ ହୁଳହୁଳି ଏବଂ ପୁରୁଷଙ୍କ ହରିବୋଲରେ ସ୍ଥାନୀୟ ଅଞ୍ଚଳ କମ୍ପି ଉଠିଥିଲା।

ଅନ୍ୟପକ୍ଷେ ମଥୁରାଧିପତି କଂସ ଅନ୍ୟଦିନ ଭଳି ଅପରାହ୍ନରେ ମଥୁରା ଭ୍ରମଣରେ ବାହାରିଥିଲେ। ଏହି ସମୟରେ ସେ ଷ୍ଟେଟବ୍ୟାଙ୍କ ସମେତ ଅନ୍ୟ ସ୍ଥାନ ପରିଦର୍ଶନ କରି ଲୋକମଣ୍ଡପ ପଡ଼ିଆ ସ୍ଥିତ ରଙ୍ଗମହଲରେ ପହଞ୍ଚିଥିଲେ। ସେଠାରେ କଂସ ମହାରାଜଙ୍କ ସମ୍ମୁଖରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ନୃତ୍ୟଗୀତ ପରିବେଷଣ କରିଥିଲେ। ଏହାପରେ କଂସ ମହାରାଜ ହାଟପଦା ସ୍ଥିତ ରାଜଦରବାରକୁ ଯାଇଥିଲେ। ଗୋପପୁର ପ୍ରେରିତ ରାକ୍ଷସୀ, ରାକ୍ଷସ ନିଧନ ପରଠାରୁ ମର୍ମାହତ କଂସ ଶ୍ରୀକୃଷ୍ଣଙ୍କୁ ହତ୍ୟା କରିବା ପାଇଁ ପୁଣି ଷଡ଼ଯନ୍ତ୍ର ରଚନା କରିଥିଲେ। ଏଥିପାଇଁ ସେ ଧନୁଯାତ୍ରାର ଆୟୋଜନ କରିଥିଲେ। ଏହି କ୍ରମରେ ଧନୁଯାତ୍ରାକୁ କୃଷ୍ଣ ଓ ବଳରାମଙ୍କୁ ନିମନ୍ତ୍ରଣ ପାଇଁ ସେ ମହାମନ୍ତ୍ରୀ ଅକ୍ରୁରଙ୍କୁ ଗୋପପୁର ଯିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ମଙ୍ଗଳବାରଠାରୁ ବର୍ତ୍ତମାନ ରଙ୍ଗମହଲ ପାଲଟିଥିବା ଲୋକମଣ୍ଡପ ମଞ୍ଚ ରାଜଦରବାର ଏବଂ ହାଟପଦା ମଞ୍ଚରେ ରଙ୍ଗମହଲ ଦୃଶ୍ୟାଭିନୟ ଦେଖିବାକୁ ମିଳିବ।

# କଳିଙ୍ଗନଗର ଗୁଳିକାଣ୍ଡକୁ ୧୭ ବର୍ଷ

**ବିସ୍ଥାପନ ଉନ୍ନୟନ ପରିଷଦ ପକ୍ଷରୁ ଶହୀଦ ଦିବସ ପାଳିତ**

କଳିଙ୍ଗନଗର,୨।୧(ଡି.ଏନ୍.ଏ.)

୨୦୦୬ ଜାନୁୟାରୀ ୨ରେ ଟାଟା କାରଖାନାକୁ ବିରୋଧ କରି କଳିଙ୍ଗନଗରରେ ଘଟିଥିବା ଗୁଳିକାଣ୍ଡରେ ୧୨ଆଦିବାସୀଙ୍କ ମୃତ୍ୟୁ ଘଟିଥିଲା। ପ୍ରାୟ ୩୭ ଜଣ ଆହତ ହୋଇଥିଲେ। ଏଥିପାଇଁ ପ୍ରତି ବର୍ଷ ଜାନୁୟାରୀ ୨କୁ ସ୍ଥାନୀୟ ଆଦିବାସୀମାନେ ଶହୀଦ ଦିବସ ଭାବେ ପାଳନ କରି ଆସୁଛନ୍ତି। କଳିଙ୍ଗନଗର ଗୁଳିକାଣ୍ଡକୁ ଇତିମଧ୍ୟରେ ୧୭ ବର୍ଷ ପୂରିଛି। ଏହି ଉପଲକ୍ଷେ ସୋମବାର ବିସ୍ଥାପନ ଉନ୍ନୟନ ପରିଷଦ ପକ୍ଷରୁ ମିଳିତ ଭାବେ ଶହୀଦ ଦିବସ ପାଳନ କରାଯାଇଛି। ସୋମବାର ସକାଳ ୯ଟାରୁ ଶତାଧିକ ଆଦିବାସୀ ଗୁଳିକାଣ୍ଡସ୍ଥଳ ଚମ୍ପାକୋଇଲଠାରେ ଏକତ୍ରିତ ହୋଇଥିଲେ। ସେଠାରେ ଥିବା ଶହୀଦ ସ୍ତମ୍ଭରେ ନୂଆ ବସ୍ତ୍ର, ଧୂପ, ଦୀପ ଦେଇ ପୂଜାର୍ଚ୍ଚନା କରିଥିଲେ। ତିରୀ ଦୁସଲମ, ଅୟାରଚମ୍ ଆଦି କରାଯାଇ ମାୟବଲିଙ୍ଗକୁ ପାଣି ଢ଼ାଳି ଗାଧୋଇ ଦିଆଯାଇଥିଲା। ପରେ ସମୁହେ ନିଜ ପାରମ୍ପରିକ ଅସ୍ତ୍ର ଶସ୍ତ୍ର ଧରି ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଥିଲେ। ଏହି ଶୋଭାଯାତ୍ରା ବାରଗାଡିଆ ଛକ, ଢୁବୁରୀ ଛକ, ଟାଟା କାରଖାନା ମୁଖ୍ୟ ଫାଟକ ଦେଇ ବୀର ଭୂମି ଆମ୍ବଗାଡ଼ିଆଠାରେ ପହଞ୍ଚିଥିଲା। ଶୋଭାଯାତ୍ରାରେ କଳିଙ୍ଗନଗର ବୀର ଶହୀଦ ଅମର ରହେ, ଆଦିବାସୀଙ୍କୁ ନ୍ୟାୟ ମିଳୁ ଆଦି ସ୍ଲୋଗାନ ଦିଆଯାଇଥିଲା। ଏହି ଶୋଭାଯାତ୍ରା ବୀରଭୂମିଠାରେ ପହଞ୍ଚିବା ପରେ ସେଠାରେ ଆଦିବାସୀମାନଙ୍କ ପାରମ୍ପରିକ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଅପରାହ୍ନ ୩ଟାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବିସ୍ଥାପନ ବିରୋଧୀ ଜନମଞ୍ଚ ସମ୍ପାଦକ ରବୀନ୍ଦ୍ର ଜାରିକାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିସ୍ଥାପନ ଉନ୍ନୟନ ପରିଷଦ ସଭାପତି ତ୍ରିଲୋଚନ ମହାନ୍ତ, ବୀରେନ ଜାମୁଦା, ଭୀମ ଆର୍ମିର ଅବଦୁଲ୍ ୱାହିଦ, ଅଲ୍ ଓଡ଼ିଶା ହୋ ଭାଷା ସଭାପତି ରାମ ରାଇ ମୁଣ୍ଡେୟା, ଅଲ୍ ଇଣ୍ଡିଆ ହୋ ସମାଜ ସମ୍ପାଦକ ଲକ୍ଷ୍ମୀଧର ତିଉ, ଗୋବର ଘାଟି ପଞ୍ଚାୟତ ପୂର୍ବତନ ସରପଞ୍ଚ ସ୍ୱର୍ଣ୍ଣଲତା ବାନରା, ବିସ୍ଥାପନ ବିରୋଧି ଜନମଞ୍ଚ ସଭାପତି ଅମର ସିଂ ବାନରା, ମନୋରଞ୍ଜନ ଜେନାପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା।

# 'ପ୍ରତିଷ୍ଠିତ ହେବା ନିମନ୍ତେ ଚେଷ୍ଟା, ଅଧିବସାୟ ଏକମାତ୍ର ରାସ୍ତା'

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୫୭ ତମ ପ୍ରତିଷ୍ଠା ଦିବସ**

**ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ଭାବେ ଗଢ଼ି ତୋଳିବାକୁ ଆହ୍ୱାନ**

ବ୍ରହ୍ମପୁର ଅଫିସ,୨।୧

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୫୭ତମ ପ୍ରତିଷ୍ଠା ଦିବସ ସୋମବାର ସାରସ୍ୱତ ପୀଠ ଭଞ୍ଜବିହାରସ୍ଥ ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ପାଳିତ ହୋଇଯାଇଛି। ଏଥିରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଶିକ୍ଷାବିତ୍ ତଥା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କବି ପଦ୍ମଶ୍ରୀ ପ୍ରଫେସର ଜୟନ୍ତ ମହାପାତ୍ରଙ୍କୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ କବିସମ୍ରାଟ ଉପେନ୍ଦ୍ରଭଞ୍ଜ ଜାତୀୟ ସମ୍ମାନରେ ସମ୍ମାନିତ କରାଯିବା ସହ ୧ଲକ୍ଷ ଟଙ୍କା ପୁରସ୍କାର ସହ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା। ଉତ୍ସବରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଅଧ୍ୟକ୍ଷତା କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିରେ ପିଜି କାଉନ୍‌ସିଲ ଅଧ୍ୟକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କୁଳସଚିବ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ସଭା ପରିଚାଳନା କରିଥିଲେ।



କବି ଜୟନ୍ତ ମହାପାତ୍ରଙ୍କୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ସ୍ୱରୂପ ୧ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଉଛି।

ମୁଖ୍ୟ ଅତିଥି ବାଗ୍‌ଚୀ ନିଜ ଭାଷଣ ପ୍ରସଙ୍ଗରେ ଜିଲାର ଛତ୍ରପୁରରେ ନିଜ ଛାତ୍ର ଜୀବନକୁ ମନେପକାଇବା ସେ ଦକ୍ଷିଣ ଓଡ଼ିଶା ଅତିନିଜର କହି ଆନନ୍ଦିତ ହୋଇଥିଲେ। ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପରିସରର ସ୍ୱଚ୍ଛତାକୁ ପ୍ରଶଂସା କରିଥିଲେ। ବାଗ୍‌ଚୀ ଆହୁରି କହିଥିଲେ,ସାମ୍ପ୍ରତିକ ସମାଜରେ ପ୍ରତିଷ୍ଠିତ ହେବା ନିମନ୍ତେ ସଫଳତା ରାତାରାତି ଆସେନି, ନିୟମିତ ଅଧ୍ୟବସାୟ ଓ ଅହରହ ପ୍ରଚେଷ୍ଟା ରହିବା ଆବଶ୍ୟକ ବୋଲି ବିଦ୍ୟାର୍ଥୀଙ୍କୁ ଆହ୍ୱାନ କରିଥିଲେ।

ଏହାସହ ଶିକ୍ଷାନୁଷ୍ଠାନ ହେଉ ଅବା ଶିଳ୍ପ ଅନୁଷ୍ଠାନ ପ୍ରତିଷ୍ଠିତ ଓ ବିଶ୍ୱସ୍ତରୀୟ ହେବା ନିମନ୍ତେ ମୁଖ୍ୟତଃ ତିନୋଟି ଉପାଦାନ ଦାୟୀ। ତାହା ହେଉଛି ସୁଦୃଢ଼ ଭିତ୍ତିଭୂମି, ଶିକ୍ଷାବିତ୍‌ଙ୍କ ପାରଦର୍ଶିତା ଏବଂ ଛାତ୍ରୀଛାତ୍ରଙ୍କ ସ୍ମରଣୀୟ ମୁହୂର୍ତ୍ତ। ବର୍ତ୍ତମାନ ବିଶ୍ୱସ୍ତରୀୟ ୧୦୦ଟି ବିଦ୍ୟାଳୟରୁ ଅଧିକାଂଶ ବିଶ୍ୱବିଦ୍ୟାଳୟ ପ୍ରାୟ ଶତାଧିକ ବର୍ଷ ପୁରୁଣା। ଏଥିରେ ଭାରତର ଗୋଟିଏ ମାତ୍ର ବିଶ୍ୱବିଦ୍ୟାଳୟ ସ୍ଥାନ ପାଇଛି। ଏ ଦୃଷ୍ଟିରୁ ଦେଖିବାକୁ ଗଲେ ଚଳିତ ବର୍ଷ ୫୭ତମ ପ୍ରତିଷ୍ଠା ଦିବସ ପାଳନ କରୁଥିବା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ଆଗାମୀ ୪୩ ବର୍ଷର ଭବିଷ୍ୟତ କଥା ବର୍ତ୍ତମାନଠାରୁ ଚିନ୍ତା କରିବାକୁ ହେବ ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ପ୍ରଫେସର ଜୟନ୍ତ ମହାପାତ୍ର କହିଥିଲେ, ଏହି ସମ୍ମାନ ନିମନ୍ତେ ଆଜି ମଧ୍ୟ ମୁଁ ବହୁତ ଛୋଟ। କବି ସମ୍ରାଟଙ୍କ ନାଁ ସମ୍ମୁଖରେ ନିମିତ୍ତମାତ୍ର। ଜୀବନରେ ବଞ୍ଚି ରହିବା ନିମନ୍ତେ ଟଙ୍କା ଆବଶ୍ୟକ ନାହିଁ। ମୋ ଲେଖା ଜନସମାଜ ସହ ସ୍ନେହ ଓ ଶ୍ରଦ୍ଧା ଡୋରିରେ ବନ୍ଦୀ ରଖିଛି। ଲେଖିବା ଦ୍ୱାରା ନିଜକୁ, ସମାଜକୁ ଓ ଅନ୍ୟକୁ ଚିହ୍ନିବା ଜାଣିବାର ସୁଯୋଗ ପାଇଛି ବୋଲି କହିଥିଲେ। ଏହି ଅବସରରେ ଦକ୍ଷିଣ ଓଡ଼ିଶା ଲୋକ ସଂସ୍କୃତି ସମ୍ମାନରେ ପଦ୍ମଶ୍ରୀ ପୂର୍ଣ୍ଣମାସୀ ଜାନୀଙ୍କୁ ସମ୍ମାନିତ କରାଯାଇଥିଲା। ବିଶିଷ୍ଟ ସାହିତ୍ୟିକ ମେଜର ରମାରମଣ ପାଢ଼ୀ ଓ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ଅଙ୍ଗବସ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ବିଶ୍ୱବିଦ୍ୟାଳୟର ଆଲୁମ୍‌ନି ତଥା ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତା ସାମନ୍ତଙ୍କୁ କ୍ୟାରିୟର କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ନିମନ୍ତେ ସମ୍ମାନିତ କରାଯାଇଥିଲା। ଏଥିରେ ବକ୍ତୃତା, ପ୍ରବନ୍ଧ, ଗବେଷଣା, ଆନ୍ତଃ ମହାବିଦ୍ୟାଳୟ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଏବଂ ବିଭିନ୍ନ ବିଭାଗର ଟପ୍ପର ହୋଇଥିବା ୫୨ ଛାତ୍ରୀଛାତ୍ର ଓ ଭଲ୍ୟୁଣ୍ଟିୟରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଶ୍ୱବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

**ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର**

**କେସିଙ୍ଗା,(ଡି.ଏନ.ଏ.):** କେସିଙ୍ଗା ବ୍ଲକ ଶିରୋଲ ଗ୍ରାମ ପଞ୍ଚାୟତ ସଭାଗୃହରେ ସରପଞ୍ଚ ଝରଣା ବାଗଙ୍କ ନେତୃତ୍ୱରେ ଗ୍ରାମ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଡିଓ ପ୍ରଫୁଲ୍ଲ କୁମାର ଅଦୁ, ତହସିଲଦାର୨ ରାଜେଶ କୁମାର ପରୁଆ, ଗୋଷ୍ଠୀ ଶିକ୍ଷା ଅଧିକାରୀ ବବ୍ରୁବାହନ ପ୍ରଧାନ, ଜିପିଓ ଜୟନ୍ତ ମୁଣ୍ଡ, କନିଷ୍ଠ ଯନ୍ତ୍ରୀ ତ୍ରିଲୋଚନ ବେହେରା, ସିଡିପିଓ ଏମ. ନିଶା, ବିକ୍ରାନ୍ତ ବାଗ, ଉପେନ୍ଦ୍ର ଗଉଡ଼ ଯୋଗ ଦେଇଥିଲେ। ଶିବିରରେ ବିଭିନ୍ନ ଅଭିଯୋଗ ମଧ୍ୟରୁ ୧୭ଜଣଙ୍କ ସମସ୍ୟାର ସମାଧାନ କରାଯାଇଛି।



## ସଂକ୍ଷେପରେ

### ଚାଷ ଜମିରୁ ଭାଲୁର ମୃତଦେହ ଜବତ: କାରଣ ଅସ୍ପଷ୍ଟ



**ଲାଞ୍ଜିଗଡ଼,୨।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ବନାଞ୍ଚଳ ଅଧୀନରେ ଥିବା ହାତୀଶାଳ ସଂରକ୍ଷିତ ଜଙ୍ଗଲ ବିଶ୍ୱନାଥପୁର ସେକ୍ସନ ଇଜରୁପା ଗାଁ ନିକଟସ୍ଥ ଏକ ଚାଷ ଜମିରୁ ସୋମବାର ସକାଳେ ଏକ ଭାଲୁର ମୃତଦେହ ଜବତ ହୋଇଛି। ସୂଚନା ମୁତାବକ, ସକାଳେ ଚାଷ ଜମିରେ ଭାଲୁ ମରି ପଡିଥିବା ଦେଖି ଗାଁ ଲୋକେ ବିଶ୍ୱନାଥପୁର ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବନବିଭାଗ କର୍ମଚାରୀ ଦେବରାଜ ସୁନାନୀ ଘଟଣାସ୍ଥଳରେ ପହଞ୍ଚି କେଉଁ କାରଣରୁ ଭାଲୁର ମୃତ୍ୟୁ ଘଟିଛି ସେନେଇ ତଦନ୍ତ କରିଥିଲେ। ଗତ କିଛି ମାସ ହେଲା ବ୍ଲକର ବିଭିନ୍ନ ଗାଁରେ ହାତୀ ଉପଦ୍ରବ ଯୋଗୁ ଲୋକେ ଭୟଭୀତ ଅବସ୍ଥାରେ ଥିବା ବେଳେ ଭାଲୁର ମୃତଦେହ ମିଳିବା ଅଞ୍ଚଳବାସୀଙ୍କ ଚିନ୍ତା ବଢାଇଛି। ଏହା କୌଣସି ଶିକାରୀଙ୍କ କାମ କି ହିଂସ୍ରଜନ୍ତୁଙ୍କ ଆକ୍ରମଣରେ ଭାଲୁର ମୃତ୍ୟୁ ଘଟିଛି ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ।

### ଧର୍ମଗଡ଼ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ରମେଶ ଚନ୍ଦ୍ର ସିଂଙ୍କ ଦାୟିତ୍ୱ ଗ୍ରହଣ



**ଧର୍ମଗଡ,୨।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ଧର୍ମଗଡ ଉପଖଣ୍ଡର ନୂତନ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ରମେଶ ଚନ୍ଦ୍ର ସିଂ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିପୂର୍ବରୁ ସେ ଧର୍ମଗଡ ସୂଚନା କେନ୍ଦ୍ରଠାରେ ଗ୍ରନ୍ଥାଗାରିକ ଭାବେ ନିଯୁକ୍ତି ପାଇଥିବା ବେଳେ ଭାରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରୁଥିଲେ। ବିଭାଗୀୟ ପଦୋନ୍ନତି ଯୋଗୁ ସେ ସୋମବାର ଠାରୁ ନିୟମିତ ଲୋକ ସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ଧର୍ମଗଡ ସାମ୍ବାଦିକ ସଂଘ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି।

### ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

**ମେଗାଲିଫ୍ଟ କେନାଲ ଡିଏମ ୧୦ ଓ ୧୧ରୁ ଜଳସେଚନ ଦାବି**

**କୋକସରା,୨।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତର ଚାଷୀଙ୍କ ପକ୍ଷରୁ ମେଗାଲିଫ୍ଟ କେନାଲ ଡିଏମ ୧୦ ଓ ୧୧ରୁ ଜଳସେଚନ ଦାବିରେ କୋକସରା ତହସିଲଦାର ଦେବବ୍ରତ କରାଟିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସାମାଜିକ କର୍ମୀ ତଥା ଚାଷୀ ଦୁର୍ଗା ପ୍ରସାଦ ଅଗ୍ରୱାଲଙ୍କ ନେତୃତ୍ୱରେ କୃଷକ ମଞ୍ଚ ସମ୍ପାଦକ ପଙ୍କଜ ମୁଖ ଚୌଧୁରୀ, ରଜନୀକାନ୍ତ ଚୌଧୁରୀ, ମୁକ୍ତେଶ୍ୱର ପଟ୍ଟନାୟକ, ରବି ନାରାୟଣ ଦାସ, କିଶୋର ଚନ୍ଦ୍ର ଦାସ, ଭୀମସେନ ଶର୍ମା, ସୁବ୍ରତ ସାହୁଙ୍କ ସମେତ ଅନ୍ୟ ଚାଷୀମାନେ ତହସିଲଦାର କରାଟିଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ତହସିଲଦାର ଏନେଇ ମେଗାଲିଫ୍ଟ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଶୀଘ୍ର ମରାମତି କରି ଚାଷୀଙ୍କୁ ଜଳସେଚନ ସୁବିଧା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି। ଅନ୍ୟପକ୍ଷରେ ଲଡୁଗାଁର ଚାଷୀମାନେ ଅପରାହ୍ନରେ ଲଡୁଗାଁ ଧାନମଣ୍ଡିରେ ଏକ ବୈଠକ କରି ଜଳସେଚନ ସମସ୍ୟାର ସମାଧାନ ପାଇଁ ଆଲୋଚନା କରିଛନ୍ତି। ଦାବି ପୂରଣ ନ ହେଲେ ଆଗକୁ ଆନ୍ଦୋଳନାତ୍ମକ ପଦକ୍ଷେପ ନେବାକୁ ନିଷ୍ପତ୍ତି ନେଇଛନ୍ତି। ସୂଚନାଯୋଗ୍ୟ, ଲଡୁଗାଁ ପଞ୍ଚାୟତ ଦେଇ ଯାଇଥିବା ମେଗାଲିଫ୍ଟ କେନାଲ ଡିଏମ ୧୦ ଓ ୧୧ରୁ ୨ ଶହ ହେକ୍ଟର ଚାଷଜମିକୁ ପାଣି ମାଡି ପାରୁନାହିଁ। ପରିଚାଳନା କ୍ଷେତ୍ରରେ ବିଭାଗୀୟ ଅଧିକାରୀଙ୍କ ଅବହେଳା କାରଣରୁ ଜଳସେଚନ ହେଉ ନ ଥିବା ଅଭିଯୋଗ ହେଉଛି।

# ନାଚ, ଗୀତରେ ଝୁମିଲେ ଆଦିବାସୀ

## ଟୋକିମରା, ଧାଙ୍ଗଡ଼ି ଦୋଳା ପରବ ଉଦ୍‌ଯାପିତ



ଧାଙ୍ଗଡିଦୋଳା ପରବରେ ଆଦିବାସୀମାନେ ନୃତ୍ୟ କରୁଛନ୍ତି।

**କୋକସରା,୨।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ଓଲମା ଗ୍ରାମରେ ଦୀର୍ଘ ୧୨ ବର୍ଷ ପରେ ପୁଣି ଥରେ ଦୁଇଦିନିଆ ଟୋକିମରା ଓ ଧାଙ୍ଗଡି ଦୋଳା ପରବ ମହାସମାରୋହରେ ପାଳିତ ହୋଇଯାଇଛି। ଟୋକିମରା ପରବ ପାଇଁ ବିଗତ ସପ୍ତାହେ ଧରି ଓଲମା ଗ୍ରାମ ଚଳଚଞ୍ଚଳ ହୋଇ ପଡିଥିଲା। କେବଳ ଆଦିବାସୀ ସମ୍ପ୍ରଦାୟ ନୁହଁନ୍ତି ଗ୍ରାମରେ ବସବାସ କରୁଥିବା ଅନ୍ୟ ସମ୍ପ୍ରଦାୟର ଲୋକମାନେ ମଧ୍ୟ ଏହି ଯାତ୍ରାରେ ସାମିଲ ହୋଇ ଭାଇଚାରାର ନିଦର୍ଶନ ଦେଖାଇଛନ୍ତି। ରବିବାର ଟୋକିମରା ପରବ ସରିଥିବା ବେଳେ ସୋମବାର ଧାଙ୍ଗଡିଦୋଳା ପରବରେ ଆଖପାଖ ଅଞ୍ଚଳ ଓ ଗ୍ରାମର ଶତାଧିକ ଯୁବତୀ ଯୁବକ ସାମିଲ ହୋଇ ପାରମ୍ପରିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ନାଚଗୀତରେ ମତୁଆଲା ହୋଇଥିଲେ। ଧାଙ୍ଗଡିଦୋଳା ପରବରେ ଯେଉଁ ଆଦିବାସୀ ଯୁବତୀଯୁବକଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଛି ସେମାନେ ନିଜ ନିଜର ଜୀବନସାଥୀଙ୍କୁ ଆଜିର ଦିନରେ ସମସ୍ତଙ୍କ ଆଗରେ ଖୋଲାଖୋଲି ବାଛିବା ପାଇଁ ସାମାଜିକ ସ୍ୱୀକୃତି ରହିଛି। ଏହି କାର୍ଯ୍ୟକ୍ରମକୁ ଓଲମା ଗ୍ରାମ୍ୟ କମିଟିର ସଭାପତି ଗୌନ୍ତିଆ ତଥା ସଭାପତି ବିଭୁତି ଭୂଷଣ ପଣ୍ଡା, ଉପ ସଭାପତି ହିମାଦ୍ରୀ ବଗର୍ତ୍ତି, ସମ୍ପାଦକ ବ୍ରହ୍ମାନନ୍ଦ ମାଝୀ, ସହ ସମ୍ପାଦକ ବଳରାମ ସାଗର, କୋଷାଧ୍ୟକ୍ଷ ଅଚ୍ୟୁତ କୁମାର ସାହୁ, ତ୍ରିନାଥ ଶବର, ଗାଁ ପୂଝାରି ଧନେଶ୍ୱର ମାଝୀ, ପୂଝାରି ବଳଦେବ ମାଝୀ, ମୁଖ୍ୟ ପୂଜକ ଭୂପେନ୍ଦ୍ର ମାଝୀ, ପ୍ରମୋଦ ପଣ୍ଡା, ଧନଞ୍ଜୟ ସାହୁ, ଦିଲିପ ବାଗ, ସଞ୍ଜୀବ ପଣ୍ଡା, ବଲ୍ଲଭ ସାହୁ, ଭାଗବତ କଟା, ପବିତ୍ର ମାଝୀ, ଆଶିଷ କୁମାର ପଣ୍ଡା, ଫୁଲଚନ ଶବର, ଶେଷ ରଞ୍ଜନ ପଣ୍ଡା, ଅର୍ଜୁନ ମାଝୀ, ଡମ୍ବୁ ବେମାଲଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ। ୨୦ଟି ଗ୍ରାମର କନ୍ଧ ସମ୍ପ୍ରଦାୟର ଆଦିବାସୀମାନେ ଟୋକିମରା ଓ ଧାଙ୍ଗରିଦୋଳା ପରବରେ ଅଂଶଗ୍ରହଣ କରିଥିଲେ।

# ପୋଲିସ ନିଯୁକ୍ତିରେ ଏସ୍‌ସି, ଏସ୍‌ଟି, ଓବିସିଙ୍କୁ ପାତରଅନ୍ତର

## ମୁଖ୍ୟମନ୍ତ୍ରୀ ଓ ଡିଜିଙ୍କୁ ଦାବିପତ୍ର ଦେଲା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନ

**ଭବାନୀପାଟଣା,୨।୧(ସ୍ୱ.ପ୍ର.)**

ରାଜ୍ୟ ଗୃହ ବିଭାଗ ପକ୍ଷରୁ ୪୭୯୦ଟି ଓଡିଶା ପୋଲିସ ସିପାହୀ ପଦବୀରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ଏଥିରେ ରାଜ୍ୟର ୨୭ଟି ଜିଲାର ପଛୁଆବର୍ଗ ପାଇଁ ଆଦୌ ସଂରକ୍ଷଣ ନ ଥିବା ବେଳେ ୩ଟି ଜିଲାରେ ଅନୁସୂଚିତ ଜାତିମାନଙ୍କ ପାଇଁ ସଂରକ୍ଷଣ ନାହିଁ। ରାଜ୍ୟର ୬ ଜିଲାର ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷଣ ନାହିଁ। ଏଣୁ ଓଡ଼ିଶାର ସବୁ ଜିଲାରେ ସମସ୍ତ ଓବିସି, ଏସଟି, ଏସସି ଜାତିର ନିଯୁକ୍ତି ଆଶାୟୀ ଯୁବତୀଯୁବକମାନଙ୍କୁ ସିପାହୀ ପଦବୀ ନିମନ୍ତେ ଉଚିତ ସଂରକ୍ଷଣ ଦେବା ପାଇଁ ଦାବି ଉପସ୍ଥାପନ କରିଛି ରାଜ୍ୟର ଅଗ୍ରଣୀ ସାମାଜିକ ଓ ବୈଚାରିକ ସଂଗଠନ ଅଲ ଓଡିଶା ସିଡୁଲ୍ଡ କାଷ୍ଟ ଫେଡରେଶନ। ସୋମବାର ଅପରାହ୍ନରେ ଫେଡେରେଶନର ସଭାପତି ଧନଞ୍ଜୟ ଦୀପଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କଳାହାଣ୍ଡି ଆରକ୍ଷୀ ଅଧୀକ୍ଷକ ଅଭିଳାଷ ଜୀଙ୍କୁ ସାକ୍ଷାତ କରି ତାଙ୍କ ଜରିଆରେ ପୋଲିସ ମହାନିର୍ଦ୍ଦେଶକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେହିପରି ଅତିରିକ୍ତ ଜିଲାପାଳ ସୁଶାନ୍ତ କୁମାର ପଟେଲଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ପ୍ରତିନିଧି ଦଳରେ ଫେଡେରେଶନର ଆଇନ ବିଭାଗ ମୁଖ୍ୟ ଛବିଲାଲ ନିଆଲ, ସାଧାରଣ ସମ୍ପାଦକ ଯତୀନ୍ଦ୍ର କର, ସମ୍ପାଦକ ଜୟପ୍ରକାଶ ଜାଲ, ବିଏମପି ଜିଲା ସଭାପତି ମହେନ୍ଦ୍ର ଧଙ୍ଗଡାମାଝୀ, ଭାରତ ମୁକ୍ତିମୋର୍ଚ୍ଚା ଜିଲା କର୍ମକର୍ତ୍ତା କଲିମୁଲା ଖାନ, ଅଭିମନ୍ୟୁ ନାଏକ, ଠାକୁର ମଙ୍ଗରାଜ, ମୁନୁ କାଣ୍ଡ, ଜନକ ପୋଢଙ୍କ ସମେତ ଅନେକ କର୍ମକର୍ତ୍ତା ସାମିଲ ହୋଇଥିଲେ।



ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ନିଜ ଅଧିକାର ସୁରକ୍ଷା ପାଇଁ କ୍ରାନ୍ତି ଯାତ୍ରା



କର୍ଲାମୁଣ୍ଡା ବ୍ଲକ ସଦର ମହକୁମାଠାରେ କ୍ରାନ୍ତି ଯାତ୍ରା।

**କର୍ଲାମୁଣ୍ଡା,୨।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ମହକୁମାଠାରେ କଳାହାଣ୍ଡି ବିକାଶ ପରିଷଦ ପକ୍ଷରୁ ସୋମବାର ନିଜ ଅଧିକାର ସୁରକ୍ଷା ପାଇଁ କ୍ରାନ୍ତି ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ବିକାଶ ପରିଷଦ ଅଧ୍ୟକ୍ଷା ଡ. ସୁନୀତି ମୁଣ୍ଡଙ୍କ ନେତୃତ୍ୱରେ କର୍ଲାମୁଣ୍ଡା ବ୍ଲକ ଅଧ୍ୟକ୍ଷା କୁନି ସାହୁ, ରିଷିଡା ପଞ୍ଚାୟତ ସରପଞ୍ଚ ସେବତୀ ରଣା, ଜୋରାଡ଼ବରା ସରପଞ୍ଚ ଖିତିସୁତା ସାହୁ, ସରପଞ୍ଚ ବରୁଣ ଛତ୍ରିଆ, ଭଗବାନ ସାହୁ, ଅବସରପ୍ରାପ୍ତ ଶିକ୍ଷକ ପଣ୍ଡିତ ପଧାନ, ମୁରଲୀଧର ରଣା, ବଳଦେବ ସାହୁ, ନାରୀନେତ୍ରୀ ଜୟନ୍ତୀ ସାହୁ ଏଥିରେ ସାମିଲ ଥିଲେ। ଏହାଛଡା ରୀନା ସାହୁ, ପୁଷ୍ପାଞ୍ଜଳି ସାହୁ, ପ୍ରଭାତୀ ଭୋଇ, ଶାନ୍ତନୁ ମିଶ୍ର, ଅରୁଣ ଦାଶଙ୍କ ସମେତ ବହୁ ବ୍ୟକ୍ତି ସାମିଲ ହୋଇ ସରସ୍ୱତୀ ଶିଶୁ ମନ୍ଦିର ଠାରୁ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। କ୍ରାନ୍ତି ଯାତ୍ରା ଜରିଆରେ ଜିଲାର ସମସ୍ତ ବ୍ଲକରେ ଜନସାଧାରଣଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ପ୍ରତି ସଚେତନ କରାଯିବ ବୋଲି କଳାହାଣ୍ଡି ବିକାଶ ପରିଷଦ ଅଧ୍ୟକ୍ଷା ମୁଣ୍ଡ ସୂଚନା ଦେଇଛନ୍ତି।

# ଝାର କୁଣ୍ଡାମାଲ ଦଳ ଚାମ୍ପିୟନ

## ଡାଲଗୁମା ଲଟିଆ ମାଝୀ ସ୍ମାରକୀ ଫୁଟବଲ

**କୋକସରା,୨।୧(ଡି.ଏନ.ଏ.)**

କୋକସରା ବ୍ଲକ ଡାଲଗୁମା ପଞ୍ଚାୟତ ଡାଲଗୁମା ବଡ଼ଭଟା ଖେଳପଡିଆରେ ଆୟୋଜିତ ଲଟିଆ ମାଝୀ ସ୍ମାରକୀ ଫୁଟବଲ ଫାଇନାଲ ଖେଳ ଉଦଯାପିତ ହୋଇଯାଇଛି। ଫାଇନାଲ ଖେଳ ବଗାଡ଼ ବନାମ ଝାର କୁଣ୍ଡାମାଳ ଦଳ ମଧ୍ୟରେ ହୋଇଥିଲା। ଚିତ୍ତାକର୍ଷକ ସ୍ଥିତିରେ ଝାର କୁଣ୍ଡାମାଲ ଦଳ ୧–୦ ଗୋଲ ସ୍କୋର କରି ଟ୍ରଫି ବିଜୟୀ ହୋଇଛନ୍ତି। ସପ୍ତ ଦିବସୀୟ ଫାଇନାଲ ଖେଳର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭାଜପାର କଳାହାଣ୍ଡି ଜିଲା ଉପ ସଭାପତି ଲକ୍ଷ୍ମୀକାନ୍ତ ବାଗ, ମୁଖ୍ୟବକ୍ତା ଭାବେ ବରିଷ୍ଠ କଂଗ୍ରେସ ନେତା ମହେନ୍ଦ୍ର ଧରୁଆ, ସମ୍ମାନିତ ଅତିଥି ଭାବେ ଡାଲଗୁମା ସରପଞ୍ଚ ଯୋଗୀନ୍ଦ୍ର ପଟ୍ଟନାୟକ, ସମିତି ସଭ୍ୟ ଚିନ୍ତାମଣି ଚଣ୍ଡି, ସାମାଜିକ କର୍ମୀ କ୍ଷେତ୍ରରାମ ମାଝୀ ଉପସ୍ଥିତ ରହି ଫାଇନାଲ ମ୍ୟାଚ୍‌ର ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରେଫରି ଭାବେ ଶଙ୍କର ପୋଢ଼, ଲାଇନମ୍ୟାନ ଭାବେ ଚିତ୍ତରଞ୍ଜନ ଠାକୁର, ଯଶୋବନ୍ତ ଶବର ଖେଳ ପରିଚାଳନା କରିଥିଲେ। ଖେଳର ଧାରା ବିବରଣୀ ଫକିର ଶଗଡ଼ିଆ ପ୍ରଦାନ କରିଥିଲେ। ମା' ଲଙ୍କେଶ୍ୱରୀ କ୍ଲବର ସଭାପତି ପ୍ରଫୁଲ୍ଲ ଚଣ୍ଡି, ସମ୍ପାଦକ ପବିତ୍ର ନାଗ, ପୀତବାସ ପଟ୍ଟନାୟକ, ଦିବ୍ୟ ରଞ୍ଜନ ପଟ୍ଟନାୟକ, ଅମୋଜ ଧରୁଆ, ନମିଶ ପଟ୍ଟନାୟକ, ଚେରମେନ ଖରସେଲ, ଅଶୋକ ଚଣ୍ଡି ପ୍ରମୁଖ ସପ୍ତ ଦିବାସୀୟ ଫୁଟବଲ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ବାଙ୍କିମୁଣ୍ଡା, ଦଳସର୍ଗୀକୁ ରାଜସ୍ୱ ଗ୍ରାମର ମାନ୍ୟତା ଦାବି



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଉଭୟ ଗ୍ରାମବାସୀ।

**ବେହେରା,୨।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ଗ୍ରାମ ପଞ୍ଚାୟତସ୍ଥ ବାଙ୍କିମୁଣ୍ଡା ଓ ଦଳସର୍ଗୀକୁ ରାଜସ୍ୱ ଗ୍ରାମ ମାନ୍ୟତା ପାଇଁ ସୋମବାର ଗ୍ରାମବାସୀ କଳାହାଣ୍ଡି ଜିଲାପାଳଙ୍କ ନିକଟରେ ଫେରାଦ୍ ହୋଇଥିଲେ। ବାଙ୍କିମୁଣ୍ଡା ଗ୍ରାମରେ ଜନସଂଖ୍ୟା ୧୧ଶହରୁ ଉର୍ଦ୍ଧ୍ୱ। ସେଥିମଧ୍ୟରୁ ୭୫୦ରୁ ଅଧିକ ଭୋଟର ଅଛନ୍ତି। ସେହିପରି ଦଳସର୍ଗୀ ଗ୍ରାମରେ ଜନସଂଖ୍ୟା ୬ଶହରୁ ଉର୍ଦ୍ଧ୍ୱ ଓ ଭୋଟର ସଂଖ୍ୟା ୩୫୦ରୁ ଅଧିକ ଅଛି। ମୂଳଗ୍ରାମ ବେହେରାଠାରୁ ବାଙ୍କିମୁଣ୍ଡା ୨ କିଲୋମିଟର ଓ ଦଳସର୍ଗୀ ପ୍ରାୟ ୪ କିମି ଦୂରତାରେ ରହିଛି। ଏହି ଦୃଷ୍ଟିରୁ ରାଜସ୍ୱ ଗ୍ରାମ ମାନ୍ୟତା ପାଇଁ ସବୁ ପ୍ରକାର ଭିତ୍ତିଭୂମି ରହିଛି। ୧୯୯୪ ମସିହାରେ ରାଜସ୍ୱ ଗ୍ରାମ ପାଇଁ ସରକାରଙ୍କ ଦ୍ୱାରା ଖାନାପୁରି ମୁତାବକ ଉଭୟ ଗ୍ରାମର ଜମିମାପ କରାଯାଇଥିଲା। ଗତ ବିଧାନସଭା ଅଧିବେଶନ ସମୟରେ ଧର୍ମଗଡ ବିଧାୟକ ମୌଷଧି ବାଗ ମଧ୍ୟ ଉଭୟ ଗ୍ରାମକୁ ରାଜସ୍ୱ ଗ୍ରାମ ଘୋଷଣା କରାଯିବାକୁ ରାଜସ୍ୱ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ଓଡିଶା ସରକାରଙ୍କ ଚଳିତବର୍ଷର ରାଜସ୍ୱ ଗ୍ରାମର ତାଲିକାରୁ ଉଭୟ ଗ୍ରାମ ସ୍ଥାନ ନ ପାଇବାରୁ ଗ୍ରାମବାସୀ ନିରାଶ ହୋଇ ପୁଣିଥରେ କଳାହାଣ୍ଡି ଜିଲାପାଳଙ୍କୁ ଲିଖିତ ଭାବରେ ଅଭିଯୋଗ କରିଛନ୍ତି। ସେଟେଲମେଣ୍ଟ ହୋଇ ପାରି ନ ଥିବାରୁ କୃଷିବୀମା ସୁବିଧାରୁ ବଞ୍ଚିତ, ଚାଷୀଙ୍କୁ ଟୋକନ ନ ମିଳି ପାରିବା ଭଳି ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଗ୍ରାମର ଗୋନ୍ତିଆ ଚିତ୍ତରଞ୍ଜନ ପୂଝାରୀ, ଚାଷୀ ନେତା ପ୍ରଶାନ୍ତ ତିୱାରୀ, ଝସକେତନ ପୁଝାରୀ, ମାନସିଂହ ଭରତିଆ, ସତ୍ୟ କାଣ୍ଡ, ହରି କାଣ୍ଡ, ବେଲାଲ କାଣ୍ଡଙ୍କ ସମେତ ଗ୍ରାମର ବହୁ ବିଶିଷ୍ଟ ବ୍ୟକ୍ତ ଜିଲାପାଳଙ୍କୁ ସାକ୍ଷାତ କରି ତୁରନ୍ତ ଉଭୟ ବାଙ୍କିମୁଣ୍ଡା ଓ ଦଳସର୍ଗୀ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ପାଇଁ ଅନୁରୋଧ କରିଥିଲେ।

# ମକରମେଳା ଉପଲକ୍ଷେ ଶୁଭଖମ୍ବ ସ୍ଥାପନ

**ପଲମ/କର୍ଲାମୁଣ୍ଡା,୨।୧(ଡି.ଏନ.ଏ.)**



ଶୁଭ ଖମ୍ବ ସ୍ଥାପନ ଅବସରରେ କମିଟିର କର୍ମକର୍ତ୍ତା।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଧୀନ ଯୋରାଡବରା ପଞ୍ଚାୟତସ୍ଥିତ କୁଶୁର୍ଲା ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିରଠାରେ ସୋମବାର ମକର ମେଳାର ୪୫ଟି ଗ୍ରାମକୁ ନେଇ ଗଠିତ କମିଟିର କାର୍ଯ୍ୟକାରୀ ସଭ୍ୟମାନଙ୍କୁ ନେଇ ମନ୍ଦିର ପରିସରରେ ଶୁଭଖମ୍ବ ସ୍ଥାପନ ହୋଇଛି। ଏହି କାର୍ଯ୍ୟକ୍ରମରେ ମନ୍ଦିର ପୂଜକ ନେତ୍ରାନନ୍ଦ ବଡମାଲି ପୂଜାର୍ଚ୍ଚନା କରିଥିଲେ। କମିଟିର ସ୍ଥାୟୀ ସଭାପତି ଜଗତରାମ ଭୋଇଙ୍କ ଦ୍ୱାରା ଶୁଭଖମ୍ବ ସ୍ଥାପିତ ହୋଇଥିଲା। ଏହି ଅବସରରେ କମିଟିର ଉପ ସଭାପତି ହିରାମଣି ସାହୁ,ସମ୍ପାଦକ ସୁଶାନ୍ତ ଜାନୀ, ସହ ସମ୍ପାଦକ ଲିଙ୍ଗରାଜ ଭୋଇ, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ସାହୁ ,ଜୟଦେବ ସାହୁ, ଲୋକନାଥ ଦାସ, ନୈରୁତ ଜାନି, ଅନିରୁଦ୍ଧ ସାହୁ, ଚୈତନ୍ୟ ଭୋଇ, ରମେଶ ମାଝୀ, ମହେନ୍ଦ୍ର ଭୋଇ, ପୁରନ୍ଦର ସାହୁ, ରାଜିନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଚଳିତବର୍ଷ ମକର ମେଳା କିପରି ସୁଚାରୁ ରୂପେ ପରିଚାଳିତ ହେବ ସେନେଇ ଆଲୋଚନା କରାଯାଇଥିଲା।

# ଯୁଗ୍ମ ଜନଶୁଣାଣି ଶିବିର

**କୋକସରା,୨।୧(ଡି.ଏନ.ଏ.)**

ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ବିଭିନ୍ନ ପଞ୍ଚାୟତରେ ଜନଶୁଣାଣି ଶିବିର ଅନୁଷ୍ଠିତ ହେଉଛି। କୋକସରା ବ୍ଲକ ଡ଼ହଗାଁ ପଞ୍ଚାୟତରେ ସୋମବାର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜନଶୁଣାଣି କାର୍ଯ୍ୟକ୍ରମରେ ଡ଼ହଗାଁ ସରପଞ୍ଚ କୁଞ୍ଜଲତା ନାଏକ ସଭାପତିତ୍ୱ କରିଥିଲେ। କୋକସରା ବିଡିଓ ଉତ୍ତମ କୁମାର ବାଗ, ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା, ମୋଟେର ଜୋନ ଜିଲା ପରିଷଦ ସଭ୍ୟା ବୈଜୟନ୍ତୀ ପୂଝାରି, ସମିତି ସଭ୍ୟ ହେମକାନ୍ତ ପୂଝାରି, ନାଏବ ସରପଞ୍ଚ ସୁଦର୍ଶନ ହଂସ, ଜିପିଇଓ ନାରାୟଣ ଭୋଇ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦାମୋଦର ବିଶ୍ୱାଳ, ବିଏସଏସଓ ଦୀପକ କୁମାର ବେହେରା, ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁ, ଗ୍ରାମ୍ୟ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ଯଶୋବନ୍ତି ଭୋଇ, ସିଏଚଓ ସଂଗୀତା ନାୟକ, ଉଦ୍ୟାନ କୃଷି ଅଧିକାରୀ ସୌରଭ ପାଣିଗ୍ରାହୀ, କନିଷ୍ଠ ଯନ୍ତ୍ରୀ କୀର୍ତ୍ତି ବେହେରା ସମେତ ଅନ୍ୟ ବିଭାଗୀୟ ଅଧିକାରୀ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଅଭିଯୋଗ ନେଇ ଆସିଥିବା ହିତାଧିକାରୀଙ୍କ ଅଭିଯୋଗ ଶୁଣିଥିଲେ।



ଜନଶୁଣାଣି ଶିବିରରେ ଅଧିକାରୀ ଓ ଅନ୍ୟମାନେ।

# ଜମି ହିଡ଼ ସାଜିଛି ଗ୍ରାମବାସୀଙ୍କ ଲାଇଫ ଲାଇନ୍

## ୩୫ ବର୍ଷ ପରେ ବି ଗାଁକୁ ନାହିଁ ରାସ୍ତା



ଜମି ହିଡ଼ରେ ସିନାପଡାବାସୀ ଯାତାୟତ କରୁଛନ୍ତି।

**ଭବାନୀପାଟଣା,୨।୧(ସ୍ୱ.ପ୍ର.)**

କଳାହାଣ୍ଡି ଜିଲାରେ ଏମିତି ଗାଁ ଅଛି ଯେଉଁଠି ରାସ୍ତା ସାତ ସପନ ପାଲଟିଛି। ନା ଦୁର୍ଗମ ଅଞ୍ଚଳ, ନା ପାହାଡିଆ ଗାଁ। ଏପରି କି ଉପାନ୍ତ ଅଞ୍ଚଳ ହୋଇ ନ ଥିବା ବେଳେ ସମତୁଲ ଜାଗା ହୋଇ ମଧ୍ୟ ଆଜି ରାସ୍ତା ନ ଥିବାରୁ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜନବସତି ଗଢି ଉଠିବାର ୩୫ ବର୍ଷରୁ ଉର୍ଦ୍ଧ୍ୱ ହେଲାଣି। ଅଥଚ ଗାଁକୁ ରାସ୍ତାଟିଏ ନାହିଁ। ଫଳରେ ଜମି ହିଡ଼ ହିଁ ସାଜିଛି ଗ୍ରାମବାସୀଙ୍କ ଲାଇଫ ଲାଇନ୍। ଏ ନେଇ ରାଜନେତା ଓ ପ୍ରଶାସନର ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ହାବସପୁର ପଞ୍ଚାୟତର କଛିମଡୋଲା ଗାଁର ସିନାପଡାରେ। ଏହି ପଡାରେ ୪୦ ପରିବାର ବସବାସ କରୁଥିବା ବେଳେ ୨୦୦ରୁ ଉର୍ଦ୍ଧ୍ୱ ଲୋକ ଅଛନ୍ତି। ପଡାର ପ୍ରାୟ ଲୋକ ଗରିବ ଖଟିଖିଆ ହୋଇଥିବା ବେଳେ କାହାରି ନିଜସ୍ୱ ଜମିବାଡ଼ି ନ ଥିବା ଜଣାପଡିଛି। ସେଠାରେ ବସବାସ କରି ୩ ଦଶନ୍ଧିରୁ ଉର୍ଦ୍ଧ୍ୱ ଦିନ ବିତି ଯାଇଥିଲେ ସୁଦ୍ଧା ରାସ୍ତା ହୋଇ ପାରିନାହିଁ। ପଡାଠାରୁ ମୁଖ୍ୟରାସ୍ତା ୫୦୦ ମିଟର ଦୂର ହୋଇଥିବା ବେଳେ ୫ଶହ ମିଟର ରାସ୍ତା ହିଁ ଏମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ଏହି ଅଞ୍ଚଳବାସୀ ଜମି ହୁଡ଼ରେ ପ୍ରତିଦିନ ଯିବା ଆସିବା କରିଥାନ୍ତି। କୌଣସି ଗର୍ଭବତୀ, ପ୍ରସୂତି କିମ୍ବା ଅନ୍ୟ କୌଣସି ରୋଗୀକୁ ଡାକ୍ତରଖାନା ଆଣିବାକୁ ହେଲେ ୫ ଶହ ମିଟର ଖଟରେ ବୋହି ଆଣିବାକୁ ପଡିଥାଏ। ବର୍ଷା ଦିନରେ ଏମାନଙ୍କ ଦୁଃଖ ଦ୍ୱିଗୁଣିତ ହୋଇଯାଏ। ଛୋଟ ହିଡ଼ରେ ଯିବା ଆସିବା କରିବା ଯୋଗୁ ଦୁର୍ଘଟଣା ମଧ୍ୟ ଘଟିଥାଏ। ଏହି ରାସ୍ତା ନିର୍ମାଣ ପାଇଁ ପ୍ରଶାସନ ଠାରୁ ଆରମ୍ଭ କରି ରାଜନେତା ସମସ୍ତଙ୍କୁ ପଡାବାସୀ ଜଣାଇଥିଲେ ମଧ୍ୟ କେବଳ ପ୍ରତିଶ୍ରୁତି ମିଳିଥାଏ ବୋଲି ପଡାବାସୀ କ୍ଷୋଭର ସହ କହିଛନ୍ତି।

## ସଂକ୍ଷେପରେ

### ଆମ ପୋଲିସ ସମିତି ବୈଠକ

**ଡୁଙ୍ଗୁରିପାଲି, ୧।୧୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଆମ ପୋଲିସ ସମିତି ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ସତ୍ୟନାରାୟଣ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ୱଚ୍ଛତା, ନିଶା ନିବାରଣ, ରାସ୍ତା ଶୌଚ ନ କରିବା, ଧାନ ଚୋରି ରୋକିବା, କଡାକଡି ପାଟ୍ରୋଲିଂ ଆଦି ପ୍ରସ୍ତ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଏସଆଇ ଲକ୍ଷ୍ମୀଧର ପାତ୍ର, ଏଏସଆଇ ଏକାମ୍ର ନାହାକଙ୍କ ସହ ବିଭିନ୍ନ ଗଣମାଧମ ସଂଘ ପ୍ରତିନିଧି ଓ ଜନସାଧାରଣ ଉପସ୍ଥିତ ଥିଲେ।

### ଘର ଯୋଗାଇବାକୁ ଜିଲାପାଳଙ୍କୁ ଫେରାଦ

**ବଲାଙ୍ଗୀର ଅଫିସ, ୨।୧:** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍ ରତାଖଣ୍ଡି ଗାଁର କେତେକ ମହିଳା ଓ ପୁରୁଷ ସୋମବାର ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ଆସି ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିମ୍ବା ବିଜୁ ପକ୍କାଘର ଯୋଜନାରେ ଘର ଯୋଗାଇ ଦେବାକୁ ଦାବି କରିଥିଲେ। ସେମାନେ କହିଥିଲେ ଯେ, ଗରିବ ଶ୍ରେଣୀର ହେବା ସତ୍ତ୍ୱେ ତାଙ୍କୁ ସରକାରୀ ଯୋଜନାରେ ଘରଟିଏ ଦିଆଯାଉନାହିଁ। ଏନେଇ ଗ୍ରାମ ପଞ୍ଚାୟତ ଏବଂ ବ୍ଲକ୍ କାର୍ଯ୍ୟାଳୟରେ ବାରମ୍ବାର ଆବେଦନ କଲେ ମଧ କେହି ଶୁଣୁନାହାନ୍ତି। ଏଣୁ ସେମାନେ ବାଧହୋଇ ଜିଲାପାଳଙ୍କୁ ଭେଟି ଅଭିଯୋଗ ଜଣାଉଛନ୍ତି। ଗାଁର ନେପୁର ବରିହା, ପଦ୍ମ ବରିହା, ଘରମଣି ବରିହା, ପୂର୍ଣ୍ଣିମା ବରିହା, କବିତା ବରିହା, ଗଣେନ ବରିହା, ସୌରେନ୍ଦ୍ରୀ ବରିହା, ସଜନା ବରିହା, କାନ୍ତି ବରିହା, କଏଁରୁ ବରିହା, ରାଜୀବ ବରିହା, ହାଡ ବରିହା, ସରୋଜିନୀ ବରିହା, ପୂର୍ଣ୍ଣଚନ୍ଦ୍ର ପରାଭୁଏ, ମନୋରଞ୍ଜନ ମେହେର, ସୁରୁ ଉଦୁରକୁଲିଆ, ହୃଷି ସାହୁ ଅଭିଯୋଗପତ୍ର ଦେଇ ସରକାରୀ ଯୋଜନାରେ ଘର ଯୋଗାଇ ଦେବାକୁ ଦାବି କରିଥିଲେ।

### ଚାଷ ଜମିରୁ ଭାଲୁର ମୃତଦେହ ଜବତ: କାରଣ ଅସ୍ପଷ୍ଟ

**ଲାଞ୍ଜିଗଡ଼,୨।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ବନାଞ୍ଚଳ ଅଧୀନରେ ଥିବା ହାତୀଶାଳ ସଂରକ୍ଷିତ ଜଙ୍ଗଲ ବିଶ୍ୱନାଥପୁର ସେକ୍ସନ ଇଜରୁପା ଗାଁ ନିକଟସ୍ଥ ଏକ ଚାଷ ଜମିରୁ ସୋମବାର ସକାଳେ ଏକ ଭାଲୁର ମୃତଦେହ ଜବତ ହୋଇଛି। ସୂଚନା ମୁତାବକ, ସକାଳେ ଚାଷ ଜମିରେ ଭାଲୁ ମରି ପଡିଥିବା ଦେଖି ଗାଁ ଲୋକେ ବିଶ୍ୱନାଥପୁର ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବନବିଭାଗ କର୍ମଚାରୀ ଦେବରାଜ ସୁନାନୀ ଘଟଣାସ୍ଥଳରେ ପହଞ୍ଚି କେଉଁ କାରଣରୁ ଭାଲୁର ମୃତ୍ୟୁ ଘଟିଛି ସେନେଇ ତଦନ୍ତ କରିଥିଲେ।



ବରିଷ୍ଠ କଳାକାର ଛବିଳ ବିହାରୀ ନାଏକଙ୍କୁ ପର୍ଏଁରୀ ବାଦ୍ୟ ସମ୍ମାନ ପ୍ରଦାନ କରାଯାଉଛି ।



ପଞ୍ଜାବର କଳାକାରମାନେ ଭାଙ୍ଗଡା ନୃତ୍ୟ ପରିବେଷଣ କରୁଛନ୍ତି ।

# ନୃତ୍ୟଗୀତରେ ଦୁଲୁକିଲା ମଞ୍ଚ

### ପର୍ଏଁରୀ ତିହାରର ଦ୍ୱିତୀୟ ସନ୍ଧ୍ୟା

**ସୋନପୁର,୨।୧(ନି.ପ୍ର.)**

ପଞ୍ଜାବ, ହରିୟାଣା, ପଶ୍ଚିମବଙ୍ଗ ଓ ପଶ୍ଚିମ ଓଡିଶାର ପାରମ୍ପରିକ ଲୋକନୃତ୍ୟ ଏବଂ ଗୀତର ତାଳେ ତାଳେ ସୋମବାର ପର୍ଏଁରୀ ତିହାରର ଦ୍ୱିତୀୟ ସନ୍ଧ୍ୟାର ମଞ୍ଚ ଦୁଲୁକି ଉଠିଛି। ଢୋଲ, ନିଶାନ ଓ ବଂଶୀ ସ୍ୱରର ତାଳେତାଳେ ସ୍ଥାନୀୟ ଭୀମ ଭୋଇ କଳା ମଣ୍ଡପରେ କଳାକାରମାନେ ପାରମ୍ପରିକ ଲୋକନୃତ୍ୟ ଓ ଲୋକ ସଙ୍ଗୀତ ପରିବେଷଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକମାନେ ଛଉ, ଭାଙ୍ଗଡା, ସାନ୍ତାଳି, କୁଇ ଓ ସମ୍ବଲପୁରୀ ନୃତ୍ୟରେ ଝୁମି ଥିଲେ।

ଜାତୀୟସ୍ତରର ଏହି ପାରମ୍ପରିକ ଲୋକ ନୃତ୍ୟ ଓ ସଙ୍ଗୀତ ଉତ୍ସବର ଦ୍ୱିତୀୟ ସାଂସ୍କୃତିକ ସନ୍ଧ୍ୟାରେ ଅନୁଷ୍ଠାନର ସଭାପତି ଲଡୁ କିଶୋର ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ଏଥିରେ ଏସ୍‌ପି ଅମରେଶ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁବର୍ଣ୍ଣପୁରର ଲୋକକଳା, ସଂସ୍କୃତି ଓ ଲୋକବାଦ୍ୟ ମହାନ ବୋଲି କହିଥିଲେ। ଲୁପ୍ତ ପାଇବାକୁ ବସିଥିବା ଏହି କଳାକୁ ବଞ୍ଚାଇ ରଖିବାକୁ ପର୍ଏଁରୀର ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଲୋକ ସଂସ୍କୃତି ଓ ଲୋକକଳା ଅଞ୍ଚଳର ପ୍ରଗତି ସହିତ ଜଡିତ। ଉତ୍ସବ ଲୋକଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖେ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ପର୍ଏଁରୀ ଉପଦେଷ୍ଟା ଅଭିମନ୍ୟୁ କୁଶଳ ଓ ଶ୍ରୀବତ୍ସ ମଲ୍ଲିକ ପ୍ରମୁଖ ଯୋଗଦାନ କରିଥିଲେ। ଅନୁଷ୍ଠାନ ସମ୍ପାଦକ ଚୌଧୁରୀ ବିଭାର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବରିଷ୍ଠ କଳାକାର ଛବିଳ ବିହାରୀ ନାଏକଙ୍କୁ ପର୍ଏଁରୀ ବାଦ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ଉପସଭାପତି ପ୍ରଫୁଲ୍ଲ ନାଏକ ଧନ୍ୟବାଦ ପ୍ରଦାନ କରିଥିଲେ। ପଶ୍ଚିମବଙ୍ଗ ପୁରୁଲିଆର କଳାକାର ଛଉ ନୃତ୍ୟ, ପଞ୍ଜାବ କଳାକାର ଭାଙ୍ଗଡା ନୃତ୍ୟ, ହରିୟାଣାର କଳାକାର ପାରମ୍ପରିକ ଲୋକନୃତ୍ୟ, କନ୍ଧମାଳ କଳାକାର କୁଇ ନୃତ୍ୟ, ସମ୍ବଲପୁର ବାମରାର କଳାକାର ସାନ୍ତାଳୀ ନୃତ୍ୟ ଓ ସମ୍ବଲପୁରର ଆଲୋକ ପଣ୍ଡା ଓ ସାଥି ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ସଭା ପ୍ରାରମ୍ଭରେ ଶାଶ୍ୱତ ତ୍ରିପାଠୀ, ମୁସ୍କାନ ମଲ୍ଲିକ, ଦେବାନନ୍ଦ ଦାସ, ଜ୍ୟୋତି ଶିଖା ଦାଶ, ସୁପ୍ରିୟା ଶର୍ମା ଓ ତ୍ରିଶୂଳ ଭଞ୍ଜ ଲୋକ ସଙ୍ଗୀତ ଗାନ କରିଥିଲେ। ମଧାହ୍ନରେ ପଶ୍ଚିମ ଓଡିଶାର ଲୋକନୃତ୍ୟ : ନୃତ୍ୟ ଗୁରୁ ମାନଙ୍କର ଅବଦାନ ଶିର୍ଷକ ଏକ ରାଷ୍ଟ୍ରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ନାଟ୍ୟଶ୍ରୀ ଗଦାଧର ବାରିକ, ସାମାଜିକକର୍ମୀ ଘାସିରାମ ପଣ୍ଡା, ଅଭିନେତା ପ୍ରଦ୍ୟୁମ୍ନ ସାହୁ ଓ ନୃତ୍ୟଶିଳ୍ପୀ ସ୍ମୃତିଶିଖା ମହାପାତ୍ର ଯୋଗଦେଇ ପଶ୍ଚିମ ପଡିଶାର ଗୁରୁ ମାନେ ହିଁ ଏହି ଲୋକନୃତ୍ୟକୁ ମଞ୍ଚ ମାଧମରେ ପ୍ରଦର୍ଶନ କରି ବଞ୍ଚେଇ ରଖିଥିବା କହିଥିଲେ ।

### ସୋସିଆଲ ମିଡିଆରେ ଜାତିଗତ ଆକ୍ଷେପର ପ୍ରତିବାଦ

**ତରଭା,୨।୧(ଡି.ଏନ.ଏ.)**

ସୋସିଆଲ ମିଡିଆରେ ଜାତିଗତ ଆକ୍ଷେପ କରିଥିବା ଜଣେ କଳାକାରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବିରେ ଲକ୍ଷେ ଘର ଗଣ୍ଡା ସମାଜ ତରଫରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜାତିଗତ ଆକ୍ଷେପ କରିଥିବା ବ୍ୟକ୍ତିଙ୍କୁ ୨୪ ଘଣ୍ଟା ମଧରେ ଗିରଫ କରିବା ପାଇଁ ତରଭା ଥାନାରେ ଦିଆଯାଇଥିବା ଏତଲାରେ ଉଲ୍ଲେଖ ରହିଛି। ସୂଚନାରୁ ପ୍ରକାଶଯେ, ତରଭା ବ୍ଲକ ବଘିଆ ପଞ୍ଚାୟତ ଅନ୍ତର୍ଗତ ପୁରୁଣାପାଣି ଗ୍ରାମର ଜଣେ ବ୍ୟକ୍ତି ଦଣ୍ଡନୃତ୍ୟ କରି ୟୁଟ୍ୟୁବରେ ପ୍ରସାରଣ କରିଥାନ୍ତି। ନିକଟରେ ତାଙ୍କର ଏକ ଭିଡିଓରେ ଏକ ନିର୍ଦ୍ଦିଷ୍ଟ ଜାତି ପ୍ରତି ଆକ୍ଷେପ କରିବାକୁ ନେଇ ହଇଚଇ ସୃଷ୍ଟି ହୋଇଛି। ଲକ୍ଷେଘର ଗଣ୍ଡା ସମାଜର ପ୍ରକାଶ ହରିପାଲ, ସୁଶୀଲ ମଲ୍ଲିକ, ବେଣୁଧର ବାଘ, ସୁଦାମ ଚରଣ ନାଗ, କାହ୍ନା ମୁନ୍ନା, ନନ୍ଦୀକିଶୋର ଭୋଇ, ହେମନ୍ତ ସୁନାଙ୍କ ସମେତ ଭୀମ ଆର୍ମିର ବହୁ ସଦସ୍ୟ ଥାନାକୁ ଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ ଦାବି କରିଥିଲେ। ଆଇଆଇସି ସୁବ୍ରତ ପାଣିଗ୍ରାହୀଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି ବୋଲି କହିଥିଲେ। ଅପରପକ୍ଷରେ ଏହି ଘଟଣାକୁ ନେଇ ଭିଡିଓ କରିଥିବା ସମ୍ପୃକ୍ତ ବ୍ୟକ୍ତି ଜଣକ କ୍ଷମା ମାଗୁଥିବା ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

## କୃଷ୍ଣ, ବଳରାମଙ୍କୁ ଆଣିବାକୁ ଅକ୍ରୁର ପ୍ରେରଣ

### ବୀରମହାରାଜପୁର ଆଞ୍ଚଳିକ ଧନୁଯାତ୍ରାର ସପ୍ତମ ସନ୍ଧ୍ୟା

### ଢେମସା ନୃତ୍ୟରେ ଦର୍ଶକ ବିଭୋର

**ଅମରପାଲି,୩୧।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଚାଲିଥିବା ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବର ସୋମବାର ଥିଲା ଥିଲା ସପ୍ତମ ସନ୍ଧ୍ୟା। ଏହି ଅବସରରେ କଂସ ଦରବାରରେ ଅନୁଷ୍ଠିତ ହୋଇଥିଲା ସାଂସ୍କୃତିକ ସଭା। ସନ୍ଧ୍ୟାରେ ସନ୍ତୋଷ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ବୀରମହାରାଜପୁର ଉପଖଣ୍ଡ ପୋଲିସ ଅଧିକାରୀ ଡୋଳାମଣୀ ଭୋଇ ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ, ଚନ୍ଦ୍ରକାନ୍ତି ଦନ୍ତା, ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ବରିଷ୍ଠ କଳାକାର ରାମକୃଷ୍ଣ ହୋତା, ଅଞ୍ଚଳର ଖବରଦାତାମାନେ ସମ୍ମାନୀତ ଅତିଥିଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ସଭାପରେ ମୁକ୍ତାକାଶ ରଙ୍ଗମଞ୍ଚରେ ନାଟ୍ୟାଭିକ୍ରମେ କଂସ କୃଷ୍ଣ ବଳରାମଙ୍କୁ ହତ୍ୟା ଯୋଜନା କରିଛନ୍ତି। ଅଷ୍ଟମଲ୍ଲଙ୍କ ନିହତରେ ଭାଙ୍ଗି ପଡିଥିବା କଂସ ଧନୁଯାତ୍ରା ଆୟୋଜନ କରି କୃଷ୍ଣ ବଳରାମଙ୍କୁ ମଥୁରା ଆଣିବା ପାଇଁ ମନ୍ତ୍ରୀ ଅକ୍ରୁରଙ୍କୁ ଗୋପପୁର ପ୍ରେରଣ କରାଯାଇଥିବା ଦୃଶ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ଅତିଥିମାନଙ୍କୁ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପୂର୍ବତନ ସରପଞ୍ଚ ସରୋଜ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଷଷ୍ଠ ରଜନୀର ରଙ୍ଗ ସଭାରେ ଓଡିଶା ଭାଷା, କଳା ସଂସ୍କୃତି ପ୍ରଦତ୍ତ କୋରାପୁଟର ଢେମସା ନୃତ୍ୟ ବେଶ ଆକର୍ଷଣ ହୋଇଥିଲା। ପୂର୍ବରୁ ଷଷ୍ଠ ସନ୍ଧ୍ୟାରେ ଆଞ୍ଚଳିକ ଧନୁଯାତ୍ରା କମିଟି କାର୍ଯ୍ୟକାରୀ ସଭାପତି ନାରାୟଣ ଲୁହାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ହସ୍ତତନ୍ତ ଓ ବୟନ ଶିଳ୍ପ ମିନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଞ୍ଚଳର କଳା, ସଂସ୍କୃତି, ବାନ୍ଧକଳା ଓ ହସ୍ତତନ୍ତକୁ ପ୍ରଶଂସା କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଜିଲା ପରିଷଦ ସଭ୍ୟା ପରିଷଦ ଚନ୍ଦ୍ରକାନ୍ତି ଦନ୍ତା, ବରପାଲି ଏନଏସି ଅଧ୍ୟକ୍ଷ ଦିନେଶ ଗହିର ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଆଞ୍ଚଳିକ ଧନୁଯାତ୍ରା କମିଟି ତରଫରୁ କୃଷ୍ଣ ଚେତନା ଓ ଅଞ୍ଚଳର କଳା ସଂସ୍କୃତି ଓ ଐତିହ୍ୟକୁ ନେଇ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା।



କୋରାପୁଟର ଢେମସା ନୃତ୍ୟ ପରିବେଷଣ କରାଯାଉଛି।

## ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ସୋନପୁର,୨।୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଡିଆରଡିଏ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବୋଲି ସୁନିଲ ନରୱଣେ ଓ ଏସ୍‌ପି ଅମରେଶ କୁମାର ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୧୦ପଞ୍ଜୀକୃତ ଅଭିଯୋଗ ସମ୍ବଳିତ ଦରଖାସ୍ତ ଗ୍ରହଣ କରିଥିଲେ। ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ନିହାର ରଞ୍ଜନ କହଁର, ଅଧୀକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଇଂ.ବିଭୁପ୍ରସାଦ ପଣ୍ଡା, ଡାକ୍ତର ପ୍ରଦୀପ କୁମାର ଗୁରୁ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଅବକାରୀ ଅଧୀକ୍ଷକ ସୁମତୀ ତ୍ରିପାଠୀ, ତହସିଲଦାର ନବୀନ କିଶୋର ପାଢୀ, ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା, ଜିଲା କଲ୍ୟାଣ ଅଧିକାରୀ ପାଲାକା ରବିନ୍ଦ୍ର, ସୁବର୍ଣ୍ଣପୁର ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟ୍ ପ୍ରମୁଖ ଯୋଗ ଦେଇଥିଲେ।



ଜିଲାପାଳ ଓ ଏସ୍‌ପି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରୁଛନ୍ତି।

## ନାଚଗୀତରେ ପାଳିଲେ ନବବର୍ଷ

**ଡୁଙ୍ଗୁରିପାଲି, ୨।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି କୁଦେଇପଡ଼ାସ୍ଥିତ ସମଲେଶ୍ୱରୀ ସଂଘ ପକ୍ଷରୁ ପାଳିତ ହୋଇଯାଇଛି ନବବର୍ଷ। ଏହି କାର୍ଯ୍ୟକ୍ରମକୁ ପବିତ୍ର ମୋହନ ପାଣ୍ଡିଆ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କିଶନ କୁମାର ଅଗ୍ରୱାଲ, ଦୀନବନ୍ଧୁ ସୁନା, ପ୍ରକାଶ ହାତୀ, ବନମାଳୀ ପୋଡ଼, ମହାଦେବ ଗଡତିଆ ଉପସ୍ଥିତ ଥିଲେ। ସମଲେଶ୍ୱରୀ ସଂଘ ସଭାପତି ଯଦୁମଣି କୁଦେଇ କାର୍ଯ୍ୟକ୍ରମ ସଂଯୋଜନା ଓ ସମ୍ପାଦକ ସୋମ୍ୟରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଭକ୍ତ ପଧାନ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ନୂଆବର୍ଷକୁ ନେଇ ଅଭିନନ୍ଦନ ଭରା ସମ୍ବଲପୁରୀ ଗୀତ ପରିବେଷଣ କରାଯାଇଥିଲା।



ବାହାରି ଥିବା ସ୍ୱଚ୍ଛତା ସଚେତନା ଶୋଭାଯାତ୍ରା।

## ସିଦ୍ଧାର୍ଥ ଜୁନିଅର କଲେଜରେ ସ୍ୱଚ୍ଛତା ପକ୍ଷ ପାଳନ

**ବିନିକା, ୨।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଜୁନିଅର କଲେଜ ଓ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ସୋମବାର କଲେଜ କନଫରେନ୍ସ ହଲରେ ଅଧ୍ୟକ୍ଷା ରେଖା ପଧାନଙ୍କ ସଭାପତିତ୍ୱରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ସମ୍ମାନୀତ ଅତିଥିଭାବେ ଅଧାପକ ଚିତ୍ତରଞ୍ଜନ ପାଣ୍ଡିଆ, ମନୋରଞ୍ଜନ ପଧାନ, ବିଜୟ କୁମାର ସାହୁ, ସରୋଜ କୁମାର ଦାସ ରୋହିତ ଧରୁଆ, ନୀଳମାଧବ ଛତ୍ର, ସ୍ୱାସ୍ଥ୍ୟକେନ୍ଦ୍ର ପିଏଚଇଓ ବିନ୍ଦୁ ଲୁହାର, ଅଜିତ ହୋତା ଯୋଗଦେଇ ସ୍ୱଚ୍ଛତାର ଉପକାରିତା ବିଷୟରେ ବୁଝାଇଥିଲେ। ଅଧାପିକା ମନୀଷା ମଞ୍ଜରୀ ଷଡ଼ଙ୍ଗୀ ସଭା ପରିଚାଳନା କରିଥିଲେ। ଅଧାପକ ଧନେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଖେଳ ଶିକ୍ଷକ ନାରାୟଣ ଚୌଧୁରୀଙ୍କ ନେତୃତ୍ୱରେ ସ୍ୱଚ୍ଛତା ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

## ସେମିରେ ବରଗଡ଼ ୟୁନାଇଟେଡ

### ସୁଜନ ନାଗ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ

**ସୋନପୁର,୨।୧(ନି.ପ୍ର.)**

ସାନପୁର ରୟାଲ ପଡିଆରେ ୧୦ମ ରାଜ୍ୟସ୍ତରୀୟ ସୁଜନ ନାଗ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ରୟାଲ ସ୍ପୋର୍ଟିଂ ପକ୍ଷରୁ ଏହି ଟୁର୍ନାମେଣ୍ଟ ଆୟୋଜିତ ହେଉଛି। ଉଦ୍‌ଘାଟନୀ ମ୍ୟାଚ୍ ଜରାସିଂହ ବଲାଙ୍ଗୀର ଓ ବରଗଡ ୟୁନାଇଟେଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଉଭୟ ଦଳ ମ୍ୟାଚ୍‌ରେ ସମାନ ସଂଖ୍ୟକ ଗୋଲ ସ୍କୋର କରବାରୁ ଟାଇବ୍ରେକର ମାଧମରେ ବରଗଡ ୟୁନାଇଟେଡ ଦଳ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି । ରେଫେରି ନନ୍ଦ କିଶୋର, ଜଗତ ଜଗଦଲା, ଯୋଗେନ୍ଦ୍ର ଓରାମ ଓ ପ୍ରଶାନ୍ତ ସେଠୀ ଖେଳ ପରିଚାଳନା କରିଥିଲେ। ଏସ୍‌ପି ଅମରେଶ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ସାନନ୍ଦ ବାରିକ, ହିମାଂଶୁ ଗଡତିଆ, ଶ୍ରୀରାମ ସୁନା, ସୁଜିତ ନାଏକ, ସୁଶାନ୍ତ ପଧାନ, ଜିଲା ହାବିଲଦାର-କନେଷ୍ଟବଳ ସଂଘ ସଭାପତି କୁମୁଦ ରଞ୍ଜନ ମେହେର ଓ ରଶ୍ମି ଦାଶ ଯୋଗ ଦେଇଥିଲେ। ରୟାଲ ସ୍ପୋର୍ଟିଂର ସମ୍ପାଦକ ରାକେଶ ନାଗ ପୁରସ୍କାର ବିତରଣୀ ଉତ୍ସବକୁ ପରିଚାଳନା କରିଥିଲେ।




ଏସ୍‌ପି ଅମରେଶ କୁମାର ପଣ୍ଡା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

## ମାହେଶ୍ୱରୀ କ୍ରିକେଟ: ଜେସିସି ସମ୍ବଲପୁର ସେମିରେ

**ଅମରପାଲି,୨।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମିରା ପଞ୍ଚାୟତ ବିକଳପୁରରେ ମାହେଶରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୧୬ତମ ମା'ମାହେଶ୍ୱରୀ କ୍ରିକେଟ କପ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଅନସୂୟା ପଧାନ ମୁଖ୍ୟ ଅତିଥି, ସପନ ପଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଏସଡିସିଏ ସୋନପୁର ଓ ଜେସିସି ସମ୍ବଲପୁର ମଧରେ ହୋଇଥିଲା। ମ୍ୟାଚ ଦୁଇଟି ଫର୍ମାଟରେ ଖେଳାଯାଇଥିଲା। ସୋନପୁର ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ପ୍ରଥମ ଫର୍ମାଟରେ ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ହରାଇ ୧୦୯ରନ କରିଥିଲା। ଦଳର ପୁରୁଷୋତ୍ତମ ପାତ୍ର ୩୬ରନ କରିଥିଲେ। ବିପକ୍ଷ ସମ୍ବଲପୁରର ନିତୀଶ ସିଂ ୪ଟି ଉଇକେଟ ନେଇଥିଲେ। ଜବାବରେ ସମ୍ବଲପୁର ଦଳ ଆବଶ୍ୟକୀ ରନକୁ ୧୪.୨ ଓଭରରେ ୬ଉଇକେଟ ହରାଇ ସଂଗ୍ରହ କରିଥିଲା। ଦଳର ଅନୁପ ପ୍ରଧାନ ୨୩,ଅବିନାଶ ନନ୍ଦ ୧୯ ଓ ସୁଧିର ତରିଆ ୨୬ରନ କରିଥିଲେ। ସୋନପୁରର କେ.ଜି.କ୍ରିଷ୍ଣା ୨ଟି ଉଇକେଟ ନେଇଥିଲେ। ଦ୍ୱିତୀୟ ଫର୍ମାଟରେ ସମ୍ବଲପୁର ଦଳ ୬ ଓଭରରେ ୩ଉଇକେଟ ହରାଇ ୭୦ରନ କରିଥିଲା। ଦଳର ଅଜିତ ହୋତା ୩୭ ଓ ଅମନ ବେହେରା ୧୫ ରନ କରିଥିଲେ। ବିପକ୍ଷ ସୋନପୁରର ଯଦୁଲାଲ ନନ୍ଦ ୨ଟି ଉଇକେଟ ନେଇଥିଲେ। ଜବାବରେ ସୋନପୁର ଦଳ ନିର୍ଦ୍ଧାରିତ ଓଭରରେ ୬ଉଇକେଟ ହରାଇ ୫୮ରନ କରିଥିଲା। ସମ୍ବଲପୁରର ନିତିଶ ସିଂ ଓ ପ୍ରଦୀପ ପ୍ରଧାନ ପ୍ରତ୍ୟେକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଉଭୟ ଫର୍ମାଟରେ ବିଜୟୀ ହୋଇ ସମ୍ବଲପୁର ମ୍ୟାଚ ବିଜେତା ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ସରପଞ୍ଚ ପ୍ରଧାନ ଅତିଥି ଭାବେ ଯୋଗଦେଇ ସମ୍ବଲପୁରର ନିତିଶ ସିଂ ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚକୁ ସୁରେଶ ବିଶି ଓ ଅଚ୍ୟୁତାନନ୍ଦ ସାହୁ ପରିଚାଳନା କରିଥିଲେ। ଚନ୍ଦ୍ରଶେଖର ପ୍ରଧାନ ସ୍କୋରିଂ, ପରୀକ୍ଷୀତ କର୍ଣ୍ଣ ଅନ ଲାଇନ ସ୍କୋରିଂ ଏବଂ ଏସ.ବି.ସିମରନ ଓ ବି.ଏସ.ରାଓ ଧାରାବିବରଣୀ ପ୍ରଦାନ କରିଥିଲେ। ମଙ୍ଗଳବାର ମର୍ନିଂଷ୍ଟାର ଅନୁଗୋଳ ଓ ଜିସିସି ସିଣ୍ଡୋଲ ମଧରେ ହେବ ବୋଲି ଆୟୋଜକ ରାମ ପ୍ରସାଦ କର୍ଣ୍ଣଙ୍କ ସୂତ୍ରରୁ ପ୍ରକାଶ।



ଉଦ୍‌ଘାଟନୀ ମ୍ୟାଚ ଉଭୟ ଦଳର ଖେଳାଳି ଓ ଅତିଥି।

## ସଂକ୍ଷେପରେ

### ଲୁହା ଚୋରି ଅଭିଯୋଗରେ ୬ କୋର୍ଟ ଚାଲାଣ

ଲହୁଣୀପଡ଼ା,୨।୧(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତ ତୁମକଲା ଗ୍ରାମରେ ଥିବା ମା’ ମନୀଷା ସ୍ପଞ୍ଜ କାରଖାନାରୁ ରବିବାର ଭୋର ଏକ ମାଲବାହୀ ଅଟୋ ଯୋଗେ ଲୁହା ଚୋରି କରି ନେଉଥିବା ଅଭିଯୋଗରେ ପୋଲିସ ୬ଜଣଙ୍କୁ କୋର୍ଟ ଚାଲାଣ କରିଛି। କାରଖାନାରୁ ଚୋରି କରି ନେଉଥିଲେ ବୋଲି କାରଖାନାର ସିଫ୍ଟ ଇନଚାର୍ଜ ଯୁଧିଷ୍ଠିର ବିଶ୍ୱାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। କୌଣସି ସୂତ୍ରରୁ ଖବର ପାଇ ବିଭିନ୍ନ ସ୍ଥାନ ଚଢ଼ାଉ କରି ଜବର ଶେଖ, ୟାସୀନ ଖାନ, ଏବଂ ଗମଲେଇ ଗ୍ରାମର ଅଜିତ କିଷାନ, ସୁଜିତ କିଷାନ ଓ ବିରେନ ମୁଣ୍ଡା ଏବଂ ତୁମକଲା ଗ୍ରାମର ମାନସ ମହାକୁଡ଼ ଚୋରି କରି ଓଡ଼ି ୧୪ଇ ୭୬୨୭ ଯୋଗେ ଚାଲାଣ କରୁଥିଲେ ବୋଲି ଜଣା ପଡିବା ପରେ ପୋଲିସ ଚୋରି ଲୁହା ଯନ୍ତ୍ରାଂଶକୁ ଉଦ୍ଧାର କରିବା ସହିତ ବ୍ୟବହୃତ ମାଲ ବୋଝେଇ ଅଟୋକୁ ଜବତ କରିଛି। ଉକ୍ତ ୬ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିବା ଜଣାପଡିଛି।

### ଟ୍ରେଲର ଧକ୍କାରେ ବାଇକ୍ ଆରୋହୀ ମୃତ

ଲହୁଣୀପଡା,୨।୧(ଡି.ଏନ.ଏ.): ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର କୁଚେଇତା ନିକଟରେ ଏକ ଟ୍ରେଲର ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। କେ. ବଲାଙ୍ଗ ଥାନା ଅନ୍ତର୍ଗତ ସ୍ୱୟଂବା ଗ୍ରାମର ବାଲ ଗୋବିନ୍ଦ ସିଂ (୩୭) ବାଇକ ଯୋଗେ ରାଉରକେଲା ପଟେ ଯାଉଥିଲେ। ବିପରୀତ ଦିଗରୁ ଓଡ଼ି ୦୨ଏକ୍ସ - ୫୫୯୩ ଟ୍ରଲର ଆସୁଥିବାବେଳେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଲ ଗୋବିନ୍ଦଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବରପାଇ ଚାନ୍ଦିପୋଷ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଟ୍ରେଲରକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

### ନଅକୁଣ୍ଡୀୟ ଗାୟତ୍ରୀ ଯଜ୍ଞ ଉଦ୍‌ଯାପିତ

କୁଆଁରମୁଣ୍ଡା, ୨।୧(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକର ସଦର ପଞ୍ଚାୟତର ସରବେରଣୀସ୍ଥିତ ଗାୟତ୍ରୀ ଶକ୍ତି ପୀଠରେ ଶନିବାରଠାରୁ ଦ୍ୱି ଦିବସୀୟ ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହୋଇ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କୁଆଁରମୁଣ୍ଡା ଓ ଏହାର ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ଅଂଶଗ୍ରହଣ କରି ପୂର୍ଣ୍ଣାହୁତି ଦେଇଥିଲେ। ପ୍ରଥମ ଦିନରେ ରାଉରକେଲା ବିଧାୟକ ସାରଦା ନାୟକ, ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ସରପଞ୍ଚ ରାଜେଶ ହାସଦା, ବିଡିଓ ତୃପ୍ତି ବରାଇ ପ୍ରମୁଖ ଉପସ୍ଥିତ ରହି ଦୀପ ଯଜ୍ଞର ଶୁଭାରମ୍ଭ କରିଥିଲେ। ଏହା ପରେ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ରବିବାର ନୂଆବର୍ଷ ଦିନ ପୂର୍ଣ୍ଣାହୁତି ଥିଲା ବେଳେ ଶତାଧିକ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ। ଏହି କାର୍ଯ୍ୟରେ ଗୁରୁଚରଣ ସାହୁ, ଶତ୍ରୁଘ୍ନ ଲେଙ୍କା, ମହେଶ୍ୱର ମିଶ୍ର, ଶିବ ନାରାୟଣ ସାହୁ, ସୁରେନ୍ଦ୍ର ସାହୁଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ସଞ୍ଚାଳନ କରିଥିଲେ।

# ସ୍ୱଚ୍ଛସାଥୀ, ସୁପରଭାଇଜରଙ୍କ ଜିଲାପାଳଙ୍କୁ ସ୍ମାରକପତ୍ର

ଦେବଗଡ଼, ୨।୧(ଡି.ଏନ.ଏ.)


ସ୍ୱଚ୍ଛ ସାଥୀ ଏବଂ ସ୍ୱଚ୍ଛ ସୁପରଭାଇଜରମାନେ ଦାବିପତ୍ର ଦେଉଛନ୍ତି।

ସ୍ଥାୟୀ ନିଯୁକ୍ତି ପ୍ରଦାନ, ଦରମା ବୃଦ୍ଧି ଏବଂ ବୈତନିକ ଛୁଟି ପ୍ରଦାନ ଦାବିରେ ଦେବଗଡ ପୌର ପରିଷଦରେ କାର୍ଯ୍ୟରତ ସ୍ୱଚ୍ଛ ସାଥୀ ଏବଂ ସ୍ୱଚ୍ଛ ସୁପରଭାଇଜରମାନେ ସୋମବାର ଦେବଗଡ଼ ଜିଲାପାଳଙ୍କୁ ସ୍ମାରକପତ୍ର ଦେଇଛନ୍ତି। ସ୍ୱଚ୍ଛ ସୁପରଭାଇଜର ନଳିନୀ ସାହୁଙ୍କ ନେତୃତ୍ୱରେ ବର୍ଷାରାଣୀ ନାୟକ, ଗାୟତ୍ରୀ ପଣ୍ଡା, ଇଭାରାଣୀ ମହାକୁଲ, ଛନ୍ଦା ଟାଲି, ସରସ୍ୱତୀ ବେହେରା, ମଧୁସ୍ମିତା ଜେନା, ସ୍ୱାଗତିକା ପାତ୍ର ଓ ଗିନି ଖଡିରତ୍ନ ପ୍ରମୁଖ ସ୍ୱଚ୍ଛ ସାଥୀ ଓ ସ୍ୱଚ୍ଛ ସୁପରଭାଇଜରମାନେ ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଜିଲାପାଳ ସୋମେଶ ଉପାଧ୍ୟାୟଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ୱଚ୍ଛ ସାଥୀ ଓ ସ୍ୱଚ୍ଛ ସୁପରଭାଇଜରମାନେ ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ସେମାନେ ପୌର ପରିଷଦ ଦ୍ୱାରା ପରିଚାଳିତ ସ୍ୱଚ୍ଛତା କାର୍ଯ୍ୟରେ ନିୟୋଜିତ ହୋଇ ସୂଚାରୁ ରୂପେ କାର୍ଯ୍ୟ କରିଆସୁଛନ୍ତି। ଏପରିକି କୋଭିଡ-୧୯ ସମୟରେ ଲୋକେ ଘରୁ ବାହାରୁ ନ ଥିବାବେଳେ ସେମାନେ ଅଳିଆ ଗାଡି ପଛରେ ବୁଲିବା ସହ କରୋନା କ୍ୱାରେଣ୍ଟାଇନ ଦାୟିତ୍ୱ ତୁଲାଇବା, ଲୋକଙ୍କୁ ଘରୁ ଡାକିଆଣି କୋଭିଡ୍ ପରୀକ୍ଷା କରାଇବା ଏବଂ କରୋନା ଔଷଧ ବିତରଣ ଆଦିର ତର୍ଜମା କରିବା ଦାୟିତ୍ୱ ତୁଲାଇଥିଲେ। ମାତ୍ର ସ୍ୱଚ୍ଛ ସାଥୀ ଏବଂ ସ୍ୱଚ୍ଛ ସୁପରଭାଇଜରମାନଙ୍କୁ ଯଥାକ୍ରମେ ମାତ୍ର ୪ ହଜାର ଓ ୮ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ମିଳୁଥିବାରୁ ଏଥିରେ ନିଜେ ଚଳିବା କିମ୍ବା ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ଏଣୁ ସେମାନଙ୍କର ଉପରୋକ୍ତ ୩ ଦଫା ଦାବି ପୂରଣ ପାଇଁ ସେମାନେ ନିବେଦନ କରିଥିବା ତାଙ୍କ ସ୍ମାରକପତ୍ରରେ ଦର୍ଶାଇଛନ୍ତି।

# ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

ଲହୁଣୀପଡ଼ା,୨।୧(ଡି.ଏନ୍.ଏ.)

**ବାଇକ୍ ଦୁର୍ଘଟଣା : ଜଣେ ମୃତ, ୧ ଗୁରୁତର**

ଲହୁଣୀପଡ଼ା ଥାନା ଅନ୍ତର୍ଗତ କଲେଇପୋଷ ବହାଡ଼ା ପୋଷ ୧୦ (କ) ରାଜ୍ୟ ରାଜପଥର ଖୁଣ୍ଟଗାଁ ସାପ୍ତାହିକ ହାଟ ନିକଟରେ ଏକ ବାଇକ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁହୋଇଥିବାବେଳେ ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖୁଣ୍ଟଗାଁ ପଞ୍ଚାୟତ ପୋଇ ଗାଁ ଗ୍ରାମର ଦୁଇଜଣ ବ୍ୟକ୍ତି ଏକ ବାଇକ୍ ଯୋଗେ ମହୁଲଡିହା ପଟରୁ ନିଜ ଗ୍ରାମକୁ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି। ଫଳରେ ଜଣେ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ ବଣାଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକମାନେ ରାଜ୍ୟ ରାଜପଥକୁ ଅବରୋଧ କରି କ୍ଷତିପୂରଣ ଦାବି କରିଛନ୍ତି। ବିଳମ୍ବିତ ରାତି ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିଥିବା ଜଣାପଡିଛି। ଖବରପାଇ ଲହୁଣୀପଡ଼ା ପୋଲିସ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ ଆନ୍ଦୋଳନକାରୀ ନିଜ ଜିଦରେ ଅଟଳ ରହି ମୃତଦେହକୁ ଉଠାଇ ଦେଇ ନ ଥିବା ଜଣାପଡିଛି। ଦୁର୍ଘଟଣା ରାତିରେ ଘଟିଥିବାରୁ ବାଇକ୍ ଆରୋହୀଙ୍କୁ କୌଣସି ଗାଡି ଧକ୍କା ଦେଇ ଫେରାର ହୋଇଯାଇଛି ନା ସେମାନେ ବାଇକ୍‌ରୁ ଖସି ପଡିଛନ୍ତି ସ୍ପଷ୍ଟ ଜଣା ପଡି ନ ଥିବାରୁ ପୋଲିସ ତଦନ୍ତ ଜାରି ରଖିଛି।

# ପ୍ରଭୁ ଶ୍ରୀଜଂଘା ବଡ଼ଦେଓଙ୍କ ବାର୍ଷିକ ପୂଜା

ବଡ଼ଗାଁ, ୨।୧(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ନିକଟ ଭୋଇପାଲି ଜଂଘା ଧାମରେ ରବିବାର ଶ୍ରୀଜଂଘା ବଡଦେଓଙ୍କ ବାର୍ଷିକ ପୂଜା ପାଳିତ ହୋଇଯାଇଛି। ଏଥିରେ ଓଡ଼ିଶା ସମେତ ଛତିଶଗଡ଼, ମଧ୍ୟପ୍ରଦେଶ, ବିହାର ରାଜ୍ୟର ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଛି। ଏହି ବାର୍ଷିକ ପୂଜା କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ବିଧାୟକ ଭବାନୀ ଶଙ୍କର ଭୋଇ, ସଦର ବିଧାୟକ କୁସୁମ ଟେଟେ, ଗୋଣ୍ଡ ସମାଜର ପୂର୍ବତନ ସଭାପତି ଗୋବିନ୍ଦଚନ୍ଦ୍ର ଭୋଇ, ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ହୋମ ସିଂ ମାଝୀ, ଝାଡ଼ଖଣ୍ଡ ରାଜ୍ୟର ପୂର୍ବତନ ବିଧାୟକ ଗୁରୁଚରଣ ନାଏକ, ଅଖିଳ ଭାରତୀୟ ଗୋଣ୍ଡୱାନା ମହାସଭାର ସଭାପତି ମହେନ୍ଦ୍ର ନାଏକ, ମହାସଚିବ ମଧୁସୂଦନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବଡଦେଓଙ୍କ ପାଇଁ ଜଗନ୍ନାଥଙ୍କ ଭଳି ଅଭଡ଼ା ବଣ୍ଟନ କରାଯାଇଥିଲା। ପୌରାଣିକ କଥା ଅନୁଯାୟୀ ଦ୍ୱାପର ଯୁଗରେ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ଜରା ଶବର ଭ୍ରମରେ ପଡ଼ି ତୀରବିଦ୍ଧ କରିଥିଲେ। ଏହା ପରେ ଶ୍ରୀକୃଷ୍ଣଙ୍କ ଦେହାବସାନ ଘଟିଥିଲା। ପାଣ୍ଡବଙ୍କ ଦ୍ୱାରା ଶ୍ରୀକୃଷ୍ଣଙ୍କ ସତ୍କାର କରି ଦେହାବଶେଷକୁ ଜଳରେ ପ୍ରବାହ କରିଦେଇଥିଲେ। ଶରୀରର ଉପରି ଭାଗକୁ ଜଗନ୍ନାଥ ରୂପରେ ପୂଜା ପାଇଥିଲାବେଳେ ତଳଅଂଶକୁ ଷୋଡ଼ବଂଶୀ ଗୋଁଣ୍ଡ ସମାଜର ଲୋକେ ନଦୀରୁ ଉଦ୍ଧାର କରି ଜଂଘା ବଡଦେଓ ନାମରେ ପୂଜା କରିଥିଲେ। ଯାହାକି ଗୋଁଣ୍ଡ ସମାଜରେ ଅଦ୍ୟାବଧି ପୂଜା ପାଇଆସୁଛନ୍ତି। ଲୋକକଥା ଓ ପୌରାଣିକ କଥା ଅନୁଯାୟୀ ଛତିଶଗଡ଼ ରାଜ୍ୟ ଫୁଲଝର ଜମିଦାର ଜଂଘା ବଡଦେଓଙ୍କୁ ମୋଗଲ ଆକ୍ରମଣରୁ ରକ୍ଷା ପାଇଁ ଜଙ୍ଗଲ ରାସ୍ତା ଦେଇ ଓଡ଼ିଶାର ସେ ସମୟର ଗାଙ୍ଗପୁରର ବଡ଼ଗାଁ ନିକଟ ଭୋଇପାଲିକୁ ଆଣି ରଖାଇଥିଲେ। ତତ୍କାଳୀନ ରାଜା ବଡଦେଓଙ୍କୁ ପ୍ରତ୍ୟକ୍ଷ ଦେବତା ଜାଣିଲା ପରେ ବିଶ୍ୱାସ ପ୍ରକଟ କରି ଜମି ପ୍ରଦାନ କରିଥିଲେ। ସେହି ସମୟରୁ ସମାଜର ଲୋକେ ଭୋଇପାଲି ଜଂଘାଙ୍କ ଆସ୍ଥାନକୁ ଜଂଘାଧାମ ଭାବେ ମାନିଆସୁଛନ୍ତି। ପ୍ରତ୍ୟେକ ବର୍ଷ ଶାମ୍ଭ ଦଶମୀ ଦିନ ବଡ଼ଦେଓ ଭକ୍ତଙ୍କ ଦର୍ଶନ ଦେବା ପାଇଁ ମଣ୍ଡପକୁ ବିରାଜମାନ କରିଥାନ୍ତି। ଏହି ଦିନ ବାର୍ଷିକ ପୂଜା ହୋଇଥାଏ। ବିଭିନ୍ନ ପ୍ରାନ୍ତରୁ ସମାଜର ଲୋକେ ଏଠାକୁ ଆସି ପୂଜାର୍ଚ୍ଚନା କରିଥାନ୍ତି। କେବଳ ଗୋଁଣ୍ଡ ସମାଜ ନୁହେଁ ସମସ୍ତ ହିନ୍ଦୁ ଧର୍ମର ଲୋକେ ବଡଦେଓଙ୍କ ଆଶୀର୍ବାଦ ନେବା ପାଇଁ ଆସିଥାନ୍ତି।

# ଅସହାୟ ବୃଦ୍ଧାବୃଦ୍ଧଙ୍କୁ ୱାକର ପ୍ରଦାନ

ଦେବଗଡ଼, ୨।୧(ଡି.ଏନ୍.ଏ.)


ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ତରଫରୁ ୱାକର ପ୍ରଦାନ କରାଯାଉଛି।

ରବିବାର ଇଂରାଜୀ ନୂତନ ବର୍ଷ ଅବସରରେ ୱାର୍ଡ ନମ୍ବର ୯ର ଅସହାୟ ହୋଇ ପଡିଥିବା ବୃଦ୍ଧାବୃଦ୍ଧ ଦସରୁ ମୁଣ୍ଡା ଏବଂ ସବିତା ହରଙ୍କୁ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ତରଫରୁ ୱାକର (ଚାଲିବାରେ ସହାୟକ ଉପକରଣ) ପ୍ରଦାନ କରାଯାଇଛି। ଏହି ଅବସରରେ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ଜିଲା ସଭାପତି ତଥା ପୌରପରିଷଦର ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ (ଝୁନୁ)ଙ୍କ ନେତୃତ୍ୱରେ ୱାର୍ଡ ନମ୍ବର ୯ ର ଦସରୁ ମୁଣ୍ଡା ଏବଂ ସବିତା ହର ଘରକୁ ଯାଇ ୱାକର ପ୍ରଦାନ କରିଥିବା ଜଣାଯାଇଛି। ଏହି ସମୟରେ ଅନ୍ୟମାନଙ୍କ ମଧ୍ୟରେ ଶତ୍ରୁଘ୍ନ ପାତ୍ର, ସୁମନ୍ତ ଭୋଜ, ଜଗ ରଣଜିତ, ବଳରାମ ରଣଜିତ, ଛବିଳ ପାତ୍ର, ମକରଧ୍ୱଜ ହସ୍ତୀ, ପ୍ରହଲ୍ଲାଦ ରଣଜିତ ସମସ୍ତେ ଉପସ୍ଥିତ ଥିଲେ। ଏପରି କାର୍ଯ୍ୟକୁ ବୁଦ୍ଧିଜିବୀ ମହଲରେ ପ୍ରଶଂସା କରାଯାଇଛି।

## କୋଇଡ଼ାରେ ଦୁଇ ଦିନରେ ଦୁଇ ଜଣଙ୍କ ଆତ୍ମହତ୍ୟା

ଟେନ୍‌ସା,୨।୧(ଡ଼ି.ଏନ୍.ଏ.)

କୋଇଡା ବ୍ଲକ ମୁଖ୍ୟାଳୟରେ ଘଟିଛି ଦୁଇ ଦିନରେ ଦୁଇ ଆତ୍ମହତ୍ୟା ଘଟଣା। ନୂଆବର୍ଷ ରବିବାର ବିହାର ରାଜ୍ୟ ମୁଜାଫରପୁର ଅଞ୍ଚଳର ମହମ୍ମଦ ଅତାବୁଲ (୫୫) କୋଇଡା ଥାନାରୁ ଅଧ କିଲୋମିଟର ଦୁର ଗୋଟେ ଭଡା ଘରେ ନିଜ ଭାଇ ସହ ରହି ଟାୟାର ରିପାରିଂ କାମ କରୁଥିଲେ। ୩୧ ତାରିଖ ରାତି ଦୁଇ ଭାଇ ଖାଇ ସାରିବା ପରେ ନିଜ ରୁମକୁ ଶୋଇବା ପାଇଁ ଯାଇଥିଲେ। ହେଲେ ସକାଳୁ ଉଠିବାରେ ବିଳମ୍ବ ହେବାରୁ ଭାଇ ବହୁତ ଡାକିଲେ କିନ୍ତୁ କବାଟ ଖୋଲି ନ ଥିଲେ। ପରେ ପୋଲିସ ଉପସ୍ଥିତିରେ କବାଟ ଖୋଲିଲା ବେଳକୁ ଭିତରେ ଏକ ରସି ସାହାଯ୍ୟରେ ଝୁଲି ପଡି ଅତାବୁଲ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ସେହିଭଳି ୨ ତାରିଖ କୋଇଡା ସ୍ଥିତ ତ୍ରିବେଣୀ ଆର୍ଥ ମୁଭର୍ସ ଆର୍ଯ୍ୟନ କ୍ୟାମ୍ପ ଠାରେ ଗତ ଦୁଇ ବର୍ଷ ଧରି ଇଲେକ୍ଟ୍ରିକାଲ ବିଭାଗରେ କାର୍ଯ୍ୟରତ ଥିବା ସଞ୍ଜୟ ସାହୁ (୩୦) ଆତ୍ମହତ୍ୟା କରିଥିଲେ। ସଞ୍ଜୟଙ୍କ ବାପା ରମାକାନ୍ତ ସାହୁ। ଘର ମୁନ୍ସିପାଟଣା, ଧାମନଗର ବ୍ଲକ ଭଦ୍ରକ ଜିଲା ବୋଲି ଜଣାପଡ଼ିଛି। ନିଜ ରୁମ ଭିତରୁ ସକାଳୁ ନ ବାହାରିବାରୁ ତାଙ୍କ ସାଥୀ ବହୁତ ଚେଷ୍ଟା କରିଥିଲେ ଡାକିବା ପାଇଁ। ଭିତରୁ କବାଟ ନ ଖୋଲିବାରୁ ପୋଲିସକୁ ଜଣାଇଥିଲେ। ପୋଲିସ ଉପସ୍ଥିତିରେ କବାଟ ଭଙ୍ଗାଯାଇ ଦେଖିଲା ବେଳକୁ ଏକ ପତଳା କପଡ଼ା ସାହାଯ୍ୟରେ ସଞ୍ଜୟ ଆତ୍ମହତ୍ୟା କରିଛନ୍ତି। ପୋଲିସ ଉଭୟଙ୍କ ପରିବାର ବର୍ଗଙ୍କୁ ଖବର ଦେଇଛି। ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ମୃତଦେହ ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି।

# ବ୍ଲକସ୍ତରୀୟ ହକି ପ୍ରତିଯୋଗିତା ଉଦ୍‌ଘାଟିତ


ବ୍ଲକସ୍ତରୀୟ ହକି ପ୍ରତିଯୋଗିତା ଉଦ୍‌ଘାଟନୀ ମୂହୂର୍ତ୍ତ।

କୁଆଁରମୁଣ୍ଡା,୨।୧(ଡି.ଏନ୍.ଏ.)

**୩ ଦିନରେ ୭ ମ୍ୟାଚ ଅନୁଷ୍ଠିତ ହେବା ସହ ୧୪ଟି ଦଳ ଭାଗ ନେବେ**

ଜାନୁଆରୀରେ ହକି ବିଶ୍ୱ କପ ଅନୁଷ୍ଠିତ ହେବାକୁ ଯାଉଛି। ଏହାକୁ ଅଧିକ ସ୍ମରଣୀୟ କରିବା ପାଇଁ ସୁନ୍ଦରଗଡ଼ ଜିଲା ପ୍ରଶାସନ ପ୍ରତି ବ୍ଲକରେ ବ୍ଲକସ୍ତରୀୟ ହକି ପ୍ରତିଯୋଗିତା ଆୟୋଜନ କରୁଛନ୍ତି। ଏହି ଉଦ୍ଦେଶ୍ୟରେ କୁଆଁରମୁଣ୍ଡା ବ୍ଲକ ଆନୁକୂଲ୍ୟରେ ଝୁନମୁର ପଞ୍ଚାୟତ ହକି ଖେଳ ପଡ଼ିଆରେ ବ୍ଲକସ୍ତରୀୟ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ସାରଦା ନାୟକ, ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ସରପଞ୍ଚ ରାଜେଶ ହାଁସଦା, ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେରକେଟା, ଜିଲା ପରିଷଦ ସଭ୍ୟ ନେଭିଲ କେରକେଟା, ବିଡିଓ ତୃପ୍ତି ବରାଇ ପ୍ରମୁଖଙ୍କ ସହ ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଏହି ପ୍ରତିଯୋଗିତାରେ ମୋଟ ୧୪ଟି ଦଳ ଭାଗ ନେଉଥିବାବେଳେ ୩ ଦିନରେ ୭ଟି ମ୍ୟାଚ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

# ସମିତି ସଭ୍ୟଙ୍କ ନାମରେ ମାମଲା ରୁଜୁ

ବଡ଼ଗାଁ, ୨।୧(ଡି.ଏନ୍.ଏ.)

**ମହିଳାଙ୍କ ଶାଢ଼ି ଟାଣିବା, ଯୁବକଙ୍କୁ ମାଡ଼ ଅଭିଯୋଗ**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଟିମନା ଗ୍ରାମର ଚାଟଲି ପାହାଡ଼ ତଳେ ରବିବାର ସନ୍ଧ୍ୟାରେ ସ୍ଥାନୀୟ ସମିତି ସଭ୍ୟ ସଞ୍ଜୟ ଗନ୍ଧାଙ୍କ ସହିତ ୧୨ଯୁବକ ଜଣେ ଯୁବକଙ୍କୁ ମାଡ଼ ମାରିବା ଓ ତନ୍ମଧ୍ୟରୁ କେତେକ ଯୁବକ ଜଣେ ମହିଳାଙ୍କ ଶାଢ଼ୀ ଟାଣିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ବଡ଼ଗାଁ ଥାନାରେ ଏକ ମାମଲା (ନଂ.୧/୨୦୨୩) ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ଚାଟଲି ପାହାଡ଼ ଠାରୁ ଦେଢ କିଲୋମିଟର ଦୂରରେ ଥିବା କଟଙ୍ଗଝରିଆ ଗ୍ରାମର ଜଣେ ଯୁବତୀ ନୂତନବର୍ଷ ହୋଇଥିବାରୁ ଅନ୍ୟ କେତେକ ଯୁବତୀଙ୍କ ସହିତ ଚାଟଲି ପାହାଡ଼ ବୁଲିବାକୁ ଯାଇଥିଲେ। ସନ୍ଧ୍ୟାରେ ଯୁବତୀମାନେ ପାହାଡ଼ରୁ ଗାଁକୁ ଫେରିଆସିଥିଲେ। କିନ୍ତୁ ଯୁବତୀଙ୍କ ମୋବାଇଲ ସୁଇଚ ଅଫ୍ ଥିବାରୁ ତାଙ୍କ ମା ଝିଅର ଅବସ୍ଥିତି ଜାଣି ନ ପାରି ତାଙ୍କ ପୁତୁରା ରାମପ୍ରସାଦ ସିଂ (୨୮)ଙ୍କ ସହିତ ପାହାଡ଼କୁ ଖୋଜିବାକୁ ଯାଇଥିଲେ। ଖୋଜାଖୋଜି କରି ନ ପାଇବାରୁ ପାହାଡ଼ ତଳେ ଭୋଜି କରୁଥିବା ସମିତି ସଭ୍ୟ ସଞ୍ଜୟ ଗନ୍ଧା ଓ ସହଯୋଗୀ ଯୁବକମାନଙ୍କୁ କେତେକ ଯୁବତୀ ବୁଲି ଆସିଥିଲେ ଦେଖିଛ କି ପଚାରିଥିଲେ। କେତେକ ଯୁବକ ଆମେ କଣ ସେମାନଙ୍କ ଠିକା ନେଇଛୁ କହି ନିସ୍ତୁକ ମାଡ଼ ମାରିଥିଲେ। ଯୁବକ ଆହତ ହୋଇ ପଡ଼ିଯିବା ପରେ ଭୋଜି କରୁଥିବା କେତେକ ଯୁବକ ମହିଳାଙ୍କ ଶାଢ଼ୀ ଟାଣିବାରୁ ସେ ଦୌଡ଼ି ପଳାଇ ଏକ ବୁଦା ମୂଳେ ଲୁଚିଯାଇଥିଲେ। ଘଟଣା ପରେ ରାତିରେ କଟଙ୍ଗଝରିଆ ଗାଁର ବହୁସଂଖ୍ୟକ ଯୁବକ ଟିମନା ଗାଁକୁ ଆସି ମାଡ଼ ମାରିଥିବା ଓ ମହିଳାଙ୍କ ଶାଢ଼ୀ ଟାଣିଥିବା ଯୁବକଙ୍କୁ ଖୋଜିଥିଲେ। ଉତ୍ତେଜନା ସୃଷ୍ଟି ହେବା ଆଶଙ୍କା କରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜନାକୁ ପ୍ରଶମିତ କରିଥିଲେ। ସୋମବାର ପୀଡ଼ିତା ମହିଳା ଓ ଯୁବକଙ୍କ ଅଭିଯୋଗ କ୍ରମେ ପୋଲିସ ଥାନାରେ ଏକ ମାମଲା ରୁଜୁ କରିଛି।

# ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଶୁଣାଣି

ସୁନ୍ଦରଗଡ଼, ୨।୧(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଜିଲା ମୁଖ୍ୟାଳୟସ୍ଥିତ ସଦ୍‌ଭାବନା ଭବନଠାରେ ସୋମବାର ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ସତ୍ୟବାନ ମହାଜନ ଏବଂ ଏସ୍‌ପି ସାଗରିକା ନାଥ ଏଥିରେ ଯୋଗଦେଇ ବିଭିନ୍ନ ବ୍ଲକରୁ ସମସ୍ୟା ନେଇ ଆସିଥିବା ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଏହି ଜନଶୁଣାଣିରେ ମୋଟ ୭୮ଟି ଅଭଯୋଗ ଆସିଥିବା ବେଳେ ସେଥିମଧ୍ୟରେ ୬୨ଟି ବ୍ୟକ୍ତିଗତ ଏବଂ ୧୬ଟି ଗୋଷ୍ଠୀଗତ ସମସ୍ୟା ରହିଥିଲା। ସେଥିମଧ୍ୟରୁ ଜନଶୁଣାଣି ସ୍ଥଳରେ ହିଁ ୩୩ଟି ଅଭିଯୋଗର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକ ବିଚାରକରି ତୁରନ୍ତ ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସୁନ୍ଦରଗଡ଼ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ଲୋକମାନେ ନୂତନ ରାସ୍ତା ନିର୍ମାଣ ସହିତ ରାସ୍ତା ମରାମତି, ଜମିଜମା, ପାନୀୟ ଜଳ ଯୋଗାଣ, ରାଶନ କାର୍ଡ, ନିଯୁକ୍ତି, ଭତ୍ତା, ରାଜସ୍ୱ ଗାଁ ଘୋଷଣା ଓ ଆବାସ ଯୋଜନା ଆଦି ସମସ୍ୟା ନେଇ ଜନଶୁଣାଣିରେ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଚିକିତ୍ସା ସହାୟତା ପାଇଁ ଆସିଥିବା ୭ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ମୋଟ ୪୭ ହଜାର ଏବଂ ୪ ଜଣଙ୍କୁ ରେଡକ୍ରସ ସୋସାଇଟିରୁ ୨୬ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଜନ ଶୁଣାଣି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ ଓ ଅଭିମନ୍ୟୁ ବେହେରା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର, ଉପଜିଲାପାଳ ଦାଶରଥୀ ସରାବୁ, ଡେପୁଟି କଲେକ୍ଟର କୁନ୍ତୀରାଣୀ ନାଏକ, ପିଡି ଡୁଡା ତଥା ଡିଏମ୍‌ଏଫ୍ ସିଇଓ ରୀତା ଡାଙ୍ଗଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ।


ସଦ୍‌ଭାବନା ଭବନଠାରେ ଯୁଗ୍ମ ଜନଶୁଣାଣି।

# ପୌର ଉପାଧ୍ୟକ୍ଷ- ନିର୍ବାହୀ ଅଧିକାରୀ ଗଣ୍ଡଗୋଳ

ଦେବଗଡ଼,୨।୧(ଡି.ଏନ.ଏ)

- ନିର୍ବାହୀ ଅଧିକାରୀଙ୍କୁ ପୌର ଉପାଧ୍ୟକ୍ଷଙ୍କ ମାଡ, ହତ୍ୟା ଧମକ
- ଜାତିଆଣ ଆକ୍ଷେପ, ହତ୍ୟା ଧମକ ନେଇ ନିର୍ବାହୀ ଅଧିକାରୀଙ୍କ ବିରୁଦ୍ଧରେ ପୌର ଉପାଧ୍ୟକ୍ଷଙ୍କ ଅଭିଯୋଗ
- ଉଭୟ ପକ୍ଷରୁ ଥାନାରେ ଅଭିଯୋଗ

ଦେବଗଡ ପୌର ପରିଷଦରେ ଗତ ପୌର ନିର୍ବାଚନରେ ୧୧ଟି ଆସନ ମଧ୍ୟରୁ ଭାଜପା ଦଳ ୬ଟି, ସ୍ୱାଧୀନ ଗୋଟିଏ ଏବଂ ବିଜେଡି ମାତ୍ର ୪ଟି କାଉନସିଲର ଆସନ ହାସଲ କରିଥିଲା। ଏହା ସତ୍ତ୍ୱେ ସିଧାସଳଖ ନିର୍ବାଚନରେ ପୌର ପରିଷଦ ଅଧ୍ୟକ୍ଷା ଆସନ ବିଜେଡି ଦଖଲରେ ରହିଛି। ମାତ୍ର ଭାଜପା ଏବଂ ସ୍ୱାଧୀନ କାଉନସିଲର (ଉପାଧ୍ୟକ୍ଷଙ୍କ ସମେତ) ମାନଙ୍କୁ ଗୁରୁତ୍ୱ ପ୍ରଦାନ କରାଯାଉ ନ ଥିବା ଏବଂ ସେମାନଙ୍କ ବିନା ଅନୁମୋଦନରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ହେଉଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଛି। ଏପରିକି କାଉନସିଲ ବୈଠକରେ ହୋଇଥିବା ରିଜ୍ୟୁଲୋସନର ନକଲ ପ୍ରଦାନ କରାଯାଉ ନ ଥିବା ଦର୍ଶାଇ ବର୍ଜନ କରାଯିବା ସହ ପୌରାଧ୍ୟକ୍ଷା କାଉନସିଲ ବୈଠକ ଡାକୁ ନ ଥିବା ଦର୍ଶାଇ ଗତ ୨୬ ତାରିଖ ପୌର ପରିଷଦ କାଉନସିଲ ହଲଠାରେ ଉପାଧ୍ୟକ୍ଷ ପ୍ରଜିତ ଭୋଜଙ୍କ ଅଧ୍ୟକ୍ଷତାରେ ଏକ ପ୍ରାୟୋଜନିକ ବୈଠକ (ରିକ୍ୟୁଜିସନ ମିଟିଂ) ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ୬ଜଣ ଭାଜପା (ଉପାଧ୍ୟକ୍ଷଙ୍କ ସମେତ) ଏବଂ ଜଣେ ସ୍ୱାଧୀନ କାଉନସିଲର ଉପସ୍ଥିତ ଥିଲେ ମଧ୍ୟ ପୌରାଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ ଏବଂ ତାଙ୍କ ଦଳର (ବିଜେଡି) କୌଣସି କାଉନସିଲର ଯୋଗ ଦେଇ ନ ଥିଲେ। ଏହି କ୍ରମରେ ପୌର ପରିଷଦରେ ଲାଗି ରହିଥିବା ବିଭିନ୍ନ ବିଶୃଙ୍ଖଳା ଏବଂ ବିବାଦ ଯୋଗୁ ପୌରାଞ୍ଚଳରେ ଉନ୍ନୟନ କାର୍ଯ୍ୟ ପ୍ରଭାବିତ ହୋଇଛି। ଏଭଳି ସ୍ଥିତିରେ ସୋମବାର ଦେବଗଡ ପୌର ପରିଷଦର ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ରଙ୍କୁ ଉପ ନଗରପାଳ ପ୍ରଜିତ କୁମାର ଭୋଜ ମାଡ ଆକ୍ରମଣ କରିବା ସହ ହତ୍ୟା ଧମକ ଦେଇଥିବା ଏବଂ ଏଥିରେ ୬ ନମ୍ବର ୱାର୍ଡର ସ୍ୱାଧୀନ କାଉନସିଲର ଧର୍ମେନ୍ଦ୍ର କୁମାର ଦେବତା ସହାୟତା କରିଥିବା ନିର୍ବାହୀ ଅଧିକାରୀ ମହାପାତ୍ର ଦେବଗଡ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମହାପାତ୍ରଙ୍କ ଅଭିଯୋଗ ଅନୁଯାୟୀ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଥିବା ବେଳେ ଉପନଗରପାଳ ପ୍ରଜିତ କୁମାର ଭୋଜ ତାଙ୍କ ନିକଟକୁ ଆସି କୁଆଡେ ଅନୈତିକ କାର୍ଯ୍ୟ ସମ୍ପର୍କରେ ପଚାରିବା ସହ କାଉନସିଲ ରିଜ୍ୟୁଲୁସନ ମାଗିବାରୁ ଏହା ସଂଗ୍ରହ କରିବା ପାଇଁ ସେ ପୌରାଧ୍ୟକ୍ଷାଙ୍କ ନିକଟକୁ ଯାଉଥିଲେ । ଏହି ସମୟରେ ଭୋଜ ତାଙ୍କୁ ଅଟକାଇବା ସହ ଆକ୍ରମଣ କରିଥିଲେ। ଏଥିସହ ତାଙ୍କୁ ହତ୍ୟା ଧମକ ମଧ୍ୟ ଦେଇଥିଲେ। ଅନ୍ୟପକ୍ଷରେ ଗତ ୨୬ ତାରିଖ ଉପ ନଗରପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ପ୍ରାୟୋଜନିକ ବୈଠକ (ରିକ୍ୟୁଜିସନ ମିଟିଂ)ର ରିଜ୍ୟୁଲୁସନ ନକଲ ପାଇ ନ ଥିବାରୁ ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ମହାପାତ୍ରଙ୍କୁ ପଚାରିବାକୁ ତାଙ୍କୁ ସେ ଜାତିଆଣ ଆକ୍ଷେପ କରି କାର୍ଯ୍ୟାଳୟରୁ ବାହାରି ଯିବାକୁ ଧମକ ଦେଇଥିବା ଏବଂ ଅଭିଷେକ ମିଶ୍ର ନାମକ ଅନ୍ୟ ଜଣେ କର୍ମଚାରୀଙ୍କ ସହ ମିଶି ତାଙ୍କର କଲର ଧରି ଧକ୍କା ମାରିବା ସହ ତଳେ ପକାଇ ଦେଇଥିବା ଉପ ନଗରପାଳ ଭୋଜ ଦେବଗଡ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ଅଭିଯୋଗ ପାଇବାପରେ ଦେବଗଡ ଆଦର୍ଶ ଥାନା ଅଧିକାରୀ ସୁରେନ୍ଦ୍ର କୁମାର ନାୟକ ଓ ଇନ୍ସପେକ୍ଟର ସରୋଜ କୁମାର ସେଠୀ ପୌର ପରିଷଦ କାର୍ଯ୍ୟାଳୟକୁ ଯାଇ ଘଟଣାର ତଦନ୍ତ କରିବା ସହ କର୍ମଚାରୀମାନଙ୍କୁ ପଚରାଉଚରା କରିଥିବା ଜଣାପଡିଛି। ତଦନ୍ତ ପ୍ରକ୍ରିୟାରେ ସହାୟତା ପାଇଁ ପୌର ପରିଷଦ କାର୍ଯ୍ୟାଳୟରେ ଖଞ୍ଜାଯାଇଥିବା ସିସି ଟିଭି ଫୁଟେଜ ଯାଞ୍ଚ କରିଥିଲେ ହେଁ ସେଥିରେ ଘଟଣା ସମୟର କୌଣସି ଫୁଟେଜ ରେକର୍ଡ ହୋଇ ନ ଥିବା ଜଣାପଡିଛି । ଉକ୍ତ ଘଟଣା ପରେ ଥାନା ସମ୍ମୁଖରେ ଭାଜପା ଆଉ ବିଜେଡି କର୍ମୀମାନଙ୍କର ଭିଡ଼ ଦେଖା ଦେବା ସହ ଉତ୍ତେଜନା ଦେଖା ଯାଇଥିଲା।

## ସଂକ୍ଷେପରେ

### ପିକ୍‌ଅପ ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର

**ଖପ୍ରାଖୋଲ, ୨୧(ଡି.ଏନ.ଏ.):** ଖପ୍ରାଖୋଲ-ଧଣ୍ଡାମୁଣ୍ଡା ରାସ୍ତା ହରିଶଙ୍କର ଛକରେ ପିକ୍‌ଅପ ଧକ୍କାରେ ବାଇକରେ ଥିବା ୨ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଝାଙ୍କରପାଲି ଗାଁର ଗୋବର୍ଦ୍ଧନ ବାଗ (୨୮)ଓ ଜିତୁ ବରିହା(୨୩)। ଉଭୟେ ଏକ ଖପ୍ରାଖୋଲ ପଟୁ ନିଜ ଗାଁକୁ ଯାଉଥିବାବେଳେ ହରିଶଙ୍କର ପଟୁ ଆସୁଥିବା ଏକ ପିକଅପ ସାମ୍ନା ପଟୁ ଧକ୍କା ଦେଇଥିଲା। ଫଳରେ ଗାଡିରେ ଥିବା ଦୁଇ ଜଣ ଛିଟିକି ପଡିଥିଲେ। ଧକ୍କା ଦେଇ ପିକଅପ ପଳାଉଥିବା ବେଳେ ପୋଲିସ ଜବତ କରିଛି। ପୋଲିସ ଓ ଅଗ୍ନିଶମ ବିଭାଗ ଗୁରୁତରଙ୍କୁ ଉଦ୍ଧାର କରି ବଲାଙ୍ଗୀର ପଠାଇଛି।

### ଘର ଯୋଗାଇବାକୁ ଜିଲାପାଳଙ୍କୁ ଫେରାଦ

**ବଲାଙ୍ଗୀର ଅଫିସ, ୨୧:** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍ ରତାଖଣ୍ଡି ଗାଁର କେତେକ ମହିଳା ଓ ପୁରୁଷ ସୋମବାର ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ଆସି ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିମ୍ବା ବିଜୁ ପକ୍କାଘର ଯୋଜନାରେ ଘର ଯୋଗାଇ ଦେବାକୁ ଦାବି କରିଥିଲେ। ସେମାନେ କହିଥିଲେ ଯେ, ଗରିବ ଶ୍ରେଣୀର ହେବା ସତ୍ତ୍ୱେ ତାଙ୍କୁ ସରକାରୀ ଯୋଜନାରେ ଘରଟିଏ ଦିଆଯାଉନାହିଁ ଏନେଇ ଗ୍ରାମ ପଞ୍ଚାୟତ ଏବଂ ବ୍ଲକ୍ କାର୍ଯ୍ୟାଳୟରେ ବାରମ୍ବାର ଆବେଦନ କଲେ ମଧ କେହି ଶୁଣୁନାହାନ୍ତି। ଏଣୁ ସେମାନେ ବାଧହୋଇ ଜିଲାପାଳଙ୍କୁ ଭେଟି ଅଭିଯୋଗ ଜଣାଉଛନ୍ତି। ଗାଁର ନେପୁର ବରିହା, ପଦ୍ମ ବରିହା, ଘରମଣି ବରିହା, ପୂର୍ଣ୍ଣମା ବରିହା, କବିତା ବରିହା, ଗଣେନ ବରିହା, ସୌରେନ୍ଦ୍ରୀ ବରିହା, ସଜନା ବରିହା, କାନ୍ତି ବରିହା, କଁଅରୁ ବରିହା, ରାଜୀବ ବରିହା, ହାଡ ବରିହା, ସରୋଜିନୀ ବରିହା, ପୂର୍ଣ୍ଣଚନ୍ଦ୍ର ପରାଭୁଏ, ମନୋରଞ୍ଜନ ମେହେର, ସୁରୁ ଉଦୁରକୁଲିଆ, କୃଷି ସାହୁ ଅଭିଯୋଗପତ୍ର ଦେଇ ସରକାରୀ ଯୋଜନାରେ ଘର ଯୋଗାଇ ଦେବାକୁ ଦାବି କରିଥିଲେ।

### ଜିଲାପାଳ,ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର

**ଭବାନୀପାଟଣା,୨୧(ସ୍ୱ.ପ୍ର.):** ସୋମବାର ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ପି . ଅନ୍ୱେଷା ରେଡ୍ଡି ଓ ଏସ୍‌ପି ଅଭିଲାଷ ଜିଙ୍କ ଅଧକ୍ଷତାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ସୁଶାନ୍ତ ପଟେଲ, ଭବାନୀପାଟଣା ଉପଜିଲାପାଳ ଡ.ବିଶ୍ୱଜିତ୍ ଦାସଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନଶୁଣାଣି ଶିବିରରେ ମୋଟ ୯୯ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୮୪ଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଅଭିଯୋଗ ଓ ୧୫ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ଥିଲା। ୬ଟି ଅଭିଯୋଗର ସମାଧାନ ତତ୍‌କ୍ଷଣାତ୍ କରାଯାଇଥିଲା। ରେଡକ୍ରସ ତରଫରୁ ଜୁନାଗଡ ଆଟିଗାଁର ଦିବ୍ୟାଙ୍ଗ ମଙ୍ଗଳୁ ରଣାଙ୍କୁ ଆର୍ଥିକ ସହାୟତା ବାବଦ ୫ ହଜାର ଟଙ୍କା ମଞ୍ଜୁର କରାଯାଇଥିଲା।

# ଓଡ଼ିଶାର ସୁନାମ ବଢ଼ାଇଛି ହକି ବିଶ୍ୱକପ୍

**ବଲାଙ୍ଗୀରରେ ହକି ବିଶ୍ୱକପ ଟ୍ରଫିକୁ ଭବ୍ୟ ସ୍ୱାଗତ**

- କୋଶଳ କଳାମଣ୍ଡଳ ପଡିଆରୁ ବାହାରିଲା ଶୋଭାଯାତ୍ରା
- ଶୋଭାଯାତ୍ରାରେ ଯୋଗଦେଲେ ଆଥ୍‌ଲେଟ୍, ରାଜନେତା, ପ୍ରଶାସକ
- ଉତ୍ସାହରେ ନାଚିଲେ ଖେଳାଳି, ସ୍କୁଲ କଲେଜ ଛାତ୍ରୀଛାତ୍ର


ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମରେ ହକି ବିଶ୍ୱକପ ଟ୍ରଫି ସହ ଉପସ୍ଥିତ ଅତିଥି ।

**ବଲାଙ୍ଗୀର ଅଫିସ, ୨୧**

ପୁରୁଷ ହକି ବିଶ୍ୱକପ ଟ୍ରଫି ବଲାଙ୍ଗୀର ପହଞ୍ଚିବା ଅବସରରେ ଉତ୍ସବ ମୁଖର ହୋଇଉଠିଥିଲା ସହର ସମେତ ସମଗ୍ର ବଲାଙ୍ଗୀର ଜିଲା। ଦେଓଗାଁରୁ ୨୬ ନମ୍ବର ଜାତୀୟ ରାଜପଥରେ ହକି ବିଶ୍ୱକପ ଟ୍ରଫି ଟୁର ଟିମ୍ ବଲାଙ୍ଗୀର ପହଞ୍ଚିଥିଲେ। ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରେ ଟ୍ରଫି ଟୁର ଟିମକୁ ଜିଲା ପରିଷଦ ସଭାପତି ଦେବକୀ ସାହୁ, ଜିଲାପାଳ ଚଞ୍ଚଳ ରାଣା, ଏସପି ନିତିନ କୁଶଲକର, ପୌରାଧକ୍ଷା ଲିକା ସାହୁ, ସଦର ବ୍ଲକ୍ ଅଧକ୍ଷା ସରିତା ବାଗ, ଜାତୀୟ କ୍ରୀଡାବିତ୍ ଆନନ୍ଦିନୀ ଦର୍ଜୀ, ସିଆରପିଏଫ୍ କମାଣ୍ଡାଣ୍ଟ ପବନ ତିୱାରୀ, ଡିଏଫ୍‌ଓ ନିତିଶ କୁମାର, ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ ଓ ଜିଲାସ୍ତରୀୟ ଅଧିକାରୀମାନେ ସ୍ୱାଗତ କରିଥିଲେ। କୋଶଳ କଳା ମଣ୍ଡଳ ପଡିଆରୁ ଟ୍ରଫି ସହ ଏକ ଶୋଭାଯାତ୍ରା ସହର ପରିକ୍ରମା କରି ଗାନ୍ଧୀ ଷ୍ଟାଡିୟମ ପହଞ୍ଚିଥିଲା। ସେଠାରେ ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ ଟ୍ରଫିକୁ ସ୍ୱାଗତ କରିଥିଲେ। ଏହାପରେ ଗାନ୍ଧୀ ଷ୍ଟାଡିୟମରେ ଏକ ସମାରୋହରେ ହକି ବିଶ୍ୱକପ ଟ୍ରଫି ରଖି ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବିଧାୟକ ନରସିଂହ ମିଶ୍ର ବକ୍ତବ୍ୟ ରଖି ଓଡିଶା ଦ୍ୱିତୀୟ ଥର ବିଶ୍ୱକପ ହକି ଟୁର୍ନାମେଣ୍ଟ ଆୟୋଜନ କରି ଇତିହାସ ରଚିଛି ଏବଂ ଏହାଦ୍ୱାରା ଓଡିଶାର ସୁନାମ ବଢ଼ିଛି ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବିଶ୍ୱକପ ଆୟୋଜନ ପାଇଁ ସର୍ବଦଳୀୟ ବୈଠକ ଡାକିଥିଲେ ଏବଂ ସେଠାରେ ସବୁଦଳ ଏହାକୁ ସମର୍ଥନ ଏବଂ ସ୍ୱାଗତ କରିଥିଲେ। ବଲାଙ୍ଗୀର ଟାଉନ୍ ହାଇସ୍କୁଲରେ ଏକ ହକି ଷ୍ଟାଡିୟମ ନିର୍ମାଣ ପାଇଁ ରାଜ୍ୟ ସରକାର ମଞ୍ଜୁର କରିଥିବାରୁ ସେ ମୁଖ୍ୟମନ୍ତ୍ରୀ, କ୍ରୀଡାମନ୍ତ୍ରୀ ଓ କ୍ରୀଡାସଚିବଙ୍କୁ କୃତଜ୍ଞତା ଜଣାଇଥିଲେ।

ଲୋଇସିଂହା ବିଧାୟକ ଡ ମହାଲିଙ୍ଗ ତାଙ୍କ ବକ୍ତବ୍ୟରେ ହକି ବିଶ୍ୱକପ ଟୁର୍ନାମେଣ୍ଟ ଆୟୋଜନ କରିବା ଦ୍ୱାରା ଓଡିଶାର ପୁରପଲ୍ଲୀରେ ଏବେ ଜାତୀୟ କ୍ରୀଡା ସହ ଅନ୍ୟ କ୍ରୀଡା ପ୍ରତି ଆଗ୍ରହ ସୃଷ୍ଟି ହୋଇଛି। ଆଗରୁ ଆମେ ବିଶ୍ୱକପ ହକିକୁ ସ୍କ୍ରିନ୍‌ରେ ଦେଖୁଥିଲୁ ଆଜି ଆମେ ହକି ବିଶ୍ୱକପକୁ ଛୁଇଁବାର ସୁଯୋଗ ପାଇଛୁଁ ବୋଲି କହି ମୁଖ୍ୟମନ୍ତ୍ରୀଙ୍କୁ ଏଥିପାଇଁ ଧନ୍ୟବାଦ ଜଣାଇଥିଲେ। ଜିଲାପାଳ ରାଣା ତାଙ୍କ ବକ୍ତବ୍ୟରେ ବଲାଙ୍ଗୀର ଜିଲାର ଜନସାଧାରଣ ଯେଭଳି ଭାବେ ହକି ବିଶ୍ୱକପ ଟ୍ରଫିକୁ ସ୍ୱାଗତ କରିଛନ୍ତି ତାହା ସବୁଦିନ ପାଇଁ ମନେ ରହିବ ବୋଲି କହିଥିଲେ। ଏସପି କୁଶଲକର, ଜିଲାପରିଷଦ ସଭାପତି ସାହୁ, ପୌରାଧକ୍ଷା ସାହୁ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ପୂର୍ବତନ ଆଥଲେଟ୍ ଆନନ୍ଦିନୀ ଦର୍ଜୀ, ଜାତୀୟ ଭଲିବଲ ଖେଳାଳୀ ଅନୁପ କୁମାର ସାହୁ, ଜୁନିଅର ଭଲିବଲ ଖେଳାଳି ରଶ୍ମିତା ଦୀପ, ଖେଲୋ ଇଣ୍ଡିଆ ସିଲଭର ମେଡାଲିଷ୍ଟ ସୁହାନି ଗୁରୁହାଣ୍ଡି, ଜାତୀୟ ଫୁଲବଲ ଖେଳାଳି ସୁଧାଂଶୁ ସେଠ୍ ଓ ଅଭିମନ୍ୟୁ ପାଣ୍ଡେଙ୍କୁ ବିଧାୟକ ମହାଲିଙ୍ଗ ସମ୍ବର୍ଦ୍ଧିତ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ଏକ ଫୁଲବଲ ଏବଂ ହକି ମ୍ୟାଚ୍‌ର ବିଜୟୀ ଓ ଉପବିଜୟୀ ଦଳକୁ ଟ୍ରଫି ଦେଏ ପୁରସ୍କୃତ କରାଯାଇଥିଲା। ସମ୍ବର୍ଦ୍ଧନା ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପଞ୍ଚମ ଅନୁଷ୍ଠାନର କୁନି କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ସହରର ବହୁ ବୁଦ୍ଧିଜୀବୀ, କ୍ରୀଡାବିତ୍, ସ୍କୁଲ କଲେଜ ଶିକ୍ଷକ,ଅଧାପକ ଓ ଜନସାଧାରଣ ଉପସ୍ଥିତ ଥିଲେ। ସକାଳେ ଗାନ୍ଧୀ ଷ୍ଟାଡିୟମରୁ ଏକ ମିନି ମାରାଥନ୍ ଅନୁଷ୍ଠିତ ହୋଇଥିଲା।

# ରନ୍ ଫର୍ ହକି ଉପଲକ୍ଷେ ମିନି ମାରାଥନ

**କଣ୍ଟାବାଞ୍ଜି, ୨୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନଏସି ପକ୍ଷରୁ ସୋମବାର ସକାଳେ ମିନି ମାରାଥନ ଅନୁଷ୍ଠିତ ହୋଇଥିଲା। ମାରାଥନକୁ ନଗରପାଳ ବରିୟାମ ସିଂ ସାଲୁଜା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରୁ ଆରମ୍ଭ ହୋଇଥିବା ମାରାଥନ ୧କିମି ପଥ ଅତିକ୍ରମ କରି ଏନଏସି କାର୍ଯ୍ୟାଳୟ ଯାଏ ଯାଇଥିଲା। ଏଥିରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର, ଯୁବତୀ, ଯୁବକ ଓ ସ୍ଥାନୀୟ ଜନତା ସାମିଲ ହୋଇଥିଲେ। ମାରାଥନ ରେସ୍‌ରେ ଛାତ୍ରୀମାନଙ୍କ ମଧ୍ୟରୁ ମହିଳା ଯୁକ୍ତ ୨ ମହାବିଦ୍ୟାଳୟର ନିରୂପମା ମାଝି ପ୍ରଥମ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଜ୍ୟୋତିର୍ମୟୀ କାଣ୍ଡି ଦ୍ୱିତୀୟ, ମହିଳା ଡିଗ୍ରୀ କଲେଜର ରୀତାଞ୍ଜଳି ବେହେରା ତୃତୀୟ ହୋଇଥିଲେ। ସେହିପରି ଛାତ୍ରମାନଙ୍କ ମଧ୍ୟରେ କେଭି ଡିଗ୍ରୀ କଲେଜର ଜଗମୋହନ ବଏ ପ୍ରଥମ, ସୁରଜ କୁମାର ଛତ୍ରିଆ ଦ୍ୱିତୀୟ, ଆଦର୍ଶ ବିଦ୍ୟାଳୟର ବେଣୁଧର ସେଠ ତୃତୀୟ ହୋଇଥିଲେ। ସଫଳ ପ୍ରତିଯୋଗୀମାନଙ୍କୁ କପ୍ ଦେଇ ସମ୍ମାନୀତ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ନଗରପାଳ ସାଲୁଜା, ସମ୍ମାନୀତ ଅତିଥି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ ଧଳ, ମହିଳା ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ରାଜେନ୍ଦ୍ର ପୁରୋହିତ, ମୁଖ୍ୟବକ୍ତାଭାବେ କେଭି ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ସତ୍ୟବ୍ରତ ମିଶ୍ର ଯୋଗଦେଇଥିଲେ। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ସୀମା ଭାଲୁମୁଣ୍ଡାଠାରେ ବିଶ୍ୱ ହକି କପ୍‌କୁ ସ୍ୱାଗତ କରିଥିଲେ।


ଅତିଥିଙ୍କ ସହ ମିନି ମାରାଥନରେ ବିଜୟୀ ପ୍ରତିଯୋଗୀ।

# ହକି ବିଶ୍ୱକପକୁ ବିପୁଳ ସ୍ୱାଗତ

**ଆୟୋଜିତ ହେଲା ମିନି ମାରାଥନ**

**ଟିଟିଲାଗଡ଼/ଦେଓଗାଁ/ସଇଁତଳା, ଗୁଡଭେଲା,୨୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲାରେ ସୋମବାର ବିଶ୍ୱକପ୍ ହକି ଡମି ଟ୍ରଫି ପହଞ୍ଚିବା ପରେ ବିଭିନ୍ନ ବ୍ଲକରେ ବିପୁଳ ସ୍ୱାଗତ କରାଯାଇଥିଲା। ଏହ ଅବସରରେ ମିନି ମାରାଥନ ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ଟିଟିଲାଗଡରେ ବିଶ୍ୱକପ ହକି ଡମି ଟ୍ରଫି ସୋମବାର ପୂର୍ବାହ୍ନ ୧୨.୩୦ରେ ପହଞ୍ଚି ଥିଲା। ଟିଟିଲାଗଡ ବିକାଶ ସେନା ସଭାପତି ଇଂ ଅମ୍ଲାନ ଷଡଙ୍ଗୀଙ୍କ ନେତୃତ୍ୱରେ ଏକ ବାଇକ ଶୋଭାଯାତ୍ରାରେ ଟ୍ରଫିକୁ ପାଛୋଟି ଅଣାଯାଇଥିଲା। ଡିଏଭି ମହାବିଦ୍ୟାଳୟ ସମ୍ମୁଖରେ ମହାବିଦ୍ୟାଳୟର ଅଧକ୍ଷ ମେଜର ଡ. ମଧୁସୁଦନ ମିଶ୍ରଙ୍କ ନେତୃତ୍ୱରେ ଏନସିସି ସିଇଓ ଆଦର୍ଶ ମିଶ୍ର, ପୂର୍ବ ଏନସିସି କ୍ୟାଡେଟ ମିଷ୍ଟର ଇଣ୍ଡିଆ ସନ୍ତୋଷ ମହାନ୍ତି, ବୈଷ୍ଣବ କବାଟ, ଅଧାପକ ସୁଶିଲ ପାଢୀ, ଡ. ରମାକାନ୍ତ ବେହେରା ପ୍ରମୁଖ ସ୍ୱାଗତ କରିଥିଲେ। ସେଠାରୁ ଟିଟିଲାଗଡ ପୌର ନିର୍ବାହୀ ଅଧିକାରୀ ବିପିନ ବିହାରି ଦୀପ, ସହାୟକ ଜିଲାପାଳ ଡ. ଲଳିତ ବାଗ ବିଶ୍ୱ କପ ସହ ଖୋଲା ଗାଡିରେ ସହର ପରିକ୍ରମା କରି ମହାରାଜ ସାଗରକଡ ସ୍ଥିତ ଆଇ ଲଭ ଟିଟିଲାଗଡ ସେଲଫି କର୍ଣ୍ଣର ସଭାସ୍ଥଳରେ ପହଞ୍ଚିଥିଲେ। ଟିଟିଲାଗଡ ବିଡିଓ ନବିନ ଚନ୍ଦ୍ର ନାୟକ, ତହସିଲଦାର ପ୍ରେମଲାଲ ହିଆଲ, ଏସଡିପିଓ ଅଙ୍କିତା କୁମ୍ଭାର, ଥାନା ଆଇଆଇସି ରଞ୍ଜନ ବରିହା, ବିଜେଡି ରାଜ୍ୟ ସମ୍ପାଦିକା ରଞ୍ଜୁ ରାଏମନ, ପୌର ଉପାଧକ୍ଷା ପୁଷ୍ପାମଞ୍ଜରି ଜାଲ, ମନ୍ତ୍ରୀ ଟୁକୁନୀ ସାହୁଙ୍କ ପ୍ରତିନିଧି ଅରୁଣ ମିଶ୍ର, ଏମ୍‌ପି ପ୍ରତିନିଧି ଆଲୋକ ନାୟକ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥି ବୃନ୍ଦ ମାରାଥନ ପ୍ରତିଯୋଗିତା ପୁରୁଷବର୍ଗରେ ପ୍ରଥମ ଦିବାକର ନାୟକ, ଦ୍ୱିତୀୟ ଡୋଲେଶ୍ୱର ଜାନୀ, ତୃତୀୟ ପ୍ରେମଲାଲ ମାଝି ଏବଂ ମହିଳା ବର୍ଗରେ ପ୍ରଥମ କବିତା ଗହିତା, ଦ୍ୱିତୀୟ କୁନି ଗହିର, ତୃତୀୟ ଶିବାନି ବାଗଙ୍କୁ ସମ୍ମାନୀତ କରିଥିଲେ। ଏଥିପୂର୍ବରୁ ପୂର୍ବାହ୍ନ ୯.୩୦ରେ ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟଠାରେ ଏକ ମାରାଥନ ପ୍ରତିଯୋଗିତାକୁ ଉପଜିଲାପାଳ ଦୟାମୟ ପାଢୀ ଶୁଭାରମ୍ଭ କରିଥିଲେ। ଟ୍ରଫିକୁ ସଇଁତଳାରେ ବିଡିଓ ଚନ୍ଦ୍ରମଣୀ ନାଗଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ନବୀନ ଛକଠାରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷା ମୋନିକା ସିଂ ଭୋଇ, ଉପାଧ୍ୟକ୍ଷ ଗୁଣସାଗର ମାଝି, ପଂଚାୟତ ସମିତି ମହାବିଦ୍ୟାଳୟ ଅଧକ୍ଷ ଶିବ ପ୍ରସାଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ଦେଓଗାଁ ଏଟିଏମ ଛକରେ ପଞ୍ଚାୟତ ସମିତି ଅଧକ୍ଷ ଦୟାନିଧି ଖମାରୀ ଟ୍ରଫିକୁ ସ୍ୱାଗତ କରିଥିଲେ । ବିଡିଓ ସୁରେନ୍ଦ୍ର ମେହେର, ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ଥାନାଧିକାରୀ ତାରାବତୀ ପଧାନ, ଓଡିଶା ଜୀବିକାମିଶନର ବ୍ଲକ ସଂଯୋଜକ ପ୍ରଦୀପ ଛତ୍ରିଆ, ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର, ସରପଞ୍ଚ ନୀନା ଛତ୍ରିଆ, ସମିତି ସଭ୍ୟ ମୀନା କୁମାରୀ ସା, ଅନ୍ତର୍ଯ୍ୟାମୀ ଭୋଇ, ଏସ୍‌ଏଚ୍‌ଜି ସଦସ୍ୟା, ହାଇସ୍କୁଲ ଓ କଲେଜ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ତୁଷୁରା ଏନଏସି ପ୍ରଶାସନ ପକ୍ଷରୁ ସମଲେଶ୍ୱରୀ ମନ୍ଦିରଠାରୁ ମିନିଷ୍ଟାଡିୟମ ପର୍ଯ୍ୟନ୍ତ ଏକ ମାରାଥନ ଦୌଡ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ପ୍ରହଲ୍ଲାଦ ଭୋଇ ପ୍ରଥମ, ସନ୍ତୋଷ ଭୋଇ ଦ୍ୱିତୀୟ, ଆଶିଷ ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଏନଏସି ଅଧକ୍ଷ ଅଜୟ କୁମାର ଜୟସ୍ୱାଲ ପୁରସ୍କାର ପ୍ରଦାନ କରିଥିଲେ। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ, ଏମ୍‌ପି ପ୍ରତିନିଧି ଦୀପକ ଅଗ୍ରୱାଲ, କାଉନସିଲର ଚିନ୍ତାମଣୀ ବାଗ, ନନ୍ଦଲାଲ ଜୟସ୍ୱାଲ, ରତନ ଜୈନ, ରାଜା ବରଗ୍ଡା, ରାଜେଶ ସରାଫ ପ୍ରମୁଖ ଉପସ୍ଥିତ ଥିଲେ।


ଟିଟିଲାଗଡ ସଭା ମଞ୍ଚରେ ବିଶ୍ୱକପ ସହ ଉପଜିଲାପାଳ ଏବଂ ଅନ୍ୟ ଅଧିକାରୀ।

# ପଞ୍ଚାୟତ ଗୋଦାମରୁ ପିଡିଏସ୍ ଚାଉଳ ଚୋରି

**ଲୋଇସିଂହା,୨୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଆଗଲପୁର ବ୍ଲକ ମୁରୁଷୁଣ୍ଡି ପଞ୍ଚାୟତ ଗୋଦାମ ଘରୁ ରବିବାର ରାତିରେ ୧ଶହ ପ୍ୟାକେଟ ପିଡିଏସ୍ ଚାଉଳ ଚୋରି ହୋଇଛି । ଏନେଇ ପଞ୍ଚାୟତ ଯୋଗାଣ ସହାୟକ ରୋହିତ ସେଠ ସାଲେଭଟା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଏକ ମାମଲା (ନଂ ୨/୨୩) ରୁଜୁ ହୋଇଛି। ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ତଦନ୍ତ କରିଛି । ସୂଚନା ଆନୁଯାୟୀ, ସୋମବାର ସକାଳେ ପଞ୍ଚାୟତ ଯୋଗାଣ ସହାୟକ ସେଠ ହିତାଧିକାରୀଙ୍କୁ ପିଡିଏସ ବଣ୍ଟନ ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଯାଇଥିଲେ। ହେଲେ ପଞ୍ଚାୟତ ପରିସରରେ ପିଡିଏସ୍ ଚାଉଳ ପଡିଥିବା ଏବଂ ମିଶନ ଶକ୍ତି ଗୃହ ତାଲା କଟା ଯାଇଥିବା ଦେଖିବାକୁ ପାଇଥିଲେ । ଏହାପରେ ପଞ୍ଚାୟତରୁ ପିଡିଏସ ସାମଗ୍ରୀ ଚୋରି ହୋଇଥିବା ସନ୍ଦେହ କରି ସେ ସାଲେଭଟା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ । ୨ ମହଲା ବିଶିଷ୍ଟ ମୁରୁଷୁଣ୍ଡି ପଞ୍ଚାୟତ କାର୍ଯ୍ୟାଳୟ ଉପରମହଲାରେ ଗୋଦାମ ଘର କରାଯାଇଛି । ହେଲେ ପହାଚ ପଡୁଥିବାରୁ ପଡିଏସ ସାମଗ୍ରୀ ଗୋଦାମ ଘରେ ନରଖି ପଞ୍ଚାୟତ ପରିସରର ମିଶନ ଶକ୍ତି ଘରେ ସରପଞ୍ଚଙ୍କ ଅନୁମତି ନେଇ ରଖୁଥିବା ଯୋଗାଣ ସହାୟକ ସେଠ କହିଛନ୍ତି। ଅପରପକ୍ଷେ ପଞ୍ଚାୟତର ରାତ୍ର ଜଗୁଆଳିଙ୍କୁ ଦୀର୍ଘମାସ ହେଲା ପାରିଶ୍ରମିକ ଦିଆଯାଉ ନ ଥିବାରୁ ସେ ଡ୍ୟୁଟି କରୁ ନ ଥିବା ସେ କହିଛନ୍ତି।

# ଛାନ୍‌ଭିନ୍ କଲା ସାଇଣ୍ଟିଫିକ୍ ଟିମ୍


ସାଇଣ୍ଟିଫିକ୍ ଟିମ୍ ଓ ପୋଲିସ ଦୁଆନପାଲିରେ ପହଞ୍ଚି ଛାନଭିନ୍ କରୁଛନ୍ତି।

**ବଲାଙ୍ଗୀର ଅଫିସ, ୨୧**

- ପ୍ରେମିକାଙ୍କ ଘର ସମ୍ମୁଖରେ ପ୍ରେମିକଙ୍କ ମୃତ୍ୟୁ ଘଟଣା
- ଗାଁ ଲୋକେ କହିଲେ ଆତ୍ମହତ୍ୟା, ପରିବାର ଆଣିଲେ ହତ୍ୟା ଅଭିଯୋଗ

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଦୁଆନପାଲି ଗାଁରେ ନୂଆବର୍ଷ ସନ୍ଧ୍ୟାରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଗାଁ ଲୋକେ ଏହା ଏକ ଆତ୍ମହତ୍ୟା ବୋଲି କହିଥିବାବେଳେ ମୃତକଙ୍କ ପରିବାର ଲୋକେ ଏହା ଏକ ହତ୍ୟାକାଣ୍ଡ ବୋଲି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଉଭୟ ପକ୍ଷର ବୟାନ ମୁତାବକ ଥାନାରେ ଏକ ଅପମୃତ୍ୟୁ ମାମଲା (୧/୨୩) ଏବଂ ଏକ ହତ୍ୟା ମାମଲା (୨/୨୩) ରୁଜୁ କରି ଘଟଣା ସମ୍ପର୍କରେ ଅନୁସନ୍ଧାନ ଆରମ୍ଭ କରିଛି। ଗାଁ ଲୋକଙ୍କ କହିବା ରବିବାର ସନ୍ଧ୍ୟାରେ ଶିବତଲା ନିକଟ କୁମପଥର ଗାଁର ଗାନ୍ଧୀ ଷାଣ୍ଡ (୨୨) ଦୁଆନପାଲି ଗାଁର ଜଣେ ବ୍ୟକ୍ତିଙ୍କ ଘର ସମ୍ମୁଖକୁ ଯାଇଥିଲେ। ସେଠାରେ ତାଙ୍କ ଝିଅ ସହ ତାଙ୍କ ପ୍ରେମସମ୍ପର୍କ ଥିବା କହି ବିବାହ କରିବାକୁ ଜିଦ୍ ଧରିଥିଲେ। ବିବାହ ନଦେଲେ ଛୁରି ଭୁସି ହୋଇ ଜୀବନ ହାରିବେ ବୋଲି କୁଆଡେ ଧମକ ଦେଇଥିଲେ। ଝିଅ ଘରଲୋକେ ବୁଝାଶୁଝା କରିଥିଲେ ମଧ୍ୟ ସମ୍ପୃକ୍ତ ଯୁବକ ଏଥିରୁ ନିବୃତ୍ତ ନହୋଇ ଶେଷରେ ନିଜେ ଧରିଥିବା ଏକ ଛୁରିରେ ନିଜ ପେଟରେ ଭୁସି ହୋଇ ଯାଇଥିଲେ। ଖବର ପାଇ ସଦର ଏସ୍‌ଡିପିଓ ତୋଫାନ ବାଗ, ସଦର ଥାନା ଆଇଆଇସି ଶ୍ରୀକାନ୍ତ ସାହୁ ଓ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ତେବେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ନ ଥିବାରୁ ଗାଁରେ ଯୁବକଙ୍କ ମୃତଦେହ ପଡିରହିଥିଲା। ପୋଲିସ କର୍ମଚାରୀ ରାତିସାରା ମୃତଦେହ ଜଗି ରହିଥିଲେ। ସୋମବାର ସକାଳେ ସାଇଣ୍ଟିଫିକ୍ ଟିମ୍ ଦୁଆନପାଲିରେ ପହଞ୍ଚି ଛାନିଭିନ୍ ଆରମ୍ଭ କରିଥିଲା। ପରେ ମୃତଦେହକୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ଅଣାଯାଇଥିଲା। ଅନ୍ୟପକ୍ଷେ ମୃତ ଯୁବକଙ୍କ ପରିବାର ପକ୍ଷରୁ ଗାନ୍ଧୀଙ୍କୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। ମୃତକଙ୍କ ଭାଇ ଶ୍ରୀବତ୍ସ ଷାଣ୍ଡ ଏନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଯୁବକଙ୍କ ମୃତଦେହ ହସ୍ତାନ୍ତର କରାଯାଇଛି।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ଖପ୍ରାଖୋଲ, ୨୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ହାଇସ୍କୁଲ ଖେଳପଡିଆରେ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବିଡିଓ ରଶିରଞ୍ଜନ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷା ନିରୂପମା ପଟେଲ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଉପାଧକ୍ଷ ସୁଖିରାମ ସାଣ୍ଡ, ବ୍ଲକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ପୁରୋହିତ, ସହକାରୀ ନିର୍ବାହୀ ଯନ୍ତ୍ରୀ ମହେଶଲାଲ ଅଗ୍ରୱାଲ, କନିଷ୍ଠ ଯନ୍ତ୍ରୀ ରାଜକିଶୋର ନାଏକ ଯୋଗଦେଇଥିଲେ। ହକି ବିଶ୍ୱକପ ୨୦୨୩ ଅବସରରେ କ୍ରୀଡା ପ୍ରତି ଛାତ୍ରୀଛାତ୍ର ତଥା ଜନସାଧାରଣଙ୍କ ଉତ୍ସାହ ବୃଦ୍ଧି ପାଇଁ ପଞ୍ଚାୟତଠାରୁ ବ୍ଲକ, ଜିଲା ଯାଏ କ୍ରୀଡ଼ା ପ୍ରତିଯୋଗିତାମାନ ଆରମ୍ଭ ହୋଇଛି। ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ପଞ୍ଚାୟତସ୍ତରରୁ ଉତ୍ତୀର୍ଣ୍ଣ ଫୁଟବଲ ଓ ଖୋଖୋ ଦଳ ଏଥିରେ ଭାଗ ନେଇଛନ୍ତି। ପ୍ରତିଯୋଗିତା ଦୁଇ ଦିନ ଧରି ଚାଲିବ। ଉଦ୍‌ଘାଟନୀ ଦିବସରେ ୮ ପଞ୍ଚାୟତର ଛାତ୍ରୀଛାତ୍ର ଭାଗନେଇଥିଲେ।



ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତାର ଉଦ୍‌ଘାଟନୀ ସଭାରେ ମଞ୍ଚାସୀନ ଅତିଥି।

# ତଦନ୍ତ କଲେ ବିଡିଓ, ଏବିଡିଓ

**ଲୋଇସିଂହା,୨୧(ଡି.ଏନ.ଏ.)**

**ବୁର୍ଡାରେ ପ୍ରଧାନମନ୍ତ୍ରୀ ଆବାସ ଚୋରି ଘଟଣା**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ଗ୍ରାମର ଭକ୍ତ ସାହୁ ତାଙ୍କ ନାମରେ ମଞ୍ଜୁର ହୋଇଥିବା ପ୍ରଧାନମନ୍ତ୍ରୀ ଆବାସ ଚୋରି ହୋଇଥିବା ନେଇ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ମାସାଧିକ ସମୟ ବିତି ଯାଇଥିଲେ ବି ପ୍ରଶାସନିକ ତଦନ୍ତ ଅଗ୍ରଗତି ହୋଇ ପାରି ନ ଥିଲା । ପ୍ରଶାସନିକ ଶୀଥିଳତାରେ ଅସନ୍ତୋଷବ୍ୟକ୍ତ କରି ଭକ୍ତ ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଫେରାଦ ହୋଇଥିଲେ । ଏହାପରେ ଅପରାହ୍ନରେ ବିଡିଓ ଆକାଶ ରଞ୍ଜନ ସାହୁ ଓ ଏବିଡିଓ ବିଜୟ କୁମାର ହୋତା ବୁର୍ଡାକୁ ଯାଇଥିଲେ। ଅଭିଯୋଗକାରୀଙ୍କ ଘର ଏବଂ କୌଶଳ କରି ଘର ହାତେଇ ଥିବା ଗାଁର ଜଣେ ବ୍ୟକ୍ତିଙ୍କ ଘରକୁ ଯାଇ ଉଭୟ ଅଧିକାରୀ ପଚରାଉଚରା କରିଥିଲେ ।

୨୦୧୯ ସେପ୍ଟେମ୍ବର ୧୮ରେ ବୁର୍ଡାର ଭକ୍ତ ସାହୁଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମଞ୍ଜୁର ହୋଇଥିଲା । ସେତେବେଳେ ତାଙ୍କ ପୁଅ ସୈନ୍ୟବାହିନୀରେ ଯୋଗଦେଇ ସାରିଥିବାରୁ ସେ ଘର ନେବାକୁ ମନା କରି ଦେଇଥିଲେ । ହେଲେ ୩ ବର୍ଷ ପରେ ଗତ ନଭେମ୍ବର ମାସରେ ପଞ୍ଚାୟତ ସୋସିଆଲ ଅଡିଟ୍ ବେଳେ ଭକ୍ତଙ୍କ ନାମରେ ଘର କାର୍ଯ୍ୟାଦେଶ ଦିଆଯାଇଥିବା ଜଣାପଡିଥିଲା। ୩ ଜଣିଆ ମହିଳା ଭିଲେଜ ରିସୋର୍ସ ପରର୍ସନ ଭକ୍ତଙ୍କ ଘରକୁ ଯାଇ ତଦନ୍ତ କରିଥିଲେ । ୨୦୧୯ ମସିହାରେ ପ୍ରଧାନମନ୍ତ୍ରୀ ଆବାସ ଘର କାର୍ଯ୍ୟାଦେଶ ଦିଆଯାଇଥିବା ବେଳେ ୪ଟି ପର୍ଯ୍ୟାୟରେ ୧ଲକ୍ଷ ୩୦ହଜାର ଟଙ୍କା ଉଠା ଯାଇଥିବା ପ୍ରତିନିଧି ଦଳ କହିଥିଲେ। ନିର୍ମାଣାଧୀନ ଘର କେଉଁଠି ଅଛି ତାହା ଦେଖାଇବାକୁ ଅଡିଟ ଟିମ ପରିବାର ଲୋକଙ୍କୁ କହିଥିଲେ। ଏଡାକୁ ନେଇ ଭକ୍ତଙ୍କ ପରିବାର ଲୋକେ ଅଶ୍ଚର୍ଯ୍ୟ ପ୍ରକାଶ କରିଥିଲେ। ଗ୍ରାମରେ ସମାନ ନାମ ଓ ସାଙ୍ଗିଆଧାରୀ ଜଣେ ବ୍ୟକ୍ତି ଥିବାରୁ ପ୍ରଶାସନକୁ ହାତ କରି ଘର ନିର୍ମାଣ କରିଥିବା ଭକ୍ତ ସନ୍ଦେହ କରିଥିଲେ । ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନଭେମ୍ବର ୨୧ରେ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ । ବିଡିଓ ସାହୁ ଏବିଡଓ ବିଜୟ କୁମାର ହୋତାଙ୍କୁ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମାସାଧିକ ସମୟ ବିତି ଯାଇଥିଲେ ବି ଏହି ତଦନ୍ତ ଆଗକୁ ବଢି ନ ଥିଲା। ଏଥିରେ ଅସନ୍ତୋଷ ପ୍ରକାଶ କରି ଭକ୍ତ ସୋମବାର ପୁଣି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ସେଠାରେ ଉପସ୍ଥିତ ବିଡିଓଙ୍କୁ ୩ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ଭକ୍ତ କହିଛନ୍ତି।


ବିଡିଓ ଏବଂ ଏବିଡିଓ ଗାଁରେ ପଚରାଉଚରା କରୁଛନ୍ତି।

## ବରଗଡ଼ ଧନୁଯାତ୍ରାର ଝଲକ


ମହାରାଜ କଂସ ସୈନ୍ୟ ସାମନ୍ତଙ୍କ ସହିତ ନଗର ଭ୍ରମଣରେ ବାହାରିଛନ୍ତି।


ବରଗଡ଼ ଷ୍ଟେଟ ବ୍ୟାଙ୍କରେ କଂସ ମହାରାଜ।


ନାବକେଳି ପୂର୍ବରୁ ରାଧାକୃଷ୍ଣଙ୍କୁ ବନ୍ଦାପନା।

# ବୌଦ୍ଧ ଜିଲ୍ଲାର ୨୯ତମ ପ୍ରତିଷ୍ଠା ଦିବସ ପାଳିତ

**ବୌଦ୍ଧ,୨।୧ (ସ୍ୱ.ପ୍ର.)**

ଗଡଜାତ ବୌଦ୍ଧ ସଂସ୍କୃତି ସଂପନ୍ନ ଐତିହାସିକ ଜିଲା। ଜିଲା ବର୍ତ୍ତମାନ ଯୁବାବସ୍ଥାରେ ଗତି କରୁଥିବା ବେଳେ ଜିଲାକୁ ପୂରିଛି ୨୯ ବର୍ଷ । ସୋମବାର ଜିଲାର ୨୯ ତମ ସ୍ୱନକ୍ଷତ୍ର ଦିବସ କଚେରି ପଡିଆଠାରେ ପାଳିତ ହୋଇଯାଇଛି । ଜିଲା ଗଠନ ଦିନ ଠାରୁ ଜିଲାର ସ୍ୱନକ୍ଷତ୍ର ଦିବସରେ ଜିଲା ସଦର ମହକୁମାଠାରେ ବୌଦ୍ଧ ମହୋତ୍ସବ, ପଲ୍ଲୀଶ୍ରୀ ମେଳା ଅନୁଷ୍ଠିତ ହୋଇଥାଏ । କିନ୍ତୁ ଚଳିତବର୍ଷ ମହୋତ୍ସବ ସ୍ୱନକ୍ଷତ୍ର ଦିବସରେ ହେଉ ନ ଥିବାରୁ ସ୍ୱନକ୍ଷତ୍ର ଦିବସ ଏକପ୍ରକାର ଫିକା ପଡିଯାଇଛି। ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ କଚେରି ପଡିଆଠାରେ ସନ୍ଧ୍ୟାରେ ଆୟୋଜିତ ଉତ୍ସବରେ ଜଙ୍ଗଲ ପରିବେଶ ଏବଂ ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି ଭାବେ ଯୋଗଦେଇ ଆସନ୍ତା ୧୨ ତାରିଖରେ ଜିଲା ମହୋତ୍ସବ ହେବା ନେଇ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଅମାତଙ୍କ ଦ୍ୱାରା ଓକ୍ରାସାହି ନାଳ, ବୁରୋଗୋରା ଉପରେ ସେତୁ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ, ବଘିଆପଡା ଶଗଡାଠାରୁ ବବଡା ପର୍ଯ୍ୟନ୍ତ ଗ୍ରାମ୍ୟ ସଡକ ନିର୍ମାଣର ଭିତ୍ତିପ୍ରସ୍ତର, ବିଜାପଦର ଗ୍ରାମ୍ୟରାସ୍ତା ନବୀକରଣ ଏବଂ ବଦଲା ସାହି ଗ୍ରାମ୍ୟରାସ୍ତା ଉନ୍ନତୀକରଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହାଛଡା ଶଙ୍ଖଚୂଡ ମନ୍ଦିର ପାର୍ଶ୍ୱରେ ମୁକ୍ତ ବ୍ୟାୟାମଶାଳାର ଉଦ୍‌ଘାଟନ, ବୁଟୁପାଲି ଠାରେ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ କୁଶଳ କେନ୍ଦ୍ରର ଉଦଘାଟନ ,ବୌଦ୍ଧ ବ୍ଲକ କାର୍ଯ୍ୟାଳୟଠାରେ ମିଶନ ଶକ୍ତି କାଫେର ଉଦଘାଟନ , ରାମେଶ୍ୱର ଉଦ୍ୟାନରେ ମିଲେଟ କାଫେର ଉଦଘାଟନ, ପରେଡ ପଡିଆରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଉତ୍ପାଦିତ ୫୦୦୦ ଲିଟର ଦୁଗ୍ଧ ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟନ କରାଯାଇଥିଲା।


ମନ୍ତ୍ରୀଙ୍କ ଦ୍ୱାରା ବୌଦ୍ଧ ବ୍ଲକ ପରିସରରେ ମିଶନ ଶକ୍ତି କାଫେର ଉଦ୍‌ଘାଟନ କରାଯାଉଛି।

# କିଛି କଥା, କିଛି ବ୍ୟଥା

## ହୀରକ ଜୟନ୍ତୀରେ ହୀନସ୍ତା

**ମଥୁରାନଗରୀ,୨।୧:** ବରଗଡ଼ ଧନୁଯାତ୍ରା ୭୫ବର୍ଷରେ ପଦାର୍ପଣ କରିଥିବାରୁ ଏଥର ହୀରକ ଜୟନ୍ତୀ ପାଳନ କରୁଛି। ଅନ୍ୟବର୍ଷ ଅପେକ୍ଷା ଏଥର ମହୋତ୍ସବର ସବୁଦିଗ ଉନ୍ନତ ଏବଂ ଅଧିକ ଆକର୍ଷଣୀୟ ହେବା ସହିତ ନୂତନତ୍ୱ ଆସିବ ବୋଲି ସଭିଁଏ ଆଶା ବାନ୍ଧିଥିଲେ। ମାତ୍ର ଫଳ ଓଲଟା ହୋଇଛି ବୋଲି ସବୁଠି ଆଲୋଚନା ଚାଲିଛି। ଚା' ଖଟିରୁ ଆରମ୍ଭ କରି ସୋସିଆଲ ମିଡ଼ିଆ ପର୍ଯ୍ୟନ୍ତ ସବୁଠାରେ ଏଥର ମହୋତ୍ସବ ଆୟୋଜନ ପ୍ରତିଅନେକ ଲୋକ ସେମାନଙ୍କ ନକାରାତ୍ମକ ମନୋଭାବ ପ୍ରକାଶ କରୁଛନ୍ତି । ମଞ୍ଚ ସାଜସଜ୍ଜା, ତୋରଣ ବିଗତ ଧନୁଯାତ୍ରା ଭଳି ହୋଇ ନ ଥିବାବେଳେ କଳାକାରଙ୍କ ଅଭିନୟ ଆଗଭଳି ରଚିକର ହେଉ ନ ଥିବା ଦର୍ଶକମାନେ ମତ ଦେଇଛନ୍ତି। ଏପରିକି ରବିବାର ରଙ୍ଗସଭାରେ ଏକ ଖାପଛଡ଼ା ଦୃଶ୍ୟାଭିନୟ ଦାଣ୍ଡରେ ପଡି ହାଟରେ ଗଡୁଛି। ପ୍ରଶାସନିକ ଅଧିକାରୀଙ୍କ ସହିତ ଜନତା ଦରବାର କାର୍ଯ୍ୟକ୍ରମରେ ବିଦୂଷକ କିଛି ସମସ୍ୟା ମହାରାଜଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ ଏବଂ କଂସଙ୍କ ନିର୍ଦ୍ଦେଶକ୍ରମେ ଉପସ୍ଥିତ ଦୁଇ ଅତିରିକ୍ତ ଜିଲାପାଳ ଏବଂ ଏସ୍‌ଡ଼ିପିଓ ଉତ୍ତର ରଖିଥିଲେ। ଏହାପରେ କଂସ ମହାରାଜ ଅତିଥିଙ୍କ ପାଇଁ ନୃତ୍ୟଗୀତ ପରିବେଷଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ନୃତ୍ୟଗୀତ ପରିବେଷଣ ପୂର୍ବରୁ ବିଦୂଷକ ବିଭିନ୍ନ ରାଜ୍ୟରୁ ଆସିଥିବା ରାଜନ୍ୟବର୍ଗଙ୍କୁ ମଞ୍ଚକୁ ଡାକିଥିଲେ। କହିବା ବାହୁଲ୍ୟ, କଂସ ଧନୁଯାତ୍ରାର ମୁଖ୍ୟ ଚରିତ୍ର ହୋଇଥିବାବେଳେ ବିଦୂଷକ ଭୂମିକାରେ ଅଭିନୟ କରିଥିବା ଅଧ୍ୟାପକ ଅଶୋକ ବେହେରାଙ୍କ ଦିଗ୍‌ଦର୍ଶନରେ କଂସଙ୍କ ସମେତ ଅନ୍ୟ କଳାକାରମାନେ ପୂର୍ବାଭ୍ୟାସ କରିଛନ୍ତି। ଏଭଳିସ୍ଥଳେ ଉଭୟଙ୍କ ମଧ୍ୟରେ ଏଭଳି ଖାପଛଡ଼ା ଅଭିନୟ ହେବା ଚର୍ଚ୍ଚାର ବିଷୟ ହୋଇଛି ।

## ବରଗଡ଼ ଧନୁଯାତ୍ରା ହୀରକ ଜୟନ୍ତୀ

### ଆୟ ଅଧିକ, ଆକର୍ଷଣ କମ୍

ବୃହତ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଅନ୍ୟବର୍ଷ ତୁଳନାରେ କିଛି ନୂତନତ୍ୱ ଆସିବା ସହିତ ଆକର୍ଷଣ ବି ଅଧିକ ରହିବ ବୋଲି ମଥୁରା ଏବଂ ଗୋପବାସୀ ଆଶା କରିଥିଲେ। ଧନୁଯାତ୍ରା ଜମି ଅଧିଗ୍ରହଣ ଏଥର ସର୍ବାଧିକ ୧କୋଟି ୬୭ଲକ୍ଷକୁ ଛୁଇଁଥିଲା। ଏହାବାଦ୍ ଜିରା ନଦୀ କୂଳ ଏବଂ ଅନ୍ୟ କିଛି ସ୍ଥାନରେ ଖୋଲାଯାଇଥିବା ଷ୍ଟଲ, ଷ୍ଟାଣ୍ଡ, ବିଜ୍ଞାପନ ତୋରଣ ଆଦିରୁ ଆୟ ରହିଛି। ଫଳରେ ସେହି ଆଶା ଆହୁରି ଦ୍ୱିଗୁଣିତ ହୋଇଥିଲା। ଆୟ ସିନା ବଢ଼ିଲା, କିନ୍ତୁ ଆକର୍ଷଣ ନାହିଁ। ବିଗତବର୍ଷ ଭଳି ତୋରଣ ହୋଇ ନ ଥିବା ନେଇ ସବୁଠି ଚର୍ଚ୍ଚା। ଉପଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ କେବଳ ହୀରକ ଜୟନ୍ତୀରେ ନୂତନତ୍ୱ ସୀମିତ ରହିଯାଇଛି।

### ଅନ୍ଧାରରେ ନାବକେଳି

ସୋମବାର ବରଗଡ଼ ମନାବନ୍ଧରେ ରାଧାକୃଷ୍ଣଙ୍କ ନାବକେଳି ଦୃଶ୍ୟାଭିନୟ ହୋଇଥିଲା। ଧନୁଯାତ୍ରା ମହୋତ୍ସବର ସପ୍ତମ ଦିବସରେ ଅଭିନୀତ ଏହି ଦୃଶ୍ୟାଭିନୟ ଦେଖିବାକୁ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା। ମନାବନ୍ଧ ଜଳାଶୟ ପୂର୍ବାପେକ୍ଷା ସଫାସୁତୁରା ରହିଥିଲା। ହେଲେ ଜଳାଶୟ ଚତୁଃପାର୍ଶ୍ୱରେ ଆଲୋକୀକରଣ ବ୍ୟବସ୍ଥା ହୋଇ ନ ଥିଲା। ଅନ୍ୟପଟେ ଦୃଶ୍ୟାଭିନୟ ବିଳମ୍ବିତ ହେବା ଯୋଗୁ ଅନ୍ଧାରରେ ଏହାକୁ ଦେଖି ନ ପାରି ଅନେକ ଦର୍ଶକଙ୍କୁ ନିରାଶରେ ଫେରିବାକୁ ପଡ଼ିଥିଲା। କେବଳ ସେତିକି ନୁହେଁ, ଶନିବାର ଗୋପପୁର କାଳିନ୍ଦୀ ହ୍ରଦରେ କାଳୀୟ ଦଳନ ଦୃଶ୍ୟାଭିନୟରେ ମଧ୍ୟ ଅନୁରୂପ ସ୍ଥିତି ଉପୁଜିଥିଲା। ଲୋକେ ଦୃଶ୍ୟାଭିନୟ ଠିକ୍ ଭାବେ ଦେଖି ପାରି ନ ଥିଲେ। କିନ୍ତୁ ଲୁଟେରାମାନେ ଦୃଶ୍ୟାଭିନୟ ଦେଖିବାକୁ ଆସିଥିବା ୩ ମହିଳାଙ୍କୁ ସୁନାଚେନ୍ ଲୁଟି ନେବା ଭଳି ଘଟଣା ଚର୍ଚ୍ଚାର ବିଷୟ ପାଲଟିଥିଲା।

### ରାଜ ଦରବାରରେ ମହିଳାଙ୍କ ଭିଡ଼ିଓ କଲିଂ

ରାଜ ଦରବାରକୁ କଂସ ଦରବାର କୁହାଯାଏ। ଧନୁଯାତ୍ରା ମହୋତ୍ସବର ଏହା ପ୍ରମୁଖ ମଞ୍ଚ। କଂସଙ୍କ ମୁଖ୍ୟ ଦୃଶ୍ୟାଭିନୟ ଏଠାରେ ଅଭିନୀତ ହୋଇଥାଏ। ଏହି ମଞ୍ଚ ଉପରକୁ ଚଢ଼ିବା ପାଇଁ କଟକଣା ମଧ୍ୟ ରହିଛି। ହେଲେ ଜଣେ ମହିଳା ଉକ୍ତ ମଞ୍ଚ ଉପରକୁ ଚଢ଼ି କାହା ସହିତ ଭିଡ଼ିଓ କଲିଂରେ କଥା ହେବା ଏବଂ ଦେଖିବା ପରେ ଜଣେ କର୍ମକର୍ତ୍ତା ମଞ୍ଚ ଉପରକୁ ଚଢ଼ି ସେଥିରୁ ନିବୃତ୍ତ ରହିବାକୁ କହୁଥିବା ଭିଡ଼ିଓ ଏବେ ସୋସିଆଲ ମିଡ଼ିଆରେ ଘୂରି ବୁଲୁଛି। ଯେଉଁଠି ଫଟୋ କିମ୍ବା ଭିଡ଼ିଓ ଉତ୍ତୋଳନ ବେଳେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଟାହିଟାପରା ଶୁଣିବାକୁ ମିଳୁଛି, କାହା ନିର୍ଦ୍ଦେଶରେ ମହିଳା ଜଣଙ୍କ ସେଠାକୁ ଯାଇ ଭିଡ଼ିଓ କଲିଂ କଲେ ଏବଂ ସମ୍ପୃକ୍ତ ମହିଳା ଜଣକ କିଏ, ତାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି।

## ଆଜିର ଆକର୍ଷଣ
୩୧।୧।୨୦୨୩ (ମଙ୍ଗଳବାର)

**ମଥୁରାନଗରୀ**
ଶ୍ରୀକୃଷ୍ଣ ବଳରାମଙ୍କୁ ନିମନ୍ତ୍ରଣ ପାଇଁ ଅକ୍ରୁରଙ୍କ ଗୋପପୁର ଗମନ, କଂସଙ୍କ ନଗର ଭ୍ରମଣ।

**ଗୋପପୁର**
ଶ୍ରୀକୃଷ୍ଣଙ୍କ ଗିରି ଗୋବର୍ଦ୍ଧନ ଧାରଣ, ଅକ୍ରୁରଙ୍କ ଗୋପପୁର ପ୍ରବେଶ, ଯମୁନା ନଈରେ ଶ୍ରୀକୃଷ୍ଣଙ୍କ ପାଦଚିହ୍ନ ଦର୍ଶନ ଏବଂ ଶ୍ରୀକୃଷ୍ଣ ବଳରାମଙ୍କ ସହିତ ସାକ୍ଷାତ।

## ରୋଗୀଙ୍କ ସହ ନୂଆ ବର୍ଷ ପାଳନ

**ପଦ୍ମପୁର,୨।୧(ଡିଏନଏ):** ବୁର୍ଲା ଭିମ୍‌ସାର୍‌ର ସହକାରୀ ଅଧ୍ୟାପକ ଡାକ୍ତର ଶଙ୍କର ରାମଚନ୍ଦାନୀ ବରଗଡ଼ ଜିଲା ପଦ୍ମପୁର ଜମଲା ଗ୍ରାମରେ ରୋଗୀମାନଙ୍କ ସହ ନୂଆବର୍ଷ ପାଳନ କରିଛନ୍ତି। ଡାକ୍ତର ରାମଚନ୍ଦାନୀ ଉକ୍ତ ଗ୍ରାମରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରିଥିଲେ। ମୋଟ ୧୫୧ ଜଣଙ୍କ ଶର୍କରା ଓ ଉଚ୍ଚ ରକ୍ତଚାପ ସହିତ ବିଭିନ୍ନ ରୋଗ ପରୀକ୍ଷା କରି ମାଗଣାରେ ଔଷଧ ବଣ୍ଟନ କରିଥିଲେ । ରୋଗୀ ବାବାଜୀ ମେହେର ଓ ଭୁବନେଶ୍ୱର ଭୋଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ପିଣ୍ଟୁ ବେହେରା, କପିଲ ଅଗ୍ରୱାଲ, ରାଜକିଶୋର ଭୋଇ, ମିଙ୍କୁ ପୁରୋହିତ, ଟୁନା ମହାନ୍ତି, ବୁଲୁ ପାଣିଗ୍ରାହୀ, ଗିରିଜା ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

## କରମସାନି କଳାକାର ସମନ୍ୱୟ ସମିତିର ନବବର୍ଷ ପାଳନ

**ପଦ୍ମପୁର,୨।୧(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ମାଁ କରମସାନି କଳାକାର ସମନ୍ୱୟ ସମିତି ପକ୍ଷରୁ ରବିବାର ନୂଆବର୍ଷ ପାଳନ କରାଯାଇଛି। ଏହି ଅବସରରେ ଲୁକାମଣି ସେଟଙ୍କ ସଭାପତିତ୍ୱରେ ଏକ ବୈଠକ ଓ କରମସାନି ପୂଜା କଟାବହାଲ ଡ୍ୟାମ୍‌ରେ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଲଳିତ କୁମାର ସାହୁ ତାଙ୍କ ବକ୍ତବ୍ୟରେ ୪୦ ବର୍ଷ ବୟସରୁ କଳାକାର ଭତ୍ତା ଦେବା ପାଇଁ ସରକାରଙ୍କୁ ଅନୁରୋଧ କରିଥିଲେ। ବୈଠକରେ ପଦ୍ମପୁର, ଗାଇସିଲେଟ, ପାଟଣାଗଡ଼, ମହାସମନ ଓ ପାଇକମାଳ ବ୍ଲକର କଳାକାର ଚୈତନ୍ୟ ମହାଲିଙ୍ଗ, ଜନ୍ମେଜୟ ବିଶ୍ୱାଳ, କ୍ଷୀରୋଦ୍ର ବଢେଇ, ରସିକ ମଲ୍ଲିକ, ରମେଶ ସାହୁ, ଶିବ ମହାଲିଙ୍ଗ ପ୍ରମୁଖ ଯୋଗ ଦେଇଥିଲେ।

## ପିକ୍‌ଅପ ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର

**ଖପ୍ରାଖୋଲ, ୨।୧(ଡି.ଏନ.ଏ.):** ଖପ୍ରାଖୋଲ-ଧଣ୍ଡାମୁଣ୍ଡା ରାସ୍ତା ହରିଶଙ୍କର ଛକରେ ପିକ୍‌ଅପ ଧକ୍କାରେ ବାଇକରେ ଥିବା ୨ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଝାଙ୍କରପାଲି ଗାଁର ଗୋବର୍ଦ୍ଧନ ବାଗ (୨୮)ଓ ଜିତୁ ବରିହା(୨୩)। ଉଭୟେ ଏକ ଖପ୍ରାଖୋଲ ପଟୁ ନିଜ ଗାଁକୁ ଯାଉଥିବାବେଳେ ହରିଶଙ୍କର ପଟୁ ଆସୁଥିବା ଏକ ପିକଅପ ସାମ୍ନା ପଟୁ ଧକ୍କା ଦେଇଥିଲା। ଫଳରେ ଗାଡିରେ ଥିବା ଦୁଇ ଜଣ ଛିଟିକି ପଡିଥିଲେ। ଧକ୍କା ଦେଇ ପିକଅପ ପଳାଉଥିବା ବେଳେ ପୋଲିସ ଜବତ କରିଛି। ପୋଲିସ ଓ ଅଗ୍ନିଶମ ବିଭାଗ ଗୁରୁତରଙ୍କୁ ଉଦ୍ଧାର କରି ବଲାଙ୍ଗୀର ପଠାଇଛି।

## କାଫେ ଷ୍ଟଲ ଉଦ୍‌ଘାଟିତ


ମନ୍ତ୍ରୀ ରୀତା ସାହୁ ଷ୍ଟଲକୁ ଉଦ୍‌ଘାଟନ କରୁଛନ୍ତି।

**ବରପାଲି,୨।୧(ଡି.ଏନ.ଏ.)**

ବରଗଡ ଜିଲା ବରପାଲି ବ୍ଲକ ପରିସରରେ ସୋମବାର କାଫେ ଷ୍ଟଲ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ରୀତା ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଅଧକ୍ଷା ରୀନା ଥଇତ ବେଳେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଡ଼ିଓ ପ୍ରସନ୍ନ କୁମାର ପାଣ୍ଡେଙ୍କ ନେତୃତ୍ୱରେ ମିଶନ ଶକ୍ତି ଏସ୍‌ଏଚ୍‌ଜି ମହିଳାଙ୍କ ଦ୍ୱାରା ଏହି ଷ୍ଟଲ ଖୋଲାଯାଇଛି। କାର୍ଯ୍ୟକ୍ରମରେ ସୋହେଲା, ପଦ୍ମପୁର, ପାଇକମାଳ ଓ ଜିଲାର ବିଭିନ୍ନ ବ୍ଲକରୁ ମିଶନ ଶକ୍ତି ମହିଳା, ସରପଞ୍ଚ, ସମିତି ସଭ୍ୟମାନେ ଉପସ୍ଥିତି ଥିଲେ।

## ପଞ୍ଚାୟତ ଗୋଦାମରୁ ପିଡିଏସ୍ ଚାଉଳ ଚୋରି

**ଲୋଇସିଂହା,୨।୧(ଡି.ଏନ.ଏ)**

ଲୋଇସିଂହା ଥାନା ଆଗଲପୁର ବ୍ଲକ ମୁରୁଣ୍ଡି ପଞ୍ଚାୟତ ଗୋଦାମ ଘରୁ ରବିବାର ରାତିରେ ୧ଶହ ପ୍ୟାକେଟ ପିଡିଏସ୍ ଚାଉଳ ଚୋରି ହୋଇଛି । ଏ ନେଇ ପଞ୍ଚାୟତ ଯୋଗାଣ ସହାୟକ ରୋହିତ ସେଠ ସାଲେଭଟା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଏକ ମାମଲା (ନଂ ୨/୨୩) ରୁଜୁ ହୋଇଛି। ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ତଦନ୍ତ କରିଛି । ସୋମବାର ସକାଳେ ପଞ୍ଚାୟତ ଯୋଗାଣ ସହାୟକ ସେଠ ହିତାଧିକାରୀଙ୍କୁ ପିଡିଏସ ବଣ୍ଟନ ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଯାଇଥିଲେ । ହେଲେ ପଞ୍ଚାୟତ ପରିସରରେ ପିଡିଏସ୍ ଚାଉଳ ପଡିଥିବା ଏବଂ ମିଶନ ଶକ୍ତି ଗୃହ ତାଲା କଟାଯାଇଥିବା ଦେଖିବାକୁ ପାଇଥିଲେ। ଏହାପରେ ପଞ୍ଚାୟତରୁ ପିଡିଏସ ସାମଗ୍ରୀ ମୁରୁଣ୍ଡି ପଞ୍ଚାୟତ କାର୍ଯ୍ୟାଳୟ ଉପର ମହଲାରେ ଗୋଦାମ ଘର କରାଯାଇଛି। ହେଲେ ପହାଚ ପଡୁଥିବାରୁ ପଡିଏସ ସାମଗ୍ରୀ ଗୋଦାମ ଘରେ ନରଖି ପଞ୍ଚାୟତ ପରିସରର ମିଶନ ଶକ୍ତି ଘରେ ସରପଞ୍ଚଙ୍କ ଅନୁମତି ନେଇ ରଖୁଥିବା ଯୋଗାଣ ସହାୟକ ସେଠ କହିଛନ୍ତି।

## ଟୋପରେ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ

**ସରଣ୍ଡା,୨।୧(ଡି.ଏନ.ଏ.)**

ନାବାର୍ଡ ଆନୁକୂଲ୍ୟରେ ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ ଅତାବିରା ଶାଖା ପକ୍ଷରୁ ବରଗଡ଼ ଜିଲା ଅତାବିରା ବ୍ଲକ ଟୋପ ଗ୍ରାମରେ ଆର୍ଥିକ ସ୍ୱାକ୍ଷରତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାବାର୍ଡର ହଟକୃଷ୍ଣ ବେହେରା ମୁଖ୍ୟ ଅତିଥି, ପୂର୍ବତନ ଏଜିଏମ୍ କିଶୋର ଚନ୍ଦ୍ର ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଋଣ ନେଇ ଉପଯୁକ୍ତ ସମୟରେ ପରିଶୋଧ କରି ସରକାରଙ୍କ ବିଭିନ୍ନ ଯୋଜନା ସହ ବ୍ୟାଙ୍କ ସୁବିଧାର ଫାଇଦା ଉଠାଇବାକୁ ଅତିଥିମାନେ କହିଥିଲେ। ସରକାରଙ୍କ ମତ୍ସ୍ୟ ଚାଷ, ଉଦ୍ୟାନକୃଷି, ଗୋପାଳନ, ଏସ୍‌ଏଚ୍‌ଜି ଋଣ ଆଦିର ଉତ୍ତମ ପରିଚାଳନାର ଉପାୟମାନ ଆଲୋଚନା ହୋଇଥିଲା। ଅତାବିରା ବ୍ୟାଙ୍କ ଶାଖା ପ୍ରବନ୍ଧକ ବୈଲୋଚନ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋପେଶ ପ୍ରଧାନ, ସଞ୍ଜୟ ବେହେରା, ରାକେଶ ମହାକୁଡ, ଦୀପକ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଅତାବିରା ପ୍ୟାକ୍ସର ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ଅଧିକାରୀମାନେ ବ୍ୟାଙ୍କ ସୁବିଧା ଉପରେ ଆଲୋଚନା କରୁଛନ୍ତି।

## ପଲସଦାର ଉନ୍ନତି ପାଇଁ ପ୍ରତିଶ୍ରୁତି

**ପାଇକମାଳ,୨।୧(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଳ ବ୍ଲକ ପଲସଦା ଗ୍ରାମପଞ୍ଚାୟତରେ ସୋମବାର ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ସମୟରେ ଲୋକେ ସେମାନଙ୍କ ସମସ୍ୟା ନେଇ ବିଧାୟିକାଙ୍କୁ ଦରଖାସ୍ତ ଦେଇଥିଲେ। ବିଧାୟିକା ବରିହା ପ୍ରଥମେ ବେହେରାଛପର ରାସ୍ତା ମରାମତି, କ୍ରସ୍‌ବନ୍ଧ, କଉଧାରାରେ ପାହାଚ ଓ ଶିବ ମନ୍ଦିର ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ ମହେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସଭାରେ ବିଧାୟିକା ବରିହା ଯୋଗ ଦେଇଥିଲେ। ବ୍ଲକ ଅଧକ୍ଷା ଭାବନା ସିଂ ଓ ଉପାଧକ୍ଷା ସଞ୍ଜୀବ ବରିହା, ସରପଞ୍ଚ, ସମିତି ସଭ୍ୟ ଓ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ ।

# ଏନ୍‌ଏସିସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବୌଦ୍ଧ,୨।୧(ସ୍ୱ.ପ୍ର.)**

ବୌଦ୍ଧ ଏନଏସି ପକ୍ଷରୁ ଏନଏସିସ୍ତରୀୟ ଫୁଟବଲ ପ୍ରତିଯୋଗିତା ସୋମବାର ଦିନ ଉଦ୍‌ଘାଟିତ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟ ସହରର ଷ୍ଟାଡିୟମ ପଡିଆଠାରେ ଅନୁଷ୍ଠିତ ହୋଇଥିବା ବେଳେ ଉଦ୍‌ଘାଟନୀ ଦିବସରେ ମୁଖ୍ୟଅତିଥି ଭାବେ ଜଙ୍ଗଲ ଓ ପରିବେଶ , ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲାପାଳ ସତ୍ୟ ରଞ୍ଜନ ସାହୁ, ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଜିଲା କ୍ରୀଡା ସଂଘର ସାଧାରଣ ସମ୍ପାଦକ ରବିନ୍ଦ୍ର କୁମାର ରାଉତ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଉଦ୍‌ଘାଟନୀ ଖେଳ ମା' ଗେହ୍ଲା କ୍ଲବ ନୂଆସାହି ବନାମ ନବୋଦୟ ବିଦ୍ୟାଳୟ ପାଲଝାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଗେହ୍ଲା ମା କ୍ଲବ ୩ଟି ଗୋଲଦେଇ ବିଜୟୀ ହୋଇଥିଲା । ଖେଳକୁ ଜାତୀୟ ରେଫରି ସୁବ୍ରତ ପୁରୋହିତ ପରିଚାଳନା କରିଥିବା ବେଳେ ଲାଇନସରେ ସୁଜିତ ରାଜହଂସ, ଅମିତ ନାଏକ ସହଯୋଗ କରିଥିଲେ। ଚତୁର୍ଥ ରେଫରି ଭାବେ ବଳରାମ ନାଏକ ଓ ମ୍ୟାଚ କମିଶନର ଭାବେ ବଦ୍ରିନାରାୟଣ ମିଶ୍ର କାର୍ଯ୍ୟ ତୁଲାଇଥିଲେ। ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନ ଖେଳ ମାଉଲସିଙ୍ଗା ଦଳ ଓ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହେବ ।

# ଜିଲା ବିକାଶ ଗର୍ଜନସେନା ପାଳିଲା ବୌଦ୍ଧ ଦିନ୍

**ବୌଦ୍ଧ,୨।୧( ସ୍ୱ.ପ୍ର.)**

ଭଗବାନ ଗୌତମ ବୁଦ୍ଧଙ୍କ ନାମକୁ ନେଇ ବୌଦ୍ଧ ଜିଲା ଗଠିତ ହୋଇଥିବା ବେଳେ ସୋମବାର ଦିନ ଜିଲା ୨୯ ବର୍ଷରେ ପଦାର୍ପଣ କରିଛି । ଏହି ସମୟ ମଧ୍ୟରେ ଜିଲାର କେତେ ବିକାଶ ହୋଇଛି , ଆଉ କ'ଣ ବିକାଶ ହୋଇପାରିବ ଏହାକୁ ନେଇ ଜିଲା ବିକାଶ ଗର୍ଜନ ସେନା ପକ୍ଷରୁ ବୌଦ୍ଧ ପାର୍କ ପରିସରରେ ବୌଦ୍ଧ ଦିନ ପାଳନ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବରେ ଯୁବ ସାମାଜିକ କର୍ମୀ ବିକାଶ ମହାକୁଡ ଯୋଗଦେଇ ଯୁବ ସଶକ୍ତିକରଣ ଦ୍ୱାରା ଜିଲାର ଉନ୍ନତି ସମ୍ଭବପର ହୋଇପାରିବ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ବନମାଳୀ ପାଣିଗ୍ରାହୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ସାମାଜିକ କର୍ମୀ ତଥା ଧାରାବାହିକ ନିର୍ଦ୍ଦେଶକ ବନମାଳୀ ରଣା ଯୋଗଦେଇ ବୌଦ୍ଧ ମାଟିର ଓଡିଶା ପ୍ରତି ଅବଦାନ ସଂପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଗର୍ଜନ ସେନାର ସଭାପତି ବାଲ୍ମିକ ମହାକୁଡ ସଭାପତିତ୍ୱ କରିଥିଲେ । ବୌଦ୍ଧ ଦିନ ଉପଲକ୍ଷେ କବିତା ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କବିତା ପ୍ରତିଯୋଗିତାରେ ରାଧାନଗରର ବିଜୟ ପୃଷ୍ଟି ପ୍ରଥମ , ପୀତାମ୍ବରପୁରର ମାଧବ ଦାସ ଦ୍ୱିତୀୟ ,ଦାମଦେରପୁରର ବିମଳ ସେଠୀ ଓ ଜୟଶ୍ରୀ ମହାକୁଡ ତୃତୀୟ ହୋଇଥିଲେ। ପ୍ରବନ୍ଧ ପ୍ରତିଯୋଗିତାରେ ସାର୍ଥକ ମହାପାତ୍ର ପ୍ରଥମ , ସରିତା ବେହେରା ଦ୍ୱିତୀୟ ଓ ବିଜୟ ପୃଷ୍ଟି ତୃତୀୟ ସ୍ଥାନ ଅଧିକାର କରିଥିଲେ । ସଂଗଠନ ପକ୍ଷରୁ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ୨୦୨୩ ବୌଦ୍ଧ ସମ୍ମାନରେ ସାହିତ୍ୟିକ ବନମାଳୀ ପାଣିଗ୍ରାହୀଙ୍କୁ ସମ୍ମାନିତ କରାଯାଇଥିଲା। ତଫାନ ଦେହୁରୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଦେବାଶିଷ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ ।


ବୌଦ୍ଧ ଦିନ ପାଳନ ଅବସରରେ ବିକାଶ ଗର୍ଜନ ସେନାର ବୈଠକ।

# ମିଲର୍ସ ନିର୍ଦ୍ଦେଶ ନ ମାନିଲେ କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ

**ଧାନକିଣା ଅବ୍ୟବସ୍ଥା ନେଇ ତ୍ରିପାକ୍ଷିକ ବୈଠକ**

**ଝାରସୁଗୁଡ଼ା ଅଫିସ,୨।୧**

ଗତ ୧୨ତାରିଖରୁ ଝାରସୁଗୁଡା ଜିଲାରେ ଖରିଫ ଧାନକିଣା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଚାଷୀଙ୍କ ନିକଟରୁ ୪ଲକ୍ଷ ୬୯ହଜାର କୁଇଣ୍ଟାଲ ଧାନ କିଣିବା ପାଇଁ ଯୋଗାଣ ବିଭାଗ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଜିଲାରେ ସମୁଦାୟ ୬୭ ମଣ୍ଡି ଖୋଲିଥିବାବେଳେ ଏଥିମଧ୍ୟରେ ୩୨ ପ୍ୟାକ୍ସରେ ୩୪ମଣ୍ଡି ଓ ୩୩ ଏସ୍‌ଏଚ୍‌ଜି ଗ୍ରୁପ୍ ରହିଛନ୍ତି। ଜାନୁୟାରୀ ୨ତାରିଖ ସୁଦ୍ଧା ୫,୫୪୫ ଚାଷୀଙ୍କ ନିକଟରୁ ସମୁଦାୟ ୨,୪୨,୪୫୮ କୁଇଣ୍ଟାଲ ଧାନ କିଣା ହୋଇଛି। ହେଲେ ଧାନ କିଣା ଆରମ୍ଭରୁ ଚାଷୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିଧ୍ୟରେ କଟ୍‌ନୀଛଟ୍‌ନୀ, ମଣ୍ଡିରୁ ଧାନ ଉଠାଣରେ ବିଳମ୍ବ, ଧାନ ବିକ୍ରି ପୂର୍ବରୁ ଚାଷୀଙ୍କୁ ବସ୍ତା ଯୋଗାଣରେ ଅନିୟମିତତା, ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିବା ଚାଷୀଙ୍କୁ ଟୋକନ୍ ମିଳିବାରେ ବିଳମ୍ବ ଆଦି ରହିଛି। ଏହାକୁ ନେଇ ବିଭିନ୍ନ ମଣ୍ଡିରେ ଯୋଗାଣ ବିଭାଗ, ମିଲର୍ସ, ପ୍ୟାକ୍ସ ଓ ଚାଷୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେଉଛି। ଏହାକୁ ନେଇ ଝାରସୁଗୁଡ଼ା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ତରଫରୁ ଏକ ଜରୁରୀ ବୈଠକ ଆହ୍ୱାନ କରାଯାଇଥିଲା।

ମନ୍ତ୍ରୀ ଦାସଙ୍କ ଅଧ୍ୟକ୍ଷତାରେ ସୋମବାର ଜିଲା ଡିଏମ୍‌ଏଫ୍ ସମ୍ମିଳନୀ କକ୍ଷରେ ଏହି ବୈଠକ ହୋଇଥିଲା। ଏଥିରେ ଜିଲାପାଳ ସରୋଜ କୁମାର ସାମଲ, ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ, ଭାରପ୍ରାପ୍ତ ଜିଲା ଯୋଗାଣ ଅଧିକାରୀ ବିଦୁର ଚରଣ ବଛେର, ସହକାରୀ ଯୋଗାଣ ଅଧିକାରିଣୀ ସନ୍ତୋଷିନୀ ପଣ୍ଡା, ଚାଷୀନେତା ଦିଲୀପ ବଡେଇ, ହେମନ୍ତ ସାଗର କୁମୁରା, ଶରତ ପଟେଲ ପ୍ରମୁଖଙ୍କ ସମେତ ଜିଲାର ମଲର୍ସମାନେ ଉପସ୍ଥିତ ଥିଲେ। ଧାନ ବିକ୍ରିକୁ ନେଇ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ମନ୍ତ୍ରୀ ଦାସ କଟ୍‌ନୀଛଟ୍‌ନୀ ନ କରିବା, ଚାଷୀମାନଙ୍କୁ ଧାନ ବିକ୍ରି ପୂର୍ବରୁ ମିଲର୍ସମାନେ ବସ୍ତା ଯୋଗାଇଦେବା, ମଣ୍ଡିରୁ ନିୟମିତ ଧାନ ଉଠାଇବା ଆଦି ଉପରେ ଗୁରୁତ୍ୱାରୋପ କରିଥିଲେ। ମିଲର୍ସମାନଙ୍କୁ ତାଗିଦ କରିବା ସହ ଏଥିରେ ଖିଲାପକଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ସେ ଆଉ କହିଛନ୍ତି, ଧାନ କିଣିବାବେଳେ ଏଫ୍‌ସିଆଇ ଚାଷୀଙ୍କ ଧାନକୁ ରିଜେକ୍ଟ କରିଦେଉଛି। ଏ ନେଇ ସେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବେ ବୋଲି କହିଛନ୍ତି। ଜିଲାପାଳ ସାମଲ କହିଛନ୍ତି, ବସ୍ତା ଯୋଗାଇଦେବା ପାଇଁ ମିଲର୍ସମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଦ୍ୱିତୀୟ ପର୍ଯ୍ୟାୟ ଧାନକିଣା ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏହା ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରାଯିବ। ଜିଲାରେ ଚାଷୀଙ୍କ ନିକଟରୁ ଧାନ କିଣାରେ କୌଣସି ସମସ୍ୟା ରହିବ ନାହିଁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ବୈଠକରେ ଲଇକେରା, କୋଲାବିରା, କିର୍ମିରା ଓ ଝାରସୁଗୁଡା ବ୍ଲକ୍‌ର ଚାଷୀ ପ୍ରତିନିଧି ଯୋଗଦେଇଥିଲେ। ହେଲେ ଲଖନପୁର ବ୍ଲକ୍‌ର ଚାଷୀ ପ୍ରତିନିଧି ବିଳମ୍ବରେ ପହଞ୍ଚିଥିଲେ। ସେତେବେଳକୁ ବୈଠକ ଶେଷ ହୋଇଯାଇଥିଲା। ଜିଲା ପ୍ରଶାସନର ଏଭଳି ତରବରିଆ ବୈଠକକୁ ଚାଷୀନେତା ବଡେଇ ନାପସନ୍ଦ କରିଛନ୍ତି।


ଡିଏମ୍‌ଏଫ୍ ସମ୍ମିଳନୀ କକ୍ଷରେ ଚାଲିଥିବା ତ୍ରିପାକ୍ଷିକ ବୈଠକ।

## ସଂକ୍ଷେପରେ

### ଦୁର୍ଘଟଣାରେ ଆହତ ଚାଳକଙ୍କ ମୃତ୍ୟୁ

**ସମ୍ବଲପୁର,୨।୧(ବ୍ୟୁରୋ):** ସମ୍ବଲପୁର ଅଇଁଠାପାଲି ଥାନା ଇଆର୍‌ଭି ଭ୍ୟାନ ଦୁର୍ଘଟଣାରେ ଗୁରୁତର ହୋଇ ଭିମ୍‌ସରରେ ଚିକିତ୍ସିତ ହେଉଥିବା ଚାଳକ ଦିଲୀପ କୁମାର ସାହୁ (୨୨)ଙ୍କ ରବିବାର ରାତିରେ ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ପୋଲିସ ବିଭାଗକୁ ଇଆର୍‌ଭି ଗାଡି ଏକ ଘରୋଇ କମ୍ପାନୀ ଯୋଗାଇଥିଲା। ଉକ୍ତ କମ୍ପାନୀ ଅଧୀନରେ ରେଢାଖୋଲ ଉପଖଣ୍ଡ ଲଡୁବାହାଲ ଗ୍ରାମର ଦିଲୀପ ୨ବର୍ଷ ହେବ ଗାଡି ଚଳାଉଥିଲେ। ଏକମାତ୍ର ରୋଜଗାରକ୍ଷମ ଯୁବକଙ୍କୁ ହରାଇ ସ୍ତ୍ରୀ ଓ ପରିବାର ଅସହାୟ ହୋଇପଡିଛନ୍ତି। ଭାଜପା ନେତା ଗୋବିନ୍ଦ ଅଗ୍ରୱାଲ ଏହି ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ସୂଚନାଯୋଗ୍ୟ ଅଇଁଠାପାଲି ଛକରେ ଘଟିଥିବା ଦୁର୍ଘଟଣାରେ ୪ଜଣ ଆହତ ହୋଇଥିଲେ। ଅନ୍ୟ ୩ଜଣଙ୍କ ସ୍ୱାସ୍ଥ୍ୟାବସ୍ଥାର ସୁଧାର ଆସିଛି ବୋଲି ପୋଲିସ କହିଛି।

### ହାଇୱା ଧକ୍କା ଦେଲା: ସ୍ତ୍ରୀ ମୃତ୍ୟୁର ୨ଦିନ ପରେ ସ୍ୱାମୀ ମୃତ

**ରାଉରକେଲା ଅଫିସ,୨।୧:** ବେଦବ୍ୟାସ ସ’ ମିଲ ଛକରେ ଏକ ହାଇୱା ଧକ୍କା ଦେବାରୁ ପ୍ରଥମେ ସ୍ତ୍ରୀ ଓ ଦୁଇଦିନ ପରେ ହୃଦ୍‌ଘାତରେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଛି। ମୃତ ଦମ୍ପତି ହେଲେ କୁଲୁଙ୍ଗା ଅଞ୍ଚଳର କବିତା ଦାସ ଓ ଉମେଶ ଦାସ। ଏ ନେଇ ବ୍ରାହ୍ମଣୀତରଙ୍ଗ ପୋଲିସ ଏକ ମାମଲା (ନଂ.୪।୨୩) ରୁଜୁ କରି କରିଛି। ସୂଚନାଯୋଗ୍ୟ, ଗତ ଡିସେମ୍ବର ୨୯ ତାରିଖରେ ଉମେଶ ଏକ ବାଇକ୍‌ରେ ସ୍ତ୍ରୀ କବିତାଙ୍କୁ ନେଇ ରାଉରକେଲା ଅଭିମୁଖେ ଯାଉଥିଲେ। ଏହି ସମୟରେ ବେଦବ୍ୟାସ ସ’ ମିଲ୍ ଛକରେ ତାଙ୍କୁ ପଛପଟୁ ଏକ ହାଇୱା ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ କବିତାଙ୍କୁ ଉଦ୍ଧାର କରି ପ୍ରଥମେ ଆର୍‌ଜିଏଚ୍ ଏବଂ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଉମେଶ କବିତାଙ୍କ ମୃତଦେହ ଧରି ଘରକୁ ଫେରି ଦାହ ସଂସ୍କାର କରିଥିଲେ। ତେବେ ଦୁଇଦିନ ପରେ ଉମେଶଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ଜଣାପଡିଛି।

### ରାଷ୍ଟ୍ରୀୟ ସେବା ଯୋଜନା ଶିବିର ଉଦ୍‌ଯାପିତ

**ରାଉରକେଲା ଅଫିସ,୨।୧:** ଛେଣ୍ଡ ସ୍ଥିତ ହୃଷୀକେଶ ରାୟ ମହାବିଦ୍ୟାଳୟ ପକ୍ଷରୁ ଧାମରା ବସ୍ତିଠାରେ ସୋମବାର ରାଷ୍ଟ୍ରୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଭବେଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜେସ୍‌ଏର ଉପସଭାପତି କୁଞ୍ଜ ବିହାରୀ ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରୋଗାମିଂ ଅଫିସର ହରିଶ୍ଚନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ କଲେଜର ଛାତ୍ରୀଛାତ୍ରମାନେ ଧାମରା ବସ୍ତିରେ ସଫେଇ, ବୃକ୍ଷରୋପଣ, ନିଶା ସେବନ ଠାରୁ ଦୂରେଇ ରହିବା ପାଇଁ ସଚେତନତା ସୃଷ୍ଟି କରିଥିଲେ। ପରେ ଛାତ୍ର ସୁଶାନ୍ତ ପାତ୍ର, ରାକେଶ ସାହୁ, ଆକାଶ ମାଝୀ ପ୍ରମୁଖ ଶିବିର ଅଭିଜ୍ଞତା ବଖାଣିଥିଲେ। ଲକି ମିଶ୍ରଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବିଦ୍ୟାଳୟ ପରିସରରୁ ଏକ ରାଲି ବାହାରି ବସ୍ତି ପରିକ୍ରମା କରି ସଚେତନତା ସୃଷ୍ଟି କରାଯାଇଥିଲା। ବିନୟ କୁମାର ସାହାଣୀ, ବିନୋଦ କୁମାର କାନୁନ୍‌ଗୋ, ରଞ୍ଜିତ ପ୍ରସାଦ ପଲେଇ, ଅଜୟ ସୁନ୍ଦରରାୟ, ସୂର୍ଯ୍ୟନାରାୟଣ ପଣ୍ଡା, ସୁଷମା ମିଶ୍ର, ପଦ୍ମିନୀ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ। ପ୍ରୋଗ୍ରାମିଂ ଅଫିସର ହରିଶ୍ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ମୋ ପ୍ରିୟ କବି, କବିତା ଆସର

**ରାଉରକେଲା ଅଫିସ,୨।୧:** ସାହିତ୍ୟ ଅନୁଷ୍ଠାନ ପ୍ରଗତି ଉତ୍କଳ ସଂଘ ପକ୍ଷରୁ ମୋ ପ୍ରିୟ କବି ଓ କବିତା ଆସର ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ସଂଘ ସଭାପତି ଅଜୟ ନାୟକ ସଭାପତିତ୍ୱ କରିଥିଲେ। ଡାକ୍ତର କୃପାସିନ୍ଧୁ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରାତନ କବି ଓ କବିତା ଆସର ଉପରେ ମତପ୍ରକାଶ କରିଥିଲେ। ଉପସଭାପତି ଡ. ପ୍ରଭାତ କୁମାର ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିବାବେଳେ ସ୍ମିତା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ସହରର କବୟିତ୍ରୀ କବି ଯୋଗଦେଇ ନିଜସ୍ୱ କବିତା ପାଠ କରିଥିଲେ। ସଂଘର କର୍ମକର୍ତ୍ତା ସହଯୋଗ କରିଥିଲେ। ଘନଶ୍ୟାମ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାପାଳଙ୍କ ଲୋକ ମହୋତ୍ସବ ଅଗ୍ରଗତି ସମୀକ୍ଷା

**ସମ୍ବଲପର,୨।୧(ବ୍ୟୁରୋ)**

ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ ସୋମବାର ସନ୍ଧ୍ୟାରେ ଲୋକ ମହୋତ୍ସବ ଅଗ୍ରଗତିର ସମୀକ୍ଷା କରିଛନ୍ତି। ସାଂସ୍କୃତିକ ଦଳ, ପ୍ରଚାର ପ୍ରସାର ଓ ଶୋଭାଯାତ୍ରା, ଡକୁମେଣ୍ଟେସନ, ସେମିନାର, ଟ୍ରାନ୍ସପୋର୍ଟ, ପାର୍କିଂ, ସାନିଟେସନ, ଷ୍ଟଲ ଆଦି ଅଗ୍ରଗତି ସମ୍ପର୍କରେ ନୋଡାଲ ଅଧିକାରୀଙ୍କ ସହ ଆଲୋଚନା କରି ସମୟ ମଧ୍ୟରେ ସମସ୍ତ କାମ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦିଲୀପ କୁମାର ବଳ, ସମ୍ବଲପୁର ମହାନଗର ନିଗମ କମିଶନର ପ୍ରଦୀପ ସାହୁ, ଲୋକ ମହୋତ୍ସବ ସଂଯୋଜକ ରଞ୍ଜନ ସାହୁ, ସଦର ଉପଜିଲାପାଳ ପ୍ରଭାସ ଦଣ୍ଡସେନା, ଧନକଉଡା ବିଡ଼ିଓ ସଞ୍ଜୀବ ପଟେଲ, ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ, ଡେପୁଟି ସିଇଓ ଓର୍‌ମାସ ଶ୍ରୀମନ୍ତ ହୋତା, ଜିଲା ସଂସ୍କୃତି ଅଧିକାରୀ ଦୀପକ କୁଲୁ, ଓଏସ୍‌ଡି ପର୍ଯ୍ୟଟନ ହେମନ୍ତ କୁମାର ପ୍ରଧାନ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକୀର ମୋହନ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ କିକ୍‌ବକ୍ସିଂ ପ୍ରତିଯୋଗିତା: ସମ୍ବଲପୁର ଦଳକୁ ୪ ପଦକ

**ସମ୍ବଲପର,୨।୧(ବ୍ୟୁରୋ)**

ଜାତୀୟ କିକ୍‌ବକ୍ସିଂ ସଂଗଠନ ଆଇଏକେଓ ତରଫରୁ ଭୁବନେଶ୍ୱରରେ ଅନୁଷ୍ଠିତ ଜାତୀୟ କିକ୍‌ବକ୍ସିଂ ପ୍ରତିଯୋଗିତାରେ ସମ୍ବଲପୁର ଦଳକୁ ୪ଟି ପଦକ ମିଳିଛି। ସମ୍ବଲପୁର କିକ୍‌ବକ୍ସିଂ ଆସୋସିଏଶନ ତରଫରୁ ୪ ପ୍ରତିଯୋଗୀ ଭାଗ ନେଇଥିଲେ। ଡିସେମ୍ବର ୨୯ରୁ ଜାନୁୟାରୀ ୧ ତାରିଖ ପର୍ଯ୍ୟନ୍ତ ପ୍ରତିଯୋଗିତା ହୋଇଥିଲା। ଫୁଲ କଣ୍ଟାକ୍ଟ ପ୍ରତିଯୋଗିତାରେ ବଳରାମ କାଲେତଙ୍କୁ ରୋପ୍ୟ, ସେମି କଣ୍ଟାକ୍ଟ ପ୍ରତିଯୋଗିତାରେ ରିତେଶ ସିଂହଙ୍କୁ ରୋପ୍ୟ, ଅନୁଭବ କୁମାର ସାହୁ ଓ ସୂର୍ଯ୍ୟ ପ୍ରକାଶ ମହାନ୍ତିଙ୍କୁ କାଂସ୍ୟ ପଦକ ମିଳିଛି। ପ୍ରଶିକ୍ଷକ ସୁସ୍ମିତ କୁମାର ପଣ୍ଡାଙ୍କ ସହ ମଙ୍ଗଳବାର ସେମାନେ ସମ୍ବଲପୁରରେ ପହଞ୍ଚିବା ପରେ ଆସୋସିଏଶନ ତରଫରୁ ସ୍ୱାଗତ କରାଯାଇଥିଲା। କ୍ଷେତରାଜପୁର ରେଲଷ୍ଟେଶନରେ ସମ୍ବଲପୁର କିକ୍‌ବକ୍ସିଂ ଆସୋସିଏଶନ ସଭାପତି ଭବାନୀଶ ଭୋଇ, ସହସମ୍ପାଦକ ରବୀନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ।


ସମ୍ବଲପୁରରେ କୃତୀ ପ୍ରତିଯୋଗୀଙ୍କୁ ସ୍ୱାଗତ କରାଯାଉଛି।

# ଜଙ୍ଘା ବଡ଼ଦେଓଙ୍କ ବାର୍ଷିକ ପୂଜା

**ନାକଟିଦେଉଳ/ ଜମନକିରା,୨।୧(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକର କିସିଣ୍ଡା ଓ ସାଲେଭଟାଠାରେ ଗଣ୍ଡ ସମାଜ ପକ୍ଷରୁ ଜଙ୍ଘାଲିଙ୍ଗା ବଡ଼ଦେଓଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଯାଇଛି। ସମାଜର ମହିଳାମାନେ ଜଙ୍ଘା ବଡ଼ଦେଓଙ୍କୁ ଧରି କଳସ ଶୋଭାଯାତ୍ରାରେ କିସିଣ୍ଡା ଗୁଡ଼ି ଘରକୁ ଆସିଥିଲେ। ସେଠାରେ ପୂଜକ ଡିଲେଶ୍ୱର ନାଏକଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। କିସିଣ୍ଡା ଗୁଡ଼ି ସଭାପତି ବିଶ୍ୱାମିତ୍ର ଭୋଇ, ସମ୍ପାଦକ ସଞ୍ଜୀବ କୁମାର ବରିହାଙ୍କ ତତ୍ତ୍ୱାବଧାନରେ ପୂଜା ହୋଇଥିଲା। ସେହିପରି ସାଲେଭଟା ଗୁଡ଼ି ପକ୍ଷରୁ ବସାଲୋଇଠାରେ ଜଙ୍ଘା ବଡ଼ଦେଓଙ୍କ ପୂଜା ହୋଇଥିଲା। ସମାଜର ମହିଳାମାନେ କଳସ ଶୋଭାଯାତ୍ରାରେ ବାହାରି ଗୁଡ଼ି ଘରେ ପହଞ୍ଚିବା ପରେ ମୁଖ୍ୟପୂଜକ ମଧୁସୂଦନ ଗଡତ୍ୟା ପୂଜା କାର୍ଯ୍ୟ କରିଥିଲେ। ଗୁଡ଼ି ସଭାପତି ବିଭୁତି ଭୂଷଣ ନାଏକ, ସମ୍ପାଦକ ଦୁଷ୍ମନ୍ତ ନାଏକ, ବ୍ଲକ ସଭାପତି ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟା, ସମ୍ପାଦକ ଜଗନ୍ନାଥ ଦେହୁରି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ଜମନକିରା ବ୍ଲକ ଧୁଡ଼ିପାଲି ପଞ୍ଚାୟତ ଭୋଇପାଲି ଗ୍ରାମରେ ଜଙ୍ଘାଲିଙ୍ଗା ବଡଦେଓଙ୍କ ପୂଜା ପାଳିତ ହୋଇଯାଇଛି। ଆଞ୍ଚଳିକ କମିଟି ସଭାପତି ପ୍ରମୋଦ ପ୍ରଧାନ, ଉପସଭାପତି ଶାନ୍ତିଲତା ନାଏକ, ସମ୍ପାଦକ ନୀଳାମ୍ବର ନାଏକଙ୍କ ଉପସ୍ଥିତିରେ ପୂଜକ ସୁଭାଶିନ କୁମୁରା ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଏଠାରେ ପ୍ରଭୁ ପୂଜା ପାଇଆସୁଥିବା ଅଞ୍ଚଳବାସୀ କହିଛନ୍ତି। ହେଲେ ପ୍ରଭୁଙ୍କ ଲାଗି ସ୍ଥାୟୀ ଗୁଡ଼ିଟିଏ ନାହିଁ। ପ୍ରଶାସନ ଏ ଦିଗରେ ସହଯୋଗ କଲେ ଗୋଣ୍ଡ ସମାଜର ସାଂସ୍କୃତିକ ପରମ୍ପରା ଆଗକୁ ବଢ଼ିପାରିବ ବୋଲି ଅଞ୍ଚଳବାସୀ ମତ ରଖିଛନ୍ତି।


ଜମନକିରାଠାରେ ଜଙ୍ଘା ବଡଦେଓଙ୍କ ପୂଜାକାର୍ଯ୍ୟ ସମ୍ପନ୍ନ କରାଯାଉଛି।

# ଭିସୁଟ୍ ଛାତ୍ରୀଛାତ୍ରଙ୍କ ନିଆରା ପ୍ରୟାସ

**ସମ୍ବଲପୁର,୨।୧(ବ୍ୟୁରୋ)**

ସମ୍ବଲପୁର ବୁର୍ଲା ଭିସୁଟ୍‌ରେ ଚତୁର୍ଥବର୍ଷରେ ଅଧ୍ୟୟନ କରୁଥିବା ଇନ୍‌ଫର୍ମେଶନ ଟେକ୍‌ନୋଲୋଜି ବ୍ରାଞ୍ଚର ଶିବ ପ୍ରସାଦ ସାମଲ, ପ୍ରତ୍ୟୁଷ ମହାନ୍ତି, ସ୍ନେହାଶିଷ ମଲିକ ଓ ମହେଶ୍ୱରୀ ମୋନାଲିକା ଜେନା ମିଳିତ ଭାବେ ଏକ ନିଆରା ପ୍ରୟାସ କରିଛନ୍ତି। ଏମାନେ ପ୍ରାୟ ଦୁଇବର୍ଷ ହେବ ବୁର୍ଲା ଓ ଆଖପାଖ ଅଞ୍ଚଳର ଲୋକଙ୍କୁ ବିଭିନ୍ନ ଜାଗାରେ ନିୟୋଜିତ କରି ରୋଜଗାରକ୍ଷମ କରିପାରିଛନ୍ତି। ଏ ପର୍ଯ୍ୟନ୍ତ ୩୫ ଜଣଙ୍କୁ ବିଭିନ୍ନ ଜାଗାରେ ନିୟୋଜିତ କରିସାରିଛନ୍ତି। ତିନି ଜଣଙ୍କୁ ଷ୍ଟୋର କିପର, ୧୦ ଜଣଙ୍କୁ ସିକ୍ୟୁରିଟି, ୬ ଜଣଙ୍କୁ ମେସ୍ ୱାର୍କର, ୪ ଜଣଙ୍କୁ ହୋଟେଲରେ, ୮ ଜଣଙ୍କୁ ହସ୍ପିଟାଲର ସଫେଇ କର୍ମଚାରୀ ଓ ୪ ଜଣଙ୍କୁ ବିଭିନ୍ନ ମଲ୍‌ରେ ନିୟୋଜିତ କରିଛନ୍ତି। ଶିବ ପ୍ରସାଦ କହନ୍ତି, ୨୦୧୯ରେ ଭିସୁଟ୍‌ରେ ପଢା ଆରମ୍ଭ କରିବା ସମୟରେ ଏଠାରେ ବହୁତ ଲୋକ ରୋଜଗାର ପାଇଁ ହଇରାଣ ହେଉଥିବା ଦେଖିଥିଲି। ପରେ ସାଙ୍ଗମାନଙ୍କ ସହ ମିଶି ବିଭିନ୍ନ ଅନୁଷ୍ଠାନରେ ଖାଲି ଥିବା ପଦବୀ ବିଷୟରେ ବୁଝି ଲୋକଙ୍କୁ ରୋଜଗାର ଦେବାକୁ ଚେଷ୍ଟା କରିଥିଲୁ।

# ସମଲେଇ ମନ୍ଦିର ଆସିବ ହକି ବିଶ୍ୱକପ ଟ୍ରଫି


ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

**ସମ୍ବଲପୁର,୨।୧(ବ୍ୟୁରୋ)**

ଓଡ଼ିଶାରେ ବିଶ୍ୱକପ ହକି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏହି ଟ୍ରଫି ସମ୍ବଲପୁର ସମଲେଇ ମନ୍ଦିରକୁ ଡିସେମ୍ବର ୪ରେ ଆସିବ। ଟ୍ରଫି ମନ୍ଦିର ପରିସରରେ କିଛି ସମୟ ରହିବା ପରେ ଜିଲାସ୍ତରୀୟ ସ୍ୱାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି ବୋଲି ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଖବରଦାତା ସମ୍ମିଳନୀରେ ଏଡିଏମ୍ ଅଜାମ୍ବର ମହାନ୍ତି ସୂଚନା ଦେଇଥିଲେ। ସେ ଆହୁରି କହିଥିଲେ, ମଙ୍ଗଳବାର ହକି ବିଶ୍ୱକପ ଟ୍ରଫି ସମ୍ବଲପୁର ଜିଲାକୁ ଆସିବ। ଗୋଶାଳା କଳାମାଟି ନିକଟରୁ ଏହାକୁ ନେଇ ଆସୁଥିବା ଶୋଭାଯାତ୍ରାକୁ ସ୍ୱାଗତ କରାଯିବ। ପରଦିନ ଭିସୁଟ୍ ପରିସରରେ ଏକ କାର୍ଯ୍ୟକ୍ରମ ହେବ। ମନ୍ଦଲିଆ ପଡିଆରେ ପହଞ୍ଚିବା ପରେ ସେଠାରେ ଏକ ସଭା ଅନୁଷ୍ଠିତ ହେବ। ସମଲେଇ ମନ୍ଦିରରୁ ଶୋଭାଯାତ୍ରାରେ ହାୱା ମେଇଦାନରେ ପହଞ୍ଚିବ। ଫୁଟ୍‌ବଲ, ହକି ଓ ଅନ୍ୟାନ୍ୟା ଖେଳ ପ୍ରତିଯୋଗିତା କରାଯାଇ ଖେଳାଳିମାନଙ୍କୁ ସମ୍ବର୍ଦ୍ଧନା ଦିଆଯିବ। ଏହି କାର୍ଯ୍ୟକ୍ରମରେ ରାଜନେତା, ବିଭିନ୍ନ ସମାଜିକ ଅନୁଷ୍ଠାନର ସଦସ୍ୟ ଯୋଗଦେବାକୁ ନିମନ୍ତ୍ରଣ କରାଯାଇଛି। ପ୍ରସାର କରିବା ସହ କିଭଳି ଲୋକମାନେ ବିଶ୍ୱକପ ଦେଖି ଜାଣି ପାରିବେ ସେ ନେଇ ପଦକ୍ଷେପ ଗ୍ରହଣ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ବଳ, ଏସ୍‌ଏମ୍‌ସି କମିଶନର ପ୍ରଦୀପ କୁମାର ସାହୁ, ଜିଲା କ୍ରୀଡ଼ା ଅଧିକାରୀ ଲୋପାମୁଦ୍ରା କାଲୋ ଉପସ୍ଥିତ ଥିଲେ।

# ବାଲୁକାକଳାରେ ବିଶ୍ୱକପ ହକିକୁ ପ୍ରୋତ୍ସାହନ

**ସମ୍ବଲପୁର୨।୧(ବ୍ୟୁରୋ)**

ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) ସରକାରୀ ମହାବିଦ୍ୟାଳୟଠାରେ ହକି ବିଶ୍ୱକପ ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ର ବାଲୁକାରେ ବିଶ୍ୱକପ ହକି ଟ୍ରଫି, ହକି ବ୍ୟାଟ ଓ ବଲ ପ୍ରସ୍ତୁତ କରିଥିଲେ। ଏଥିସହ ରଙ୍ଗୋଲିରେ ମଧ୍ୟ ବିଶ୍ୱକପକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ସିକତା ପଣ୍ଡା ଏହାକୁ ଶୁଭାରମ୍ଭ କରିଥିଲେ। ଅଧ୍ୟାପିକା ମିଲି ସାହୁ ଓ ଅଧ୍ୟାପିକା ମୋଞ୍ଜା ପୂର୍ତ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଫେସର ଦୁର୍ଲ୍ଲଭ ସା, ଓଡିଆ ଭାଷା ଓ ସାହିତ୍ୟ ବିଭାଗୀୟ ମୁଖ୍ୟ ଡ. ଶ୍ୟାମ ଭୋଇ, ଇଂରାଜୀ ବିଭାଗୀୟ ମୁଖ୍ୟ ଡ. ରଘୁମଣୀ ନାୟକ ଯୋଗଦେଇଥିଲେ।

# କ୍ଲଷ୍ଟରସ୍ତରୀୟ ଅଭିଯୋଗ ଶୁଣାଣି

**ନାକଟିଦେଉଳ,୨।୧(ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର କ୍ଲଷ୍ଟରସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଜୀକୃତ ହୋଇଥିବା ସମସ୍ତ ୧୩ ଅଭିଯୋଗ ବ୍ୟକ୍ତିଗତ ରହିଥିଲା। ନାକଟିଦେଉଳ, ସାହେବୀ ଓ ସରାପାଲି ପଞ୍ଚାୟତର ଜନସାଧାରଣ ଯୋଗଦେଇ ଅଭିଯୋଗ ଦାଖଲ କରିଥିଲେ। ରାଶନ କାର୍ଡ଼, ଆବାସ ଯୋଜନା ଓ ସାମାଜିକ ସୁରକ୍ଷା ଯୋଜନାରେ ସର୍ବାଧିକ ଅଭିଯୋଗ ରହିଥିଲା। ବିଡିଓ ବିବେକାନନ୍ଦ ସାହୁ, ତହସିଲଦାର ସୁକାନ୍ତ କୁମାର ନାଏକ ପ୍ରମୁଖ ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ। ଏହି ଅବସରରେ ୪ ମହିଳା ସ୍ୱୟଂସହାୟକ ଗୋଷ୍ଠୀକୁ ୧୬ଲକ୍ଷ ଟଙ୍କା ଋଣ ପ୍ରଦାନ ପାଇଁ ସୁପାରିଶ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁଙ୍କ ସମେତ ବ୍ଲକର ସମସ୍ତ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।


ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଅଧିକାରୀ।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ଏମ୍‌ଏସ୍‌ପି କାରଖାନା ବିରୋଧରେ ଜନଆନ୍ଦୋଳନ**

**ଝାରସୁଗୁଡ଼ା ଅଫିସ,୨।୧**

ଝାରସୁଗୁଡା ବ୍ଲକ୍ ମରାକୁଟା ପଞ୍ଚାୟତରେ ଗଢିଉଠିଥିବା ଏମ୍‌ଏସ୍‌ପି କାରଖାନା ବିରୋଧରେ ଜନଅସନ୍ତୋଷ ଦେଖାଦେଇଛି। ସୋମବାର ମରାକୁଟା ଗ୍ରାମ ସମେତ ଆଖପାଖ ଅଞ୍ଚଳର ଶତାଧିକ ଲୋକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜନସ୍ୱାର୍ଥ ବିରୋଧୀ କାରଖାନାକୁ ସମ୍ପୂର୍ଣ୍ଣ ବନ୍ଦ କରିବାପାଇଁ ଦାବି କରିଥିଲେ। ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ ପହଞ୍ଚି ଲୋକଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଲୋକେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

ଏଥିରେ ଉଲ୍ଲେଖ ରହିଛି, ୨୦୧୬ରେ କାରଖାନା ଗଢିଉଠିଥିଲା। ଏଥିପାଇଁ ସ୍ଥାନୀୟ ଲୋକେ ଜମି ଯୋଗାଇ ଦେଇଥିଲେ। କାରଖାନା ହେଲେ ସ୍ଥାନୀୟ ବେକାର ଯୁବତୀଯୁବକ ନିଯୁକ୍ତି ପାଇବା ସହ ଅଞ୍ଚଳର ଉନ୍ନତି ହେବ ବୋଲି ଆଶା ରଖିଥିଲେ। କାରଖାନା ପ୍ରତିଷ୍ଠା ହେବା ପରେ ହାତଗଣତି କେତେଜଣ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ମିଳିଲା। ହେଲେ ଅଧିକାଂଶ ବାହାର ଲୋକଙ୍କୁ କମ୍ପାନୀ ନିଯୁକ୍ତି ଦେଇଥିଲା। ଏଭଳିସ୍ଥିତିରେ କୌଣସି କାରଣରୁ କାରଖାନା ୨ବର୍ଷ ତଳେ ବନ୍ଦ ହୋଇଯାଇଥିଲା। ଫଳରେ ଏଥିରେ କାର୍ଯ୍ୟରତ କର୍ମଚାରୀଙ୍କୁ କମ୍ପାନୀ ବାହାର କରିଦେଇଥିଲା। ସେତେବେଳେ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହିତ କର୍ମଚାରୀଙ୍କ ଏକ ଚୁକ୍ତିନାମା ହୋଇଥିଲା। କାରଖାନା ପୁନଃ କାର୍ଯ୍ୟକ୍ଷମ ହେଲେ ସେମାନଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ଏଥିରେ ଉଲ୍ଲେଖ ରହିଥିଲା। ହେଲେ କାରଖାନା ପୁନଃ କାର୍ଯ୍ୟକ୍ଷମ ହୋଇଥିବାବେଳେ କମ୍ପାନୀ କାର୍ଯ୍ୟରତ କର୍ମଚାରୀଙ୍କୁ ଅଣଦେଖାକରି ବାହାର ଲୋକଙ୍କୁ ନିୟୋଜିତ କରିଛି। ଏନେଇ ସେମାନେ ଜିଲା ପ୍ରଶାସନ ଓ ଜିଲା ଶ୍ରମ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ ନ କଲେ ଗ୍ରାମବାସୀ ଆନ୍ଦୋଳନ କରିବା ପାଇଁ ବାଧ୍ୟହେବେ ବୋଲି ଚେତାବନୀ ଦେଇଛନ୍ତି।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ତେଲଙ୍ଗାନାରେ ଦାଦନ ଶ୍ରମିକ ମୃତ

ନୂଆପଡ଼ା ଅଫିସ,୨।୧

ନୂଆପଡ଼ା ଜିଲା କୋମନା ଥାନା ଜଟଗଡ ପଞ୍ଚାୟତ ଭରୁଆମୁଣ୍ଡା ଗାଁର ଜଣେ ଦାଦନ ଶ୍ରମିକ ପରିବାର ସହ ତେଲେଙ୍ଗାନାର ଏକ ଇଟାଭାଟିକୁ କାମ କରିବାକୁ ଯାଇ ସେଠାରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ ତରବୋଡ ଫାଣ୍ଡି ଭରୁଆମୁଣ୍ଡା ଗ୍ରାମର ଭଲ ମାଝି (୩୫)। ସୂଚନା ମୁତାବକ ଗତ ୨୮ ତାରଖ ବୁଧବାର ଭଲ ମାଝି ସ୍ତ୍ରୀ ହେମ ମାଝି ଓ ୫ ବର୍ଷର ପୁଅ କୁଳମଣିକୁ ଧରି ଗ୍ରାମର ଅନ୍ୟ କେତେ ପରିବାର ସହ ତେଲେଙ୍ଗାନା ରାଜ୍ୟର ଆନାରାମ ଗ୍ରାମରେ ଥିବା ଏକ ଇଟାଭାଟିକୁ ଯାଇଥିଲେ। ବଲାଙ୍ଗିର ଜିଲା ତୁରେକେଲା ଥାନା ଝରଣୀ ଗ୍ରାମର ଦାଦନ ସର୍ଦ୍ଦାର ରାନଜାନ ଖାନଙ୍କ ସହାୟତାରେ ସେମାନେ ଯାଇଥିଲେ। ସେଠାରେ ଗତ ୩୧ ତାରିଖ ଶନିବାର ସନ୍ଧ୍ୟାରେ ପହଞ୍ଚିଥିଲେ। ୧ ତାରିଖ ରବିବାର ୧୦ ଟାରେ କୁଆଡେ ଚାଲିଯାଇଥିଲେ। ଅଧିକ ସମୟ ଧରି ନ ଆସିବାରୁ ପରିବାର ଲୋକେ ଓ ସାଙ୍ଗରେ ଯାଇଥିବା ଶ୍ରମିକମାନେ ବହୁତ ଖୋଜା ଖୋଜି କରିଥିଲେ। ଇଟାଭାଟି ଠାରୁ କିଛି ଦୂରରେ ଏକ ଗଛମୂଳେ ଅଚେତ ଅବସ୍ଥାରେ ପଡିଥିବା ଦେଖିବାକୁ ମିଳିଥିଲା। ସଙ୍ଗେ ସଙ୍ଗେ ଆସି ଇଟାଭାଟି ମାଲିକଙ୍କୁ ଜଣାଇବାରୁ ଏକ ଗାଡି ଯୋଗେ ସାପୁର ଚିକିତ୍ସାଳୟକୁ


ଭଲ ମାଝିଙ୍କ ଫାଇଲ ଫଟୋ।

ନେଇ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ଭଲକୁ ମୃତ ଘୋଷଣା କରିଥିଲେ। ତେଲେଙ୍ଗାନା ପୋଲିସ ଯାଇ ଶବକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମଙ୍ଗଳବାର ମୃତଦେହ ଭରୁଆମୁଣ୍ଡା ଗାଁକୁ ପହଞ୍ଚିବ ବୋଲି ପରିବାର ଲୋକଙ୍କ ଠାରୁ ସୂଚନା ମିଳିଛି। ତାହା ହତ୍ୟା କି ଆତ୍ମହତ୍ୟା ପ୍ରକୃତରେ ଜଣା ପଡିନାହିଁ। ହେଲେ ବେକରେ ଧଳା ରଙ୍ଗର ଏକ ରଶି ଲାଗିଥିବା ଫଟୋରେ ଦେଖା ଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ପ୍ରକୃତ ଘଟଣା ଜଣା ପଡିବ ବୋଲି ପରିବାର ଲୋକଙ୍କୁ ତେଲେଙ୍ଗାନା ପୋଲିସ କହିଥିବା ସୂଚନା ମିଳିଛି। ଭଲ ମାଝି ପରିବାରର ଏକମାତ୍ର ରୋଜଗାର କ୍ଷମ ବ୍ୟକ୍ତି ଥିଲେ। ତାଙ୍କର ମୃତ୍ୟୁ ହେଲା ପରେ ପରିବାର ବେସାହାରା ହୋଇ ପଡିଛନ୍ତି। କାନ୍ତି ମାଝି (୧୧) ଓ ଚୂଡାମଣି ମାଝି (୯) ଦୁଇ ପିଲାକୁ ଗାଁ ରୁତୁକାଳୀନ ଆବାସିକ ବିଦ୍ୟାଳୟରେ ଛାଡି ସ୍ତ୍ରୀ ହେମ ୫ ବର୍ଷର ପିଲା କୁଳକୁ ସାଙ୍ଗରେ ଧରି ଇଟା ତିଆରି କରିବାକୁ ଯାଇଥିଲେ। ସେ ଅତ୍ୟନ୍ତ ଗରିବ ହୋଇଥିବାରୁ ୩ ପିଲାଙ୍କୁ ଯେକୌଣସି ଆବାସିକ ବିଦ୍ୟାଳୟରେ ଥଇଥାନ କରିବା ସହ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ପରିବାର ଲୋକେ ଦାବି କରିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ଆକାଶ


@ ଅମନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଖରିଆର ରୋଡ଼ରୁ ପୁରୀ ବସସେବା ଆରମ୍ଭ


ମନ୍ତ୍ରୀ ପତାକା ଦେଖାଇ ବସର ଶୁଭାରମ୍ଭ କରୁଛନ୍ତି।

ନୂଆପଡ଼ା ଅଫିସ,୨।୧

**ଓଡିଶା ରାଜ୍ୟ ସଡକ ପରିବହନ ନିଗମ ପକ୍ଷରୁ ବସସେବା**

ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ ପକ୍ଷରୁ ସୋମବାର ଖରିଆର ରୋଡ ଠାରୁ ପୁରୀକୁ ଏସି ଡିଲକ୍ସ ବସ ସେବା ଆରମ୍ଭ କରାଯାଇଛି। ନୂଆପଡା ପୋଲିସ ପଡିଆଠାରେ ଏକ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟ ସରକାରଙ୍କ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଉପସ୍ଥିତ ରହି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲା ପରିବହନ ଅଧିକାରୀ ହୃଷିକେଶ ଦାସ, ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା କୌଶଲ୍ୟା, ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, କୋମନା ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ସଦର ବିଜ୍ଞାପିତ ପରିଷଦର ଅଧ୍ୟକ୍ଷ ମହମ୍ମଦ ଆଦାମ, ଜିଲା ପରିଷଦ ସଦସ୍ୟା/ସଦସ୍ୟ ଉମା ଠାକୁର, ଅବନୀ ରଞ୍ଜନ ଯୋଶୀ, ମୁରଲିଧର ଭୋଇ, ସରପଞ୍ଚ କାଳିଆ ପ୍ରଧାନ, ସମିତି ସଭ୍ୟ ନୀଳକମଳ ଚନ୍ଦ୍ରକାର, କାଞ୍ଚନବେନ ରସିକଲାଲ ଢୋଲକିଆ ଚେରିଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷ ଜୟ ଢୋଲକିଆ,ଧନୀରାମ ସାହୁ, କାର୍ତ୍ତିକ ଦୀପ, ରାମଲାଲ ହଂସ, ରାଜ୍ୟ ସଡକ ପରିବହନ ନିଗମ ବୈଷୟୀକ ଅଧିକାରୀ ଅନ୍ତର୍ଯ୍ୟାମୀ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ଅତିଥିଗଣ ବସ ଯୋଗେ ଖରିଆର ରୋଡ ପର୍ଯ୍ୟନ୍ତ ଯାତ୍ରା କରିଥିଲେ। ଏହି ବସ ଖରିଆର ରୋଡରୁ ସନ୍ଧ୍ୟା ୫ ଟା ୩୦ରେ ବାହାରି ନୂଆପଡାରୁ ୫ ଟା ୪୫ରେ ଛାଡି ପାଇକମାଲ, ପଦ୍ମପୁର, ଗାଇସିଲେଟ, ଲୋଇସିଙ୍ଗା, ସୋନପୁର, ବୌଦ୍ଧ, ଦଶପଲ୍ଲା, ନୟାଗଡ, ଖୋର୍ଦ୍ଧା, ଭୁବନେଶ୍ୱର ଦେଇ ସକାଳ ୮ ଟା ୨୦ ରେ ପୁରୀ ପହଞ୍ଚିବ ବୋଲି ଜିଲା ପରିବହନ ଅଧିକାରୀ ଦାସ ସୂଚନା ଦେଇଛନ୍ତି।

# ଯାଦବମାନଙ୍କ ପାରମ୍ପରିକ ବାଡ଼ି ଖେଳ

ଖଡ଼ିଆଳ,୨।୧(ଡି.ଏନ.ଏ)

ଯାଦବଙ୍କର ବିରତ୍ୱର ଖେଳ ଗଉଡ ବାଡ଼ିର ନିଆରା ପରମ୍ପରା ରହିଛି। ଏହି ପରମ୍ପରା ଏବେ ନୂଆପଡ଼ା ଜିଲାର ବିଭିନ୍ନ ଯାଦବ ବହୁଳ ଗାଁରେ ଦେଖିବାକୁ ମିଳିଛି। ଯାଦବଙ୍କର ଏହି ପାରମ୍ପାରିକ ବାଡ଼ି ଖେଳ ପ୍ରତି ପାଟରେ ଅର୍ଥାତ୍ କୋଡ଼ିଏ ବର୍ଷରେ ଥରେ ପ୍ରଦର୍ଶିତ ହୋଇଥାଏ। ଏହି ଅବସରରେ ଯାଦବମାନଙ୍କ ଇଷ୍ଟ ଦେବୀ ମା' ଚଣ୍ଡୀ ସମଲେଇଙ୍କ ସମେତ ଅନ୍ୟ ଦେବାଦେବୀଙ୍କୁ ପ୍ରଥମେ ପୂଜାର୍ଚ୍ଚନା କରାଯାଇଥାଏ। ଏଥିସହ କେନ୍ଦୁବାଡ଼ିକୁ ମଧ୍ୟ ପୂଜା କରାଯାଇଥାଏ। ପରେ ଯାଦବମାନେ ନିଜ ପାରମ୍ପାରିକ ବେଶଭୂଷାରେ ସୁସଜ୍ଜିତ ହୋଇ ବାଜା ସହିତ ଗଉଡ ବାଡି ଖେଳ ସହ ନୃତ୍ୟ ପରିବେଷଣ କରିଥାନ୍ତି। ଗଉଡ ବାଡ଼ି ନୃତ୍ୟ ପରିବେଷଣ କରୁଥିବା ଦଳକୁ ଅନ୍ୟ ଗାଁର ଯାଦବମାନେ ନିଜ ଗାଁକୁ ନିମନ୍ତ୍ରଣ କରିଥାନ୍ତି। ନିମନ୍ତ୍ରଣ ରକ୍ଷା କରି ସେହି ଗାଁକୁ ଗୌଡବାଡ଼ି ଖେଳ ପରିବେଷଣ କରିବାକୁ ଆସିଲେ ପ୍ରଥମେ ଯାଦବମାନେ ନୃତ୍ୟ ପରିବେଷଣ କରି ପ୍ରତିରୋଧ କରିଥାନ୍ତି। ପରେ ଉଭୟ ଯାଦବମାନଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନ ହୋଇଥାଏ। ଗଉଡ ବାଡ଼ି ଖେଳ ମାଧ୍ୟମରେ ଯାଦବମାନଙ୍କ ମଧ୍ୟରେ ଏକତା ଓ ବନ୍ଧୁତ୍ୱର ସମ୍ପର୍କ ନିବିଡ଼ ହୋଇଥାଏ। ସିନାପାଲି ବ୍ଲକ ଚଚରାଭଟା ଗ୍ରାମର ଯାଦବ ସମ୍ପ୍ରଦାୟର ଠେଲା ପରିବାର ପକ୍ଷରୁ ଖଡ଼ିଆଳଠାରେ ଗଉଡ ବାଡ଼ି ଖେଳ ପ୍ରଦର୍ଶିତ ହୋଇଥିଲା। ଖଡ଼ିଆଳ ସହରର ବିଭିନ୍ନ ୱାର୍ଡକୁ ପରିକ୍ରମା କରି ପାରମ୍ପରିକ ବାଡ଼ି ଖେଳ ପ୍ରଦର୍ଶନ କରିଥିଲେ। ବାଡି ଖେଳ ପ୍ରଦର୍ଶନ କରିଥିବା ଯାଦବଙ୍କୁ ମହିଳାମାନେ ବନ୍ଦାପନା କରି ସ୍ୱାଗତ ଅଭିନନ୍ଦନ ଜଣାଇଥିଲେ। ଖଡ଼ିଆଳ ବ୍ଲକ କୋଟାମାଲ ଗ୍ରାମରେ ଏହି କାର୍ଯ୍ୟକ୍ରମ ହୋଇଛି। ବାଡ଼ି ଖେଳପ୍ରଦର୍ଶନରେ ଚଞ୍ଚରାଭଟା ଗାଁର ଭାରତ ଠେଲା, କନକ ଠେଲା, ପିତାମ୍ବର ଠେଲା, କମଳ, ବୈଷ୍ଣବ ଠେଲା, ଗୁଡ୍ଡୁ, ହର୍ଷ, କୈଳାଶ, ହରି, ମଣ୍ଟୁ, ଲମ୍ବୋଦର ଠେଲା, ବଡ଼ ଠେଲା, ମୋହନ ପୁଞ୍ଜି, ଧୋବାଲେ ପୁଞ୍ଜି, ଛବି ପୁଞ୍ଜି, ସିନୁ ସାମିଲ ହୋଇଥିଲେ।


ଖଡ଼ିଆଳରେ ଗଉଡ ବାଡ଼ି ଖେଳ ପ୍ରଦର୍ଶନ କରାଯାଉଛି।

# ସିନାପାଲି ଗାୟତ୍ରୀ ଶକ୍ତିପୀଠରେ ନୂଆବର୍ଷ ପାଳନ

ସିନାପାଲି, ୨।୧(ଡି.ଏନ.ଏ.)

ଇଂରାଜୀ ନୂଆଁବର୍ଷକୁ ନେଇ ସବୁଆଡ଼େ ଭୋଜିଭାତ, ନାଚଗୀତର ଆସର ଚାଲିଥିବା ବେଳେ ସିନାପାଲି ଗାୟତ୍ରୀ ଶକ୍ତିପୀଠ ଠାରେ ସମ୍ପୂର୍ଣ୍ଣ ଆଧାତ୍ମିକ ପରିବେଶ ମଧ୍ୟରେ ରବିବାର ନୂଆବର୍ଷ ପାଳନ କରାଯାଇଛି। ଏହି ଅବସରରେ ନୂଆବର୍ଷ ପାଳନର ପ୍ରକୃତ ମହତ୍ୱ ବିଷୟରେ ଆଲୋଚନା କରାଯାଇଥିଲା। ଆଗାମୀ ୨୫୧ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ମୁଖ୍ୟ ଜଜମାନ ଗଜାନନ ଅଗ୍ରୱାଲ ଓ ସୁନୀତା ଅଗ୍ରୱାଲ ଓ ତାଙ୍କ ଭାଇ ହୀରାଲାଲ ଅଗ୍ରୱାଲ ପତ୍ନୀ ଭାରତୀ ଅଗ୍ରୱାଲଙ୍କ ସହ ମହାଯଜ୍ଞର ଶତାଧିକ ଜଜମାନ ଯୋଗଦେଇଥିଲେ। ଏକ ବିରାଟ ଶୋଭାଯାତ୍ରା ନଗର ପରିକ୍ରମା କରିବା ସହ ଦେବାଦେବୀ ମନ୍ଦିର ଦର୍ଶନ କରିସାରିଲା ପରେ ସମସ୍ତେ ସାମୂହିକ ଭୋଜନ କରିଥିଲେ। ତରୁଣ କୁମାର ମେହେର, ତ୍ରିନାଥ ମେହେର, ସନ୍ତୋଷ ନାଏକ ଟୋଲି ସଞ୍ଚାଳନ କରିଥିବା ବେଳେ କାର୍ଯ୍ୟକ୍ରମ ଆୟୋଜନରେ ମହାଯଜ୍ଞ ଉପଦେଷ୍ଟା ହରିପ୍ରସାଦ ଅଗ୍ରୱାଲ ବରିଷ୍ଠ କାର୍ଯ୍ୟକର୍ତ୍ତା ପୂର୍ଣ୍ଣଚନ୍ଦ୍ର ମେହେର, ଦୟାରାମ ଅଗ୍ରୱାଲ, ପ୍ରଦୀପ ଜୈନ, ଆନନ୍ଦ ମେହେର, ଲକ୍ଷ୍ମୀଧର ମେହେର, ଦୟାରାମ ମେହେର, ରାମମୋହନ ସାହୁ, ଦିଲ୍ଲୀପ ସିହ୍ନା, ମଦନ ଗୋପାଲ ଅଗ୍ରୱାଲ, ପୱନ ଅଗ୍ରୱାଲ, ରୋହିତ ମେହେର, ତିଲେଶ୍ୱର ମେହେର, ମହେଶ୍ୱର ମେହେର ପ୍ରମୁଖଙ୍କ ସହ ପୀଠର ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ।

# ପର ଆଶ୍ରାରେ ୪ ଅସହାୟ ପିଲା

- ମା'ଙ୍କ ମୃତ୍ୟୁ ପରେ ବାପା ଘରୁ ପଳାଇଲେ
- ସହାୟତା, ଥଇଥାନ ଦାବି କଲେ ଗ୍ରାମବାସୀ

ଖପ୍ରାଖୋଲ, ୨।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତେଲେନପାଲି ପଞ୍ଚାୟତ ଅନ୍ତର୍ଗତ ଜମୁନାପାଲି ଗାଁର ମନ୍ଦାର ମାଝିଙ୍କର ରୋଗରେ ପୀଡିତ ହୋଇ ପାଞ୍ଚମାସ ତଳେ ମୃତ୍ୟୁ ଘଟିଥିଲା। ଏହାପରେ ମାନସିକ ସନ୍ତୁଳନ ହରାଇ ତାଙ୍କ ସ୍ୱାମୀ ଲକ୍ଷ୍ମଣ ମାଝି ଘର ଛାଡି କୁଆଡେ ଚାଲିଗଲେ। ଏହାପରଠାରୁ ମନ୍ଦାର ଓ ଲକ୍ଷ୍ମଣଙ୍କର ଚାରି ସନ୍ତାନସନ୍ତତି ଅସହାୟ ଜୀବନ ଜୀଉଁଛନ୍ତି। ପର ଆଶ୍ରାରେ ସେମାନେ ଦିନ କାଟୁଛନ୍ତି। ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଲକ୍ଷ୍ମଣ ମାଝିଙ୍କ ପରିବାର କହିଲେ ସ୍ତ୍ରୀ ମନ୍ଦାର, ଦୁଇଝିଅ ସୁଭଦ୍ରା(୧୦) ଓ ମମତା(୭), ଦୁଇପୁଅ ବବଲୁ(୮), ଜୁଲେଶ(୫)। ମୂଲମଜୁରି ଲାଗି ଲକ୍ଷ୍ମଣ ପରିବାର ପ୍ରତିପୋଷଣ କରୁଥିଲେ। ହେଲେ ଦଇବ ସହିଲା ନାହିଁ। ରୋଗରେ ପୀଡ଼ିତ ହୋଇ ମନ୍ଦାର ଆଖି ବୁଜିଲେ। ଏଥିରେ ବ୍ୟଥିତ ହୋଇ ଲକ୍ଷ୍ମଣ ମାନସିକ ସନ୍ତୁଳନ ହରାଇ ବସିଲେ। ୩ ମାସ ହେଲା ପିଲାଙ୍କୁ ଛାଡି ସେ କୁଆଡ଼େ ଚାଲି ଯାଇଛନ୍ତି। ଫଳରେ ୪ ଶିଶୁ ବଡବାପାଙ୍କ ଘରେ ରହୁଛନ୍ତି। ହେଲେ ତାଙ୍କ ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ପିଲାମାନଙ୍କ ଲାଳନପାଳନ ସେ ଠିକ୍‌ରେ କରି ପାରୁ ନାହାନ୍ତି। ସହାୟତା ପାଇଁ ସାହି ପଡିଶା ସ୍ଥାନୀୟ ସରପଞ୍ଚ ଶକୁନ୍ତଳା ବେହେରା ଓ ବ୍ଲକ ଉପାଧ୍ୟକ୍ଷ ଶୁଖିରାମ ଷଣ୍ଢଙ୍କୁ ଜଣାଇଲା ପରେ ଗାଁକୁ ଯାଇ ସେମାନେ ପିଲାଙ୍କ ଭଲମନ୍ଦ ପଚାରି ବୁଝିଥିଲେ। ଏନେଇ ଚାଇଲ୍ଡ ଲାଇନ କଲ୍ୟାଣର ସମ୍ପାଦିକା ମିନାକ୍ଷୀ ପୁରୋହିତଙ୍କୁ ପଚାରିବାରୁ ଅସହାୟ ଅବସ୍ଥାରେ ଶିଶୁମାନେ ଥିଲେ ନିୟମ ଅନୁସାରେ ସେମନଙ୍କୁ ଉଦ୍ଧାର କରି ଥଇଥାନ କରାଯିବ ବୋଲି କହିଛନ୍ତି। ଏନେଇ ବିଡ଼ିଓ ରଶ୍ମି ରଞ୍ଜନ ରାଉତଙ୍କୁ ପଚାରିବାରୁ ଏନେଇ ତାଙ୍କ ପାଖରେ ଖବର ନାହିଁ। ତେବେ ଏହାର ଅନୁସନ୍ଧାନ କରି ଥଇଥାନ ପାଇଁ ଜିଲା ଶିଶୁ ସୁରକ୍ଷା ୟୁନିଟକୁ ଜଣାଯିବ ବୋଲି କହିଛନ୍ତି।

# ଖଡ଼ିଆଳର ଯୁବକଙ୍କ ନାଗପୁରଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ଖଡ଼ିଆଳ,୨।୧(ଡି.ଏନ୍.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ନିବାସୀ ତେଜପାଳ ଖଣ୍ଡୁଜାଙ୍କ ନାଗପୁରଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଖଡ଼ିଆଳରେ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳୀ ଜଣାଯାଇଥିବାବେଳେ ଶୋକ ପ୍ରକାଶ କରିଛନ୍ତି। ତେଜପାଳ ସିଂ ଖଣ୍ଡୁଜା ଜଣେ ମିଷ୍ଟଭାଷୀ ଏବଂ ଉତ୍ତମ ଚରିତ୍ର ଯୁବ ସୁଲଭ ବ୍ୟକ୍ତିତ୍ୱ ଥିଲେ। ତାଙ୍କ ବିୟୋଗରେ ସମଗ୍ର ଶିଖ୍ ସମ୍ପ୍ରଦାୟ ସହ ଖଡ଼ିଆଳ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ମେଳାପୀ ଏବଂ ଅତି ନମ୍ର ଭଦ୍ର ବ୍ୟବହାର ପାଇଁ ଅଞ୍ଚଳରେ ବେଶ ପରିଚିତ ଥିଲେ। ତାଙ୍କର ଦୁଇ ଝିଅ ରହିଛନ୍ତି। ନାଗପୁରଠାରେ ଅସ୍ତ୍ରୋପଚାର ବେଳେ ତାଙ୍କର ମୃତ୍ୟୁ ଘଟିଛି।


ତେଜପାଳ ସିଂ ଖଣ୍ଡୁଜା।

# ବ୍ଲୁ ଡାଇମଣ୍ଡ ବରଗଡ଼ ବିଜୟୀ

**୩୧ତମ ସର୍ବଭାରତୀୟ ୱାଇଏମ୍‌ସି କପ୍ କ୍ରିକେଟ ଉଦ୍‌ଘାଟିତ**

ନୂଆପଡ଼ା ଅଫିସ୍, ୨।୧

ସ୍ଥାନୀୟ ମିନି ଷ୍ଟାଡିୟମଠାରେ ୩୧ତମ ସର୍ବଭାରତୀୟ ୱାଇଏମ୍‌ସି କପ୍ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ଫରେଷ୍ଟ ଭିଲାଇ ଛତିଶଗଡ଼ ଓ ବ୍ଲୁ ଡାଇମଣ୍ଡ ବରଗଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସଜିଣି ଫରେଷ୍ଟ ଭିଲାଇ ନିର୍ଦ୍ଧାରିତ ୩୦ ଓଭରରେ ୯ ଉଇକେଟ ହରାଇ ୧୯୮ ରନ ସଂଗ୍ରହ କରିଥିବାବେଳେ ଜବାବରେ ବ୍ଲୁଡାଇମଣ୍ଡ ବରଗଡ ୨୯.୦୩ ଓଭରରେ ୯ ଉଇକେଟ ହରାଇ ୧୯୯ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲେ। ଏହି ଟୁର୍ନାମେଣ୍ଟର ଆବାହକ ସରୋଜ କୁମାର ସାହୁ (ଭୈରବ)ଙ୍କ ନେତୃତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ନୂଆପଡ଼ା ଜିଲାପାଳ ହେମକାନ୍ତ ସାଏ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ ଓ ଖେଳାଳିଙ୍କ ସହ କରମର୍ଦ୍ଦନ କରିଥିଲେ। ନୂଆପଡା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମହମ୍ମଦ ଆଦାମ ଓ ଖରିଆର ରୋଡ ବିଜ୍ଞାପିତ ପରିଷଦର ଅଧ୍ୟକ୍ଷା ସୋନିଆ ଜୈନ ସମ୍ମାନିତ ଅତିଥି ଭାବରେ ଯୋଗଦେଇ କ୍ରୀଡାବିତ, କ୍ରୀଡାପ୍ରେମୀମାନଙ୍କୁ ଉତ୍ସାହିତ କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ ବରଗଡ ଦଳର ରାକେଶ ସିଂଙ୍କୁ କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର ପୁରସ୍କାର ପ୍ରଦାନ କରିଥିଲେ। ଜିଲା କ୍ରିକେଟ ସଂଘ ସଭାପତି ପ୍ରକାଶ ସହୁ, ୟୁଥମାସ କ୍ଲବ ସଭାପତି ଅମରେଶ ଚନ୍ଦ୍ର ଦାସ, ଉପ ସଭାପତି ସଞ୍ଜୀୟ ପଟ୍ଟନାୟକ, ସମ୍ପାଦକ ତପନ ବର୍ଗତି, ସହ ସମ୍ପାଦକ ସୁଧିର ମିଶ୍ର ପ୍ରମୁଖ ମ୍ୟାଚ ପରିଚାଳନା କରୁଥିବାବେଳେ ଛୁଡାମଣୀ ପାଢୀ ଓ ବିସ୍ୱମ୍ଭର ମହାକୁଡ ଖେଳ ପରିଚାଳନା କରୁଛନ୍ତି। ସ୍କୋର ଦାୟୀତ୍ୱରେ ଶୈଳେଶ ଶତପଥୀ ଓ ଜୟକିଷନ ସୁନାନୀ, ରାଜା ମହମ୍ମଦ ହିନ୍ଦି, ଓଡିଆ ଓ ଇଂରାଜୀରେ ଧାରା ବିବରଣୀ ଶୁଣାଉଛନ୍ତି। ଶ୍ରୀରାମ ମିଶ୍ର, ଜାବେଦ ଖାନ, ଜିତୁ ହୋତା, ପାଲେଶ୍ୱର ମାଝି, ଜାନି ଜନସନ, ଟିପୁ ଖାନ, ସାଗର ହଂସ, ପ୍ରତୀକ ପଟ୍ଟନାୟକ, ବିପ୍ଳବ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରୁଛନ୍ତି। ମଙ୍ଗଳବାର ମ୍ୟାଚ ଏସଇସିଆରଏସା ରେଲୱେ ବିଳାସପୁର ଓ ରାଇଜିଂ ଷ୍ଟୁଡେଣ୍ଟ କଟକ ମଧ୍ୟରେ ଅନୁଷ୍ଠିତ ହେବ।



ଜିଲାପାଳ ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି।

# ନୂଆପଡ଼ାରେ ପୁରୁଷ ହକି ବିଶ୍ୱକପ୍ ଟ୍ରଫିକୁ ସ୍ୱାଗତ

ନୂଆପଡ଼ା ଅଫିସ୍/ ଖଡ଼ିଆଳ,୨।୧ (ଡି.ଏନ୍.ଏ.)

ପୁରୁଷ ବିଶ୍ୱକପ ହକି ଟ୍ରଫି କଳାହାଣ୍ଡି ଜିଲାରେ ସ୍ୱାଗତ ପରେ ନୂଆପଡା ଜିଲା ସୀମାନ୍ତ ବୋର୍ଡା ଠାରେ ସ୍ୱାଗତ କରି ନୂଆପଡା ମିନି ଷ୍ଟାଡିୟମ ଠାରେ ପହଞ୍ଚିଥିଲା । ମିନି ଷ୍ଟାଡିୟମଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ଜିଲାପାଳ ହେମକାନ୍ତ ସାଏ, ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ, ଉପଜିଲାପାଳ ରାମଚନ୍ଦ୍ର ଖାଡିଆ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁଛନ୍ଦା ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ମନକୁମାରୀ ଲମ୍ଭୁ, ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିବେକାନନ୍ଦ ମହାନନ୍ଦ, ସଦର ତହସିଲଦାର ଦେବେନ୍ଦ୍ର ରାଉତ, ଜିଲା କ୍ରୀଡା ଅଧିକାରୀ ଅଜୟ କୁମାର ପଟ୍ଟନାୟକ, ଜିଲା କ୍ରୀଡା ଆବାହକ ସରୋଜ କୁମାର ସାହୁ, ଜିଲାସ୍ତରୀୟ ଅଧିକାରୀ, କର୍ମଚାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା/ଅଧ୍ୟକ୍ଷ, ପାରିଷଦ, ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ ଓ ସମସ୍ତ ବର୍ଗର ଲୋକେ ସାମିଲ ହୋଇ ହକିଟ୍ରଫିକୁ ସ୍ୱାଗତ କରିଥିଲେ। ମିନି ଷ୍ଟାଡିୟମଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ଚେସ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ପ୍ରାଚୁର୍ଯ୍ୟ ପ୍ରଧାନ ସମେତ ମିନି ମାରାଥନ ଦୌଡର ୫ ଜଣ ପୁରୁଷ ଓ ୫ ଜଣ ମହିଳା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସଂକୀର୍ତ୍ତନ, ବାଜା ଓ ହୁଳହୁଳି ହରିବୋଲ ଶବ୍ଦରେ ପ୍ରକମ୍ପିତ ହୋଇ ବିଶାଳ ଶୋଭାଯାତ୍ରାରେ ବିଶ୍ୱକପ ହକି ଟ୍ରଫି ମିନି ଷ୍ଟାଡିୟମରୁ ବାହାରି ସହର ପରିକ୍ରମା କରି ଖଡିଆଳ ଯାଇଥିଲା। ଖଡ଼ିଆଳ ସହରରେ ପହଞ୍ଚିବା ପରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ନେତୃତ୍ୱରେ ସ୍ୱାଗତ କରାଯାଇଥିଲା। ଖଡ଼ିଆଳ ବିଡିଓ ନାରାୟଣ ସାହୁ, ତହସିଲଦାର ସିନ୍ଧୁସୁତା ପାତ୍ର, ନଗରପାଳ ଉଜ୍ଜଳ ଗୁପ୍ତା, ଜିଲା ପରିଷଦ ଚିତ୍ତରଞ୍ଜନ ବେହେରା, ମାଲ୍ୟାବନ୍ତ ସୁନା, ତନୟା ଶବର ସମେତ ବହୁ ସଂଖ୍ୟାରେ ଯୋଗ ଦେଇ ସ୍ୱାଗତ କରିଥିଲେ। ଏହିଅବସରରେ ବିଇଓ ନକୁଳ ଶବର, ଜିଲା କ୍ରୀଡା ନିରୀକ୍ଷକ ମହେଶ ଦଣ୍ଡସେନା, ଜିତେନ୍ଦ୍ର ନାଥ ପଟ୍ଟନାୟକ, ରତନ ସିଂ ବାରିକ, ରାଜକପୁର ବାରିକ, ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର, ସହରର ବୁଦ୍ଧିଜୀବୀ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ, ବରିଷ୍ଠ ନାଗରିକ, ବ୍ୟବସାୟୀ ସଂଘ ତଥା ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ପରେ ଜିଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ପଟ୍ଟନାୟକ ବିଡ଼ିଓ ସାହୁଙ୍କ ନେତୃତ୍ୱରେ ବିଶ୍ୱକପ ଟ୍ରଫିକୁ ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ପର୍ଯ୍ୟନ୍ତ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ସିଆର୍‌ପିଏଫ୍ ୨୧୬ ବାଟାଲିୟାନ, ଡିଭିଏଫ,ଏସଓଜି, ଜିଲା ପୋଲିସ ପ୍ରଶାସନ, କ୍ରୀଡାବିତ, କ୍ରୀଡାପ୍ରେମୀ ଓ ସମସ୍ତ ବର୍ଗର ଲୋକେ ସହଯୋଗ କରିଥିଲେ।


ବିଶ୍ୱକପ ହକି ଟ୍ରଫିକୁ ଖଡ଼ିଆଳ ସହରରେ ସ୍ୱାଗତ କରାଯାଉଛି।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର, ଜଣେ ଗିରଫ

**ରାଉରକେଲା ଅଫିସ,୨।୧:** ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ଝାଡତରଙ୍ଗ ଗ୍ରାମର ଗାନ୍ଧୁ ଗାନ୍ଧୁ ଟୋପୋ(୪୫)। ତାଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୩।୨୩) ରୁଜୁ କରିଛି। ସୂଚନାଯୋଗ୍ୟ, ରବିବାର ସନ୍ଧ୍ୟାରେ ଗାନ୍ଧୁଙ୍କ ଘର ପାଖରେ ଉକ୍ତ ନାବାଳିକା ଖେଳୁଥିବା ସମୟରେ ସେ ତାଙ୍କୁ ଏକ ନିଛାଟିଆ ଜାଗାକୁ ନେଇ ବଳାତ୍କାର କରିଥିଲେ। ପରେ ନାବାଳିକାଙ୍କ ପରିବାର ଲୋକେ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ।

### ତେଲଙ୍ଗାନାରେ ଦାଦନ ଶ୍ରମିକ ମୃତ

**ନୂଆପଡ଼ା ଅଫିସ,୨।୧:** ନୂଆପଡ଼ା ଜିଲା କୋମନା ଥାନା ଜଟଗଡ ପଞ୍ଚାୟତ ଭରୁଆମୁଣ୍ଡା ଗାଁର ଜଣେ ଦାଦନ ଶ୍ରମିକ ପରିବାର ସହ ତେଲେଙ୍ଗାନାର ଏକ ଇଟାଭାଟିକୁ କାମ କରିବାକୁ ଯାଇ ସେଠାରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ ତରବୋଡ ଫାଣ୍ଡି ଭରୁଆମୁଣ୍ଡା ଗ୍ରାମର ଭଲ ମାଝି (୩୫)। ସୂଚନା ମୁତାବକ ଗତ ୨୮ ତାରଖ ବୁଧବାର ଭଲ ମାଝି ସ୍ତ୍ରୀ ହେମ ମାଝି ଓ ୫ ବର୍ଷର ପୁଅ କୁଳମଣିକୁ ଧରି ଗ୍ରାମର ଅନ୍ୟ କେତେ ପରିବାର ସହ ତେଲେଙ୍ଗାନା ରାଜ୍ୟର ଆନାରାମ ଗ୍ରାମରେ ଥିବା ଏକ ଇଟାଭାଟିକୁ ଯାଇଥିଲେ। ବଲାଙ୍ଗିର ଜିଲା ତୁରେକେଲା ଥାନା ଝରଣୀ ଗ୍ରାମର ଦାଦନ ସର୍ଦ୍ଦାର ରାନଜାନ ଖାନଙ୍କ ସହାୟତାରେ ସେମାନେ ଯାଇଥିଲେ। ସେଠାରେ ଗତ ୩୧ ତାରିଖ ଶନିବାର ସନ୍ଧ୍ୟାରେ ପହଞ୍ଚିଥିଲେ। ୧ ତାରିଖ ରବିବାର ୧୦ ଟାରେ କୁଆଡେ ଚାଲିଯାଇଥିଲେ। ଅଧିକ ସମୟ ଧରି ନ ଆସିବାରୁ ପରିବାର ଲୋକେ ଓ ସାଙ୍ଗରେ ଯାଇଥିବା ଶ୍ରମିକମାନେ ବହୁତ ଖୋଜା ଖୋଜି କରିଥିଲେ। ଇଟାଭାଟି ଠାରୁ କିଛି ଦୂରରେ ଏକ ଗଛମୂଳେ ଅଚେତ ଅବସ୍ଥାରେ ପଡିଥିବା ଦେଖିବାକୁ ମିଳିଥିଲା। ସଙ୍ଗେ ସଙ୍ଗେ ଆସି ଇଟାଭାଟି ମାଲିକଙ୍କୁ ଜଣାଇବାରୁ ଏକ ଗାଡି ଯୋଗେ ସାପୁର ଚିକିତ୍ସାଳୟକୁ ନେଇ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ଭଲକୁ ମୃତ ଘୋଷଣା କରିଥିଲେ। ତେଲେଙ୍ଗାନା ପୋଲିସ ଯାଇ ଶବକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମଙ୍ଗଳବାର ମୃତଦେହ ଭରୁଆମୁଣ୍ଡା ଗାଁକୁ ପହଞ୍ଚିବ ବୋଲି ପରିବାର ଲୋକଙ୍କ ଠାରୁ ସୂଚନା ମିଳିଛି। ତାହା ହତ୍ୟା କି ଆତ୍ମହତ୍ୟା ପ୍ରକୃତରେ ଜଣା ପଡିନାହିଁ।

### ପର ଆଶ୍ରାରେ ୪ ଅସହାୟ ପିଲା

**ଖପ୍ରାଖୋଲ, ୨।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତେଲେନପାଲି ପଞ୍ଚାୟତ ଅନ୍ତର୍ଗତ ଜମୁନାପାଲି ଗାଁର ମନ୍ଦାର ମାଝିଙ୍କର ରୋଗରେ ପୀଡିତ ହୋଇ ପାଞ୍ଚମାସ ତଳେ ମୃତ୍ୟୁ ଘଟିଥିଲା। ଏହାପରେ ମାନସିକ ସନ୍ତୁଳନ ହରାଇ ତାଙ୍କ ସ୍ୱାମୀ ଲକ୍ଷ୍ମଣ ମାଝି ଘର ଛାଡି କୁଆଡେ ଚାଲିଗଲେ। ଏହାପରଠାରୁ ମନ୍ଦାର ଓ ଲକ୍ଷ୍ମଣଙ୍କର ଚାରି ସନ୍ତାନସନ୍ତତି ଅସହାୟ ଜୀବନ ଜୀଉଁଛନ୍ତି। ପର ଆଶ୍ରାରେ ସେମାନେ ଦିନ କାଟୁଛନ୍ତି। ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଲକ୍ଷ୍ମଣ ମାଝିଙ୍କ ପରିବାର କହିଲେ ସ୍ତ୍ରୀ ମନ୍ଦାର, ଦୁଇଝିଅ ସୁଭଦ୍ରା(୧୦) ଓ ମମତା(୭), ଦୁଇପୁଅ ବବଲୁ(୮), ଜୁଲେଶ(୫)। ମୂଲମଜୁରି ଲାଗି ଲକ୍ଷ୍ମଣ ପରିବାର ପ୍ରତିପୋଷଣ କରୁଥିଲେ। ହେଲେ ଦଇବ ସହିଲା ନାହିଁ। ରୋଗରେ ପୀଡ଼ିତ ହୋଇ ମନ୍ଦାର ଆଖି ବୁଜିଲେ। ଏଥିରେ ବ୍ୟଥିତ ହୋଇ ଲକ୍ଷ୍ମଣ ମାନସିକ ସନ୍ତୁଳନ ହରାଇ ବସିଲେ। ୩ ମାସ ହେଲା ପିଲାଙ୍କୁ ଛାଡି ସେ କୁଆଡେ ଚାଲି ଯାଇଛନ୍ତି। ଫଳରେ ୪ ଶିଶୁ ବଡବାପାଙ୍କ ଘରେ ରହୁଛନ୍ତି। ହେଲେ ତାଙ୍କ ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ପିଲାମାନଙ୍କ ଲାଳନପାଳନ ସେ ଠିକ୍‌ରେ କରି ପାରୁ ନାହାନ୍ତି। ସହାୟତା ପାଇଁ ସାହି ପଡିଶା ସ୍ଥାନୀୟ ସରପଞ୍ଚ ଶକୁନ୍ତଳା ବେହେରା ଓ ବ୍ଲକ ଉପାଧକ୍ଷ ଶୁଖିରାମ ଷଣ୍ଢଙ୍କୁ ଜଣାଇଲା ପରେ ଗାଁକୁ ଯାଇ ସେମାନେ ପିଲାଙ୍କ ଭଲମନ୍ଦ ପଚାରି ବୁଝିଥିଲେ। ଏନେଇ ଚାଇଲ୍ଡ ଲାଇନ କଲ୍ୟାଣର ସମ୍ପାଦିକା ମିନାକ୍ଷୀ ପୁରୋହିତଙ୍କୁ ପଚାରିବାରୁ ଅସହାୟ ଅବସ୍ଥାରେ ଶିଶୁମାନେ ଥିଲେ ନିୟମ ଅନୁସାରେ ସେମନଙ୍କୁ ଉଦ୍ଧାର କରି ଥଇଥାନ କରାଯିବ ବୋଲି କହିଛନ୍ତି। ଏନେଇ ବିଡ଼ିଓ ରଶ୍ମି ରଞ୍ଜନ ରାଉତଙ୍କୁ ପଚାରିବାରୁ ଏନେଇ ତାଙ୍କ ପାଖରେ ଖବର ନାହିଁ। ତେବେ ଏହାର ଅନୁସନ୍ଧାନ କରି ଥଇଥାନ ପାଇଁ ଜିଲା ଶିଶୁ ସୁରକ୍ଷା ୟୁନିଟକୁ ଜଣାଯିବ ବୋଲି କହିଛନ୍ତି।

# ସେଲ୍‌ଫି ଜୋନ୍ ପାଲଟିଛି ହକି ଷ୍ଟାଚ୍ୟୁ


ହକି ଷ୍ଟାଚ୍ୟୁ

**ରାଉରକେଲା ଅଫିସ,୨।୧**

ରାଉରକେଲା ସହରରେ ଆଉ ମାତ୍ର ୧୧ ଦିନ ପରେ ଆରମ୍ଭ ହୋଇଯିବ ବିଶ୍ୱକପ୍ ହକି ମହାକୁମ୍ଭ। ଏଥିପାଇଁ ରାଉରକେଲା ସହର ହକିମୟ ହୋଇ ପଡିଥିବାବେଳେ ବିଭିନ୍ନ ସମୟରେ ବିର୍ସାମୁଣ୍ଡା ହକି ଷ୍ଟାଡିୟମ ଅଞ୍ଚଳରେ ଭିଡ ଲାଗି ରହୁଥିବା ପରିଲକ୍ଷିତ ହୋଇଛି। ବିର୍ସାମୁଣ୍ଡା ଷ୍ଟାଡିୟମ ବାହାରେ ନିର୍ମାଣ ହୋଇଥିବା ହକି ଷ୍ଟାଚ୍ୟୁ ନିକଟରେ ସ୍ୱତନ୍ତ୍ର ସେଲ୍‌ଫି ଜୋନ୍ ତିଆରି କରାଯାଇଥିବାରୁ ପ୍ରତିଦିନ ସେଠାରେ ଜନସାଧାରଣଙ୍କ ଭିଡ଼ ଲାଗି ରହୁଛି। ବିର୍ସାମୁଣ୍ଡା ଷ୍ଟାଡିୟମ ବାହାରେ ନିବନିର୍ମିତ ବିଶାଳକାୟ ହକି ଷ୍ଟାଚ୍ୟୁ ଓ ଗ୍ରୀନ ଗାର୍ଡେନ ସହରବାସୀଙ୍କୁ ବିଶେଷ ଆକର୍ଷିତ କରିଛି। ସନ୍ଧ୍ୟା ହେଲେ ସହରବାସୀ ସପରିବାର ଉକ୍ତ ଷ୍ଟାଚ୍ୟୁ ତଳେ ଫଟୋ ଉଠାଇବା ସହ ଷ୍ଟାଡିୟମ ପରିସର ରୋଡ୍ ଓ ପ୍ରସାରଣ ହୋଇଥିବା ନୂତନ ରାଉରକେଲା ବିମାନ ବନ୍ଦର ବାହ୍ୟପାର୍ଶ୍ୱ ଅଞ୍ଚଳର ଉନ୍ନତୀକରଣକୁ ବୁଲି ଦେଖୁଛନ୍ତି। ଉକ୍ତ ଅଞ୍ଚଳ ବହୁ ଦିନ ଧରି ଅଳିଆ ଡମ୍ପିଂ ୟାର୍ଡ ହୋଇ ପଡିରହିଥିଲା। ହକି ବିଶ୍ୱକପ ପାଇଁ ଏହି ଅଞ୍ଚଳର ଉନ୍ନତୀକରଣ ହେବା ପରେ ସତେ ଯେପରି ସହରବାସୀଙ୍କ ପାଇଁ ଭୂସ୍ୱର୍ଗ ପାଲିଟିଛି। ବିଶ୍ୱକପ୍ ପାଇଁ ଏହି ସ୍ଥାନରେ ବିରାଟକାୟ ହକି ଷ୍ଟାଚ୍ୟୁ ନିର୍ମାଣକୁ କ୍ରୀଡ଼ାପ୍ରେମୀ ସ୍ୱାଗତ କରିଛନ୍ତି।

# ବିଶ୍ୱକପ୍ ହକି ଟ୍ରଫି ରୋଡ୍‌ଶୋ' ନେଇ ପ୍ରସ୍ତୁତି

**ଝାରସୁଗୁଡା ଅଫିସ, ୨।୧**

ପୁରୁଷ ବିଶ୍ୱକପ ହକି ଅବସରରେ ଜିଲାରେ ଆସନ୍ତା ୪ତାରିଖରେ ବିଶ୍ୱକପ ହକି ଟ୍ରଫି ରୋଡ଼ ଶୋ' ଅନୁଷ୍ଠିତ ହେବ। ଏକ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଖେରୁଆଲ ବ୍ରିଜଠାରେ ଟ୍ରଫିକୁ ସ୍ୱାଗତ କରାଯିବା ସହ ବଡମାଲ, ସୁନାରୀମୁଣ୍ଡା, ସରବାହାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ମନମୋହନ ସ୍କୁଲ, ରେଳଷ୍ଟେଶନ, ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାର ବିଭିନ୍ନ ସ୍ଥାନରେ ଟ୍ରଫିକୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯିବ। ମାଲିଡିହିଠାରେ ଏହି ଟ୍ରଫିକୁ ଦେବଗଡ଼ ଜିଲା ପ୍ରଶାସନକୁ ହସ୍ତାନ୍ତର କରାଯିବ। ୧୧ତାରିଖରେ କଟକଠାରେ ଅନୁଷ୍ଠିତ ହେବାକୁ ଥିବା ହକି ବିଶ୍ୱକପ ଉଦ୍‌ଘାଟନୀ ଉତ୍ସବକୁ ପଞ୍ଚାୟତ ଓ ପୌରାଞ୍ଚଳର ପ୍ରମୁଖ ସ୍ଥାନରେ ଏଲ୍‌ଇଡି ମାଧ୍ୟମରେ ପ୍ରଦର୍ଶିତ ହେବ। ବିଶ୍ୱକପ ମ୍ୟାଚ ପୂର୍ବରୁ ପ୍ରସ୍ତୁତି ଓ ଲୋକଙ୍କ ସମ୍ପୃକ୍ତି ଜଣାଇବା ଉଦ୍ଦେଶ୍ୟରେ ଅଭିଯାନ ଜାରି ରହିବ ବୋଲି ଜିଲାପାଳ ସରୋଜ କୁମାର ସାମଲ ସୂଚନା ଦେଇଥିଲେ। ଖରଦାତା ସମ୍ମିଳନୀରେ ପଞ୍ଚାୟତ ସ୍ତରରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତପିରାମ ମାଝି ସୂଚନା ଦେଇଥିଲେ । ସେହିପରି ଓଡ଼ିଶା ହକି ସଂଘ ଉପସଭାପତି ଜୀବନ ମହାନ୍ତି ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା ରୋଡ଼ ଶୋ' ପ୍ରସ୍ତୁତି ନେଇ ସୂଚନା ଦେଇଥିଲେ । ଜିଲା ହକି ସଂଘ ସମ୍ପାଦକ ତଥା ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ ଧନ୍ୟବାଦ ଦେଇଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅଧିକାରୀ।

### ରାଉରକେଲା-ବାଲେଶ୍ୱର ଇଣ୍ଟରସିଟି ଚଳାଚଳ ପାଇଁ ଦାବି

**ରାଉରକେଲା ଅଫିସ,୨।୧**

ଉତ୍ତର ଓଡିଶା ରେଳ ସମନ୍ୱୟ କମିଟି କର୍ମକର୍ତ୍ତା ବନ୍ଧମୁଣ୍ଡା ସ୍ଥିତ ଆଞ୍ଚଳିକ ପ୍ରବନ୍ଧକ ରାଜ କିଶୋର ମହାନ୍ତିଙ୍କୁ ସାକ୍ଷାତ କରି ରାଉରକେଲାରୁ ବାଲେଶ୍ୱର ଭାୟା ଚକ୍ରଧରପୁର, ବଡବିଲ, ଯାଜପୁର, ଭଦ୍ରକ ଇଣ୍ଟରସିଟି ଚଳାଚଳ ପାଇଁ ଦାବି କରିଛନ୍ତି। ଏହି ମର୍ମରେ ଅନୁଷ୍ଠାନର କର୍ମକର୍ତ୍ତାମାନେ ରାଉରକେଲା ରେଳ ଷ୍ଟେଶନ ମାଷ୍ଟର ପ୍ରଭାସ ଦାସଙ୍କୁ ଭେଟି ଡିଭିଜନାଲ ପ୍ରବନ୍ଧକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଆଗାମୀ ଡିଭିଜନ ସ୍ତରୀୟ ବୈଠକରେ ଏହାକୁ ଆଲୋଚନା କରିବା ପାଇଁ ଏଆରଏମ୍ ପ୍ରତିଶ୍ରୁତି ଦେଇଥିଲେ। ସଂସଦର ଆଗାମୀ ଅଧିବେଶନରେ ଏକ ପ୍ରତିନିଧି ରେଳମନ୍ତ୍ରୀଙ୍କୁ ସାକ୍ଷାତ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସଭାପତି ଉପେନ୍ଦ୍ର କୁମାର ନାୟକ, ସମ୍ପାଦକ ଅକ୍ଷୟ କୁମାର ଦାସ, ଜଗନ୍ନାଥ ରାଉତ, ଶଶଧର ପାତ୍ର, ଅମୂଲ୍ୟ ବରାଳ, ଶମ୍ଭୁନାଥ ପରିଡା, ସଦାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ଶ୍ରାଦ୍ଧ ଦିବସ


ସ୍ୱର୍ଗତ ନୃସିଂହ ଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

**ସମ୍ବଲପୁର,୨।୧(ବ୍ୟୁରୋ)**

ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନୃସିଂହ ଗୁରୁଙ୍କ ୩୯ତମ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ମନ୍ଦଲିଆସ୍ଥିତ ନୃସିଂହ ଗୁରୁ ପାର୍କରେ ଥିବା ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ମାନ୍ୟଗଣ୍ୟ ବ୍ୟକ୍ତି ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ଅବସରପ୍ରାପ୍ତ ଶିକ୍ଷା ମଣ୍ଡଳାଧୀଶ ଅରବିନ୍ଦ ମହାପାତ୍ର, ପୂର୍ବତନ ରାଜ୍ୟ ସଭା ସଦସ୍ୟ ପ୍ରମିଳା ବହିଦାର, ଭାଜପା ସମ୍ବଲପୁର ଜିଲା ସଭାପତି ଗିରିଶ ପଟେଲ, ଖବରଦାତା ହେମନ୍ତ କୁମାର ମହାପାତ୍ର, ଚାଷୀ ନେତା ଶଶୀଭୂଷଣ ତ୍ରିପାଠୀ, ଶ୍ରମିକ ନେତା ରତିକାନ୍ତ ମହାନ୍ତି, ସାମାଜିକ କର୍ମୀ କାର୍ତ୍ତିକ ପ୍ରସାଦ ବହିଦାର, ବିଜେଡି ନେତ୍ରୀ ପଦ୍ମାଳୟା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

### ଖଡ଼ିଆଲର ଯୁବକଙ୍କ ନାଗପୁରଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

**ଖଡ଼ିଆଲ,୨।୧(ଡି.ଏନ୍.ଏ.)**

ନୂଆପଡ଼ା ଜିଲା ଖଡ଼ିଆଲ ନିବାସୀ ତେଜପାଲ ଖଣ୍ଡୁଜାଙ୍କ ନାଗପୁରଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଖଡ଼ିଆଲରେ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳୀ ଜଣାଯାଇଥିବାବେଳେ ଶୋକ ପ୍ରକାଶ କରିଛନ୍ତି। ତେଜପାଲ ସିଂ ଖଣ୍ଡୁଜା ଜଣେ ମିଷ୍ଟଭାଷୀ ଏବଂ ଉତ୍ତମ ଚରିତ୍ର ଯୁବ ସୁଲଭ ବ୍ୟକ୍ତିତ୍ୱ ଥିଲେ। ତାଙ୍କ ବିୟୋଗରେ ସମଗ୍ର ଶିଖ୍ ସମ୍ପ୍ରଦାୟ ସହ ଖଡ଼ିଆଲ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ମେଳାପୀ ଏବଂ ଅତି ନମ୍ର ଭଦ୍ର ବ୍ୟବହାର ପାଇଁ ଅଞ୍ଚଳରେ ବେଶ ପରିଚିତ ଥିଲେ। ତାଙ୍କର ଦୁଇ ଝିଅ ରହିଛନ୍ତି। ନାଗପୁରଠାରେ ଅସ୍ତ୍ରୋପଚାର ବେଳେ ତାଙ୍କର ମୃତ୍ୟୁ ଘଟିଛି।


ତେଜପାଲ ସିଂ ଖଣ୍ଡୁଜା

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଆକାଶ


@ ଅମନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶିଶୁଯତ୍ନ କେନ୍ଦ୍ରରେ ନୂଆବର୍ଷ ପାଳିଲେ ଜିଲାପାଳ


ଶିଶୁଯତ୍ନ ଗୃହରେ ଜିଲାପାଳଙ୍କ ସହ ପିଲାମାନେ ।

**ସମ୍ବଲପର,୨।୧(ବ୍ୟୁରୋ)**

ସମ୍ବଲପୁର ଧନକଉଡାସ୍ଥିତ ଶିଶୁଯତ୍ନ କେନ୍ଦ୍ରରେ ଜିଲାପାଳ ଅନନ୍ୟା ଦାସ ନୂଆବର୍ଷ ପାଳନ କରିଛନ୍ତି। କୁନି କୁନି ପିଲାମାନଙ୍କ ସହ ସେ କେକ୍ କାଟି ଖୁସି ବାଣ୍ଟିଛନ୍ତି। ଏହାସହ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ପାଠ ପଢି ଆଗକୁ ବଢିବାକୁ ପରାମର୍ଶ ଦେଇଥିଲେ। ଆଦର୍ଶ ସ୍କୁଲରେ ପାଠ ପଢୁଥିବା ଏହି କେନ୍ଦ୍ରର ପିଲାମାନଙ୍କ ପଢାରେ ସୁବିଧା ପାଇଁ ଜିଲାପାଳ ଦାସ ମୋବାଇଲ ଫୋନ ପ୍ରଦାନ କରିଛନ୍ତ। ଏହି ଅବସରରେ ଡିସିପିଓ ସୁଚିସ୍ମିତା ପଟ୍ଟନାୟକଙ୍କ ସମେତ ବିଭାଗର କର୍ମଚାରୀ ଉପସ୍ଥିତ ରହିଥିଲେ। ଆଶ୍ରମ ପରିସରରେ ନାଚଗୀତ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସୁନ୍ଦରଗଡ଼ ଜିଲା ପ୍ରତିଷ୍ଠା ଦିବସ ପାଳନର ଝଲକ



ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଉଛି।


ସାଂସ୍କୃତିକ କାର୍ଯ୍ୟକ୍ରମରେ ଆଦିବାସୀ ଲୋକନୃତ୍ୟ ପରିବେଷଣ କରାଯାଉଛି।



ସୁନ୍ଦରଗଡ଼ ଜିଲା ପ୍ରତିଷ୍ଠା ଦିବସ ଅବସରରେ ବିକାଶ ଭବନରେ ଆୟୋଜିତ ଆଲୋଚନାଚକ୍ରରେ ମଞ୍ଚାସୀନ ଶିକ୍ଷାବିତ୍, ବୁଦ୍ଧିଜୀବୀ, ଅତିଥି ଓ ବକ୍ତା।


ସୁନ୍ଦରଗଡ଼ରେ ମଶାଲ ଶୋଭାଯାତ୍ରା: ଜିଲାପାଳ, ଏସ୍‌ପି, ବିଧାୟିକା, ନଗରପାଳ ଓ ଅନ୍ୟମାନେ।

# ରାଜଧାନୀରେ ମହିଳାଙ୍କୁ ହତ୍ୟା

■ ଭଙ୍ଗାଘରୁ ଗଳିତ ମୃତଦେହ ଜବତ
■ ବୁଧବାରଠୁ ନିଖୋଜ ଥିଲେ, ସ୍ୱାମୀ ଅଟକ



ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି।

ଭୁବନେଶ୍ୱର, ୨୧ (ବ୍ୟୁରୋ)

ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ କୋରଡ଼କଣ୍ଟା ଅର୍ଦ୍ଧକପିଳେଶ୍ୱର ମନ୍ଦିର ନିକଟରେ ଥିବା ଏକ ଭଙ୍ଗା ଆଜବେଷ୍ଟସ୍ ଘରୁ ସୋମବାର ଜଣେ ମହିଳାଙ୍କ ଗଳିତ ମୃତଦେହକୁ ପୋଲିସ ଜବତ କରିଛି। ମୃତା ମହିଳା ହେଲେ ନୟାଗଡ଼ ଜିଲ୍ଲା ବାଣିଗୋଚ୍ଛା ଥାନା ଅଞ୍ଚଳର ସରିତା ନାୟକ (୩୦)। ସେ ତାଙ୍କ ସ୍ୱାମୀ ବିଦ୍ୟାଧର ଓରଫ ନାଲୁ ଓ ଭାଇ ହେରମ ଓରଫ ଜଗାଙ୍କ ସହ ଏଠାରେ ରହି ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ପାରିପାର୍ଶ୍ୱିକ ସ୍ଥିତିରୁ ସରିତାଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଛି। ସରିତା ଏକ ଶାଢ଼ି ପିନ୍ଧିଥିବାବେଳେ ମୃତଦେହର ୫୦ ପ୍ରତିଶତ ପଚିଯାଇଛି। ମୃତଦେହଟି କଳା ପଡିଯାଇଥିବା ଓ ସେଥିରୁ ପୋକ ବାହାରୁଥିବାରୁ ୪ରୁ ୫ ଦିନ ପୂର୍ବରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଜୋନ୍-୫ ଏସିପି ସଞ୍ଜୀବ ଶତପଥୀ ପୋଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସାଇଣ୍ଟିଫିକ୍ ଟିମ୍ ମଧ୍ୟ ସେଠାରୁ ବିଭିନ୍ନ ନମୁନା ସଂଗ୍ରହ କରିଛି। ବ୍ୟବଚ୍ଛେଦ ପାଇଁ ମୃତଦେହକୁ ପୋଲିସ ଏମ୍ସ ପଠାଇଥିବାବେଳେ ସରିତାଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରିଥିବା ଭାଇ ହେରମ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ହତ୍ୟା ମାମଲା (ନଂ.୧/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଥାନାଧିକାରୀ ସୁଧୀର କୁମାର ସାହୁ କହିଛନ୍ତି, ମହିଳାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ତେବେ କିପରି ଓ କେମିତି ଘଟଣା ଘଟିଛି ତାହାର ଖୋଳତାଡ଼ କରାଯାଉଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ସ୍ୱାମୀ ନାଲୁଙ୍କୁ ଖୋଜାଖୋଜି ଚାଲିଥିବା ସେ କହିଛନ୍ତି। ହେଲେ ପରବର୍ତ୍ତୀ ସମୟରେ ନାଲୁଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ସୂଚନା ଅନୁଯାୟୀ, ସରିତା ନାଲୁଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ଉଭୟଙ୍କର ଏକ ୪ ବର୍ଷର ପୁଅ ଅଛି। ତେବେ ସେମାନେ ଦେଢ଼ ମାସ ହେଲା କୋରଡ଼କଣ୍ଟାରେ ଏକ ନିର୍ମାଣାଧୀନ ଘରେ ରହିବା ସହ ସେଠାରେ କାମ କରୁଥିଲେ। ଏଥିସହ ସରିତାଙ୍କ ଭାଇ ହେରମ ଓ ଭାଉଜ ମଧ୍ୟ ତାଙ୍କ ସହ କାମ କରୁଥିଲେ। ତେବେ ନାଲୁ ଓ ସରିତାଙ୍କ ମଧ୍ୟରେ କିଛିଦିନ ହେଲା ଝଗଡ଼ା ଲାଗି ରହୁଥିଲା। ତେବେ ଗତ ୨୮ ତାରିଖ ରାତିରୁ ସରିତା ନିଖୋଜ ଥିଲେ। ଏପରିକି ସେହିଦିନଠାରୁ ସ୍ୱାମୀ ନାଲୁ ମଧ୍ୟ ସେଠାକୁ ଆସୁ ନ ଥିଲେ। ଏନେଇ ଭାଇ ହେରମ ଫୋନ୍ କରି ଭଉଣୀଙ୍କ କଥା ପଚାରିବାରୁ ସେ ତାଙ୍କ ସହ ଥିବା ନାଲୁ କହୁଥିଲେ। ତେବେ ସୋମବାର ଅପରାହ୍ନରେ ଉକ୍ତ ନିର୍ମାଣାଧୀନ ଘରଠାରୁ ୧୦୦ ମିଟର ଦୂର ଏକ ଭଙ୍ଗା ଆଜବେଷ୍ଟସ ଘରୁ ଦୁର୍ଗନ୍ଧ ଆସିଥିଲା। ଏନେଇ ହେରମ ସେଠାରେ ତାଙ୍କ ଭଉଣୀଙ୍କ ମୃତଦେହ ଦେଖିବା ପରେ କଣ୍ଟ୍ରାକ୍ଟରଙ୍କୁ ଜଣାଇବା ସହ ପୋଲିସକୁ ଖବର ଦେଇଥିଲେ।

# ଚାଷୀଙ୍କୁ ଦଳି ମାରିଦେଲା ଦନ୍ତା, ଜଣେ ଗୁରୁତର

## ଟାଙ୍ଗୀରେ ହାତୀ ଉପଦ୍ରବ

ଖୋର୍ଦ୍ଧା ଅଫିସ,୨୧ା

ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମରେ ହାତୀଙ୍କ ଉପଦ୍ରବ ଲାଗି ରହିଛି। ସନ୍ଧ୍ୟା ହେଲେ ଖାଦ୍ୟ ଅନ୍ୱେଷଣରେ ହାତୀପଲ ଗାଁ ମୁହାଁ ହେଉଛନ୍ତି। ବ୍ୟାପକ ଫସଲ ଖାଇବା ସହ ନଷ୍ଟ କରୁଛନ୍ତି। ଏପରିକି ହାତୀ ହାବୁଡ଼ରେ ପଡି ଲୋକେ ପ୍ରାଣ ହରାଉଛନ୍ତି। ରବିବାର ବିଳମ୍ବିତ ରାତିରେ ଦନ୍ତା ଦଳିଦେବାରୁ ସିକୋ ଗ୍ରାମର ଜଣେ ଚାଷୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଉକ୍ତ ଗ୍ରାମର ରତ୍ନାକର ବେହେରା। ଆହତ ଦୀନବନ୍ଧୁ ବରାଳଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ସୂଚନା ମୁତାବକ, ରତ୍ନାକର ଧାନ ଅମଳ କରି ଖଳାରେ ରଖିଥିଲେ। ବିଳମ୍ବିତ ରାତିରେ ଧାନ ଖାଇବାକୁ ଏକ ଦନ୍ତା ଖଳାରେ ପଶିଥିଲା। ଧାନ ଖାଉଥିବା ଶବ୍ଦ ଶୁଣି ରତ୍ନାକର ଓ ଦୀନବନ୍ଧୁ ଖଳାରେ ପହଞ୍ଚିଥିଲେ। ତେବେ ହଠାତ୍ ଦନ୍ତା ଉଭୟଙ୍କୁ ଆକ୍ରମଣ କରିଥିଲା। ଦନ୍ତା ରତ୍ନାକରଙ୍କୁ ଦଳି ଦେଇଥିବା ବେଳେ ଦୀନବନ୍ଧୁଙ୍କୁ ଶୁଣ୍ଢରେ ଫୋପାଡି ଦେଇଥିଲା। ପରେ ଦନ୍ତା ଜଙ୍ଗଲ ଅଭିମୁଖେ ପଳାଇ ଯାଇଥିଲା। ପରିବାର ଲୋକେ ଆମ୍ବୁଲାନ୍ସରେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରତ୍ନାକରଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଦୀନବନ୍ଧୁଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଟାଙ୍ଗୀ ବନ ଅଧିକାରୀ ଦେବାଶିଷ ଭୋଇ କହନ୍ତି, ପାଚିଲା ଧାନ ବାସନାରେ ଦନ୍ତା ଗ୍ରାମରେ ପଶିଥିଲା। ଆକ୍ରମଣରେ ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ବନ କର୍ମଚାରୀମାନେ ଦନ୍ତାର ଗତିବିଧି ଉପରେ ନଜର ରଖିଛନ୍ତି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

## ଘରୁ ମିଳିଲା ଝୁଲନ୍ତା ମୃତଦେହ

■ ପରିବାରର ଅଭିଯୋଗକ୍ରମେ ହତ୍ୟା ମାମଲା ରୁଜୁ
■ ସ୍ୱାମୀଙ୍କୁ ଅଟକ ରଖି ପୋଲିସର ପଚରାଉଚରା



ସୁନିତା ନାଏକ

ଭୁବନେଶ୍ୱର, ୨୧(ବ୍ୟୁରୋ)

ଖଣ୍ଡଗିରି ଥାନା ଅନ୍ତର୍ଗତ ପଞ୍ଚସଖା ନଗରରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ଅନ୍ତର୍ଗତ ବେଦାଙ୍ଗି ଗ୍ରାମର ସୁନିତା ନାଏକ (୨୫)। ଘରୁ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ମିଳିଛି। ସ୍ୱାମୀ ବିମଳ ବିଭୂତି ପଟ୍ଟନାୟକ ସୁନିତାଙ୍କୁ ମାରି ଟାଙ୍ଗି ଦେଇଥିବା ଖଣ୍ଡଗିରି ଥାନାରେ ମହିଳାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ବିମଳ ଅଧିକାଂଶ ସମୟରେ ସ୍ତ୍ରୀଙ୍କୁ ମାରଧର କରନ୍ତି ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ହତ୍ୟା ମାମଲା (ନଂ.୧/୨୦୨୩)ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହାସହ ସ୍ୱାମୀ ନୟାଗଡ଼ ଜିଲା ହରିହରପୁରର ବିମଳଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁସାରେ, ସୁନିତା ଓ ବିମଳ ଗତ ୯ ମାସ ତଳେ ବିବାହ କହିଥିଲେ। ଏହା ପୂର୍ବରୁ ଉଭୟ ବିବାହିତ ଥିଲେ ମଧ୍ୟ ବିନା ଡିଭୋର୍ସରେ ଦ୍ୱିତୀୟ ବିବାହ କରିଥିଲେ। ପରେ ବିମଳ ପଞ୍ଚସଖା ନଗରରେ ଘର ଭଡା ନେଇ ସ୍ତ୍ରୀ ସୁନିତାଙ୍କୁ ନେଇ ରହିବା ସହ ଏକ ଘରୋଇ ସଂସ୍ଥାରେ କାମ କରନ୍ତି। ତାଙ୍କ କହିବା ଅନୁସାରେ, ଗତ ଦୁଇ ତିନିଦିନ ପୂର୍ବରୁ ସୁନିତା ଏକ କାମ ପାଇଁ ତାଙ୍କୁ କହିଥିଲେ। ଉକ୍ତ କାମ ପାଇଁ ସେ ତାଙ୍କ ସ୍ତ୍ରୀକୁ ସମୟ ଦେଇ ପାରି ନ ଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହେବା ସହ ମନୋମାଳିନ୍ୟ ହୋଇଥିଲା। ରବିବାର ବିମଳ କୌଣସି କାମରେ ବାହାରକୁ ଯାଇଥିଲେ। ଅପରାହ୍ନ ୩ଟାରେ ଘରକୁ ଫେରି କବାଟ ଭିତରପଟୁ ବନ୍ଦ ଥିବା ଦେଖିଥିଲେ। ତେଣୁ ସେ ସ୍ତ୍ରୀ ସୁନିତାଙ୍କୁ ଡାକିଥିଲେ ମଧ୍ୟ ଶୁଣି ନ ଥିଲେ। ତେଣୁ କବାଟକୁ ଧକ୍କା ମାରି ଖୋଲି ଭିତରକୁ ଯିବା ପରେ ସୁନିତା ଫ୍ୟାନ୍‌ରେ ରଶି ଲଗାଇ ଝୁଲି ପଡିଥିବା ଦେଖି ବିମଳ ଖଣ୍ଡଗିରି ଥାନା ଓ ତାଙ୍କ ଶଶୁର ଘରକୁ ଜଣାଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସୁନିତାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି।

# ବିଧାନସଭା ପକ୍ଷରୁ ହରେକୃଷ୍ଣ ମହତାବଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୧(ବ୍ୟୁରୋ): ଓଡ଼ିଶା ବିଧାନସଭା ପରିସରରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଶାର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ଉତ୍କଳ କେଶରୀ ଡ.ହରେକୃଷ୍ଣ ମହତାବଙ୍କ ୩୬ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ସୋମବାର ପୂର୍ବାହ୍ନରେ ବିଧାନସଭା ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ, ଉପ ବାଚସ୍ପତି ରଜନୀକାନ୍ତ ସିଂ, ବରିଷ୍ଠ ବିଧାୟକ ପ୍ରଫୁଲ୍ଲ ସାମଲ, ଅମର ପ୍ରସାଦ ଶତପଥୀଙ୍କ ସମେତ ବିଧାନସଭା ସଚିବ ଦାଶରଥି ଶତପଥୀ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉତ୍କଳ କେଶରୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାସଭାର ଯୁଗ୍ମ ନିର୍ଦ୍ଦେଶକ ଶିବ ପ୍ରସାଦ ପଟ୍ଟନାୟକ ସଂଯୋଜନା କରିଥିଲେ। ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ମହତାବଙ୍କ ଜୀବନୀ ଆଧାରିତ ସଙ୍ଗୀତ ପରିବେଷଣ କରାଯାଇଥିଲା।


GOVERNMENT OF ODISHA
ZILLA PARISHAD, KALAHANDI
No. CAD-4336 E-mail: drdakalahandi@gmail.com
E-PROCUREMENT NOTICE
Bid Identification No. /2022-23
No. 5217 Dated: 30.12.2022

| | | |
|---|---|---|
| 1 | No. of the Work | Building Works 19 (Nineteen) Nos. |
| 2 | Estimated Cost | Rs.30.00 Lakhs to Rs.40.00 Lakhs |
| 3 | Class of Contractor | "B" & "C" |
| 4 | Period of Completion | 6 Calendar Months |
| 5 | Date and time of availability of bid document in the portal | 11.00 hrs. of 05.01.2023 to 17.00 hrs. of 16.01.2023 |
| 6 | Last date/time for receipt of bid in the portal | 17.00 hour of 16.01.2023 |
| 7 | Name and address of the Officer Inviting Bid | Zilla Parishad, Kalahandi |
| 8. | Date & Venue of Opening of the Single Cover Bid and Technical Bid (Cover-1) of Double Cover Bid | On 17.01.2023 at 11.00 A.M. in the Office of the Zilla Parishad, Kalahandi |

Further details can be seen from the e-procurement portal **https://tendersodisha.gov.in**.
Sd./- CDO-cum-EO
Zilla Parishad, Kalahandi
OIPR-19287/11/0001/2223



Bhubaneswar Municipal Corporation
Progress through Partnership for better Bhubaneswar
XXXVI-290/2022
RFP No.61711 Date:31.12.2022
Notice inviting Request for Proposal
No.C-2209:Sealed Proposals are invited for "Selection of agency for supply of vehicle with driver under package I/ II in Bhubaneswar Municipal Corporation" in conformity with the Terms & Conditions of the Detailed RFP from intending bidders fulfilling the terms of eligibility laid down in the RFP document. Please refer to website www.bmc.gov.in for complete details and downloading the Document. The RFP document is available from 02.01.2023 with last date of submission being 21.01.2023 till 4.00 pm.
For any queries please contact bmcpmu@bmc.gov.in.
Sd./- Superintending Engineer
(Drainage Section)
Bhubaneswar Municipal Corporation
OIPR-13002/11/0203/2223



ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ ବନଖଣ୍ଡ
OFFICE OF THE DIVISIONAL FOREST OFFICER, DHENKANAL FOREST DIVISION
Tele Fax No.- 06762226717, e-mail Id- dfo.dhenkanal@odisha.gov.in
ନିଲାମ ଇସ୍ତାହାର
No.MM-384:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଢେଙ୍କାନାଳ ବନଖଣ୍ଡ ଅଧୀନରେ ଥିବା କାଜୁ ଜଙ୍ଗଲରୁ ୨୦୨୨-୨୩ (୨୦୨୩ ବର୍ଷର) କାଜୁ ବାଦାମ ସଂଗ୍ରହ କରିବା ପାଇଁ ନିମ୍ନଲିଖିତ ତାରିଖ, ସ୍ଥାନ ଓ ସମୟ ଅନୁଯାୟୀ ପ୍ରକାଶ୍ୟ ଭାବେ ନିଲାମ କରାଯିବ। ବିକ୍ରି ସର୍ତ୍ତ ଓ କାଜୁବାଦାମ ସଂଗ୍ରହ ସ୍ୱତନ୍ତ୍ର ନିୟମାବଳୀଗୁଡ଼ିକ କାଏମ ରହିବ । ନିଲାମ ସମାପ୍ତି ପରେ ଦ୍ରବ୍ୟ ଓ ଏରିଆ ଇତ୍ୟାଦି ସମ୍ବନ୍ଧରେ କୌଣସି ଆପତ୍ତି, ଅଭିଯୋଗ ଗ୍ରହଣ କରାଯିବ ନାହିଁ । ନିଲାମ ସମ୍ବନ୍ଧୀୟ ବିଶେଷ ବିବରଣୀ ଢେଙ୍କାନାଳ ବନଖଣ୍ଡ ଅଧିକାରୀ, ଢେଙ୍କାନାଳଙ୍କ କାର୍ଯ୍ୟାଳୟରୁ କାର୍ଯ୍ୟଦିବସରେ ସକାଳ ୧୦ ଘଣ୍ଟା ଠାରୁ ୫.୩୦ ଘଣ୍ଟା ମଧ୍ୟରେ ମିଳିପାରିବ ।

| ନିଲାମ ତାରିଖ | ନିଲାମ ସ୍ଥାନ | କେଉଁ ଅଞ୍ଚଳର ଦ୍ରବ୍ୟ | ସମୟ |
|---|---|---|---|
| ୧ | ୨ | ୩ | ୪ |
| ୧୦.୦୧.୨୦୨୩ ଏବଂ ୧୮.୦୧.୨୦୨୩ | ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ ବନଖଣ୍ଡ, ଢେଙ୍କାନାଳ | ୧. ବେଗା ରିଜର୍ଭ ଜଙ୍ଗଲର ମିଶ୍ରିତ କାଜୁ ପ୍ଲାଣ୍ଟେସନ୍ (କରଡାବଣି ଭି.ଏସ୍.ଏସ୍. ଏରିଆ) (DL No. 14 of 2022-23) ୨. ବେଗା ରିଜର୍ଭ ଜଙ୍ଗଲର ମିଶ୍ରିତ କାଜୁ ପ୍ଲାଣ୍ଟେସନ୍ (କରଡାବଣି ଭି.ଏସ୍.ଏସ୍. ଏରିଆ ବ୍ୟତୀତ) (DL No. 15 of 2022-23) | ସକାଳ ୧୧.୦୦ |

OIPR-08037/11/0039/2223 ସ୍ୱା./- ବନଖଣ୍ଡ ଅଧିକାରୀ, ଢେଙ୍କାନାଳ ବନଖଣ୍ଡ



OFFICE OF THE NABARANGPUR MUNICIPALITY
NABARANGPUR (ODISHA), PIN-764059
E-mail- muncipalityngpr@gmail.com
TEL/FAX. NO.-06858-222031 "e" PROCUREMENT NOTICE
Bid Identification No.: EONM-05/2022-23
No.C-2206:Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.
9. Name of the Work : Civil Work
10. No. of Works : 11 Nos.
11. Estimated Cost : 0.89 Lakhs to 48.00 Lakhs
12. Period of Completion : As per DTCN
13. Date & Time of Bidding : From 11.00 A.M of 02.01.2023 upto 09.01.2023 5.00 P.M
14. Last date & time for receipt of Bid in Portal : 09.01.2023 upto 5.00 P.M
15. Bids received online shall be opened on : 11.00 A.M hours Dt 10.01.2023
16. Name and address of the Officer Inviting Bid : Executive Officer, Nabarangpur Municipality,
Further details can be seen from the procurement portal : www.tender-orissa.gov.in
OIPR-13065/11/0007/2223 Sd./- Executive Officer Nabarangpur Municipality



Government of Odisha No. MM-379
"e" Procurement Notice
OFFICE OF THE DIVISIONAL FOREST OFFICER DHENKANAL DIVISION, DHENKANAL
Bid Identification No. 13-DFO/DKL of 2022-23
1. Name of the Work : Construction of Concrete Check Dam (SMC Structure) in Purunapani Nallah, Khali Nallah in Koi RF under Hindol Range of Dhenkanal Forest Division.
2. Estimate Cost : Rs.43,58,264/- (Approximate)
3. Period of Completion : 2 Months
4. Date & time of availability of the Bid documents in the portal : 10.00 A.M. of 02.01.2023 to 5.00 P.M. of 16.01.2023
5. Last date/time of receipt of the bid in portal : 16.01.2023 upto 5.00 P.M.
6. Date of Opening : 17.01.2023 at 11.00 A.M.
7. Name and Address of the Office : Office of the Divisional Forest Officer, Dhenkanal Division, Dhenkanal
Further details can be seen from the e-procurement portal "**https://tendersorissa.gov.in**".
Sd./- Divisional Forest Officer
Dhenkanal Division
OIPR-08037/11/0037/2223



No.D-271
ODISHA POLICE, OISF, HEADQUARTERS
Plot No.139 (P) KESHARI NAGAR, UNIT-V, BHUBANESWAR
ବିଜ୍ଞାପନ
କନେଷ୍ଟବଳ ନମ୍ବର- ୮୩୨ ରାଜକିଶୋର ଗରନାୟକ
ପିତା - ଶ୍ରୀ ଉଦ୍ଧବ ଗରନାୟକ
ଗ୍ରାମ/ପୋଷ୍ଟ - ନେଉଳପୋଇ ଥାନା - ଗଣ୍ଡିଆ
ଜିଲ୍ଲା - ଢେଙ୍କାନାଳ ପିନ୍ - ୭୫୯୦୧୪
ଏତଦ୍ୱାରା ଆପଣଙ୍କୁ ଜଣାଇଦିଆଯାଉଛି ଯେ, ଆପଣ ବେଦାନ୍ତ ଲାଞ୍ଜିଗଡ଼ ସ୍ଥିତ ଓ.ଆଇ.ଏସ୍.ଏଫ୍. ଶିବିରରୁ ତା୧୦.୦୮.୨୦୨୨ରିଖଠାରୁ ଆଜି ତା୨୮.୧୨.୨୦୨୨ରିଖ ପର୍ଯ୍ୟନ୍ତ ଫେରାର ଅଛନ୍ତି । ଆପଣଙ୍କୁ ବାରମ୍ବାର ତଲବ ଦେବା ସତ୍ତ୍ୱେ, ଆପଣ ଏପର୍ଯ୍ୟନ୍ତ ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି । ଆପଣଙ୍କ ଏତାଦୃଶ ଅନୁପସ୍ଥିତି ଯୋଗୁଁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଅଛି ଏବଂ ଯେଉଁ କାର୍ଯ୍ୟ ନିମନ୍ତେ ଆପଣଙ୍କୁ ଓଡ଼ିଶା ଶିଳ୍ପ ସୁରକ୍ଷା ବଳରେ ନିଯୁକ୍ତି କରାଯାଇଥିଲା, ତାହାର ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ, ବରଂ ଏହା ଚାକିରି ସର୍ତ୍ତାବଳୀର ବିରୁଦ୍ଧାଚରଣ କରୁଅଛି ।
ଏଣୁ ଉକ୍ତ ବିଜ୍ଞାପନ ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଏହି ସମ୍ବାଦ ପ୍ରକାଶନର ୭ (ସାତ) ଦିନ ମଧ୍ୟରେ ଆପଣ ନିଜ କାର୍ଯ୍ୟରେ ଅର୍ଥାତ୍ ବେଦାନ୍ତ ଲାଞ୍ଜିଗଡ଼ ସ୍ଥିତ ଓ.ଆଇ.ଏସ୍.ଏଫ୍. ଶିବିରରେ ଯୋଗଦାନ କରିବେ । ଏଥିରେ ତ୍ରୁଟି କଲେ ଆପଣଙ୍କ ବିରୁଦ୍ଧରେ ଏକତରଫା ବିହିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
ସ୍ୱା./- ଦୁର୍ଗପତି (ଏସ୍.ଏ.ଜି.)
OIPR-12029/11/0048/2223 ଓ.ଶି.ସୁ.ବ., ଭୁବନେଶ୍ୱର, ଖୋର୍ଦ୍ଧା



OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KENDRAPARA
Adv. No. 16338/2022 Dated: 31.12.2022
TENDER CALL NOTICE
No. E-786: Sealed proposals are hereby invited from all India registered reputed firms/agencies for submission of tender document for procurement of DRUG, Medical Consumables, Laboratory Chemicals & Reagents, X-Ray Articles, DEIC, Physiotherapy, Instrument/Equipments for DHH, SDH, CHC, PHC, UPHC, HWC, Ayurveda Panchakarma, RNTCP, RTPCR, DPH Lab BCL items & Waste Management Articles for CDM & PHO, Kendrapara. Interested firms/agencies may submit their proposals in the prescribed format along with Detail Tender Call document with all supportive documents in sealed envelope separately through Speed Post/Regd. Post to the CDM & PHO, Kendrapara on or before Dt.31.01.2023 upto 5.00 P.M. The envelope must be superscribed "Tender For Procurement of Medicine & others". The details are available in the district website **www.kendrapara.nic.in**. Incomplete application in any form will be summarily rejected. The sealed tenders shall be opened on Dt.01.02.2023 at 11 A.M. in the Conference Hall of CDM & PHO, Kendrapara. The authority reserves the right to reject any or all of the proposals without assigning any reason thereof.
Sd./- CDM & PHO, Kendrapara
OIPR-10018/11/0012/2223



ADVERTISEMENT
ADMISSION INTO POST GRADUATE M.D. (HOM.) COURSE AT DR. ABHIN CHANDRA HOMOEOPATHIC MEDICAL COLLEGE & HOSPITAL, BHUBANESWAR FOR THE SESSION 2022-23
No. IV-E-AT-02/2014 (Pt.II)-10148/DAYUSH, Dated: 28.12.2022
No. E-773: Applications in the prescribed form are invited from the interested candidates holding merit in All India AYUSH Post Graduate Entrance Test (AIAPGET) - 2022 for admission into Post Graduate M.D. (Hom.) course in the subject Materia medica at Dr. Abhin Chandra Homoeopathic Medical College & Hospital, Bhubaneswar for session 2022-23. The details of seats along with its category for reservation approved by the Government is indicated as under.
Dr. Abhin Chandra Homoeopathic Medical College & Hospital, Bhubaneswar

| Sl. No. | Name of the Subject | No. of Seats | Category / Reservation |
|---|---|---|---|
| 1. | Materia Medica | 04 (Four) | General - 02, EWS - 01, In-service Candidate (General) - 01 |

N.B.: E.W.S. - Economically Weaker Section
A candidate seeking admission into M.D. (Hom.) course must possess a degree in Homoeopathy of not less than 5 ½ years duration course or any equivalent degree recognized by the NCH, New Delhi. Application forms and Prospectus can be downloaded from the website **https://drachmch.nic.in**. Application duly filled in along with all required documents and bank Draft worth of Rs.1,000/- (Rupees one thousand) only in favour of Principal-cum-Superintendent, Dr. Abhin Chandra Homoeopathic Medical College & Hospital, Bhubaneswar payable at S.B.I., Govt. Treasury branch, Bhubaneswar (Code No.9025) towards counseling fees should be sent by registered post / speed post / courier service so as to reach the office of the Principal-cum-Superintendent, Dr. Abhin Chandra Homoeopathic Medical College & Hospital, Unit – III, Kharvel Nagar, Bhubaneswar, Odisha, Pin – 751001 on or before **16.01.2023 till 5.30 P.M.**
Incomplete and defective applications shall be summarily rejected. The merit list of applicants after scrutiny of their applications shall be uploaded in the above website on **19.01.2023**. 1st Round Counseling and Admission will be conducted simultaneously as per merit list on **24.01.2023** from 11.00 A.M. to 5.30 P.M. in the Amar Singh Auditorium of Principal-cum-Superintendent, Dr. Abhin Chandra Homoeopathic Medical College & Hospital, Bhubaneswar (Counseling Centre). If required, the subsequent counseling-cum-admission **i.e. 2nd & 3rd** will be conducted on **14.02.2023 and 09.03.2023** respectively from 11.00 A.M. to 5.30 P.M. in the above counseling centre.
The candidates have to report in the counseling centre from 9.00 A.M. to 11.00 A.M. for registration of their name. The candidates who fail to register their name within the stipulated time of registration shall not be allowed for counseling and admission& candidate who failed to register their name in the 1st round counseling shall not be allowed for subsequent round of counseling-cum-admission. The Principal-cum-Superintendent, Dr. Abhin Chandra Homoeopathic Medical College & Hospital, Bhubaneswar shall be contact person for other information required, if any.
Contact No.
I/c. Principal-cum-Superintendent
Dr. ACHMC&H,
Bhubaneswar : 7008477547
Sd./-B.C. Behera
Director, AYUSH-cum-Chairman
P.G. Selection Committee
OIPR-10056/11/0009/2223



No.A-954 GOVERNMENT OF ODISHA e-mail: srgeologistbhawanipatna@gmail.com
OFFICE OF THE DEPUTY DIRECTOR, GEOLOGY, GROUND WATER DEVELOPMENT DIVISION, BHAWANIPATNA
AT/P.O.- PARAMANANDAPUR, DIST.- KALAHANDI, PIN-766002, PH/FAX NO.-06670-232836/291159
NATIONAL COMPETITIVE BIDDING THROUGH e-Procurement
Identification No.11/GWBPTN/CHHATA/2022-23
e-Procurement Notice
**Name of the Work:** Construction of 2 nos. RRHS in Govt Building at Nuapada Block of Nuapada District. **Total No. of works:** 01 (one). **Estimated Cost:** Approx. Rs.5.17 Lakhs. **Class of Contractor:** C & D Class Contractor. **Period of Completion:** 01 Calendar Month.

| Procurement Officer | Bid Identification No. | No. of works | Availability of Tender Online for Bidding | | Date & time of opening of Bid |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Deputy Director, Geology, Ground Water Development Division, Bhawanipatna | 11/GWBPTN/CHHATA/2022-23 | 01 (one) | 05.01.2023 | 16.1.2023 | 16.1.2023 |

For details can be seen from the Government website **www.tendersorissa.gov.in**
OIPR-32470/11/0006/2223 Sd./- DEPUTY DIRECTOR, GEOLOGY



GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER, EASTERN CIRCLE-II, CHANDIKHOLE
Email ID:seec2chandikhole@gmail.com
No.A-952: "e" Procurement Notice No.ACE, EC-II_13 of 2022-23 (Online)

| | | |
|---|---|---|
| 1 | Name of the Work | Protection to Scoured bank on Baitarani right embankment near village Hemantapur, Balipatana and Balarampur |
| 2 | Total No.of Package | 01 No. Package |
| 3 | Tender Cost | Rs.837.23 Lakh (Approximately) |
| 4 | Cost of Bid document (Non-refundable) | Rs.10,000.00 (On-line payment) for each Package |
| 5 | Bid Security | "Bid Security Declaration" is to be furnished as per Finance Department Office Memorandum No.8484/F dated 05.04.2022. The bids without "Bid Security Declaration" will be summarily rejected. |
| 6 | Class of Contractor | "Special" & "A" for Package |
| 7 | Period of Completion | 12 (Twelve) Calendar Months for Package |

8. Other details are as follows:

| Procurement Officer | Bid Identification No. | Availability of Tender Online for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Additional Chief Engineer, Eastern Circle-II, Chandikhole | ACE, EC-II JPD 19 of 2022-23 | 04.01.2023 at 10 AM | 20.01.2023 upto 5.00 P.M. | 21.01.2023 at 11.30 AM |

9. e-mail id: seec2chandikhole@gmail.com
Further detailed conditions can be seen from the Govt. website www.tendersorissa.gov.in.
OIPR-32322/11/0016/2223 Sd./- Additional Chief Engineer, Eartern Circle-II, Chandikhole



GOVERNMENT OF ODISHA No.A-955:
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
RENGALI LEFT BANK CANAL DIVISION
At/Po-Kamakhyanagar, Dist-Dhenkanal,Odisha,Pin-759018
Ph:06769-270771, Email ID:eerlbcdivision@gmail.com
e-Procurement Notice No.RLBCD-P-05/2022-23

| | | |
|---|---|---|
| 1 | Category of Work | "Improvement to Service Road". |
| 2 | Total No. of Works | 03 (Three) Nos. |
| 3 | Estimated Cost | Varies from Rs.9.71 Lakhs to Rs.5.32 Lakhs |
| 4 | Period of Completion | 30 Days |
| 5 | Class of Contractor | "D" & "C" or equivalent grade/class |
| 6 | Cost of Bid Document / Mode of Payment | Varies Rs. 4.000/- (Non-Refundable) / On-line through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks). |
| 7 | EMD / Bid Security Amount / Mode of Payment | No Bid Security/ Earnest Money Deposit (EMD) has to be deposited and all participating bidder shall submit "Bid Security Declaration". |
| 8 | Other details: | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar. |
| | (ii) Availability of Bid Documents Online Bidding. | 04.01.2023 from 10.00 Hours to 18.01.2023 upto 17.00 Hours. |
| | (iii).Date, time & venue of Bid Opening (Online) | On 19.01.2023 at 11.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar (through online). |
| | (iv) Date, time & venue of transparent lottery for finalization of bids, if required | On 21.01.2023 at 11.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar. |

Further details can be seen from the Government of Odisha website https://tendersodisha.gov.in.
Superintending Engineer
R.L.B. Canal Division, Kamakhyanagar
OIPR-32298/11/0006/2223

# ପ୍ରଭାବିତ ହୋଇପାରେ ଏକ ତୃତୀୟାଂଶ ବିଶ୍ୱ ଅର୍ଥନୀତି’

## ୨୦୨୩ରେ ମାନ୍ଦାବସ୍ଥା ଜାରି ରହିବ

ନୂଆଦିଲ୍ଲୀ,୨।୧

ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୌଗୋଳିକ କାରଣରୁ ଚଳିତ ବର୍ଷ ବିଶ୍ୱ ଅର୍ଥ ବ୍ୟବସ୍ଥା କଠିନ ସମୟ ଓ ମାନ୍ଦାବସ୍ଥା ଦେଇ ଗତି କରିପାରେ ବୋଲି ନିକଟରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍)ର ଏମଡି କ୍ରିଷ୍ଟଲୀନା ଜାର୍ଜିଭର ମତପ୍ରକାଶ କରିଛନ୍ତି। ଏପରିକି ୨୦୨୩ରେ ବିଶ୍ୱ ଅର୍ଥନୀତି ପାଇଁ କଠିନ ପରିସ୍ଥିତି ଓ ଅନେକ ସମସ୍ୟା ଆସିପାରେ ବୋଲି କ୍ରିଷ୍ଟଲୀନା ଚେତାବନୀ ଦେଇଛନ୍ତି। ସେହିଭଳି ଚଳିତ ବର୍ଷ ବୈଶ୍ୱିକ ଅର୍ଥବ୍ୟବସ୍ଥା ଏକ ତୃତୀୟାଂଶ ମାନ୍ଦାବସ୍ଥା ଦେଇ ଗତି କରିବ ବୋଲି ଆଇଏମ୍ଏଫ ପକ୍ଷରୁ ଆକଳନ କରାଯାଇଛି। ବିଶେଷ କରି ଆମେରିକା, ୟୁରୋପୀୟ ସଂଘ ଏବଂ ଚାଇନାରେ ବ୍ୟାପକ



କ୍ରିଷ୍ଟଲୀନା ଜାର୍ଜିଭର

ମାନ୍ଦାବସ୍ଥା ଲାଗି ରହିବା ସହ ଚଳତ ବର୍ଷ ୨୦୨୨ତୁଳନାରେ ଅଧିକ କଠିନ ରହିବ ବୋଲି କ୍ରିଷ୍ଟଲୀନା ଚେତାବନୀ ଦେଇଛନ୍ତି। ସେହିପରି ନିକଟରେ ଏକ କର୍ମଶାଳାରେ ଯୋଗ ଦେବା ଅବସରରେ ଏକ ସାକ୍ଷାତକାରରେ କ୍ରିଷ୍ଟଲୀନା ଏଭଳି ଚେତାବନୀ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଦୀର୍ଘ ୧୦ ମାସ ବିତି ଯାଇଥିଲେ ମଧ୍ୟ ରୁଷିଆ-ୟୁକ୍ରେନ ମଧ୍ୟରେ ଯୁଦ୍ଧର ଅବସାନ ହେଉନଥିବା ବେଳେ ଏହି ସମୟରେ ମୁଦ୍ରାସ୍ଫୀତି ମଧ୍ୟ ଦ୍ରୁତି ଗତିରେ ବୃଦ୍ଧି ପାଉଛି। ଫଳରେ ଉଚ୍ଚ ସୁଧ ହାର ଏବଂ ଚାଇନାରେ ପୁଣି ଥରେ କୋଭିଡ ସଂକ୍ରମଣର ଭୟାବହତା ବିଶ୍ୱ ମାନ୍ଦାବସ୍ଥାକୁ ଆହୁରି ଅଧିକ ଗତିଶୀଳ କରାଉଛି ବୋଲି କ୍ରିଷ୍ଟଲୀନା ମତପ୍ରକାଶ କରିଛନ୍ତି। ଅପରପକ୍ଷରେ କୋଭିଡ ସଂକ୍ରମଣ ମଧ୍ୟ ଧୀରେ ଧୀରେ ଗୋଟିଏ ଦେଶରୁ ଅନ୍ୟ ଦେଶକୁ ବ୍ୟାପିବାରେ ଲାଗିଥିବାବେଳେ କ୍ରିଷ୍ଟଲୀନାଙ୍କ ଚେତାବନୀକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ବିଶେଷ କରି ସ୍ଥିତି ଏଭଳି ହୋଇପାରେ ଯେ ପୂର୍ବ ଲହରଗୁଡିକର ପ୍ରଭାବ ମଧ୍ୟ ଦେଖିବାକୁ ମିଳିପାରେ। ଯାହାଦ୍ୱାରା ଯେଉଁଠାରେ ମାନ୍ଦାବସ୍ଥା ନାହିଁ ସେଠାରେ ମଧ୍ୟ ମାନ୍ଦାବସ୍ଥା ଭଳି ସ୍ଥିତି ଉତ୍ପନ୍ନ ହୋଇପାରେ ବୋଲି ବିଶେଷଜ୍ଞମାନେ ମଧ୍ୟ ପୂର୍ବାନୁମାନ କରିଛନ୍ତି। ସୂଚନାଯୋଗ୍ୟ ଯେ ଏହା ପୂର୍ବରୁ ଆଇଏମଏଫ୍ ଗତବର୍ଷ ଅକ୍ଟୋବରରେ ୨୦୨୩ ଆର୍ଥିକ ବୃଦ୍ଧି କମିବା ନେଇ ଆକଳନ କରିଥିଲା। ଏହି ପରିପ୍ରେକ୍ଷୀରେ ଆଇଏମଏଫ୍ କହିଥିଲା ଯେ ବୈଶ୍ୱିକ ବୃଦ୍ଧି ହାର ୨୦୨୨ରେ ୩.୨% ରହିବ। ପରବର୍ତ୍ତୀ ସମୟରେ ଏହାର ପରିମାଣ ହ୍ରାସ ଘଟି ୨୦୨୩ରେ ପ୍ରାୟ ୨.୭% ହେବା ନେଇ ଆଇଏମଏଫ ପୂର୍ବ ଅନୁମାନ କରିଛି। ସେହିଭଳି ୨୦୨୧ ରେ ଏହା ପରିମାଣ ହାରାହାରି ୬% ରହିଥିଲା। ଏପରିକି ବୈଶ୍ୱିକ ଆର୍ଥିକ ସଙ୍କଟ ଏବଂ କୋଭିଡ-୧୯ ମହାମାରୀ ସମୟକୁ ବାଦ୍ ଦେଲେ ସ୍ଥିତି ନିୟନ୍ତ୍ରଣରେ ରହିଥିଲା। ବିଶେଷ କରି ୨୦୦୧ପରେ ଏହି ଆର୍ଥିକ ବୃଦ୍ଧି ସବୁଠୁ କମ୍ ବୋଲି ଆକଳନ କରାଯାଉଛି। ସେହିପରି ଆଗାମୀ ୩ ମାସ ଚାଇନା ପାଇଁ ବେଶ୍ କଠିନ ହେବ ଏବଂ ବୈଶ୍ୱିକ ବୃଦ୍ଧି ଉପରେ ତା’ର ନକାରାତ୍ମକ ପ୍ରଭାବ ପଡିବ ବୋଲି ଆଇଏମଏଫ୍ ଆଶଙ୍କା କରୁଛି।

# ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୨।୧

ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ସ୍ଥାନୀୟ ପରିସ୍ଥିତି ମଧ୍ୟରେ ଭାରତୀୟ ପୁଞ୍ଜି ବଜାର ବର୍ଷର ପ୍ରଥମ କାରବାରର ଫଳାଫଳ ଦଲାଲ ଷ୍ଟ୍ରିଟରେ ଉତ୍ସାହ ଭରି ଦେଇଛି। ବିଶେଷକରି କ୍ରମାଗତ ୩ୟ ଦିନ ଲାଗି ଷ୍ଟକ୍ ବଜାର କାରବାରରେ ବୃଦ୍ଧି ଦେଖାଦେଇଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ସୋମବାର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୩୨୭ (୩୨୭.୦୫) ପଏଣ୍ଟ ବଢି ୬୧,୧୬୮ (୬୧,୧୬୭.୭୯) ଅଙ୍କରେ ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୯୨ (୯୨.୧୫) ପଏଣ୍ଟ ବୃଦ୍ଧି ଘଟି ୧୮,୧୯୭ (୧୮,୧୯୭.୪୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ ନିକଟରେ ପ୍ରକାଶିତ ବିଭିନ୍ନ ନିଷ୍ପତ୍ତି ଓ ଦେଶର ଜିଏସଟି ସଂଗ୍ରହର ପ୍ରଭାବ ଶେୟାର ବଜାର ଉପରେ ପଡିଥିବା ବଜାର ବିଶେଷଜ୍ଞମାନେ ଆକଳନ କରୁଛନ୍ତି।

# ରେଲୱେ ବୋର୍ଡର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କଲେ ଅନିଲ

ନୂଆଦିଲ୍ଲୀ,୨।୧

ବରିଷ୍ଠ ରେଳ ପ୍ରଶାସନିକ ଅଧିକାରୀ ଅନିଲ କୁମାର ଲାହୋଟି ନିକଟରେ ଭାରତୀୟ ରେଲୱେ ବୋର୍ଡର ଚେୟାରମ୍ୟାନ (ଅଧ୍ୟକ୍ଷ) ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏପରିକି ତାଙ୍କ ନିଯୁକ୍ତି ସଂକ୍ରାନ୍ତୀୟ ସମସ୍ତ ନିଷ୍ପତ୍ତି କେନ୍ଦ୍ର କ୍ୟାବିନେଟ କମିଟି ଗ୍ରହଣ ସହ ପୂର୍ବରୁ ମଞ୍ଜୁର ଦେଇଥିବା ଜଣାପଡିଛି। ଏହା ପୂର୍ବରୁ ଲାହୋଟି ରେଲୱେ ବୋର୍ଡର (ଭିତ୍ତିଭୂମି) ସଦସ୍ୟ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ଉଲ୍ଲେଖଯୋଗ୍ୟ ଯେ ୧୯୮୪ ବ୍ୟାଚର ଭାରତୀୟ ରେଳ ଇଞ୍ଜିନିୟର୍ସ ସେବାରେ କୃତକାର୍ଯ୍ୟ ହୋଇ ସେ ରେଳପଥର ବିଭିନ୍ନ ଜୋନ ଓ ବହୁ ବିଭାଗର ବରିଷ୍ଠ ଅଧିକାରୀ ଭାବେ ଦୀର୍ଘ ଦିନ ଧରି କାର୍ଯ୍ୟ କରିବାର ଅଭିଜ୍ଞତା ସହ



ଅନିଲ କୁମାର ଲାହୋଟି

ଜଣେ ଦକ୍ଷ ଅଧିକାରୀ ଭାବେ ସବୁ ସ୍ତରରେ ପରିଚିତ ହୋଇପାରିଛନ୍ତି। ଏପରିକି ସେ ଗ୍ୱାଲିୟରସ୍ଥିତ ମାଧବ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ୍ ସାଇନ୍ସରୁ ସିଭିଲ ଇଞ୍ଜିନିୟରିଂରେ ବିଟେକ ଶେଷ ପରେ ରୁର୍କି ବିଶ୍ୱବିଦ୍ୟାଳୟ (ଆଇଆଇଟି ରୁର୍କି) ରୁ ସେ ଷ୍ଟ୍ରକଚର ଇଞ୍ଜିନିୟରିଂରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି।

# ୭୧% ବୃଦ୍ଧି ପାଇଛି ରେଲୱେ ଆୟ

ନୂଆଦିଲ୍ଲୀ,୨।୧

୨୦୨୨-୨୩ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ଦେଶରେ ଯାତ୍ରୀ ବିଭାଗରେ ସମୁଦାୟ ଆନୁମାନିକ ଆୟ ୪୮,୯୧୩ କୋଟି ଟଙ୍କା ହୋଇଅଛି। ଯାହାକି ରେଳବାଇ ଆୟରେ ୭୧% ବୃଦ୍ଧି ହୋଇଛି ଏବଂ ଗତବର୍ଷ ସମାନ ଅବଧିରେ ୨୮,୫୬୯ କୋଟି ଟଙ୍କା ହାସଲ କରିଛି ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ତେବେ ସଂରକ୍ଷିତ ହୋଇଥିବା ଯାତ୍ରୀ ବିଭାଗରେ ୧ ଏପ୍ରିଲରୁ ୩୧ ଡିସେମ୍ବର ୨୦୨୨ ମଧ୍ୟରେ ବୁକ୍ ହୋଇଥିବା ଯାତ୍ରୀମାନଙ୍କର ମୋଟ ଆନୁମାନିକ ସଂଖ୍ୟା ୫୯.୬୧ କୋଟି ହୋଇଅଛି। ଏପରିକି ଗତବର୍ଷ ସମାନ ଅବଧିରେ ୫୬.୦୫ କୋଟି ଟଙ୍କା ତୁଳନାରେ ୬% ବୃଦ୍ଧି ଘଟିଛି। ଉଲ୍ଲେଖଯୋଗ୍ୟ, ୧ ଏପ୍ରିଲରୁ ୩୧ ଡିସେମ୍ବର ୨୦୨୨ ମଧ୍ୟରେ ସଂରକ୍ଷିତ ଯାତ୍ରୀ ବିଭାଗରୁ ୩୮,୪୮୩ କୋଟି ଟଙ୍କା ରାଜସ୍ୱ ଆସିଅଛି। ଯାହାକି ଗତବର୍ଷ ସମାନ ଅବଧିରେ ୨୬,୪୦୦ କୋଟି ଟଙ୍କା ତୁଳନାରେ ୪୬% ବୃଦ୍ଧି ହୋଇଛି। ସେହିଭଳି ସଂରକ୍ଷିତ ଯାତ୍ରୀ ବିଭାଗରେ ୧ ଏପ୍ରିଲରୁ ୩୧ ଡିସେମ୍ବର ୨୦୨୨ ମଧ୍ୟରେ ବୁକ୍ ହୋଇଥିବା ଯାତ୍ରୀଙ୍କ ମୋଟ ଆନୁମାନିକ ସଂଖ୍ୟା ୪,୦୧୯୭ ଲକ୍ଷ ହୋଇଥିବା ବେଳେ, ଗତବର୍ଷ ସମାନ ଅବଧିରେ ୧୬୯୬୮ ଲକ୍ଷ ତୁଳନାରେ ୧୩୭% ଆୟ ବୃଦ୍ଧି ଘଟିଛି। ତେବେ ୧ ଏପ୍ରିଲରୁ ୩୧ ଡିସେମ୍ବର ମଧ୍ୟରେ ସଂରକ୍ଷିତ ଯାତ୍ରୀ ବିଭାଗରୁ ଉତ୍ପାଦିତ ଆୟ ୧୦,୪୩୦ କୋଟି ଟଙ୍କା, ଯାହାକି ଗତବର୍ଷ ସମାନ ଅବଧିରେ ୨୧୬୯ କୋଟି ଟଙ୍କା ତୁଳନାରେ ୩୮୧% ଆୟ ବୃଦ୍ଧି ହୋଇଛି ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ଟିପିସିଓଡିଏଲ୍‌ର ଦକ୍ଷତା ବିକାଶ କେନ୍ଦ୍ର ଉଦ୍‌ଘାଟିତ

କଟକ,୨।୧

ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ସୋମବାର ସ୍ଥାନୀୟ ବାଦାମବାଡ଼ିଠାରେ ଏକ ଅତ୍ୟାଧୁନିକ ଦକ୍ଷତା ବିକାଶ କେନ୍ଦ୍ରର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିପିସିଓଡିଏଲ୍‌ର ସିଇଓ ଏମ୍.ସେନ୍‌ବାଗମ୍, କଟକ ମେୟର ସୁବାସ ଚନ୍ଦ୍ର ସିଂହ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳଙ୍କ ସମେତ ଟିପିସିଓଡିଏଲ୍‌ର ବହୁ ବରିଷ୍ଠ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଶକ୍ତିମନ୍ତ୍ରୀ ପ୍ରତାପ ଦେବ କହିଛନ୍ତି,



ଟିପିସିଓଡିଏଲ୍‌ର ଦ୍ୱିତୀୟ ଦକ୍ଷତା ବିକାଶ କେନ୍ଦ୍ର ଟିପିସିଓଡିଏଲ୍‌ର କର୍ମଚାରୀମାନଙ୍କ ଦକ୍ଷତାକୁ ଆହୁରି ବଢ଼ାଇବାରେ ସହାୟକ ହେବ ଏବଂ ଯେକୌଣସି ପ୍ରକାର ସ୍ଥିତିର ମୁକାବିଲା କରିବା ଲାଗି ସେମାନଙ୍କୁ ପ୍ରସ୍ତୁତ କରିବ ବୋଲି ମନ୍ତ୍ରୀ ଦେବ ମତପ୍ରକାଶ କରିଛନ୍ତି। ସେହିଭଳି ଟିପିସିଓଡିଏଲ୍‌ର ସିଇଓ ଏମ୍ ସେନ୍‌ବାଗମ୍ କହିଛନ୍ତି, କର୍ମଚାରୀମାନଙ୍କ ଦକ୍ଷତାରେ ଉନ୍ନତି ଆଣିବା ନିମନ୍ତେ ଏକ ପ୍ଲାଟ୍‌ଫର୍ମ ପ୍ରଦାନ କରିବା ଲାଗି ଆମର ରହିଥିବା ପ୍ରତିବଦ୍ଧତା ପ୍ରତି ସ୍ୱୀକୃତି ସ୍ୱରୂପ ଆମର ଦ୍ୱିତୀୟ କେନ୍ଦ୍ରକୁ ଉଦ୍‌ଘାଟନ କରାଯାଇଛି।

# ଡିସେମ୍ବରରେ ‘ସ୍କୋଡା’ର ବିକ୍ରି ହାର ୪୮% ବୃଦ୍ଧି

ନୂଆଦିଲ୍ଲୀ,୨।୧

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ‘ସ୍କୋଡା ଅଟୋ ଇଣ୍ଡିଆ’ ପକ୍ଷରୁ ୨୦୨୨ ଡିସେମ୍ବରର ଗାଡ଼ି ବିକ୍ରି ସମ୍ପର୍କିତ ସୂଚନା ବିଷୟରେ ଘୋଷଣା କରାଯାଇଛି। ଏପରିକି ଗତ ବର୍ଷ ଡିସେମ୍ବରରେ ସ୍କୋଡା ଅଟୋ ମାସିକ ଭିତ୍ତିରେ ୪୭୮୮ ୟୁନିଟ୍ ଗାଡ଼ି ବିକ୍ରି ରେକର୍ଡ ହୋଇଛି। ହେଲେ ୨୦୨୧ ବର୍ଷର ସମାନ ଅବଧି ମଧ୍ୟରେ କମ୍ପାନୀ ମାତ୍ର ୩୨୩୪ ୟୁନିଟ୍ ଗାଡ଼ି ବିକ୍ରି କରିଥିଲା। ଫଳରେ ଏହି ପରିମାଣ ୨୦୨୧ ବର୍ଷ ଅପେକ୍ଷା ୨୦୨୨ ଡିସେମ୍ବରରେ ପ୍ରାୟ ୪୮% ବୃଦ୍ଧି କରିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିଭଳି ବାର୍ଷିକ ଭିତ୍ତିରେ ୨୦୨୧ ବର୍ଷ ତୁଳନାରେ ୨୦୨୨ ବର୍ଷର ବାର୍ଷିକ ବିକ୍ରି ଯଥେଷ୍ଟ ବୃଦ୍ଧି ଘଟିଥିବା ଜଣାପଡିଛି। ଏପରିକି ୨୦୨୨ ବର୍ଷରେ କମ୍ପାନୀ ୫୩,୭୨୧ ୟୁନିଟ୍ ଯାନ ବାର୍ଷିକ ହିସାବରେ ବିକ୍ରି କରିଥିବାବେଳେ ୨୦୨୧ବର୍ଷରେ ଉକ୍ତ ସଂଖ୍ୟା ୨୩,୮୫୮ ୟୁନିଟ୍‌ରେ ରହିଥିଲା। ବିଶେଷକରି ୨୦୨୧ ବର୍ଷର ବାର୍ଷିକ ବିକ୍ରି ତୁଳନାରେ ୨୦୨୨ବର୍ଷର ବାର୍ଷିକ ବିକ୍ରିର ହାର ହାରାହାରି ୧୨୫% ଅଭିବୃଦ୍ଧି କରିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ୍ ନିର୍ଦ୍ଦେଶକ ପିଟର ସୋଲ୍କ କହିଛନ୍ତି,ଏକ ଦଳ ଭାବେ ଆମର ଧ୍ୟାନ ୨୦୨୨କୁ ସଫଳତାର ସହ ଶେଷ କରିବା ସହ ଆମର ଅଭିଳାଷ ହାସଲ କରି ଆମେ ସମସ୍ତେ ଗର୍ବିତ ମନେ କରୁଛୁ। ଏପରିକି ୨୦୨୨ ଆମ ପାଇଁ ସର୍ବଦା ଏକ ଅବିସ୍ମରଣୀୟ ବର୍ଷ ଭାବେ ମନେ ରହିବ, ପୂର୍ବ ବର୍ଷ ତୁଳନାରେ ଆମେ ଆମର ବିକ୍ରିକୁ ଦ୍ୱିଗୁଣିତ କରିପାରିଥିଲୁ, ବିଶେଷ କରି ମାସିକ ଏବଂ ତ୍ରୈମାସିକ ବିକ୍ରୟ ରେକର୍ଡକୁ ମଧ୍ୟ ଛୁଇଁଥିଲୁ।

## ଫୁର୍‌ସତ୍

# ୯ ବର୍ଷ ପରେ ପୁନର୍ମିଳନ

ବେଙ୍ଗାଲୁରୁ

ନୂଆବର୍ଷରେ ହରିୟାଣାର କେହାର ସିଂଙ୍କୁ ମିଳିଛି ତାଙ୍କ ଜୀବନର ସବୁଠାରୁ ମୂଲ୍ୟବାନ ଉପହାର। ୯ ବର୍ଷ ପୂର୍ବେ ହଜିଯାଇଥିବା ଜୀବନସାଥୀ ଦର୍ଶନୀଙ୍କୁ ପାଇ କେହାରଙ୍କ ଖୁସି କହିଲେ ନ ସରେ। ତାଙ୍କ ପାଇଁ ଏତେବଡ଼ ଖୁସି ଆଣିବାରେ କର୍ଣ୍ଣାଟକର କୋଡାଗୁରେ ଥିବା ସେଲଟର ହୋମ୍ ‘ଥାନାଲ ହୋମ୍’ର ବଡ଼ ଭୂମିକା ରହିଛି।

କେହାରଙ୍କ ଘର ହରିୟାଣାର ରୋହତକରେ। ୨୦୧୩ରେ ଦର୍ଶନୀ ଘରୁ କୌଣସି ଆଡ଼େ ଚାଲିଯାଇଥିଲେ। କେହାର ଓ ତାଙ୍କ ପରିବାର ଲୋକେ ସ୍ତ୍ରୀ ଦର୍ଶନୀଙ୍କୁ ବହୁ ଖୋଜାଖୋଜି କରିଲେ ସୁଦ୍ଧା ପାଇ ନ ଥିଲେ। ହତାଶ ହୋଇ ପରବର୍ତ୍ତୀ ସମୟରେ କେହାର ଥାନାରେ ଦର୍ଶନୀଙ୍କ ନିଖୋଜ ନେଇ ଅଭିଯୋଗ କରିଥିଲେ। ୨୦୧୮ରେ କୁଶାଲନଗର ପୋଲିସର ଅନୁରୋଧ କ୍ରମେ ଏକ ଅଣସରକାରୀ ସଙ୍ଗଠନ (ଏନ୍‌ଜିଓ) ଦର୍ଶନୀଙ୍କୁ ଉଦ୍ଧାର କରିଥିଲା। ଦର୍ଶନୀ ଅର୍ଦ୍ଧଲଗ୍ନ ହୋଇ ରାସ୍ତାରେ ବୁଲୁଥିବାବେଳେ ଏନ୍‌ଜିଓ ତାଙ୍କୁ ଆଣି ମହମ୍ମଦ ମୁସ୍ତାଫାଙ୍କ ଦ୍ୱାରା ପରିଚାଳିତ ସେଲ୍‌ଟର ହୋମ୍‌ରେ ରଖିଥିଲେ। ଦର୍ଶନୀଙ୍କ ମାନସିକ ଅବସ୍ଥା





**ରାସ୍ତାରେ ଅର୍ଦ୍ଧଲଗ୍ନ ହୋଇ ବୁଲୁଥିବାବେଳେ ଏନ୍‌ଜିଓ କରିଥିବା ଉଦ୍ଧାର**

ବିଗିଡ଼ି ଯାଇଥିବାବେଳେ ସେ ଘରୁ ବାହାରି ଆସି ଏଣେତେଣେ ବୁଲି ବୁଲି କର୍ଣ୍ଣାଟକରେ ପହଞ୍ଚିଥିଲେ। ୨୦୧୩ରୁ ୨୦୧୭ ପର୍ଯ୍ୟନ୍ତ ଦର୍ଶନୀ କେଉଁଠାରେ ଥିଲେ ଓ କ’ଣ କରୁଥିଲେ ତାହା ତାଙ୍କର ସ୍ମରଣ ନାହିଁ। ସେଲଟର ହୋମ୍‌ରେ ରହିବା ପରେ ତାଙ୍କର କାଉନ୍‌ସେଲିଂ କରାଯାଇଥିଲା। ଧୀରେ ଧୀରେ ସେ ସୁସ୍ଥ ବି ହୋଇଥିଲେ। ଏହାପରେ ତାଙ୍କର ସ୍ୱାମୀ ଓ ପିଲାଙ୍କ କଥା ମନେପଡ଼ିଥିଲା। ୬ ମାସ ପୂର୍ବେ ଦର୍ଶନୀ ତାଙ୍କ ସ୍ୱାମୀ କେହାରଙ୍କ କଥା ମହମ୍ମଦଙ୍କୁ ଜଣାଇଥିଲେ। ତାଙ୍କୁ ଉଦ୍ଧାର କରିଥିବା ଏନ୍‌ଜିଓ କେହାରଙ୍କ ଠିକଣା ଖୋଜି ବାହାରକରି ତାଙ୍କ ସହ ଯୋଗାଯୋଗ କରିଥିଲେ। ଦର୍ଶନୀ ନିଖୋଜ ହେବା ପରେ କେହାର ତାଙ୍କୁ ଉତ୍ତର ପ୍ରଦେଶ, ଦିଲ୍ଲୀ ଏବଂ ପଞ୍ଜାବରେ ଖୋଜାଖୋଜି କରିଥିଲେ। ତେବେ ୯ ବର୍ଷ ପରେ ସ୍ତ୍ରୀଙ୍କୁ ପୁଣିଥରେ ପାଖରେ ପାଇ ସେ ଖୁସି ହେବା ସହ ମହମ୍ମଦଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଦୁହେଁ ଏକାଠି ହେବାପରେ ବେଙ୍ଗାଲୁରୁରୁ ଟ୍ରେନ୍ ଯୋଗେ ହରିୟାଣା ଫେରିଛନ୍ତି।

# ଫେବୃୟାରୀରେ ‘ଶକୁନ୍ତଲମ୍’

**ହାଇଦ୍ରାବାଦ:** ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁଙ୍କ ଫିଲ୍ମ ‘ଯଶୋଦା’ ପରେ ପ୍ରଶଂସକମାନେ ଉତ୍ସାହର ସହିତ ତାଙ୍କ ଅପ୍‌କମିଂ ଫିଲ୍ମ ‘ଶକୁନ୍ତଲମ୍’ର ଅପେକ୍ଷା କରିଛନ୍ତି। ଏହି ଫିଲ୍ମରେ ଅଭିନେତ୍ରୀ ଜଣେ ରାଜକୁମାରୀ ଭୂମିକାରେ ନଜରକୁ ଆସିବେ। ଏହା ଏକ ପୌରାଣିକ ଚଳଚ୍ଚିତ୍ର। ସୋମବାର ଫିଲ୍ମର ପୋଷ୍ଟର ସହ ରିଲିଜ ତାରିଖ ଘୋଷଣା ହୋଇଛି। ଫେବୃୟାରୀ ୧୭ରେ ସିନେମା ୱାର୍ଲ୍ଡୱାଇଡ୍ ମୁକ୍ତିଲାଭ କରିବ। ଏ ନେଇ ସାମନ୍ଥା ସୋସିଆଲ ମିଡିଆରେ ପୋଷ୍ଟ ଶେୟାର କରିଥିବାବେଳେ ଏହାର ପ୍ରମୋଶନ ଆରମ୍ଭ କରିଦେଇଛନ୍ତି। ଫିଲ୍ମଟି ତେଲୁଗୁ ଛଡ଼ା ତାମିଲ, କନ୍ନଡ, ମାଲାୟାଲମ, ହିନ୍ଦୀରେ ରିଲିଜ୍ ହେବ। ଥ୍ରୀଡିରେ ଦର୍ଶକ ଏହାର ମଜା ଉଠାଇ ପାରିବେ। ‘ଶକୁନ୍ତଲମ୍’ ୨୦୨୨ରେ ରିଲିଜ ହେବାକୁ ଥିବାବେଳେ ଥ୍ରୀଡି କାମ ବାକି ଥିବାରୁ ଏଥିରେ ବିଳମ୍ବ ହୋଇଥିଲା। କାଳିଦାସଙ୍କ ଲୋକପ୍ରିୟ ଭାରତୀୟ ନାଟକ ‘ଶକୁନ୍ତଳା’ ଉପରେ ଫିଲ୍ମଟି ଆଧାରିତ।



ସାମନ୍ଥା ରୁଥ ପ୍ରଭୁ

# ୮ ମାସରେ ୪୬ କେଜି କମିଲେ ଡିସିପି



ଜିତେନ୍ଦ୍ର ମଣି ତ୍ରିପାଠୀ (ପୂର୍ବ ଫଟୋ) (ବର୍ତ୍ତମାନର ଫଟୋ)

ନୂଆଦିଲ୍ଲୀ

ଦିଲ୍ଲୀ ମେଟ୍ରୋ ଡେପୁଟି କମିଶନର ଅଫ୍ ପୋଲିସ (ଡିସିପି) ଜିତେନ୍ଦ୍ର ମଣି ତ୍ରିପାଠୀଙ୍କ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହା ପଛର କାରଣ ହେଉଛି ତାଙ୍କ ଟ୍ରାନ୍ସଫରମେଶନ୍। ମାନେ ମାତ୍ର ୮ ମାସରେ ଡିସିପି ଜିତେନ୍ଦ୍ର ଶରୀରର ଓଜନ ୪୬ କେଜି କମାଇ ଦେଇଛନ୍ତି। ପୂର୍ବରୁ ତାଙ୍କ ଓଜନ ୧୩୦ କିଲୋଗ୍ରାମ ଥିବାବେଳେ ସେ ବହୁବିଧ ରୋଗରେ ଆକ୍ରାନ୍ତ ହୋଇଥିଲେ। ମଧୁମେହ, ରକ୍ତଚାପ ସାଙ୍ଗକୁ ଶରୀରରେ କୋଲେଷ୍ଟରଲ୍ ଲେବଲ୍ ଉଚ୍ଚରେ ଥିଲା। ଏଥିଲାଗି ତାଙ୍କୁ କୌଣସି କାମ କରିବାକୁ ଇଚ୍ଛା ହେଉ ନ ଥିବାବେଳେ ସେ ନିଜକୁ ଆକ୍ଟିଭ୍ ରଖିପାରୁ ନ ଥିଲେ। ଜିତେନ୍ଦ୍ରଙ୍କ ସକାଳ ଆରମ୍ଭ ହୁଏ ଲାଉ ସରବତରୁ। ରୁଟି, ଭାତ ବଦଳରେ ସେ ସୁପ୍, ସାଲାଡ୍ ଏବଂ ଫଳ ବହୁତ ମାତ୍ରାରେ ଖାଇବା ଆରମ୍ଭ କରିଥିଲେ। ସେ ଦହିକୁ ନିୟମିତ ଭାବେ ଗ୍ରହଣ କରୁଥିଲେ। ଦୈନିକ ୧୫,୦୦୦ ପାଦ ସେ ଚାଲୁଥିଲେ। ମନିଙ୍କ ଓଜନ ୮୪ କେଜି। ଓଜନ କମାଇରୁ ରକ୍ତଚାପ ନିୟନ୍ତ୍ରଣରେ ରହିବା ସହ ସେ ଏବେ ଫଟ୍ ଥିବା କହିଛନ୍ତି।

# ଚର୍ଚ୍ଚାରେ ଗୁଟ୍‌ଖା ଡାନ୍ସ



ନୂଆଦିଲ୍ଲୀ

ସୋସିଆଲ ମିଡିଆ ଯୁଗରେ ଏବେ କୌଣସି ଖବର ଲୋକଙ୍କ ଦୃଷ୍ଟିରୁ ଅଛପା ରହୁନାହିଁ। ଗୋଟିଏ ଛୋଟ ଖବର ହେଲେ ବି ନିମିଷକରେ ତାହା ଚାରିଆଡ଼େ ପ୍ରଘଟ ହୋଇଯାଉଛି। ବର୍ତ୍ତମାନ ସମୟରେ ସୋସିଆଲ ମିଡିଆର ଚର୍ଚ୍ଚା ପାଲଟିଛି ଗୁଟ୍‌ଖା ଡାନ୍ସ। ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ପଢ଼ିଲାବେଳକୁ ଅଜବ ଲାଗିଲେ ମଧ୍ୟ ଯେ କେହି ଏହି ଭିଡିଓକୁ ଦେଖିଲେ ଡାନ୍ସର ସତ କ’ଣ ତାହା ଜାଣିପାରିବେ। ଭାଇରାଲ ହେଉଥିବା ଭିଡିଓରେ ଜଣେ ଯୁବକ ହାତରେ ଗୁଟ୍‌ଖା ଧରି ନାଚୁଥିବାର ଦେଖିବାକୁ ମିଳିଛି। ଲୋକେ ଯେଉଁ ଭାବେ ଗୁଟ୍‌ଖା ପୁଡ଼ିଆକୁ ଚିରି ଖାଆନ୍ତି। ତାହାକୁ ଏହି ଯୁବକ ନୃତ୍ୟ ମାଧ୍ୟମରେ ପରିବେଷଣ କରିଛନ୍ତି। ଭିଡିଓକୁ ସୋସିଆଲ ମିଡିଆ ୟୁଜର୍ସ ଖୁବ୍ ପସନ୍ଦ କରିଛନ୍ତି।

# ୩ ପୋଲିସ କର୍ମଚାରୀ ନିଲମ୍ବିତ

## ଥାନା ପରିସରରୁ ହତ୍ୟା ଅଭିଯୁକ୍ତ ଚମ୍ପଟ ମାମଲା

ରାୟଗଡ଼ା,୨।୧(ସ୍ୱ.ପ୍ର.)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ଥାନା ପରିସରରୁ ହତ୍ୟା ଅଭିଯୁକ୍ତ ଚମ୍ପଟ ଘଟଣାରେ ୩ ପୋଲିସ କର୍ମଚାରୀ ନିଲମ୍ବିତ ହୋଇଛନ୍ତି। ଏଏସ୍ଆଇ ମନୋଜ ମଲ୍ଲିକ, କନଷ୍ଟେବଲ ରାଙ୍ଗାରାଓ ମାଣ୍ଡାଙ୍ଗି ଓ ଡମ୍ବରୁ ପିଡିପାକାଙ୍କୁ ରୟଗଡ଼ା ଏସ୍ପି ବିବେକାନନ୍ଦ ଶର୍ମା ନିଲମ୍ବନ କରିଛନ୍ତି।

ସୂଚନାଯୋଗ୍ୟ, କଲ୍ୟାଣସିଂହପୁର ଥାନା ଅନ୍ତର୍ଗତ ନିୟମଗିରି ପାହାଡ଼ ଉପରେ ଥିବା ଲାମ୍ବା ଗ୍ରାମର ଡମ୍ବୁ ୨୮ ତାରିଖରେ ଜମି ଭାଗବଣ୍ଟା ଓ ଡଙ୍ଗର ପୂଜାକୁ କେନ୍ଦ୍ରକରି ସାନଭାଇ ମିନ୍ଦୁରୁ ପୁଷିକାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଦୁର୍ଗମ ଅଞ୍ଚଳ ହୋଇଥିବାରୁ ପୋଲିସ ବିଳମ୍ବରେ ଖବର ପାଇ ୨୯ରେ ଗାଁକୁ ଯାଇ ମୃତଦେହ ଜବତ କରିବା ସହ ଡମ୍ବୁଙ୍କୁ ଧରି ଥାନାକୁ ଆଣିଥିଲା। ହେଲେ ୩ ପୋଲିସ କର୍ମଚାରୀଙ୍କ କର୍ତ୍ତବ୍ୟରେ ଅବହେଳା ଯୋଗୁ ୩୦ ତାରିଖ ସକାଳେ ଅଭିଯୁକ୍ତ ଥାନା ପରିସରରୁ ଚମ୍ପଟ ମାରିଥିଲେ। ଶୌଚ ଯିବା ବାହାନାରେ ଡମ୍ବୁ ଥାନାରୁ ବାହାରକୁ ଆସି ଫେରାର ହୋଇଥିଲେ। ଦୁଇଟି ଟିମ୍ ଗଠନ କରି ପୋଲିସ ଅନୁସନ୍ଧାନ ଚଳାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ସନ୍ଧାନ ମିଳିପାରି ନାହିଁ।







# ଗାଁ ମୁଖିଆଙ୍କୁ ହତ୍ୟା କଲେ ମାଓବାଦୀ

ମାଲକାନଗିରି,୨।୧(ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ପୁଣି ମାଓବାଦୀଙ୍କ ବର୍ବରତା ଦେଖିବାକୁ ମିଳିଛି। ପୋଲିସ ଇନ୍ଫର୍ମର ସନ୍ଦେହରେ ସୀମାନ୍ତ ତରେମା ଗ୍ରାମ ମୁଖିଆ ସୟ ତାତିଙ୍କୁ ରବିବାର ରାତିରେ ହତ୍ୟା କରାଯାଇଛି।

ସୂଚନା ଅନୁଯାୟୀ, ରାତିରେ ପ୍ରାୟ ୧୦ ସଶସ୍ତ୍ର ମାଓବାଦୀ ସୟଙ୍କୁ ଉଠାଇ ନେଇ ହତ୍ୟା କରିଛନ୍ତି। ସକାଳେ ଟେଗଲାପାଲ୍ଲୀ ଜଙ୍ଗଲରେ ସଞ୍ଜୟଙ୍କ ମୃତଦେହ ପଡ଼ିଥିବା ଗ୍ରାମବାସୀ ଦେଖି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଟେଗଲାପାଲ୍ଲୀ ଜଙ୍ଗଲରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି।































































# ପିଲାଙ୍କ ଉତ୍ତମ କ୍ୟାରିୟର ପାଇଁ





''ପିଲାର ଭବିଷ୍ୟତ ବିଷୟରେ ମା'ବାପା ଚିନ୍ତା କରିବା କିଛି ଭୁଲ୍ ନୁହେଁ । ପିଲାର କେଉଁଠି ଦୋଷତ୍ରୁଟି ରହୁଛି ତାହା ଜାଣିବା ସହ ସେଗୁଡ଼ିକୁ ସୁଧାରିବାକୁ ଚେଷ୍ଟା କରନ୍ତୁ। ତାକୁ ସବୁବେଳେ ଚାପମୁକ୍ତ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ସେ ନିଜ କ୍ୟାରିୟରକୁ ସୁରୁଖୁରୁରେ ଆଗେଇ ନେଇପାରିବ ।''

ପିଲାଟି ଜନ୍ମଦେବା ପରେ ତା'ର ମା'ବାପା ତାକୁ ନେଇ ଅନେକ ସ୍ୱପ୍ନ ଦେଖନ୍ତି। ପିଲାଟି ପାଠ ପଢ଼ିବ, ନିଜ କ୍ୟାରିୟର ଗଢ଼ିବ। ହେଲେ ପିଲାଟି ଦିନରୁ ତାହାର ଲାଳନପାଳନ ଦାୟିତ୍ୱ ସହ ତା' ହାତ ଧରି ବାଟ କଢ଼ାଇ ନେବାରେ ମା–ବାପାଙ୍କର ପ୍ରମୁଖ ଭୂମିକା ରହିଛି। କେବଳ ପାଠପଢ଼ା ନୁହେଁ, ପିଲାଟିର ଆଉ କେଉଁ ବିଷୟ, ଯଥା– ଖେଳକୁଦ, ନୃତ୍ୟ, ଗୀତ ଗାଇବା ଆଦି ପ୍ରତି ଲକ୍ଷ୍ୟ ଦେବା ଜରୁରୀ। ତେଣୁ ନିଜ ପିଲାର ଉତ୍ତମ କ୍ୟାରିୟର ପାଇଁ ମା' ବାପା କେତୋଟି ବିଷୟ ପ୍ରତି ନଜର ଦେବା ନିହାତି ଦରକାର। ସେ ସମ୍ପର୍କରେ ଟିପ୍ସ...

**ପିଲାକୁ ଚାପମୁକ୍ତ ରଖନ୍ତୁ:** କେତେକ ମା'–ବାପା ପିଲାଟିକୁ ନେଇ ଅନେକ ସ୍ୱପ୍ନ ଦେଖନ୍ତି। ହେଲେ ପିଲା ଏ ବିଷୟରେ କିଛି ଅବଗତ ନ ଥାଏ। ଆମ ପିଲା କିପରି କ୍ଲାସ୍‌ରେ ଫାଷ୍ଟ ହେବ, ସବୁ କ୍ଷେତ୍ରରେ ସଫଳତା ଅର୍ଜନ କରିବ ଏ ନେଇ ସେମାନେ ଭାବିବା ଆରମ୍ଭ କରିଦିଅନ୍ତି। ପିଲାର ଭବିଷ୍ୟତ ବିଷୟରେ ମା'–ବାପା ଚିନ୍ତା କରିବା କିଛି ଭୁଲ୍ ନୁହେଁ। ହେଲେ ଭବିଷ୍ୟତରେ ତାହା ଯେମିତି ପିଲା ପାଇଁ ବୋଝ ହୋଇ ନ ଯାଏ ସେ ଦିଗ ପ୍ରତି



ଦୃଷ୍ଟି ଦିଅନ୍ତୁ। ପିଲାର ପାଠପଢ଼ା ପ୍ରତି ଅବଗତ ରୁହନ୍ତୁ। ସେଥିରେ କେଉଁଠି ତାହାର ଦୋଷତ୍ରୁଟି ରହୁଛି ତାହା ଜାଣିବା ସହ ସେଗୁଡ଼ିକୁ ସୁଧାରିବାକୁ ଚେଷ୍ଟା କରନ୍ତୁ। ତାକୁ ଏଭଳି ପରିବେଶରେ ପାଠ ପଢ଼ାନ୍ତୁ ନାହିଁ, ଯେପରି ସେ ପାଠକୁ ଏକ ବୋଝ ବୋଲି ଅନୁଭବ କରିବ। ତାକୁ ସବୁବେଳେ ଚାପମୁକ୍ତ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ସେ ନିଜ କ୍ୟାରିୟରକୁ ସୁରୁଖୁରୁରେ ଆଗେଇ ନେଇପାରିବ।

**ନକାରାତ୍ମକ ଚିନ୍ତାଧାରା ସୃଷ୍ଟି କରନ୍ତୁ ନାହିଁ:** ଆପଣଙ୍କ ପିଲା ଯଦି କୌଣସି ବିଷୟରେ ଖରାପ ରେଜଲ୍ଟ କରିଛି ତେବେ ତାହାକୁ ଅଧିକ ବିଶ୍ଳେଷଣ କରିବା ଅପେକ୍ଷା ତାହାର ଦୋଷତ୍ରୁଟିକୁ ଲକ୍ଷ୍ୟକରି ତାହାର ସମାଧାନ କରିବାକୁ ଚେଷ୍ଟା କରନ୍ତୁ। ଏ ନେଇ ଯେପରି ପିଲାଟି ମନରେ ନକାରାତ୍ମକ ଭାବନା ସୃଷ୍ଟି ନ ହୁଏ ସେ ଦିଗ ପ୍ରତି ଦୃଷ୍ଟି ଦିଅନ୍ତୁ। ତାକୁ ଥଣ୍ଡା ମିଜାଜ୍‌ରେ ସବୁକଥା ବୁଝାନ୍ତୁ। ଛୋଟ ବେଳୁ ତାହାର ରେଜଲ୍ଟକୁ ନେଇ ଅଧିକ ଚିନ୍ତା କରନ୍ତୁ ନାହିଁ। ପିଲାଟି କିପରି ପାଠପଢ଼ା ପ୍ରତି ଅଧିକ ଧ୍ୟାନ ଦେବ ସେଥିପ୍ରତି ଚେଷ୍ଟା କରନ୍ତୁ।

**ପିଲାର ମନ କଥା ବୁଝନ୍ତୁ:** ଛୋଟ ବେଳେ ପିଲାଟି କିପରି ପଢ଼ିବ ସେ ନେଇ ମା'–ବାପା ବେଶ୍ ଯତ୍ନବାନ ଥାଆନ୍ତି। ଆଜିକାଲିର ହାଇଟେକ୍ ଯୁଗରେ ପାଠପଢ଼ା ଅପ୍‌ସନ ଅନେକ ରହିଛି। ତେଣୁ ବଡ଼ ହେଲେ ପିଲା କାହାକୁ ନେଇ ନିଜ କ୍ୟାରିୟରକୁ ଆଗକୁ ଅଗେଇ ନେବ ସେଥିପାଇଁ ସେ ବେଳେବେଳେ ଦ୍ୱନ୍ଦ୍ୱରେ ପଡ଼ିଥାଏ। ଏହି ସମୟରେ ପିଲା ସହ ମା'–ବାପା ଆଲୋଚନା କରିବା ନିହାତି ଜରୁରୀ। ତେଣୁ ପିଲାଟି ଭବିଷ୍ୟତରେ କେଉଁ ପାଠ ପଢ଼ିଲେ ତାହାକୁ ଆଧାର କରି ସେ ନିଜ କ୍ୟାରିୟର କରିବ ସେ ନେଇ ତା' ସହ ଆଲୋଚନା କରନ୍ତୁ। ଯଦି ଆପଣ ପିଲାର ଭବିଷ୍ୟତ ବିଷୟରେ କିଛି ଚିନ୍ତା କରିଛନ୍ତି ତେବେ ତାହାକୁ ଭଲ ଭାବରେ ବୁଝାନ୍ତୁ।



**ଅନ୍ୟର ପ୍ରତିଯୋଗୀ କରାଇବା ଠିକ୍ ନୁହେଁ:** ଆଜିକାଲି ଅନେକ ମା'–ବାପା ପିଲାଟିକୁ ଅନ୍ୟ ପିଲା ସହ ତୁଳନା କରିଥାଆନ୍ତି। ହେଲେ ଏଭଳି ମନୋଭାବ ଆଦୌ ଠିକ୍ ନୁହେଁ। କାରଣ ପିଲାଟି କିପରି ପାଠ ପଢ଼ୁଛି ସେହି ଅନୁସାରେ ସେ ରେଜଲ୍ଟ କରିଥାଏ। ଅନ୍ୟ ପିଲାଟି ଯିଏ ମନଧ୍ୟାନ ସହ ପାଠ ପଢ଼ୁଛି ଏବଂ ପରୀକ୍ଷା ସମୟରେ ଠିକ୍ ଉତ୍ତର ଲେଖି ଭଲ ମାର୍କ ରଖିଛି ତାହା ସହ ନିଜ ପିଲାକୁ ତୁଳନା କରନ୍ତୁ ନାହିଁ। ଏହି ସମୟରେ ଯଦି ଆପଣଙ୍କ ପିଲାର କିଛି ଦୋଷତ୍ରୁଟି ରହିଛି ତାହାକୁ ସୁଧାରିବାକୁ ଚେଷ୍ଟା କରନ୍ତୁ। ସେ ପିଲା ଏମିତି ପଢ଼ୁଛି, ସେ କ୍ଲାସ୍‌ରେ ୯୫ % ରଖୁଛି, ତୁ ସେତିକି ରଖ। ଏଭଳି ଭାବନା ମନରେ ସୃଷ୍ଟି ହେଲେ ପିଲାଟି ଶାନ୍ତ ମନରେ ପାଠ ପଢ଼ିପାରିବ ନାହିଁ। କାହା ସହ ତୁଳନା କଲେ ସେ ଭାବିବ ଯେ, ଆରେ, ମୁଁ କ'ଣ ଏତେ ମାର୍କ ରଖିପାରିବି? ଧୀରେ ଧୀରେ ଏଭଳି ଚିନ୍ତାଧାରା ତା' ପାଠପଢ଼ାକୁ ପ୍ରଭାବିତ କରିବ। ଆଜିକାଲି ତ ପାଠପଢ଼ା ପ୍ରତିଦ୍ୱନ୍ଦ୍ୱିତାମୂଳ ହୋଇଗଲାଣି। ହେଲେ ତାହା ସହ ତୁଳନା କରି ଯଦି ଆମେ ପିଲାଟିକୁ ସେହି ଭଳି ପାଠ ପଢ଼ିବାକୁ ବାଧ୍ୟ କରିବା ତେବେ ସେ ଏହାକୁ ଏକ ବୋଝ ବୋଲି ଭାବିବ। ତାହାର ପାଠପଢ଼ା ଶୈଳୀକୁ ତନ୍ନ ତନ୍ନ କରି ତର୍ଜମା କରନ୍ତୁ। ଯଦି କେଉଁଠି ଦୋଷ ତ୍ରୁଟି ରହୁଛି ତାହାକୁ ସୁଧାରି ନିଅନ୍ତୁ। ଏହାଦ୍ୱାରା ସେ ପାଠକୁ ନେଇ ସୁରୁଖୁରୁରେ ଆଗେଇପାରିବ।

**ପିଲାର ମାନସିକତାକୁ ଗୁରୁତ୍ୱ ଦିଅନ୍ତୁ:** ପିଲାଟି ପାଠ ପଢ଼ିବା ସମୟରେ ତାହାର ମାନସିକତା କିପରି ରହୁଛି ତାହାକୁ ଭଲ ଭାବରେ ଲକ୍ଷ୍ୟ କରନ୍ତୁ। ପାଠ ପଢ଼ିବା ସମୟରେ ସେହି ପରିବେଶ ଯେମିତି ପ୍ରଭାବିତ ନ ହୁଏ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ଆଜିକାଲି ଅନେକ ପିଲା ପାଠପଢ଼ା ପାଇଁ ମୋବାଇଲ ବ୍ୟବହାର କରୁଛନ୍ତି। ହେଲେ ଏହାର ବ୍ୟବହାର ଯେତେ ସୀମିତ ହେବ ସେତେ ଭଲ। କାରଣ ଏବେ ତ ଅଫ୍‌ଲାଇନ ପାଠପଢ଼ା ଚାଲିଛି। ତେଣୁ ସ୍କୁଲରେ ଯାହା ପଢ଼ା ହେଉଛି ତାହାକୁ ସେ ପ୍ରତିଦିନ ଘରେ ପଢ଼ୁଛି କି ନାହିଁ ତାହା ଲକ୍ଷ୍ୟ କରନ୍ତୁ। ସେହି ଅନୁସାରେ ରୁଟିନ ପ୍ରସ୍ତୁତ କରନ୍ତୁ ଏବଂ ତାହାକୁ ସେ ଅନୁସରଣ କରୁଛି କି ନାହିଁ ତାହା ଫଲୋ କରନ୍ତୁ।

**ମନ କଥା କହିବାର ସୁଯୋଗ ଦିଅନ୍ତୁ:** ବେଳେବେଳେ ଅନେକ ପିଲା ଭୟରେ ନିଜ ମନ କଥା ମା'–ବାପାଙ୍କୁ କହିପାରି ନ ଥାନ୍ତି। ପିଲା ନିଜ କ୍ୟାରିୟରକୁ ନେଇ କ'ଣ ଚିନ୍ତା କରିଛି ତା' ସହ ଆଲୋଚନା କରନ୍ତୁ। ଯଦି ତା' ଭାବନା ପ୍ରତି ଆପଣଙ୍କର ସହମତି ରହିଛି ତେବେ ସେ ବିଷୟରେ ଭଲ ଭାବରେ ଆଲୋଚନା କରନ୍ତୁ। ଯଦି ତାକୁ ନେଇ ଆପଣ ଆଉ କିଛି ନୂଆ ଯୋଜନା ପ୍ରସ୍ତୁତ କରିଛନ୍ତି ତେବେ ତାହାକୁ ରୂପରେଖ ଦେବା ପୂର୍ବରୁ ପିଲା ସହ ଆଲୋଚନା କରନ୍ତୁ।

### ଏମାନେ କଣ କୁହନ୍ତି



**କୌଣସି ଜିନିଷ ବାଧ୍ୟବାଧକତାରେ ହୁଏ ନାହିଁ :** ସୁଜାତା ପଟ୍ଟନାୟକ(ଜୋବ୍ରା, ନୂଆସାହି, କଟକ)
ପିଲାକୁ ଖେଳ ମାଧ୍ୟମରେ ପାଠ ପଢ଼ାଏ। କାରଣ ପିଲାମାନେ କରୋନାଠାରୁ ଟିକେ ଚଗଲା ହୋଇଯାଇଛନ୍ତି। ପିଲାକୁ ପାଠପଢ଼ାରେ କିପରି ସହଜରେ ବାନ୍ଧି ରଖି ହେବ ସେଥିପାଇଁ ଅନେକ କଥାକୁ ଗୁରୁତ୍ୱ ଦିଏ। ତାଙ୍କ ଭବିଷ୍ୟତ ପାଇଁ ସେମାନେ ଯେଉଁ ଲାଇନ୍ ଚଏସ୍ କରିବେ ତାଙ୍କୁ ସେଇ ଲାଇନ୍‌ରେ ଦେଇଦେଲେ ଭଲ। କାରଣ କୌଣସି ଜିନିଷ ବାଧ୍ୟବାଧକତାରେ ହୁଏ ନାହିଁ।



**ପିଲାର ରୁଚି ଯେଉଁଥିରେ ଅଛି ତାକୁ ସେ ଦିଗରେ ପ୍ରୋତ୍ସାହିତ କରନ୍ତୁ: ରୀତା ସାବତ** (ପଟିଆ, ଭୁବନେଶ୍ୱର)
ମୋ ମତରେ ପିଲାକୁ ଜୋର୍ ଜବରଦସ୍ତ ନ କରି ତାକୁ ଗେହ୍ଲେଇ କଥା ମାଧ୍ୟମରେ ପାଠ ପଢ଼ାଇଲେ ଭଲ। ପିଲା ମୋର ଛୋଟ, ଏଥିପାଇଁ ତାକୁ କୌଣସି ଜିନିଷରେ ପ୍ରେସର ଦିଏନି। ସେ କ'ଣ ସ୍କୁଲରେ ପଢ଼ୁଛି କିମ୍ବା ଟ୍ୟୁଶନରେ ତାହା ମୁଁ ଖାଲି ନଜର ଦିଏ। ପାଠପଢ଼ା ବ୍ୟତୀତ ପିଲା ଯଦି ଅନ୍ୟ କେଉଁଥିରେ ରୁଚି ରଖୁଛି ସେଥିରେ ତାକୁ ପ୍ରୋତ୍ସାହିତ କରନ୍ତୁ। ଏପରି କରିବା ଦ୍ୱାରା ପିଲା ତା' ଭବିଷ୍ୟତ ଭଲଭାବେ ଗଢ଼ିପାରିବ।

ଫ୍ୟାଶନ

# ମ୍ୟାରେଜ ପାର୍ଟିରେ ଦେଖାଯିବେ ଷ୍ଟାଇଲିଶ୍

ଏବେ ବାହାଘର ସିଜନ ଆରମ୍ଭ ହୋଇଯାଇଛି। ଏହି ସିଜନରେ ମହିଳାଙ୍କ ପାଇଁ ଷ୍ଟାଇଲିଶ୍ ଆଉଟ୍‌ଫିଟ୍ ଚୟନ କରିବା ବହୁତ ବଡ଼ ସମସ୍ୟା ହୋଇଥାଏ। ଯଦି ଆପଣ ଠିକ୍‌ଭାବରେ ଆଉଟ୍‌ଫିଟ୍‌କୁ କ୍ୟାରି କରିପାରିବା ଜାଣିଛନ୍ତି ତେବେ ଏହି କାମ ଆପଣଙ୍କ ପାଇଁ ଅଧିକ କଷ୍ଟଦାୟକ ହେବନାହିଁ। ବିବାହ ପାର୍ଟିରେ ଅଧିକାଂଶ ମହିଳା ଶାଢ଼ି ପିନ୍ଧିବାକୁ ପସନ୍ଦ କରନ୍ତି। ଶାଢ଼ିକୁ ଆପଣ ସବୁ ପାର୍ଟିରେ ପିନ୍ଧିବା ସହ ସୁନ୍ଦର ମଧ୍ୟ ଦେଖାଯିବେ। ଯଦି ଆପଣ ଏହିଦିନରେ ଶାଢ଼ିକୁ ଷ୍ଟାଇଲିଶ୍ କରିବାକୁ ଚାହୁଁଛନ୍ତି, ତେବେ ଲଙ୍ଗ ପାର୍ଟି ପାଇଁ ତେବେ ଆପଣ ଶାଢ଼ି ସହ ଶ୍ରଗ୍ ମଧ୍ୟ କ୍ୟାରି କରିପାରିବେ। ଏଥିପାଇଁ ଆପଣ ଯଦି ପ୍ଲେନ୍ ଶାଢ଼ି ପିନ୍ଧୁଛନ୍ତି ସେଥିରେ ଆପଣ ପ୍ରିଣ୍ଟ ଶ୍ରଗ୍ ପିନ୍ଧିବେ ନଚେତ୍ ଯଦି ଆପଣ ପ୍ରିଣ୍ଟେଡ୍ ଶାଢ଼ି ସହ ଆପଣ ପ୍ଲେନ୍ ଶ୍ରଗ୍ ମଧ୍ୟ ପିନ୍ଧିପାରିବେ।

➤ଆଜିକାଲି ହାଇନେକ୍ ବ୍ଲାଉଜ୍‌ର ଟ୍ରେଣ୍ଡ ଚାଲିଛି; ଯାହା ଦେଖିବାକୁ ଷ୍ଟାଇଲିଶ୍ ଲାଗିଥାଏ। ନିଜ ଶାଢ଼ିକୁ ସୁପର ଷ୍ଟାଇଲିଶ୍ ମଡର୍ନ ଲୁକ୍ ଦେବାକୁ ଚାହୁଁଥିଲେ ତେବେ ଆପଣ ମ୍ୟାଚିଂ କିମ୍ବା କଣ୍ଟ୍ରାଷ୍ଟ ହାଇନେକ୍ ବ୍ଲାଉଜ୍ କ୍ୟାରି କରି ପିନ୍ଧିପାରିବେ।



କୋର୍ଟ ସହିତ ଶାଢ଼ି ମଧ୍ୟ ପିନ୍ଧିପାରିବେ। ଏହା ଆପଣଙ୍କୁ କ୍ଲାସିକ୍ ଲୁକ୍ ଦେବ। ଏହା ଦେଖିବାକୁ ବହୁତ ସୁନ୍ଦର ଲାଗିଥାଏ। ଏଥିପାଇଁ ଆପଣଙ୍କୁ ସିମ୍ପୁଲ ଉପାୟରେ ଶାଢ଼ି ପିନ୍ଧି ଉପରେ ଲଙ୍ଗ୍ କୋର୍ଟ କ୍ୟାରି କରିପାରିବେ।

➤ଯଦି ଆପଣ ଶାଢ଼ି ପିନ୍ଧୁଛନ୍ତି କୌଣସି ପାର୍ଟିରେ ଆପଣ ଅଧିକ ଆଟ୍ରାକ୍ଟିଭ୍ ଦେଖାଯିବାକୁ ହେଲେ ଗୋଲଡେନ୍ ଗ୍ଲିଟରି ବ୍ଲାଉଜ୍ ପିନ୍ଧି ପାରିବେ।

➤ହାଇ ରାଉଣ୍ଡ ନେକ୍ ବ୍ଲାଉଜ୍‌କୁ ଆପଣ ଶାଢ଼ି ସହ ପିନ୍ଧିଲେ ଅଧିକ ଷ୍ଟାଇଲିଶ୍ ଦେଖାଯିବେ।

# ସକ୍‌ସେସ୍ ଡେଡ୍‌ଲାଇନ

କୌଣସି ବି ଫିଲ୍ଡରେ ସକ୍‌ସେସ୍ ପାଇବାକୁ ହେଲେ ହାର୍ଡୱାର୍କ ଓ ଡେଡିକେଶନର ଆବଶ୍ୟକତା ରହିଛି। ଆପଣ ଏକ ଡେଡ୍‌ଲାଇନ ନିର୍ଣ୍ଣୟ କରନ୍ତୁ ଯାହାଦ୍ୱାରା ସଫଳତା ପାଇବା ଆହୁରି ସହଜ ହୋଇଯିବ। ପ୍ରଫେସନାଲ ଲାଇଫ୍‌ରେ ନୁହେଁ ପର୍ସନାଲ ଲାଇଫ୍‌ରେ ବି ଡେଡ୍‌ଲାଇନ କରିବା ଦ୍ୱାରା ଆପଣ ନିରନ୍ତର ସକ୍‌ସେସ୍ ପାଇବା ସହ ଅଧିକ ମୋଟିଭେଟ୍ ହୋଇପାରିବେ। ସକ୍‌ସେସ୍ ପାଇବା ପାଇଁ ଡେଡ୍‌ଲାଇନ ବିଷୟରେ ଜାଣିବା ନିହାତି ଜରୁରୀ। ସଫଳତା ପାଇବାକୁ ହେଲେ 'ଡେଡ୍‌ଲାଇନ' ରହିବା ନିହାତି ଜରୁରୀ। ଏହା ବିନା ସବୁ ସ୍ୱପ୍ନ। ସମୟର ମହତ୍ତ୍ୱ ବିଷୟରେ କବିର ଦାସ କହିଛନ୍ତି, କାଲି ଯାହା କରିବ ବୋଲି ଭାବୁଛ ତାକୁ ଆଜି କର,



ଆଜି କରିବ ବୋଲି ଯାହା ଭାବୁଛ ତାକୁ ଏବେ କର। ବାସ୍ତବରେ ଆମର ସବୁ ସଫଳତାରେ ସବୁଠାରୁ ମୁଖ୍ୟ ଭୂମିକା ସମୟର ଅଛି। ସତକଥା କହିବାକୁ ଗଲେ ବିତିଯାଇଥିବା ସମୟ କେବେ ଫେରିପାରିବ ନାହିଁ। କିନ୍ତୁ ଅଧିକାଂଶ ବ୍ୟକ୍ତି ସମୟକୁ ଅଣଦେଖା କରିଥାନ୍ତି। ସମୟ ହେଉଛି ଆମ ଜୀବନର ମୁଖ୍ୟ ଅଂଶ। ଏଥିପାଇଁ ଯେତେବେଳେ କୌଣସି ଟାର୍ଗେଟ୍ ସେଟ୍ କରୁଛନ୍ତି ତେବେ ତାହାର ଡେଡ୍‌ଲାଇନ୍ ନିର୍ଦ୍ଧାରଣ କରନ୍ତୁ। କାରଣ କୌଣସି କାମର ଏକ ନିଶ୍ଚିତ ସମୟ ରହିଛି।

ଖାଦ୍ୟରୁଚି

# କ୍ରିସ୍ପି ବ୍ରେଡ୍ ବରା

**ଆବଶ୍ୟକ ସାମଗ୍ରୀ:** ୫ଟି ବ୍ରେଡ୍ କ୍ରମ୍ବ। ୧ରୁ ୩ କପ୍ କଟା ହୋଇଥିବା ପିଆଜ, ଛୋଟ ଆକାରରେ କଟାହୋଇଥିବା ଅଦା, କଟାହୋଇଥିବା ୨ଟି କଞ୍ଚାଲଙ୍କା, କଟାହୋଇଥିବା ଧନିଆପତ୍ର ୨ଚାମଚ, ଅଳ୍ପ ମାତ୍ରାରେ ଭୃସୁଙ୍ଗ ପତ୍ର, ଅଳ୍ପ ମାତ୍ରାରେ ହେଙ୍ଗୁ, ଗୋଲମରିଚ ପାଉଡର ଓ ଜିରା, ଅଧା ଚାମଚ ହଳଦୀ ପାଉଡର, ଏକ କପ୍ ତାଜା ଦହି, ୩ଚାମଚ ଚାଉଳଗୁଣ୍ଡ, ୨ ଚାମଚ ସୁଜି, ସ୍ୱାଦ ଅନୁସାରେ ଲୁଣ ଓ ଛାଣିବା ପାଇଁ ଆବଶ୍ୟକ ତେଲ।

**ପ୍ରସ୍ତୁତି ପ୍ରଣାଳୀ:** ତେଲକୁ ଛାଡ଼ି ସବୁ ସାମଗ୍ରୀକୁ ଭଲଭାବେ ମିଶାଇ ଦିଅନ୍ତୁ। ଏହା ଭଲଭାବେ ମିଶିଲା ପରେ ତାକୁ ନେଇ ଗୋଲକରି ହାତରେ ଟିକେ ଚାପି ଚେପ୍‌ଟା କରି ସେଥିରେ ଆଙ୍ଗୁଠି ସାହାଯ୍ୟରେ ଏହା ମଝିରୁ କଣା କରି ରଖନ୍ତୁ। ଏହିପରି ଅନ୍ୟ ବରା ସବୁକୁ ତିଆରି କରନ୍ତୁ। ଏବେ ଗ୍ୟାସ୍ ଚୁଲାରେ କଡ଼େଇ ରଖନ୍ତୁ। ତାତିଲା ପରେ ସେଥିରେ ତେଲ ଗରମ କରନ୍ତୁ। ସେଥିରେ ଗୋଟିଏ ଗୋଟିଏ ବରାକୁ ତେଲରେ ପକାଇ ତାକୁ ଛାଣନ୍ତୁ। ଏବେ ଏହି ବରାକୁ ଧନିଆଁ ଚଟଣି ସହ ପରଷିପାରିବେ।



# କିଚେନ୍ ଟିପ୍ସ

ଯଦି ଆପଣ ରାତିରେ ରାଜ୍‌ମା ଭିଜାଇବାକୁ ଭୁଲିଯାଇଛନ୍ତି ତେବେ ରାଜ୍‌ମାକୁ ପ୍ରଥମେ ଭଲଭାବେ ଧୋଇ ସଫା କରିଦିଅନ୍ତୁ। ଏବେ ଏହାକୁ ପ୍ରେସରକୁକରରେ ପାଣି ପକାଇ ସିଝାଇ ଦିଅନ୍ତୁ। ଦୁଇଟି ସିଟି ପରେ କୁକରକୁ ଖୋଲି ଦିଅନ୍ତୁ। ଏଥିରେ ଗୋଟେ କପ୍ ଆଇସ୍ କ୍ୟୁବ୍ ଓ ଲୁଣ ପକାନ୍ତୁ। ଏହାଦ୍ୱାରା ରାଜ୍‌ମା ଭଲ ସିଝିଥାଏ। ପୁନର୍ବାର ରାଜ୍‌ମାକୁ ସିମ୍‌ରେ ୭–୧୦ ମିନିଟ୍ ପର୍ଯ୍ୟନ୍ତ ରାନ୍ଧନ୍ତୁ।

–ରସୁଣରୁ ଚୋପା ସହଜରେ ଛାଡ଼ି ନ ଥାଏ। ଏଥିପାଇଁ ରସୁଣ କୋଳାକୁ କିଛି ସମୟ ଗରମପାଣିରେ ପକାଇ ଦିଅନ୍ତୁ। ଦେଖିବେ ଏଥିରୁ ସହଜରେ ଚୋପା ଛାଡ଼ିଯିବ।

–ଯଦି ଆପଣ ବାଇଗଣ କି ପୋଟଳ ଗ୍ୟାସ୍ ଚୁଲାରେ ପୋଡ଼ିବାକୁ ଚାହୁଁଥାନ୍ତି ତେବେ ମଝିରୁ ତାକୁ ଫାଳକରି କିଛି ତେଲ ସେଥିରେ ପକାଇଦେଲେ ସେଥିରୁ ସହଜରେ ଚୋପା ଛାଡ଼ିଥାଏ, ଏଥିସହ ଗ୍ୟାସ୍ ଚୁଲା ଏତେ ଖରାପ ହୁଏନାହିଁ।

–ଦେଖିବେ ଆପଣ ଲଙ୍କା କାଟିବା କିମ୍ବା ଚକଟିବା ଦ୍ୱାରା ଆପଣଙ୍କ ହାତରେ ଜ୍ୱଳନ ଅନୁଭୂତ ହୁଏ। ଏଥିରୁ ରକ୍ଷା ପାଇବାକୁ ହେଲେ ଆଲୋଭେରା ଜେଲ୍, ମହୁ କିମ୍ବା ଦହି ଲଗାଇ ଜ୍ୱଳନକୁ କମାଇପାରିବେ।

# ତ୍ୱଚାର ଘରୋଇ ଉପଚାରରେ ଦହି

ସୌନ୍ଦର୍ଯ୍ୟ



ଦହି ଆପଣଙ୍କ ତ୍ୱଚାକୁ ଚମକ ଦେଇଥାଏ। ଦହି ସହ ଆପଣ ବେସନକୁ ମିଶାଇ ଲଗାଇ ପାରିବେ। ଏହି ପ୍ରକାର ଦହିକୁ ଏକ ସୌନ୍ଦର୍ଯ୍ୟ ପ୍ରସାଧନ ରୂପେ ବ୍ୟବହାରକରି ତ୍ୱଚାକୁ ଆପଣ ସଫା ଲୁକ୍ ଦେଇପାରିବେ। ଯଦି ଆପଣ ନିଜର ବୟସ ଲୁଚାଇବାକୁ ଚାହୁଁଛନ୍ତି ତେବେ ତ୍ୱଚାରେ ଆପଣ ଦହି ବ୍ୟବହାର କରନ୍ତୁ। କସ୍‌ମେଟିକ୍ ବ୍ୟବହାର ଦ୍ୱାରା ଆପଣଙ୍କ ତ୍ୱଚା ହୁଏତ କିଛି ସମୟ ସୁନ୍ଦର ଦେଖାଯାଇପାରେ। କିନ୍ତୁ ଘରୋଇ ଉପାୟରେ ମୁହଁରେ ଦହି ବ୍ୟବହାର କରିବା ଦ୍ୱାରା ଏଥିରେ ଥିବା ପୋଷକତତ୍ତ୍ୱ ତ୍ୱଚା ପାଇଁ ଉପକାରୀ ହୋଇଥାଏ। ତ୍ୱଚାକୁ ସଫା ଦେଖାଯିବାକୁ ହେଲେ ଦହିର ମୁଖ୍ୟ ଭୂମିକା ରହିଛି। ଦହି କେବଳ ଖାଇଲେ ସ୍ୱାସ୍ଥ୍ୟ ଭଲ ରୁହେ ସତ ଏହା ମଧ୍ୟ ସୌନ୍ଦର୍ଯ୍ୟ ପାଇଁ ବେଶ୍ ଉପଯୋଗୀ। ଏହାକୁ ଆପଣ ଫେସ୍ ପ୍ୟାକ୍ ସହିତ ଲଗାଇ ବ୍ୟବହାର କରିପାରିବେ। ତେବେ ଆସନ୍ତୁ ଜାଣିବା.....

**ତ୍ୱଚା ପାଇଁ କିପରି କାମ କରିଥାଏ**

ମୁଖ ବ୍ରଣ ଦୂରକରିବାକୁ ହେଲେ ମୁହଁରେ ଦହି ଲଗାନ୍ତୁ। ଏଥିରେ ଆଣ୍ଟିବ୍ୟାକ୍ଟେରିଆ ଓ ଆଣ୍ଟିଫଙ୍ଗାଲ ଗୁଣ ରହିଛି, ଯାହା ଆପଣଙ୍କର ମୁଖ ବ୍ରଣ ସମସ୍ୟାକୁ ଦୂର କରିପାରେ। ତେବେ ଏହାକୁ ଆପଣ ସିଧାସଳଖ ମୁହଁରେ ଲଗାଇପାରିବେ। ପୁଣି ଅଧଘଣ୍ଟା ପରେ ପାଣିରେ ମୁହଁକୁ ଭଲଭାବେ ଧୋଇଦିଅନ୍ତୁ।

**ତ୍ୱଚା ଲୋଚାକୋଚା ଦୂରକରିବାକୁ ହେଲେ**

ବୟସ ବଢ଼ି ଚାଲିଲେ ମୁହଁର ଛାପ ଟିକେ ଅଲଗା ହେବାକୁ ଲାଗେ। ଏହାକୁ ଧିମା କରିବାକୁ ହେଲେ ଆପଣଙ୍କୁ ଦହି ବ୍ୟବହାର କରିବାକୁ ପଡ଼ିବ। ଏଥିରେ ଥିବା ଲାକ୍‌ଟିକ୍ ଏସିଡ୍ ମୃତ କୋଷିକାକୁ ଦୂରକରି ପୋର୍ସକୁ ଟାଇଟ୍ କରିଥାଏ।

**ଡ୍ରାଏ ସ୍କିନ୍ ପାଇଁ ଲାଭକାରୀ ଦହି**

ଯଦି ଆପଣଙ୍କ ତ୍ୱଚା ଡ୍ରାଏ ତେବେ ପ୍ରତିଦିନ ମୁହଁରେ ଦହି ଲଗାନ୍ତୁ ଦେଖିବେ ତ୍ୱଚା ଟିକେ ଟିକେ ତେଲିଆ ହେବାକୁ ଲାଗିବ। ଫଳରେ ଆପଣଙ୍କ ମୁହଁ ଏତେଟା ଫାଟିବ ନାହିଁ। ଏହା ଆପଣଙ୍କ ତ୍ୱଚା ଲାଗି ମଶ୍ଚରାଇଜର ପରି କାମ କରିଥାଏ। ଏଥିପାଇଁ ଆପଣଙ୍କୁ ୨ଚାମଚ ଦହିରେ ୧ଚାମଚ ମହୁ ମିଶାଇ ମୁହଁରେ ଲଗାନ୍ତୁ। ଏହାକୁ ଲଗାଇବାର ୧୫ ମିନିଟ୍ ପରେ ଥଣ୍ଡା ପାଣିରେ ମୁହଁକୁ ଭଲଭାବେ ଧୋଇନିଅନ୍ତୁ। ଦେଖିବେ ତ୍ୱଚାରୁ ଡ୍ରାଏନେସ୍ ଦୂରହୋଇଯିବ।

**ଡାର୍କ ସର୍କଲ ଦୂରକରେ**

ଆଖି ତଳେ ଯଦି ଡାର୍କ ସର୍କଲ ଅଛି ତେବେ ଆପଣ ଦହି ଲଗାଇ ୧୦ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ଏହାପରେ ମୁହଁକୁ ଥଣ୍ଡାପାଣିରେ ଭଲଭାବେ ଧୋଇଦିଅନ୍ତୁ। ଏପରି କରିବା ଦ୍ୱାରା ଆଖିତଳ ଡାର୍କ ସର୍କଲ ଧୀରେ ଧୀରେ ଦୂର ହୋଇଯିବ। ଦହିକୁ ମୁହଁରେ ଲଗାଇବା ଦ୍ୱାରା ଏହା ତ୍ୱଚାରେ ମଶ୍ଚରାଇଜର ପରି କାମ କରିଥାଏ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଜାନୁୟାରୀ ୩/୨୦୨୩ Bhubaneswar, Tuesday, January 3/ 2023

# ଭାରତ-ଶ୍ରୀଲଙ୍କା ଟି୨୦ ଆଜି



ସୋମବାର ଅଭ୍ୟାସ ସେସନରେ ଭାରତୀୟ ଖେଳାଳି।

ମୁମ୍ବାଇ,୨୧(ପି.ଟି)

ଟି୨୦ ବିଶ୍ୱକପ୍‌କୁ ଆଉ ମାତ୍ର ୧୮ ମାସ ରହିଥିବା ବେଳେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ମିଶନ୍ ୨୦୨୪ ପାଇଁ ପ୍ରସ୍ତୁତ ହେଉଛି ଭାରତ। ଭାରତୀୟ ଦଳର ୩ ବରିଷ୍ଠ ଖେଳାଳି ରୋହିତ ଶର୍ମା, ଲୋକେଶ ରାହୁଲ ଓ ବିରାଟ କୋହଲିଙ୍କ ବିନା ହାର୍ଦ୍ଦିକଙ୍କ ନେତୃତ୍ୱରେ ଶ୍ରୀଲଙ୍କା ବିପକ୍ଷ ସିରିଜ ଖେଳିବ ଭାରତ। ୩ ମ୍ୟାଚ ବିଶିଷ୍ଟ ସିରିଜର ପ୍ରଥମ ଟି୨୦ ବୁଧବାର ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯିବ। ଦିନିକିଆ ବିଶ୍ୱକପ୍ ବର୍ତ୍ତମାନ ଭାରତୀୟ ମ୍ୟାନେଜମେଣ୍ଟ ପାଇଁ ପ୍ରାଥମିକତା ରହିଥିବା ବେଳେ ହାର୍ଦ୍ଦିକଙ୍କ ନିକଟରେ ୨୦୨୪ର ଯୋଜନା ପ୍ରସ୍ତୁତ ପାଇଁ ସମୟ ମଧ୍ୟ ରହିଛି। ବରିଷ୍ଠ ଖେଳାଳିଙ୍କୁ ଶ୍ରୀଲଙ୍କା ସିରିଜରୁ ବାଦ୍ ଦିଆଯାଇଥିବା ବେଳେ ଭାରତୀୟ ମ୍ୟାନେଜମେଣ୍ଟ ବର୍ତ୍ତମାନ ଭବିଷ୍ୟତ ଉପରେ ଲକ୍ଷ୍ୟ ରଖିଥିବା ସ୍ପଷ୍ଟ। **ଟିମ୍ କମ୍ବିନେଶନ:** ନ୍ୟୁଜିଲାଣ୍ଡ ସିରିଜରେ ରିଷଭ ପନ୍ତ ଓ ଇଶାନ କିଶନ ଓପନ କରିଥିଲେ। ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ପନ୍ତ ଏହି ସିରିଜରୁ ବାଦ୍ ପଡିଥିବା ବେଳେ ଋତୁରାଜ ଗାଏକ୍ୱାଡ ଇନିଂସ ଓପନ କରିପାରନ୍ତି। ଉଭୟ କିଶନ ଏବଂ ଗାଏକ୍ୱାଡ ଆଇପିଏଲରେ ଭଲ ପ୍ରଦର୍ଶନ କରିଛନ୍ତି। ସେହିପରି ଅନ୍ୟତମ ଓପନିଙ୍ଗ ବିକଳ୍ପ ଭାବରେ ଶୁବମାନ ଗିଲ୍ ମଧ୍ୟ ରହିଛନ୍ତି। ୩ ନମ୍ବର ସ୍ଥାନରେ ସୂର୍ଯ୍ୟକୁମାର ଯାଦବଙ୍କ ଖେଳିବା ନିଶ୍ଚିତ ରହିଥିବା ବେଳେ ଦୀପକ ହୁଡା ଓ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୪ ଓ ୫ ନମ୍ବର ଖେଳାଳି ରହିବେ। ମଧ୍ୟକ୍ରମରେ ଖାଲିଥିବା ଅନ୍ୟ ଏକ ସ୍ଥାନରେ ସଞ୍ଜୁ ସାମସନ୍ ଓ ରାହୁଲ ତ୍ରିପାଠୀଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିବ। ବିଗତ କିଛି ସିରିଜ୍ ଧରି ତ୍ରିପାଠୀ ବେଞ୍ଚରେ ବସିଥିଲେ ମଧ୍ୟ ଅଭିଜ୍ଞତା ଦୃଷ୍ଟିରୁ ସାମସନଙ୍କୁ ସୁଯୋଗ ମିଳିବ। ସପ୍ତମ ସ୍ଥାନରେ ୱାଶିଂଟନ୍ ସୁନ୍ଦର ଓ ଅକ୍ଷର ପଟେଲଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିବ। ମୁଖ୍ୟ ସ୍ପିନର ଭାବରେ ଯୁଜବେନ୍ଦ୍ର ଚହଲଙ୍କୁ ଦଳରେ ସାମିଲ କରାଯାଇପାରେ। ଅନକ୍ୟାପ୍‌ଡ ଖେଳାଳି ଶିବମ ମାଭି ଓ ମୁକେଶ କୁମାର ଭାରତୀୟ ଦଳରେ ରହିଥିଲେ ମଧ୍ୟ ଅର୍ଶଦୀପ, ହର୍ଷଲ ପଟେଲ ଓ ଉମ୍ରାନ ମଲିକ୍ ବୋଲିଂର ନେତୃତ୍ୱ ନେଇପାରନ୍ତି। ଏସିଆ କପ୍ ଚାମ୍ପିୟନ ଶ୍ରୀଲଙ୍କା ପ୍ରିମିୟର ଲିଗ୍ ପ୍ରଦର୍ଶନ ଆଧାରରେ ଦଳ ଚୟନ କରିଛି। ଏହି ଦଳକୁ ଅଭିଷ୍କା ଫର୍ନାଣ୍ଡୋ, ଚାମିକା କରୁଣାରତ୍ନେ ଓ ସାଦିରା ସମରୱିକ୍ରମା ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଭାନୁକା ରାଜପାକ୍‌ସେଙ୍କ ପ୍ରଦର୍ଶନ ଉପରେ ମଧ୍ୟକ୍ରମ ବ୍ୟାଟିଂର ଭାର ରହିବ।

**ମ୍ୟାଚ ଆରମ୍ଭ: ରାତି ୭ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## କନ୍‌ୱେଙ୍କ ଶତକ: ନ୍ୟୁଜିଲାଣ୍ଡ ୩୦୯/୬

**କରାଚୀ, ୨୧ (ଏପି):** ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚ ସୋମବାର ଆରମ୍ଭ ହୋଇଛି। ସ୍ଥାନୀୟ ନ୍ୟାଶନାଲ ଷ୍ଟାଡିୟମରେ ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଡେଭନ କନ୍‌ୱେଙ୍କ ଶତକ ସହାୟତାରେ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୬ ଉଇକେଟ ବିନିମୟରେ ୩୦୯ ରନ କରିଛି। ଟମ୍ ଲଥାମ (୭୧) ଓ କନ୍‌ୱେ (୧୨୨) ପ୍ରଥମ ଉଇକେଟ ପାର୍ଟନରଶିପ୍‌ରେ ୧୩୪ରନ ଯୋଗ କରି ଦଳକୁ ଭଲ ଆରମ୍ଭ ଦେଇଥିଲେ। ନସିମ ଶାହା ଏହି ଯୋଡ଼ିକୁ ଭାଙ୍ଗି ଦେଇଥିଲେ। ସେ ଲଥାମଙ୍କୁ ଏଲବିଡବ୍ଲ୍ୟୁ କରିଦେଇଥିଲେ। ତେବେ ଏହା ପରେ ବଡ଼ ପାର୍ଟନରଶିପ୍‌ର ଅଭାବ ଦେଖା ଦେଇଥିଲା। କନ୍‌ୱେ ତାଙ୍କ ଶତକୀୟ ଇନିଂସରେ ୧୯୧ବଲ୍ ସମ୍ମୁଖୀନ ହୋଇଥିବାବେଳେ ୧୬ ଚୌକା ଓ ଗୋଟିଏ ଛକା ମାରିଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୯୦ ଓଭରରେ ୩୦୯/୬ (ଡେଭନ କନ୍‌ୱେ-୧୨୨, ଟମ୍ ଲଥାମ-୭୧, କେନ୍ ୱିଲିୟମସନ-୩୬; ଆଘା ସଲମନ-୩/୫୫, ନସିମ ଶାହା-୨/୪୫)।

# କାର୍ତ୍ତିକ, ସୂର୍ଯ୍ୟକାନ୍ତଙ୍କ ଉପରେ ନଜର



ଡ୍ରିମ୍ସ ଗ୍ରାଉଣ୍ଡରେ ସୋମବାର ନାଗାଲାଣ୍ଡ ଖେଳାଳିଙ୍କ ଶାରୀରିକ ଅଭ୍ୟାସ।

**ରଣଜୀ ଟ୍ରଫି: ଆଜିଠୁ ଓଡ଼ିଶା-ନାଗାଲାଣ୍ଡ ମ୍ୟାଚ**

ଭୁବନେଶ୍ୱର, ୨୧ (କ୍ରୀଡ଼ା ପ୍ରତିନିଧି)

ଚଳିତ ରଣଜୀ ସିଜନରେ ଓଡ଼ିଶାର ଏହାର ୪ର୍ଥ ମ୍ୟାଚ ମଙ୍ଗଳବାରଠାରୁ ନାଗାଲାଣ୍ଡ ବିପକ୍ଷରେ ଖେଳିବ। କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଏହି ମ୍ୟାଚ ଖେଳାଯିବ। ଓଡ଼ିଶା ଏପର୍ଯ୍ୟନ୍ତ ୩ଟି ମ୍ୟାଚ ଖେଳି ସାରିଥିବାବେଳେ ୨ଟି ଡ୍ର ରଖିଛି ଏବଂ ଗୋଟିଏ ହାରିଛି। ୨ଟି ଡ୍ର ମ୍ୟାଚ ମଧ୍ୟରୁ ଗୋଟିଏରେ ପ୍ରଥମ ଇନିଂସ ପଛୁଆ ରହିଥିବାବେଳେ ଗୋଟିଏରେ ଅଗ୍ରଣୀ ରହି ୩ ପଏଣ୍ଟ ହାସଲ କରିଛି। ଏହା ପୂର୍ବ ମ୍ୟାଚଟି ସେହି ଡ୍ରିମ୍ସ ଗ୍ରାଉଣ୍ଡରେ ହୋଇଥିଲା। ଯୁଜବେନ୍ଦ୍ର ଚହଲଙ୍କ ନେତୃତ୍ୱାଧୀନ ହରିୟାଣାକୁ ସଫଳ ମୁକାବିଲା କରି ଓଡ଼ିଶା ପ୍ରଥମ ଇନିଂସ ଅଗ୍ରଣୀ ସହ ମ୍ୟାଚ ଡ୍ର ରଖିଥିଲା। ଯୁବ ବ୍ୟାଟର କାର୍ତ୍ତିକ ବିଶ୍ୱାଳ ଶତକ ହାସଲ କରିଥିବାବେଳେ ଅଭିଜ୍ଞ ସୂର୍ଯ୍ୟକାନ୍ତ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରି ପ୍ଲେୟର ଅଫ୍‌ଦିମ୍ୟାଚ ବିବେଚିତ ହୋଇଥିଲେ। ତେଣୁ ସେହି ପଡ଼ିଆରେ ପୁଣି ମ୍ୟାଚ ହେବାକୁ ଯାଉଥିବାରୁ କାର୍ତ୍ତିକ ଓ ସୂର୍ଯ୍ୟକାନ୍ତଙ୍କ ଉପରେ ନଜର ରହିବ। ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ବ୍ୟାଟ୍‌ରୁ ମଧ୍ୟ ଏକ ବଡ଼ ଇନିଂସ ଆଶା କରିବ ଓଡ଼ିଶା। ନାଗାଲାଣ୍ଡ ଚଳିତ ସିଜନରେ ଏପର୍ଯ୍ୟନ୍ତ ଖେଳିଥିବା ୩ଟି ଯାକ ମ୍ୟାଚରେ ପରାଜିତ ହୋଇଛି। ଡିସେମ୍ବର ୧୩ରୁ ୧୬ ପର୍ଯ୍ୟନ୍ତ ସୋଭିମାଠାରେ ଅନୁଷ୍ଠିତ ମ୍ୟାଚରେ ଉତ୍ତରାଖଣ୍ଡଠାରୁ ୧୭୪ ରନରେ ପରାସ୍ତ ହୋଇ ଅଭିଯାନ ଆରମ୍ଭ କରିଥିଲା ନାଗାଲାଣ୍ଡ। ପ୍ରଥମ ଇନିଂସରେ ଦଳ ୩୮୯ ରନ କରିଥିଲେ ହେଁ ଦ୍ୱିତୀୟ ଇନିଂସରେ ଆଶ୍ଚର୍ଯ୍ୟଜନକଭାବେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୨୫ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ଏହାପରେ ଡିସେମ୍ବର ୨୦ରୁ ୨୨ ପର୍ଯ୍ୟନ୍ତ ୩ ଦିନରେ ଶେଷ ହୋଇଥିବା ମ୍ୟାଚରେ ଦଳ ସୋଭିମାଠାରେ ଉତ୍ତର ପ୍ରଦେଶଠାରୁ ଏକ ଇନିଂସ ୨୩୦ ରନରେ ଏବଂ ଡିସେମ୍ବର ୨୭ରୁ ୨୯ ପର୍ଯ୍ୟନ୍ତ ସମାନ ଭେନ୍ୟୁରେ ଅନୁଷ୍ଠିତ ମ୍ୟାଚରେ ବେଙ୍ଗଲଠାରୁ ଏକ ଇନିଂସ ୧୬୧ ରନରେ ପରାଜିତ ହୋଇଥିଲା। ବର୍ଷ ଆରମ୍ଭର ପ୍ରଥମ ମ୍ୟାଚ ହୋଇଥିବାରୁ ଉଭୟ ଓଡ଼ିଶା ଓ ନାଗାଲାଣ୍ଡ ଭଲ ପ୍ରଦର୍ଶନର ଆଶା ରଖିଛନ୍ତି।

## ପ୍ରଥମ ସଂସ୍କରଣରେ ଭାରତକୁ ବ୍ରୋଞ୍ଜ୍

ହକି ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ୧୯୭୧ ମସିହାରେ ଆରମ୍ଭ ହୋଇଥିଲା। ଆୟୋଜକ ଦେଶ ଥିଲା ସ୍ପେନ୍ ଏବଂ ପ୍ରତିଯୋଗିତା ବାର୍ସିଲୋନାରେ ଅନୁଷ୍ଠିତ ହୋଇଥିଲା। ଅକ୍ଟୋବର ୧୫ରୁ ୨୪ ପର୍ଯ୍ୟନ୍ତ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ଏଥିପାଇଁ କୌଣସି ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ହୋଇ ନ ଥିଲା। ଏହା ଏକ ଆମନ୍ତ୍ରଣୀୟ ଟୁର୍ନାମେଣ୍ଟର ରୂପ ନେଇଥିଲା। ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫ୍‌ଆଇଏଚ୍) ପକ୍ଷରୁ ୫ଟି କନ୍‌ଫେଡେରେଶନରୁ ଶ୍ରେଷ୍ଠ ୧୦ ଦଳକୁ ଆମନ୍ତ୍ରଣ କରାଯାଇଥିଲା। ଅଲିମ୍ପିକ୍ସ ପ୍ରଦର୍ଶନ ଭିତ୍ତିରେ ଦଳଗୁଡ଼ିକ ଚୟନର ମାନଦଣ୍ଡ ନିର୍ଦ୍ଧାରଣ କରାଯାଇଥିଲା। ୧୦ ଦଳ ଭାଗ ନେଇଥିବାରୁ ଏହାକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ରାଉଣ୍ଡ ରବିନ ଲିଗ୍ ପରେ ପ୍ରତି ଗ୍ରୁପ୍‌ରୁ ଶ୍ରେଷ୍ଠ ୨ ଦଳ ସେମିଫାଇନାଲକୁ ଉନ୍ନୀତ ହେବା ନିୟମ ରହିଥିଲା। ୧୯୬୮ ଅଲିମ୍ପିକ୍ ଚାମ୍ପିୟନ ପାକିସ୍ତାନ, ରନରଅପ୍ ଅଷ୍ଟ୍ରେଲିଆ, ଆୟୋଜକ ସ୍ପେନ୍, ନେଦରଲାଣ୍ଡସ ଓ ଜାପାନ ଗ୍ରୁପ୍ 'ବି'ରେ ସ୍ଥାନ ପାଇଥିଲେ। ଗ୍ରୁପ୍ 'ଏ'ରେ ଭାରତ ସମେତ ଆର୍ଜେଣ୍ଟିନା, ଫ୍ରାନ୍ସ, କେନିୟା ଓ ପଶ୍ଚିମ ଜର୍ମାନୀ ରହିଥିଲେ। ପ୍ରାରମ୍ଭିକ ଗ୍ରୁପ୍ ପର୍ଯ୍ୟାୟ ପରେ ଗ୍ରୁପ୍ 'ଏ'ରୁ ଭାରତ ୮ ଓ କେନିୟା ୬ ପଏଣ୍ଟ ପାଇ ସେମିଫାଇନାଲରେ ପ୍ରବେଶ କରିଥିଲେ। ପଶ୍ଚିମ ଜର୍ମାନୀ ଓ ଫ୍ରାନ୍ସ ୪ ପଏଣ୍ଟ ଲେଖାଏ ପାଇ ଏବଂ ଆର୍ଜେଣ୍ଟିନା ପଏଣ୍ଟ ଖାତା ଖୋଲି ନ ପାରି ବିଦାୟ ନେଇଥିଲେ। ସେହିପରି ପୁଲ୍ 'ବି'ରେ ସ୍ପେନ୍ ଓ ପାକିସ୍ତାନ ୫ ପଏଣ୍ଟ ଲେଖାଏ ପାଇ ସେମିଫାଇନାଲ ଯୋଗ୍ୟତା ଲାଭ କରିଥିଲେ। ଅନ୍ୟପକ୍ଷରେ ନେଦରଲାଣ୍ଡସ ୪ ଏବଂ ଅଷ୍ଟ୍ରେଲିଆ ଓ ଜାପାନ ୩ ପଏଣ୍ଟ ଲେଖାଏ ପାଇ ଅଭିଯାନ ଶେଷ କରିଥିଲେ। ସେମିଫାଇନାଲ ପର୍ଯ୍ୟାୟରେ ଅତିରିକ୍ତ ସମୟ ଗୋଲ ବଳରେ କେନିୟାକୁ ସ୍ପେନ୍ ଏବଂ ଭାରତକୁ ହରାଇ ପାକିସ୍ତାନ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲରେ ସ୍ପେନ୍‌କୁ ହରାଇ ପାକିସ୍ତାନ ଚାମ୍ପିୟନ ହୋଇଥିଲା। ତୃତୀୟ ସ୍ଥାନ ପାଇଁ ଭାରତ ଓ କେନିୟା ମ୍ୟାଚ୍ ନିର୍ଦ୍ଧାରିତ ସମୟରେ ୧-୧ରେ ବରାବର ରହିଥିଲା। ଅତିରିକ୍ତ ସମୟରେ ମୋଲେରା ପୁଭାୟା ଗଣେଶଙ୍କ ଗୋଲ ବଳରେ ଭାରତ ବ୍ରୋଞ୍ଜ ପଦକ ହାସଲ କରିଥିଲା। ମୋଟ୍ ୩୦ ମ୍ୟାଚ ଖେଳାଯାଇଥିବାବେଳେ ୬୭ ଗୋଲ ସ୍କୋର ହୋଇଥିଲା।

**ହକି ବିଶ୍ୱକପ୍**




**ଆଉ ୧୦ ଦିନ**

## ପେଲେଙ୍କ ଶେଷ ଦର୍ଶନ ପାଇଁ ଲମ୍ବାଧାଡ଼ି

ସାଣ୍ଟୋସ (ବ୍ରାଜିଲ), ୨୧ (ଏପି)

ଫୁଟ୍‌ବଲ କିମ୍ବଦନ୍ତୀ ପେଲେଙ୍କ ଅନ୍ତ୍ୟେଷ୍ଟି କ୍ରିୟା ତାଙ୍କ ଜନ୍ମ ସହର ସାଣ୍ଟୋସ୍‌ଠାରେ ହେବାକୁଥିବା ବେଳେ ଏହା ପୂର୍ବରୁ ସୋମବାର ତାଙ୍କର ଶେଷ ଦର୍ଶନ ପାଇଁ ଭିଲା ବେଲ୍‌ମିରୋ ଷ୍ଟାଡିୟମ ବାହାରେ ଲୋକମାନଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ବ୍ରାଜିଲର ମହାନ ଖେଳାଳିଙ୍କ ପ୍ରକୃତ ନାମ ହେଉଛି ଏଡସନ ଆରାଣ୍ଟେସ ଡୋ ନାସିମେଣ୍ଟୋ। କିନ୍ତୁ ସେ ସର୍ବତ୍ର ପେଲେ ନାମରେ ପରିଚିତ। ସେ କର୍କଟ ରୋଗରେ ପୀଡ଼ିତ ଥିଲେ। ଗତ ଗୁରୁବାର ୮୨ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଛି। ଶେଷ ଦର୍ଶନ କରିଥିବା ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ବ୍ରାଜିଲ ସୁପ୍ରିମକୋର୍ଟ ଜଷ୍ଟିସ ଗିଲ୍‌ମାର ମେଣ୍ଡିସ ଅନ୍ୟତମ ଥିଲେ। ମଙ୍ଗଳବାର ସ୍ଥାନୀୟ ସମୟ ସକାଳ ୧୦ଟାରେ ତାଙ୍କର ଶେଷକୃତ୍ୟ ଆରମ୍ଭ ହେବ। ୬୦୦ ମିଟର ଦୂରରେ ତାଙ୍କ ପ୍ରାର୍ଥିବ ଶରୀରକୁ ସମାଧି ଦିଆଯିବ। ମେଣ୍ଡିସ କହିଛନ୍ତି, ପେଲେଙ୍କ ବିଶ୍ୱବ୍ୟାପୀ ଖ୍ୟାତି ରହିଥିଲେ ସୁଦ୍ଧା ସେ ଭାରି ନମ୍ର ସ୍ୱାଭବର ବ୍ୟକ୍ତି ଥିଲେ। ଅନ୍ତିମ ସଂସ୍କାର ପରେ ପେଲେଙ୍କ କଫିନ ଏକ ଶୋଭାଯାତ୍ରାରେ ସଣ୍ଟୋସ ସହରର ରାସ୍ତାଘାଟ ଦେଇ ସମାଧି ସ୍ଥଳକୁ ଯିବ। ଏହି କାର୍ଯ୍ୟକ୍ରମରେ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭାଙ୍କ ସମେତ ଅନ୍ୟ ବହୁ ଉଚ୍ଚ ପଦାଧିକାରୀ ଯୋଗ ଦେବାର ସମ୍ଭାବନା ରହିଛି।

## ନିଜ ଷ୍ଟାଡିୟମରେ ଖେଳିବେ ଈଶ୍ୱରନ୍

ନୂଆଦିଲ୍ଲୀ,୨୧ (ପି.ଟି)

ନିଜ ନାମରେ ନାମିତ ଷ୍ଟାଡିୟମରେ ଖେଳିବାର ସୌଭାଗ୍ୟ ଅନେକ ବଡ ଖେଳାଳିଙ୍କୁ ମିଳି ନ ଥାଏ। ଭିଭିଆନ୍ ରିଚାର୍ଡସ, ବ୍ରାଏନ ଲାରା ଓ ଆଲାନ ବର୍ଡରଙ୍କ ପରି ଖେଳାଳି ଅବସର ନେବା ପରେ ତାଙ୍କ ନାମରେ ଷ୍ଟାଡିୟମ ନିର୍ମାଣ ହୋଇଥିଲା। ମାତ୍ର ଏଯାଏ ଅନ୍ତର୍ଜାତୀୟ କ୍ରିକେଟ ପଦାର୍ପଣ କରି ନ ଥିବା ଜଣେ ଖେଳାଳି ନିଜ ନାମରେ ତିଆରି ଷ୍ଟାଡିୟମରେ ଖେଳିବାକୁ ଯାଉଛନ୍ତି। ଭାରତ ଏ' ଦଳର ଅଧିନାୟକ ତଥା ବାଂଲାଦେଶ ବିପକ୍ଷ ଟେଷ୍ଟ ଦଳର ସଦସ୍ୟ ରହିଥିବା ଅଭିମନ୍ୟୁ ଈଶ୍ୱରନ୍ ଏମିତି ଏକ ମାଇଲଖୁଣ୍ଟ ହାସଲ କରିବାକୁ ଯାଉଛନ୍ତି। ଅଭିମନ୍ୟୁଙ୍କ ପିତା ରଙ୍ଗନାଥନ ପରମେଶ୍ୱରନ ଈଶ୍ୱରନ ଏକ ଷ୍ଟାଡିୟମ ନିର୍ମାଣ କରିଥିଲେ। ଅଭିମନ୍ୟୁ କ୍ରିକେଟ ଏକାଡେମୀ ଷ୍ଟାଡିୟମରେ ଖେଳାଯିବାକୁ ଥିବା ବେଙ୍ଗଲ ବନାମ ଉତ୍ତରାଖଣ୍ଡ ମ୍ୟାଚରେ ଖେଳିବାକୁ ଯାଉଛନ୍ତି ଈଶ୍ୱରନ୍। ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଭାବରେ କାମ କରୁଥିବା ରଙ୍ଗନାଥନ ପରମେଶ୍ୱରନ ଈଶ୍ୱରନ କ୍ରିକେଟ ପ୍ରତି ଥିବା ନିଜ ଭଲ ପାଇବା ପାଇଁ ୨୦୦୫ରେ ଏହି ଷ୍ଟାଡିୟମ ନିର୍ମାଣ କରିଥିଲେ। ଏପରିକି ଅଭିମନ୍ୟୁଙ୍କ କ୍ରିକେଟ କ୍ୟାରିୟର ମଧ୍ୟ ଏହି ଷ୍ଟାଡିୟମରୁ ଆରମ୍ଭ ହୋଇଥିଲା। ଯେଉଁ ଷ୍ଟାଡିୟମରେ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ ସେଠାରେ ମ୍ୟାଚ ଖେଳିବା ତାଙ୍କ ପାଇଁ ଗର୍ବର ବିଷୟ ବୋଲି ଈଶ୍ୱରନ୍ କହିଛନ୍ତି। ଏହି ଗ୍ରାଉଣ୍ଡରେ ଫ୍ଲଡ୍‌ଲାଇଟ ସୁବିଧା ରହିଥିବା ବେଳେ ବିସିସିଆଇ ମଧ୍ୟ ଏହି ଷ୍ଟାଡିୟମ ବ୍ୟବହାର କରିଥାଏ। ୧୯୯୫ରେ ଅଭିମନ୍ୟୁଙ୍କ ଜନ୍ମ ହୋଇଥିବା ବେଳେ ରଙ୍ଗନାଥନ ୧୯୮୮ରେ ଅଭିମନ୍ୟୁ କ୍ରିକେଟ ଏକାଡେମୀ ଆରମ୍ଭ କରିଥିଲେ। ଏହି ଷ୍ଟାଡିୟମରେ ଦୀନେଶ କାର୍ତ୍ତିକ, ଶ୍ରେୟାସ ଆୟାର ଓ ମହମ୍ମଦ ଶାମିଙ୍କ ପରି ଖେଳାଳି ଅଭ୍ୟାସ କରିଥିବା କହିଛନ୍ତି ରଙ୍ଗନାଥନ।



ଅଭିମନ୍ୟୁ ଈଶ୍ୱରନ୍

# ଓଡ଼ିଶା ଦଳ ଘୋଷଣା



ଜାତୀୟ ଦୃଷ୍ଟି ବାଧିତ ମହିଳା ଟି୨୦ ପାଇଁ ମନୋନୀତ ଓଡ଼ିଶା ଖେଳାଳିମାନେ କର୍ମକର୍ତ୍ତାଙ୍କ ଗହଣରେ।

**ଜାତୀୟ ଦୃଷ୍ଟି ବାଧିତ ମହିଳା ଟି୨୦**

ଭୁବନେଶ୍ୱର, ୨୧ (କ୍ରୀଡ଼ା ପ୍ରତିନିଧି)

ବେଙ୍ଗାଲୁରୁଠାରେ ଚଳିତମାସ ୯ରୁ ୧୩ ପର୍ଯ୍ୟନ୍ତ ହେବାକୁଥିବା ଜାତୀୟ ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ସୋମବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଏଥିପାଇଁ ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ ଆସୋସିଏଶନ (କାଭି) ପକ୍ଷରୁ ଡିସେମ୍ବର ୨୭ରୁ ୩୧ ପର୍ଯ୍ୟନ୍ତ ୨୦ ଜଣ ଖେଳାଳିଙ୍କୁ ନେଇ ଏକ ଚୟନ ଟ୍ରାଏଲର ଆୟୋଜନ କରାଯାଇଥିଲା। ଏଥିରେ ପ୍ରଦର୍ଶନ ଭିତ୍ତିରେ ୧୪ ଜଣିଆ ଦଳ ମନୋନୟନ କରାଯାଇଥିଲା। ଓଡ଼ିଶା ଦଳର କ୍ୟାମ୍ପ ଏବେ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଚାଲିଛି। ଏହା ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ୭ ତାରିଖରେ ଓଡ଼ିଶା ଦଳ ବେଙ୍ଗାଲୁରୁ ଯିବ। ଫୁଲ ସୋରେନ ଓଡ଼ିଶା ଦଳର ନେତୃତ୍ୱ ନେଉଥିବାବେଳେ ୫ ଜଣ ଖେଳାଳି ସୁନୀତା ମୁର୍ମୁ, ପାର୍ବତୀ ମାର୍ଡି, ସ୍ମୃତିରେଖା ପ୍ରଧାନ, ପିଙ୍କି ବେହେରା ଓ ରୋହି ମୁଣ୍ଡା ପ୍ରଥମଥରପାଇଁ ଜାତୀୟ ପଦାର୍ପଣ କରିବା ସୁଯୋଗ ପାଇଛନ୍ତି। ଓଡ଼ିଶା ଦଳ ଘୋଷଣା ଅବସରରେ ଅବସରପ୍ରାପ୍ତ ଏୟାର ମାର୍ଶାଲ ଜେ. ବର୍ମା, ପୂର୍ବତନ ଖେଳାଳି ରାଜ ଧାୱନ, ଏସ୍. ଧାୱନ, ହୃଦ୍‌ରୋଗ ବିଶେଷଜ୍ଞ ପ୍ରତାପ କୁମାର ପ୍ରଧାନ, କେଟି ଗ୍ଲୋବାଲ ସ୍କୁଲ ପ୍ରମୋଟର ଜଗନ୍ନାଥ ରାଉତ, ଟ୍ରଷ୍ଟି ସୋମଦତ୍ତ ବେଉରା, ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ନିର୍ଦ୍ଦେଶକ ଚିନ୍ମୟ ପ୍ରଧାନ, ପ୍ରଶାନ୍ତ କୁମାର ପୁହାଣ, କାଭି ସଭାପତି ଜାଫର ଇକବାଲ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିବେ। ଏହି ଦଳ ଗୁଡ଼ିକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦଳ ସେମିଫାଇନାଲରେ ପ୍ରବେଶ କରିବ। **ଓଡ଼ିଶା ଦଳ:** ଫୁଲ ସୋରେନ (ଅଧିନାୟିକା), ଯମୁନା ରାଣୀ ଟୁଡୁ, ପଦ୍ମିନୀ ଟୁଡୁ, ମାମିନା ନାୟକ, ପାର୍ବତୀ ମାର୍ଡି, ସୁଲୋଚନା ସିଂ (ଉଇକେଟ କିପର), ବାସନ୍ତି ହାଂସଦା, ଝିଲି ବେଉରା, ରଚନା ଜେନା, ସ୍ମୃତିରେଖା ପ୍ରଧାନ, ପାର୍ବତୀ ଟୁଡୁ, ରୋହି ମୁଣ୍ଡା, ସୁନୀତା ମୁର୍ମୁ, ରିଙ୍କି ବେହେରା। କୋଚ୍: ଦେବାଶିଷ ଜେନା ଓ ସୁଖରାମ ମାଝି। ମେଣ୍ଟର ଜାଫର ଇକବାଲ।

# ପନ୍ତ ଆଇସିୟୁରୁ ସ୍ଥାନାନ୍ତରିତ

ଡେରାଡୁନ୍, ୨୧(ପି.ଟି.)



ଦୁର୍ଘଟଣାରେ ଆଘାତପ୍ରାପ୍ତ ହୋଇ ସ୍ଥାନୀୟ ମାକ୍ସ ହସ୍ପିଟାଲରେ ରହି ଚିକିତ୍ସିତ ହେଉଥିବା କ୍ରିକେଟର ରିଷଭ ପନ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଯଥେଷ୍ଟ ଉନ୍ନତି ଘଟିଛି। ରବିବାର ସନ୍ଧ୍ୟାରେ ତାଙ୍କୁ ଆଇସିୟୁ (ଇଣ୍ଟେନସିଭ୍ କେୟାର ୟୁନିଟ୍)ରୁ ପ୍ରାଇଭେଟ୍ ୱାର୍ଡକୁ ସ୍ଥାନାନ୍ତର କରାଯାଇଛି। ସେ ଗୋଡ଼ରେ କିଛୁ ଯନ୍ତ୍ରଣା ଅନୁଭବ କରୁଛନ୍ତି। ତାଙ୍କର ଏମ୍‌ଆର୍‌ଆଇ କରାଯିବା କୌଣସି ଯୋଜନା ନାହିଁ। ଏହି ଉଇକେଟକିପର ବ୍ୟାଟର ଗତ ଶୁକ୍ରବାର ପ୍ରତ୍ୟୁଷରେ ଦିଲ୍ଲୀ-ଡେରାଡୁନ୍ ରାଜପଥରେ ଏକ କାର୍ ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କ ଶରୀରର ଏକାଧିକ ସ୍ଥାନରେ ଆଘାତ ଲାଗିଥିଲା। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ରବିବାର ହସ୍ପିଟାଲରେ ପନ୍ତଙ୍କୁ ଭେଟିଥିଲେ। ସେ କହିଛନ୍ତି, କ୍ରିକେଟର ଜଣକ ରାସ୍ତାରେ ଏକ ଖାଲକୁ ଏଡାଇବାକୁ ଯାଇ ତାଙ୍କ କାର୍ ଉପରୁ ନିୟନ୍ତ୍ରଣ ହରାଇଥିଲେ। ଦିଲ୍ଲୀ ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏଶନ (ଡିଡିସିଏ) ନିର୍ଦ୍ଦେଶକ ଶ୍ୟାମ ଶର୍ମା ଶନିବାର ଏହି କ୍ରିକେଟରଙ୍କୁ ଭେଟିଥିଲେ। ଖବରଦାତାଙ୍କ ନିକଟରେ ସେ ମଧ୍ୟ ସମାନ କଥା କହିଛନ୍ତି। ଦୁର୍ଘଟଣାଟି ଶୁକ୍ରବାର ସକାଳ ପ୍ରାୟ ୫ଟା୩୦ ମିନିଟ୍‌ରେ ହୋଇଥିଲା। ପନ୍ତଙ୍କ ବିଳାସପୂର୍ଣ୍ଣ କାର୍ ଏକ ରୋଡ୍ ଡିଭାଇଡରରେ ବାଜି ଓଲଟି ପଡ଼ିଥିଲା ଏବଂ ସେଥିରେ ନିଆଁ ଲାଗିଯାଇଥିଲା। ପନ୍ତ ଆଶ୍ଚର୍ଯ୍ୟଜନକ ଭାବେ ବର୍ତ୍ତି ଯାଇଥିଲେ। ତାଙ୍କ କପାଳ, ଗୋଡ଼ ଓ ପିଠିରେ ଆଘାତ ଲାଗିଥିଲା।

# ପରାଜୟରୁ ଓଏଫ୍‌ସିର ବର୍ଷ ଆରମ୍ଭ



କଳିଙ୍ଗ ଷ୍ଟାଡିୟମରେ ସୋମବାର ଓଡ଼ିଶା ଏଫ୍‌ସି ଓ ମୁମ୍ବାଇ ସିଟି ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ଭୁବନେଶ୍ୱର,୨୧ (ସ୍ପୋର୍ଟ୍ସ ବ୍ୟୁରୋ)

ଇଣ୍ଡିଆନ୍ ସୁପର ଲିଗ୍‌ରେ ପରାଜୟ ସହିତ ବର୍ଷ ଆରମ୍ଭ କରିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଲାଲିଆଞ୍ଜୁଆଲା ଛାଙ୍ଗଟେଙ୍କ ଡବଲ ଗୋଲ ବଳରେ ସୋମବାର ମୁମ୍ବାଇ ସିଟି ଏଫ୍‌ସି ନିକଟରୁ ୪-୨ରେ ହାରିଛି ଓଏଫ୍‌ସି। ମୁମ୍ବାଇ ପକ୍ଷରୁ ଲାଲିଆଞ୍ଜୁଆଲା ଛାଙ୍ଗଟେ (୫୬ ଓ ୮୦) ମିନିଟରେ ସ୍କୋର କରିଥିବା ବେଳେ ବିପିନ ସିଂ(୬୯) ଓ ଆଲବର୍ଟୋ ନୋଗୁଏରା(୮୯) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଓଏଫ୍‌ସି ପକ୍ଷରୁ ଡିଏଗୋ ମରିସିଓ (୬୨ ଓ ୯୦+୧) ଦୁଇଟି ଗୋଲ ପରିଶୋଧ କରିଥିଲେ। ମ୍ୟାଚର ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ଭାବରେ ଶେଷ ହୋଇଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ମୁମ୍ବାଇ ଆକ୍ରମଣ କରିବା ସହିତ ୫୬ ତମ ମିନିଟରେ ମୁମ୍ବାଇ ପ୍ରଥମ ଗୋଲ ସ୍କୋର କରିଥିଲା। ଏହାର ୬ ମିନିଟ ମଧ୍ୟରେ ମରିସିଓ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଅତିରିକ୍ତ ସମୟରେ ମରିସିଓ ଆଉ ଏକ ଗୋଲ କରିବା ସହିତ ପରାଜୟ ବ୍ୟବଧାନକୁ ୪-୨କୁ ହ୍ରାସ କରିଥିଲେ। ଏହା ସହିତ ଚଳିତ ସିଜନରେ କଳିଙ୍ଗ ଷ୍ଟାଡିୟମରେ ଏହା ଓଏଫ୍‌ସିର ପ୍ରଥମ ପରାଜୟ। ଚଳିତ ସିଜନରେ ଘରୋଇ ଦର୍ଶକଙ୍କ ସମ୍ମୁଖରେ ଏହା ଦଳର ଷଷ୍ଠ ମ୍ୟାଚ। ପୂର୍ବରୁ ୫ ମ୍ୟାଚ ଖେଳିଥିବା ଓଏଫ୍‌ସି ୪ଟି ବିଜୟ ହାସଲ କରିଥିବା ବେଳେ ଗୋଟିଏ ମ୍ୟାଚ ଅମୀମାଂସିତ ରହିଥିଲା। କେରଳ ବ୍ଲାଷ୍ଟର୍ସ, ବେଙ୍ଗାଲୁରୁ, ଚେନ୍ନାୟିନ୍, ନର୍ଥଇଷ୍ଟ ୟୁନାଇଟେଡକୁ ଦଳର ପରାସ୍ତ କରିଥିବା ବେଳେ ଏଟିକେଏମ୍‌ବି ବିପକ୍ଷ ମ୍ୟାଚରେ ପଏଣ୍ଟ ବାଣ୍ଟିଥିଲା।

**ଛାଙ୍ଗଟେଙ୍କ ଡବଲ୍**



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ